
'ଡନ୍ ୩'ରେ ହୃତିକ
▶ପୃଷ୍ଠା-୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-188 ◆SATURDAY ◆3 JANUARY 2026 ◆PAGE-12 ◆₹ 7.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୧୮୮ ◆ଶନିବାର ◆୩ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ଡେଲିଭରୀ ବଏ, କ୍ୟାବ୍ ଡ୍ରାଇଭରଙ୍କୁ ମିଳିବ ବୀମା

**ପଞ୍ଜୀକରଣ ପାଇଁ ୯୦ ଦିନ କାମ କରିଥିବା ଜରୁରୀ**

■ ନୂଆଦିଲ୍ଲୀ, ୨।୧ (ଏଜେନ୍ସି): ଦେଶର ଦ୍ରୁତ ଗତିରେ ବଢ଼ୁଥିବା ଗିଗ୍ ଅର୍ଥନୀତିକୁ ମିଳିବ ଆଇନଗତ ସୁରକ୍ଷା। ନୂତନ ସାମାଜିକ ସୁରକ୍ଷା ସଂହିତାରେ ଗିଗ୍ ୱାର୍କର, ଯେପରିକି ଜୋମାଟୋ, ସ୍ୱିଗି ଏବଂ ବ୍ଲିଙ୍କିଟ୍ ସମେତ ଅନ୍ୟାନ୍ୟ କମ୍ପାନୀର ଡେଲିଭରି ବୟ ଏବଂ କ୍ୟାବ୍ ଡ୍ରାଇଭରମାନଙ୍କୁ ସାମାଜିକ ସୁରକ୍ଷା ପରିସରଭୁକ୍ତ କରାଯାଇଛି। ସେମାନଙ୍କୁ ଏଣିକି ଜୀବନ ବୀମା, ସ୍ୱାସ୍ଥ୍ୟ ବୀମା ଏବଂ ଦୁର୍ଘଟଣାଜନିତ ବୀମା କଭର ମିଳିବ। ସରକାର ଏଥିପାଇଁ ଚିଠା ନିୟମ ଜାରି କରିଛନ୍ତି। ଏହି ନିୟମ ଅନୁଯାୟୀ, ସାମାଜିକ ସୁରକ୍ଷା ଲାଭ ପାଇବା ପାଇଁ ଯୋଗ୍ୟ ହେବା ନିମନ୍ତେ ଗୋଟିଏ କମ୍ପାନୀ (ଏଗ୍ରିଗେଟର) ସହିତ ଜଡିତ କର୍ମଚାରୀମାନଙ୍କୁ ସେହି କମ୍ପାନୀରେ ବର୍ଷରେ ଅତି କମ୍‌ରେ ୯୦ ଦିନ କାମ କରିଥିବା ଜରୁରୀ। ଏକାଧିକ ପ୍ଲାଟଫର୍ମରେ କାମ କରୁଥିବା ବ୍ୟକ୍ତିଙ୍କ ପାଇଁ ଏହି ସୀମା ୧୨୦ ଦିନ ରଖାଯାଇଛି। ଯଦି ଜଣେ ବ୍ୟକ୍ତି ଗୋଟିଏ ଦିନରେ ତିନୋଟି ଭିନ୍ନ କମ୍ପାନୀରେ କାମ କରନ୍ତି, ତେବେ ଏହାକୁ ତିନି ଦିନ ଗଣନା କରାଯିବ, ଯାହା ୧୨୦ ଦିନର କୋଟା ପୂରଣ କରିବା ସହଜ କରିବ। ଏହି ପ୍ରକ୍ରିୟାକୁ ସ୍ୱଚ୍ଛ କରିବା ପାଇଁ ସରକାର ପଞ୍ଜୀକରଣକୁ ବାଧ୍ୟତାମୂଳକ କରିଛନ୍ତି। ୧୬ ବର୍ଷରୁ ଅଧିକ ବୟସର ପ୍ରତ୍ୟେକ ଗିଗ୍ କର୍ମଚାରୀଙ୍କୁ ପଞ୍ଜୀକରଣ ▶ପୃଷ୍ଠା-୭

**ଫାଶ୍‌ଟ୍ୟାଗ୍ ୟୁଜର୍ସଙ୍କୁ ଆଶ୍ୱସ୍ତି**

# ଫେବୃଆରୀରୁ ରହିବନି କେୱାଇଭି ଝିନ୍‌ଝଟ୍



■ ନୂଆଦିଲ୍ଲୀ, ୨।୧ (ଏଜେନ୍ସି): ଫାସ୍‌ଟ୍ୟାଗ ପ୍ରସଙ୍ଗରେ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନଏଚ୍‌ଏଆଇ) ବଡ଼ ନିଷ୍ପତ୍ତି ନେଇଛି। ଏଣିକି ବନ୍ଦ ହେବ କାର, ଜିପ୍ ଏବଂ ଭ୍ୟାନ ଭଳି ଚାରି ଚକିଆ ଗାଡ଼ି ପାଇଁ ନୂଆ ଫାସ୍‌ଟ୍ୟାଗ ଜାରି ସମୟରେ ଆବଶ୍ୟକ ହେଉଥିବା 'ନୋ ୟୋର ଭେଇକିଲ' (କେୱାଇଭି) ପ୍ରକ୍ରିୟା। ଏହି ପରିବର୍ତ୍ତନ ୨୦୨୬ ଫେବୃଆରୀ ପହିଲାଠାରୁ ଲାଗୁ ହେବ। ଏହା ଫାସ୍‌ଟ୍ୟାଗ ୟୁଜର୍ସଙ୍କୁ ବଡ଼ ଆଶ୍ୱସ୍ତି ଦେଇଛି। କାରଣ ଫାସ୍‌ଟ୍ୟାଗ ଆକ୍ଟିଭ ହେବା ପରେ ଦେଖାଦେଉଥିବା ସମସ୍ୟା ଏଣିକି ଦୂର ହୋଇଯିବ। କେଓ୍ୱାଇଭିର ଉଦ୍ଦେଶ୍ୟ ହେଉଛି ଫାସ୍‌ଟ୍ୟାଗ ଠିକ୍ ଭାବେ ଗାଡ଼ିରେ ଲଗାଯିବା ଏବଂ ଏହା ପ୍ରକୃତ ମାଲିକଙ୍କ ସହ ଜଡ଼ିତ ରହିଛି କି' ନାହିଁ ତାହା ସୁନିଶ୍ଚିତ କରିବା। ଏହାଦ୍ୱାରା ଭୁଲ ବ୍ୟବହାର, ନକଲି ଟ୍ୟାଗ କିମ୍ବା ଭୁଲ ଗାଡ଼ି ଦ୍ୱାରା ଲିଙ୍କ୍ ହେବା ଭଳି ଅସୁବିଧା ରହି ନ ଥାଏ। ଏହି ଯାଞ୍ଚ ବାହାନ ପୋର୍ଟାଲରେ ପଞ୍ଜିକୃତ ଥିବା ଗାଡ଼ିର ସବିଶେଷ ରେଜିଷ୍ଟ୍ରେସନର ତଥ୍ୟ ଅନୁସାରେ ହୋଇଥାଏ। ଏସବୁ ଯାଞ୍ଚ ବାଦ୍ ଗାଡ଼ିରେ ପୂର୍ବରୁ କୌଣସି ଆକ୍ଟିଭ ଫାସ୍‌ଟ୍ୟାଗ ଅଛି କି ନାହିଁ , ଯଦି ଅଛି ତାହା କଳା ତାଲିକାଭୁକ୍ତ ହୋଇନାହିଁ ତ। ତାହା କେୱାଇଭି ପ୍ରକ୍ରିୟାରେ ଯାଞ୍ଚ କରାଯାଇଥାଏ। ପୂର୍ବରୁ ଫାସ୍‌ଟ୍ୟାଗ ଆକ୍ଟିଭ ହେବା ପରେ, ବେଳେବେଳେ କେଓ୍ୱାଇଭିର ଯାଞ୍ଚ କରିବାକୁ ▶ପୃଷ୍ଠା-୭

# ବାୟୁରେ ବିଷ
# ନିଃଶ୍ୱାସକୁ ପାଉନି ବିଶ୍ୱାସ

## ଦେଶର ୯ ଅତିପ୍ରଦୂଷିତ ସହର ମଧ୍ୟରେ ଓଡ଼ିଶାର ୬



**୩୮୦ ଏକ୍ୟୁଆଇ ସହ ତାଳଚେର ସ୍ଥିତି ସାଙ୍ଘାତିକ୍**

**ରାଜ୍ୟର ୬ ସହରରେ ଏକ୍ୟୁଆଇ ୩୦୦ ଉପରେ**

**ଏବେ ଦେହକୁ ଅହିତକର ହେଲାଣି 'ସକାଳ ବୁଲା'**

**ଗୁରୁଚାପ ବଳୟ ଯୋଗୁଁ ଆଗକୁ ବଢ଼ିପାରୁନି ବାୟୁ**

■ ଭୁବନେଶ୍ୱର, ୨।୧ (ସମିସ): ଜୀବନ ଜିଇଁବାର ପ୍ରମୁଖ ମାଧ୍ୟମ ବାୟୁ ବା ପବନ ଏବେ ମଣିଷର ବିଶ୍ୱାସ ହରାଇ ବସିଛି। ଅତି ସମ୍ବେଦନଶୀଳ ଆଡ଼କୁ ଗତି କରୁଛି ରାଜ୍ୟରେ ବାୟୁ ପ୍ରଦୂଷଣ ସ୍ଥିତି। ସଂପ୍ରତି ବାୟୁ ଏତେମାତ୍ରାରେ ବିଷାକ୍ତ ବା ପ୍ରଦୂଷିତ ହୋଇଯାଇଛି ଯେ ନିଃଶ୍ୱାସ-ପ୍ରଶ୍ୱାସ ବେଳେ ନାକ ରୁନ୍ଧି ହୋଇ ଯାଉଛି। ସ୍ୱଚ୍ଛ ବାୟୁ ଟିକିଏ ବିନା ଜୀବନ ଯେମିତି ଦୁର୍ବିସହ ହୋଇଯାଇଛି। ଦେଶ-ବିଦେଶ ସବୁଠି ଏବେ ଏହି ସମସ୍ୟାର ସମାଧାନ ମୁଖ୍ୟ ଆହ୍ୱାନ ହୋଇଛି। ଡାକ୍ତରଙ୍କ ମତରେ ସକାଳ ବୁଲା (ମର୍ଣ୍ଣିଂ ୱାକ୍) ସ୍ୱାସ୍ଥ୍ୟ ପାଇଁ ହିତକର ହୋଇଥିବା ବେଳେ ସାମ୍ପ୍ରତିକ ସ୍ଥିତିରେ ଏହି 'ସକାଳ ବୁଲା' ଅହିତକର ସାବ୍ୟସ୍ତ ହେଲାଣି।

ଦେଶର ରାଜଧାନୀ ଦିଲ୍ଲୀରେ ବାୟୁ ପ୍ରଦୂଷଣ ସମସ୍ୟା ଉତ୍କଟ ରୂପ ନେଇଥିବା ବେଳେ ଓଡ଼ିଶା ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ରାଜ୍ୟରେ କ୍ରମାଗତ ଭାବେ ଗଲା ୨-୩ ଦିନ ହେବ ଘନ କୁହୁଡ଼ି ଲୋକଙ୍କୁ ▶ପୃଷ୍ଠା-୭

## ଓଡ଼ିଶା ଉପରେ ଘନ କୁହୁଡ଼ି; ବିମାନସେବା ବାଧାପ୍ରାପ୍ତ

■ ଭୁବନେଶ୍ୱର, ୨।୧ (ସମିସ): ବିମାନ ସେବା ପାଇଁ କାଳ ସାଜିଛି ଘନ କୁହୁଡ଼ି। ରାଜ୍ୟରେ ଗତ ୨-୩ ଦିନ ହେବ ଘନ କୁହୁଡ଼ି ଯୋଗୁଁ ଦୃଶ୍ୟମାନ କ୍ଷମତା ଯଥେଷ୍ଟ ହ୍ରାସ ପାଉଛି। ଭୁବନେଶ୍ୱରରେ ଏହି ସ୍ଥିତି ଅତି ସମ୍ବେଦନଶୀଳ ଅବସ୍ଥାରେ ରହୁଛି। ଫଳରେ ସକାଳ ସମୟରେ ବିମାନ ଉଡ଼ାଣ ଓ ଅବତରଣରେ ଗୁରୁତର ସମସ୍ୟା ସୃଷ୍ଟି କରିଛି। ଗୁରୁବାର ପରି ଶୁକ୍ରବାର ମଧ୍ୟ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରେ ବିମାନ ସେବାରେ ଗୁରୁତର ବ୍ୟାଘାତ ସୃଷ୍ଟି ହୋଇଛି। ଯଦିଓ ଶୁକ୍ରବାର କୁହୁଡ଼ିର ପ୍ରଭାବ ସାମାନ୍ୟ କମ୍ ଥିଲା, ମାତ୍ର ଏୟାରପୋର୍ଟ ଅଞ୍ଚଳରେରେ ଦୃଶ୍ୟମାନ କ୍ଷମତା ୪୦୦ ମିଟର ତଳେ ରହିଥିଲା। ବିମାନର ଉଡ଼ାଣ ଓ ଅବତରଣ ପାଇଁ ଅତି କମ୍‌ରେ ୫୫୦ ମିଟର ଦୃଶ୍ୟମାନ କ୍ଷମତା ଆବଶ୍ୟକ ହେଉଥିବାରୁ ସେବା ପ୍ରଭାବିତ ହୋଇଥିଲା। ▶ପୃଷ୍ଠା-୭

## ଆଜି ଦେଖାଯିବ ସୁପର୍‌ମୁନ୍



**ଏବର୍ଷ ୩ଟି 'ସୁପରମୁନ୍', ୩ଟି 'ମାଇକ୍ରୋମୁନ୍'**

■ ଭୁବନେଶ୍ୱର, ୨।୧ (ସମିସ): ଆସନ୍ତା ଜାନୁଆରୀ ୩ ତାରିଖ ପୌଷ ପୂର୍ଣ୍ଣମୀରେ ଦୃଶ୍ୟମାନ ହେବ ୨୦୨୬ ମସିହାର ପ୍ରଥମ ସୁପର୍‌ମୁନ୍। ସେହିଦିନ ପୂର୍ଣ୍ଣମୀ ସମୟରେ ଚନ୍ଦ୍ର ପ୍ରାୟ ୩ ଲକ୍ଷ ୬୨ହଜାର କିଲୋମିଟର ନିକଟରେ ରହିବ। ତେଣୁ ସାଧାରଣ ଦିନର ପୂର୍ଣ୍ଣଚନ୍ଦ୍ରଠାରୁ ଏହା ପ୍ରାୟ ୧୪% ବଡ଼ ସହ ୩୦% ଉଜ୍ଜଳ ଦେଖାଯିବ। ସେହିପରି ୨୦୨୬ ମସିହାରେ ଦ୍ୱିତୀୟ ସୁପରମୁନ୍ ନଭେମ୍ବର ୨୪ ଓ ଶେଷ ସୁପରମୁନ୍ ଟି ଡିସେମ୍ବର ୨୩ ତାରିଖରେ ଦେଖାଯିବା ସହ ମେ ୧, ମେ ୩୧ ଏବଂ ଜୁନ୍ ୨୯ ତାରିଖରେ ମାଇକ୍ରୋମୁନ୍ ବା ଛୋଟ ଚନ୍ଦ୍ର ଦେଖାଯିବ। ଏଗୁଡ଼ିକ ଗୋଟିଏ ବିରଳ ତଥା ସୁନ୍ଦର ମହାଜାଗତିକ ଦୃଶ୍ୟ, ଯାହାକୁ ଖାଲି ଆଖିରେ ଦେଖିହେବ। ତେବେ ଆକାଶ ମେଘମୁକ୍ତ ତଥା କୁହୁଡ଼ିମୁକ୍ତ ରହିଲେ ଜାନୁଆରୀ ୩ ତାରିଖ ଦିନ ଏହାକୁ ସୂର୍ଯ୍ୟାସ୍ତ ପରଠାରୁ ସାରା ରାତି ଓଡ଼ିଶା ତଥା ଭାରତର ସବୁ ଅଞ୍ଚଳରୁ ଖାଲି ଆଖିରେ ଦେଖିହେବ ବୋଲି ଜନବିଜ୍ଞାନୀ ଡ. ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି। ସୁପର୍‌ମୁନ୍ ଏକ ସାଧାରଣ ମହାଜାଗତିକ ଘଟଣା। ଏହାର କୌଣସି ପ୍ରଭାବ ପୃଥିବୀ କିମ୍ବା ମାନବ ସମାଜ ଉପରେ ପଡ଼େନାହିଁ ବୋଲି ଡ. ପଟ୍ଟନାୟକ କହିଛନ୍ତି।

'ସୁପରମୁନ୍' ଶବ୍ଦଟି ପ୍ରଥମେ ଆମେରିକାର ଜ୍ୟୋତିଷ ରିଚାର୍ଡ ନଲ୍ ୧୯୭୯ ମସିହାରେ ପ୍ରଚଳନ କରିଥିଲେ। ଧୀରେ ଧୀରେ ସୁପରମୁନ ଶବ୍ଦଟି ଖୁବ୍ ଲୋକପ୍ରିୟ ହୋଇ ଏବେ ବହୁଳ ଭାବରେ ବ୍ୟବହାର ହେଉଛି। ଚନ୍ଦ୍ର ପୃଥିବୀ ଚାରିପଟେ ପ୍ରାୟ ୨୭.୫ ଦିନରେ ଥରେ ଏକ ଅଣ୍ଡାକୃତି ପଥରେ ବୁଲିଥାଏ। ସବୁଠାରୁ ▶ପୃଷ୍ଠା-୭

**ଟ୍ରେଡିଂ ଆଳରେ ୪୦ କୋଟି ଚଳୁ**

## ପଶ୍ଚିମବଙ୍ଗରୁ ମାଷ୍ଟରମାଇଣ୍ଡକୁ ଗିରଫ କଲା ଇଓଡବ୍ଲ୍ୟୁ

■ ଭୁବନେଶ୍ୱର, ୨।୧ (ସମିସ): ଟ୍ରେଡିଂ ଆଳରେ ଶହ ଶହ ଲୋକଙ୍କ ୪୦କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ମାମଲାରେ ଅଭିଯୁକ୍ତ ଅମିତ ମଣ୍ଡଳଙ୍କୁ ପଶ୍ଚିମବଙ୍ଗରୁ ଗିରଫ କରିଛି ଇଓଡବ୍ଲ୍ୟୁ। ତାଙ୍କର ଘର ପଶ୍ଚିମବଙ୍ଗ ବାଙ୍କୁରା ଜିଲା ଅମ୍ରିତପୁରର ଅଞ୍ଚଳରେ, ତାଙ୍କ ଠାରୁ ଏକ ଲାପଟପ୍ ଜବତ ହୋଇଛି। ସେଥିରେ ନିବେଶକାରୀଙ୍କ ତାଲିକା ଓ ଜମା ଟଙ୍କା ସମ୍ବନ୍ଧୀୟ ତଥ୍ୟ ରହିଛି। ଠକେଇ ଟଙ୍କାକୁ ସେ ନୂଆ କମ୍ପାନୀ କଲ୍ପମିତ୍ କନସୋଲଟାନ୍ସି ପ୍ରାଇଭେଟ୍ ଲିଃରେ ନିବେଶ କରିଥିବା ନେଇ କ୍ରାଇମ୍‌ବ୍ରାଞ୍ଚ ସୂଚନା ଦେଇଛି। ଗିରଫ ପରେ ତାଙ୍କୁ ପଶ୍ଚିମବଙ୍ଗରୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇ ଶନିବାର କଟକସ୍ଥିତ ସ୍ୱତନ୍ତ୍ର ଇଓଡବ୍ଲ୍ୟୁ କୋର୍ଟକୁ ଚାଲାଣ କରାଯାଇଛି।

ଅମିତ ଓ ତାଙ୍କ ଏଜେଣ୍ଟମାନେ ସାଧାରଣ ଲୋକଙ୍କ ଠାରୁ ଟ୍ରେଡିଂ ଆଳରେ ଟଙ୍କା ଉଠାଇଥିଲେ। ମାସିକ ୩.୫ ପ୍ରତିଶତରୁ ୭ ପ୍ରତିଶତ ସୁଧ ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅଭିଯୁକ୍ତମାନେ ଭୁବନେଶ୍ୱର ଓ ଅନୁଗୁଳର ବିଭିନ୍ନ ହୋଟେଲରେ ବୈଠକ କରାଇ ନିବେଶକାରୀଙ୍କୁ ନିବେଶ କରିବାକୁ ପ୍ରବର୍ତ୍ତାଇ ଥିଲେ। ବିଶ୍ୱାସ ଜନ୍ମାଇବାକୁ ସେ ନିବେଶ ସାର୍ଟିଫିକେଟ୍ ପ୍ରଦାନ କରୁଥିଲେ। ଏହା ସହ ଆରମ୍ଭରୁ କିଛି ଲୋକଙ୍କୁ ଟଙ୍କା ପ୍ରତିଶ୍ରୁତି ମୁତାବକ ଫେରାଇ ଦେଇଥିଲେ। ଅମିତ ୪ବର୍ଷ ମଧ୍ୟରେ ଓଡ଼ିଶାର ୫ଶହ ଜଣ ଏବଂ ପଶ୍ଚିବମଙ୍ଗର ଶହେ ଜଣଙ୍କୁ ଫସାଇ ୧୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ନେଇଯାଇଥିଲେ। ହେଲେ ୪୦କୋଟି ଟଙ୍କା ନିବେଶକାରୀମାନଙ୍କୁ ନ ଫେରାଇ, ଶେଷରେ ଫେରାର ହୋଇଯାଇଥିଲେ।

ଅମିତଙ୍କ ଆଇସିଆଇସିଆଇ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯିବା ପରେ ସେଥିରେ ୧୨୨ କୋଟି ଟଙ୍କା ନେଣଦେଣ ହୋଇଥିବା ଜଣାପଡ଼ିଛି। ତେଣୁ ଅନ୍ୟ ଆକାଉଣ୍ଟଗୁଡ଼ିକ ଯାଞ୍ଚ କରାଯାଉଛି ବୋଲି ସୂଚନା ମିଳିଛି।

**ବଡ଼ଦାଣ୍ଡରେ ସିରିଜ୍ ଦୁର୍ଘଟଣା; ସ୍କୁଟିକୁ ଘୋଷାଡ଼ି ନେଲା ବୋଲେରୋ**

## ଜେଜେ ସାମ୍ନାରେ ଚାଲିଗଲା ନାତିର ଜୀବନ



■ ପୁରୀ, ୨।୧ (ସମିସ): ନୂଆବର୍ଷ ଆରମ୍ଭରେ ବଡ଼ଦାଣ୍ଡରେ ଘଟିଛି ବଡ଼ ଦୁର୍ଘଟଣା। ଜେଜେ ଆଖି ଆଗରେ ନାତିର ଜୀବନ ଯାଇଛି। ବଳଗଣ୍ଡି ଛକରେ ଦ୍ରୁତଗାମୀ ବୋଲେରୋ ଏକ ସ୍କୁଟିକୁ ଧକ୍କା ଦେଇ ଘୋଷାଡ଼ି ନେବାରୁ ଏହି ଦୁଃଖଦ ଘଟଣା ଘଟିଛି। ମୃତ ନାବାଳକଜଣଙ୍କ ଟାଉନ୍ ଥାନା କୁମୁଟି ସାହିର ନିରଞ୍ଜନ ଦେଙ୍କ ପୁଅ ଶ୍ରେୟାଂଶ (୫)। ଏହି ଦୁର୍ଘଟଣାରେ ଶ୍ରେୟାଂଶର ଜେଜେ ନୀଳକଣ୍ଠ ଦେ ଏବଂ ଅନ୍ୟ ଜଣେ ନାବାଳକ ରୋହିତ ସାହୁ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏହି

**ଶୋକ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ; ୪ଲକ୍ଷ ଟଙ୍କାର ସହାୟତା ଘୋଷଣା**

ଘଟଣାକୁ ନେଇ ବଡ଼ଦାଣ୍ଡରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଉତ୍ୟକ୍ତ ଲୋକେ ମେଡିକାଲ ଛକରେ ଟାୟାର୍ ଜାଳି ରାସ୍ତା ଅବରୋଧ କରିଥିଲେ। ଏହାକୁ ନେଇ ପ୍ରାୟ ଅଢ଼େଇ ଘଣ୍ଟା ▶ପୃଷ୍ଠା-୭

**ବାଇକ୍-ବସ୍ ମୁହାଁମୁହିଁ**

## ୩ ସାଙ୍ଗ ମୃତ

■ ରାଇରଙ୍ଗପୁର, ୨।୧ (ସମିସ): ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଭାଲୁବସା ନିକଟସ୍ଥ ରାଣୀବନ୍ଧ ସମ୍ମୁଖ ଦେଇ ଯାଇଥିବା ୨୨୦ନଂ ଜାତୀୟ ରାଜପଥରେ ଆଜି ଏକ ମର୍ମନ୍ତୁଦ ଦୁର୍ଘଟଣା ୩ ସାଙ୍ଗଙ୍କ ଜୀବନ ନେଇଛି। ବାଇକ୍‌କୁ ଏକ ଦ୍ରୁତଗାମୀ ବସ୍ ଧକ୍କା ଦେବାରୁ ଏହି ଅଘଟଣ ଘଟିଛି। ମୃତକମାନେ ହେଲେ, ତିରିଂ ଥାନା ଅନ୍ତର୍ଗତ ରତନସାହି ଗ୍ରାମର ବିକାଶ ବେହେରା (୨୬), ଝାଡ଼ଖଣ୍ଡ ଷଢ଼େଇକଳା ଥାନା ଅନ୍ତର୍ଗତ ଆଦିତ୍ୟପୁର ଅଞ୍ଚଳର ପ୍ରବୀର ଦେବବର୍ମା (୨୬) ଏବଂ ତ୍ରିପୁରା ରାଜ୍ୟର ସିପାହୀଜୋଲା ଜିଲ୍ଲାର ବିଶାଳଗଡ଼ ଥାନା ଅନ୍ତର୍ଗତ ବିକାଶ ଦେବବର୍ମା (୨୮)। ସୂଚନା ମୁତାବକ, ୩ସାଙ୍ଗ ଏକ ବାଇକ୍‌ରେ ରାଇରଙ୍ଗପୁର ଯାଉଥିଲେ। ଦିନ ପ୍ରାୟ ସାଢ଼େ ୧ଟାରେ ରାଣୀବନ୍ଧ ନିକଟରେ ବିପରୀତ ଦିଗରୁ ଆସୁଥିବା ▶ପୃଷ୍ଠା-୭

## ୧୦ରୁ ମିଳିବ ଗ୍ରୀନ୍ ଷ୍ଟିକର




**ଆର୍‌ଟିଓରେ ଧାଡ଼ି ଲଗାଇବେ ପିୟୁସିସି କରିଥିବା ଗାଡ଼ି ମାଲିକ**

■ ଭୁବନେଶ୍ୱର, ୨।୧ (ସମିସ): ପ୍ରଦୂଷଣ ପ୍ରମାଣପତ୍ରକୁ ନେଇ ପରିବହନ ବିଭାଗର ତୋଗଲକୀ ନୀତି ଏବେ ସାଧାରଣ ଲୋକଙ୍କୁ ଅତିଷ୍ଠ କରିଛି। ପ୍ରଥମେ ପିୟୁସିସି ଅର୍ଥାତ୍ ପ୍ରଦୂଷଣ ପ୍ରମାଣପତ୍ର ନ ଦେଲେ ପେଟ୍ରୋଲ ଡ଼ିଜେଲ ମିଳିବ ନାହିଁ ବୋଲି ନିର୍ଦ୍ଦେଶ ଜାରି କଲେ। ଲୋକମାନେ ଖରାତରାରେ ପିୟୁସିସି କରିବାକୁ ଧାଡ଼ି ଲଗାଇଲେ। ଏବେ ପୁଣି ଏହି ପ୍ରମାଣପତ୍ର ଅବଧି ମାର୍ଚ୍ଚ ମାସକୁ ବୃଦ୍ଧି କରାଯାଇଛି ଓ ଆସନ୍ତା ୧୦ ତାରିଖରୁ ପ୍ରଦୂଷଣ ପରୀକ୍ଷା କେନ୍ଦ୍ରରେ ନନ୍ ପଲ୍ୟୁଟିଂ ଭେହିକିଲ୍ (ଏନ୍‌ପିଭି) ଗ୍ରୀନ ଷ୍ଟିକର ମିଳିବ ବୋଲି ସରକାର ଘୋଷଣା କରିଛନ୍ତି। ଏହି ଷ୍ଟିକରରେ ଗାଡ଼ି ନମ୍ବର ଓ ପ୍ରମାଣପତ୍ରର ଅବଧି ଉଲ୍ଲେଖ ରହିବ। ମାତ୍ର ଯେଉଁମାନେ ପ୍ରଦୂଷଣ ପ୍ରମାଣପତ୍ର କରି ସାରିଛନ୍ତି, ସେମାନେ ଆର୍‌ଟିଓ ଅଫିସରୁ ଆବଶ୍ୟକ ପ୍ରମାଣପତ୍ର ଦେଖାଇ ନିଜନିଜର ଷ୍ଟିକର ସଂଗ୍ରହ କରିବେ। ଅର୍ଥାତ୍ ପ୍ରଦୂଷଣ ପ୍ରମାଣପତ୍ର ଯନ୍ତ୍ରଣା ପରେ ପୁଣି ଆରଟିଓ କାର୍ଯ୍ୟାଳୟରେ ଗାଡ଼ିମାଲିକଙ୍କୁ ଧାଡ଼ି ଲଗାଇବାକୁ ପଡ଼ିବ।

ପରିବହନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ଆରଟିଓ କାର୍ଯ୍ୟାଳୟରେ ଏହି ଗ୍ରୀନ ଷ୍ଟିକର ପ୍ରଦାନ କରାଯିବ। ଯେଉଁମାନଙ୍କର ୧୦ ତାରିଖ ପୂର୍ବରୁ ପଲ୍ୟୁସନ ସାର୍ଟିଫିକେଟ ରହିଛି, ▶ପୃଷ୍ଠା-୭

**ସାଟେଲାଇଟ୍ ସର୍ଭେ ତଥ୍ୟକୁ ନେଇ ସରକାର-ଚାଷୀ ମୁହାଁମୁହିଁ**

# ଟୋକନ୍ ନ ଦେବାକୁ ସର୍ଭେ ଫନ୍ଦି !



**୨୫ ଲକ୍ଷ ପ୍ଲଟରୁ ୧୯ ଲକ୍ଷ ପ୍ଲଟର ତଥ୍ୟ ମିଛ: ସରକାର**

**ପଞ୍ଜୀକୃତ ୮୦% ଜମିରେ ହୋଇନାହିଁ ଧାନଚାଷ !**

■ ଭୁବନେଶ୍ୱର, ୨।୧ (ସମିସ): ଧାନ ଚାଷ ହୋଇଥିବା ଜମି ପରିମାଣକୁ ଆଧାର କରି ପ୍ରଦାନ ତଥ୍ୟର ପଞ୍ଜୀକରଣ ପରେ ରାଜ୍ୟ ସରକାର ଚାଷୀଙ୍କୁ ଧାନ ବିକ୍ରି ପାଇଁ ଟୋକନ ପ୍ରଦାନର ବ୍ୟବସ୍ଥା କରିଛନ୍ତି। ଏହି ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ପାଇଁ ପଞ୍ଜୀକରଣ ତଥ୍ୟ ଯାଞ୍ଚ କରିବାକୁ ସରକାର ସାଟେଲାଇଟ୍ ସର୍ଭେର ବ୍ୟବସ୍ଥା କରିଛନ୍ତି। ତେବେ ଚଳିତ ଖରିଫ ଋତୁର ସାଟେଲାଇଟ୍ ସର୍ଭେ ତଥ୍ୟକୁ ନେଇ ସରକାର-ଚାଷୀ ମୁହାଁମୁହିଁ ହୋଇଛନ୍ତି। ଚାଷୀମାନେ ଦେଇଥିବା ସତ୍ୟପାଠ ଅନୁସାରେ ସମପରିମାଣ ଜମିରେ ପ୍ରକୃତ ଧାନଚାଷ ହୋଇ ନ ଥିବା ସାଟେଲାଇଟ୍ ସର୍ଭେରୁ ଜଣାପଡ଼ିଥିବା ସରକାର କହୁଥିବା ବେଳେ ଧାନ ବିକ୍ରି ଟୋକନ ନ ଦେବାକୁ 'ସାଟେଲାଇଟ୍ ସର୍ଭେ' ବାହାନାରେ ସରକାର ଫନ୍ଦି କରୁଥିବା ଚାଷୀ ଅଭିଯୋଗ କରିଛନ୍ତି। ସାଟେଲାଇଟ୍ ସର୍ଭେ ଜରିଆରେ ପଞ୍ଜୀକୃତ ପ୍ଲଟର ତଥ୍ୟ ବାହାର କରି ଏଥିରେ ଧାନ ଚାଷ ହୋଇଛି କି ନାହିଁ ଅନୁଧାନ ପରେ ସମବାୟ ବିଭାଗ ଚାଷୀମାନଙ୍କୁ ଧାନ ବିକ୍ରି ଟୋକନ ପ୍ରଦାନ କରୁଛି। ପ୍ରତ୍ୟେକ ପଞ୍ଜିକୃତ ଜମିର ତିନି ପର୍ଯ୍ୟାୟରେ ସର୍ଭେ କରାଯାଇ ଏହାର ବୈଧତା ଯାଞ୍ଚ କରାଯାଉଛି। ଏଥି ନିମନ୍ତେ ଉପଗ୍ରହ ଦ୍ୱାରା ଉତ୍ତୋଳିତ ଫଟୋର ସହାୟତା ନିଆଯାଉଛି। ବୈଷୟିକ ବିଦ୍ୟାର ଉପଯୋଗ କରାଯାଇ ଧାନକିଣାରେ ସ୍ୱଚ୍ଛତା ଅଣାଯିବା ସହ ପ୍ରକୃତ ଚାଷୀମାନଙ୍କ ସ୍ୱାର୍ଥ ରକ୍ଷା କରାଯାଇ ପାରୁଛି ବୋଲି ସରକାର କହୁଛନ୍ତି। ମାତ୍ର ଯେଉଁ ପ୍ଲଟରେ ଧାନ ଚାଷ କରିଥିବା ପଞ୍ଜୀକରଣ କରିଛନ୍ତି, ସେଠାରେ ଧାନ ଚାଷ ହୋଇ ନ ଥିବା ସରକାର କହୁଛନ୍ତି।

ସୂଚନା ଅନୁସାରେ ବର୍ତ୍ତମାନ ସୁଦ୍ଧା ରାଜ୍ୟର ୩୦ଟି ଜିଲ୍ଲାର ୨୬ ଲକ୍ଷ ୧୪ ହଜାର ୧୩୭ଟି ପ୍ଲଟ ମଧ୍ୟରୁ ୨୪ ଲକ୍ଷ ୯୪ ହଜାର ୪୩୭ ଟି ପ୍ଲଟର କ୍ଷେତ୍ରୀୟ ସର୍ବେକ୍ଷଣ ଶେଷ ହୋଇଛି। ସର୍ବେକ୍ଷଣର ତଥ୍ୟ ▶ପୃଷ୍ଠା-୭

## ଓଡ଼ିଶାରେ ଟନ୍‌ଟନ୍ ଝାଡ଼ଖଣ୍ଡ ଧାନ



**ଅଧିକ ଏମ୍‌ଏସ୍‌ପି ପାଇଁ ଓଡ଼ିଶାରେ ଧାନ ବିକିବାକୁ ପ୍ରୟାସ**

**ଓଡ଼ିଶା 'ଲ୍ୟାମ୍ପ୍ସ'ରେ ବିକ୍ରି କରିବା ପାଇଁ ଚାଲିଛି ଯୋଜନା**

■ ରାଇରଙ୍ଗପୁର, ୨।୧ (ସମିସ): ଓଡ଼ିଶାରେ ବିକ୍ରି ହେବା ପାଇଁ ଝାଡ଼ଖଣ୍ଡ ରାଜ୍ୟର ଟନ ଟନ ଧାନ ଅପେକ୍ଷା କରିରହିଛି। ଓଡ଼ିଶାରେ ଧାନର ଏମଏସପି ମୂଲ୍ୟ ଅଧିକ ଥିବାରୁ ଅର୍ଥ ରୋଜଗାର କରିବାକୁ ଦଲାଲ ସକ୍ରିୟ ହୋଇଛନ୍ତି। ଏଭଳି ଘଟଣା ମୟୂରଭଞ୍ଜ ଓ ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଦେଖିବାକୁ ମିଳିଛି। ଅସ୍ଥାୟୀ ଗୋଦାମ କରି ଧାନ ଗଚ୍ଛିତ କରି ରଖିଛନ୍ତି।

ଗତ ଡିସେମ୍ବର ୨୬ରୁ ପର୍ଯ୍ୟାୟକ୍ରମେ ମୟୂରଭଞ୍ଜ ଜିଲ୍ଲାରେ ଧାନମଣ୍ଡି ଖୋଲିବା ସହ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଯାହାକୁ ନେଇ ପୂର୍ବରୁ ଚାଷୀଙ୍କ ନାମ ପଞ୍ଜୀକରଣ ହୋଇଛି। ତେବେ ଓଡ଼ିଶା ସରକାର ଧାନ ଏମଏସପି ମୂଲ୍ୟ ଝାଡ଼ଖଣ୍ଡ ତୁଳନାରେ ମୂଲ୍ୟ ଅଧିକ କରିଛନ୍ତି। ଯାହାକୁ ନେଇ ଦଲାଲ ଗ୍ରୁପ୍ ସକ୍ରିୟ ହୋଇଛନ୍ତି। ସୀମାନ୍ତବର୍ତ୍ତୀ ଜାମଦା ବ୍ଲକ ଅନ୍ତର୍ଗତ ବଡ଼ଦୁନ୍ଦୁ ଲ୍ୟାମ୍ପରେ ଉକ୍ତ ଝାଡ଼ଖଣ୍ଡ ଧାନ ବିକ୍ରୟ କରିବାକୁ ଯୋଜନା ହୋଇଛି। ଏହାକୁ ନେଇ ପୂର୍ବରୁ ଝାଡ଼ଖଣ୍ଡ ଓ ଓଡ଼ିଶାର କିଛି ଦଲାଲ ମିଶି ଓଡ଼ିଶା ଚାଷୀଙ୍କୁ ଟଙ୍କା ପ୍ରଲୋଭନ ଦେଖାଇ ନିଜ ଟିମ୍‌ରେ ସାମିଲ କରିଛନ୍ତି। ବର୍ଷ ସାରା ଚାଷ ନ କରି ଭଲ ଟଙ୍କା ଦେବାର ପ୍ରଲୋଭନ ଦେଖାଇ ମଣ୍ଡିରେ ତାଙ୍କ ଧାନ ବିକ୍ରି କରିବାକୁ ଚାଷୀ ଭାବେ ପଞ୍ଜୀକରଣ କରାଇଛନ୍ତି। ତେବେ ଝାଡ଼ଖଣ୍ଡରେ ଚାଷ ହୋଇଥିବା ଉକ୍ତ ଧାନ ସୀମାନ୍ତ ଦେଇ ଓଡ଼ିଶାକୁ ପ୍ରବେଶ କରୁଛି। ସୀମାନ୍ତରେ ଢିଲା ଯାଞ୍ଚ ପ୍ରକ୍ରିୟା ଥିବା ବେଳେ ବିଳମ୍ବିତ ରାତି କିମ୍ବା ଭୋର ସମୟରେ ଓଡ଼ିଶାକୁ ପ୍ରବେଶ କରି ଧାନ ଗଚ୍ଛିତ ହୋଇ ରହିଛି। ▶ପୃଷ୍ଠା-୭

# ପତ୍ନୀଙ୍କୁ ଖର୍ଚ୍ଚର ହିସାବ ମାଗିବା କ୍ରୂରତା ନୁହେଁ: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୨।୧ (ଏଜେନ୍ସି): ପତ୍ନୀଙ୍କୁ ଖର୍ଚ୍ଚର ହିସାବ ମାଗିବା କ୍ରୂରତା ନୁହେଁ। ଏହାକୁ ନେଇ ଆପରାଧିକ ମାମଲା ରୁଜୁ କରାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏକ ଯୌତୁକ ଜନିତ ଉତ୍ପୀଡ଼ନ ଏବଂ କ୍ରୂରତା ମାମଲାକୁ ରଦ୍ଦ କରି ଜଷ୍ଟିସ ବିଭି ନାଗରତ୍ନା ଏବଂ ଜଷ୍ଟିସ ଆର ମହାଦେବନଙ୍କ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି। ଏହି ମାମଲାରେ ସ୍ୱାମୀ ସମସ୍ତ ଖର୍ଚ୍ଚର ହିସାବ ଟିକିନିଖି କରି ଏକ୍ସେଲ ସିଟ୍‌ରେ ରଖିବାକୁ ବାଧ କରୁଥିଲେ ବୋଲି ସ୍ତ୍ରୀ ଅଭିଯୋଗ କରିଥିଲେ। ମାତ୍ର ଉଭୟଙ୍କ ମଧ୍ୟରେ ଦୀର୍ଘ ଦିନ ହେଲା ଭଲ ସମ୍ପର୍କ ନ ଥିଲା। ସେ ସ୍ୱାମୀ ଏବଂ ତାଙ୍କ ପରିବାର ବିରୋଧରେ ମାମଲା ରୁଜୁ କରିଥିଲେ।

ଶୁଣାଣି କରି ଖଣ୍ଡପୀଠ କହିଥିଲେ ଯେ ଯଦି ପତି ଘରର ଆର୍ଥିକ କାରବାରର ନିଷ୍ପତ୍ତି ନିଜେ ନିଅନ୍ତି ଏବଂ ପତ୍ନୀଙ୍କୁ ଏହାର ହିସାବ ମାଗନ୍ତି ତେବେ ତାହାକୁ କ୍ରୂରତା କୁହାଯାଇପାରିବ ନାହିଁ। ବିଶେଷ କରି କୌଣସି ଗମ୍ଭୀର ମାନସିକ କିମ୍ବା ଶାରୀରିକ କ୍ଷତି ନ ହେଲେ ଆପରାଧିକ ମାମଲା ରୁଜୁ କରାଯାଇପାରିବ ନାହିଁ। ଏହା ଭାରତୀୟ ସମାଜର ସତ୍ୟକୁ ଦର୍ଶାଉଛି। ଅନେକ ଘରେ ପୁରୁଷ ଆର୍ଥିକ ଦାୟିତ୍ୱକୁ ନିଜ ହାତରେ ରଖିଥାନ୍ତି, ମାତ୍ର ଏହାକୁ ଅପରାଧ ଶ୍ରେଣୀରେ ରଖାଯାଇପାରିବ ନାହିଁ। ସ୍ୱାମୀଙ୍କ ଉପରେ ଲଗାଯାଇଥିବା ଅଭିଯୋଗ ସତ୍ୟ ନୁହେଁ ବୋଲି ରେକର୍ଡରୁ ଜଣାପଡୁଛି। ଖରାପ ଉଦ୍ଦେଶ୍ୟ ରଖି ଏପରି କରାଯାଇଛି। ଏଭଳି ମାମଲାରେ ଆଇନର ଅପବ୍ୟବହାର କରାଯାଇପାରିବ ନାହିଁ। ବ୍ୟକ୍ତିଗତ ଶତ୍ରୁତା ପାଇଁ ଆପରାଧିକ ମାମଲାର ବ୍ୟବହାର ନ କରିବା ଉଚିତ।

# ମିଠା ଦେବା ବାହାନାରେ ଘରକୁ ଡାକି ପ୍ରେମିକର ଗୁପ୍ତାଙ୍ଗ କାଟିଦେଲା ପ୍ରେମିକା

ମୁମ୍ବଇ, ୨।୧ (ଏଜେନ୍ସି): ବାଣିଜ୍ୟିକ ରାଜଧାନୀ ମୁମ୍ବଇରୁ ବିଚଳିତ କରିବା ଭଳି ଏକ ଖବର ସାମ୍ନାକୁ ଆସିଛି। ନୂଆ ବର୍ଷରେ ମିଠା ଦେବାକୁ ଡାକି ପ୍ରେମିକା ଏକ ଛୁରିରେ ନିଜ ପ୍ରେମିକର ଗୁପ୍ତାଙ୍ଗ କାଟି ଦେଇଛନ୍ତି। ଏବେ ପ୍ରେମିକର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ମୁମ୍ବଇର ସିଓନ ହସ୍ପିଟାଲରେ ତାଙ୍କର ଚିକିତ୍ସା ଚାଲିଛି। ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ପୀଡ଼ିତ (୪୪) ଏବଂ ଅଭିଯୁକ୍ତ ପ୍ରେମିକା (୨୫) ଉଭୟେ ବିବାହିତ। ଏବେ ମହିଳା ଫେରାର ଅଛନ୍ତି। ସେ ପୀଡ଼ିତଙ୍କ ଭଉଣୀର ନଣନ୍ଦ। ଉଭୟଙ୍କ ମଧ୍ୟରେ ପରକୀୟାପ୍ରୀତି ଥିଲା। ୬ରୁ ୭ ବର୍ଷ ହେଲା ଦୁଇ ଜଣଙ୍କ ମଧ୍ୟରେ ଅବୈଧ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା।

ପ୍ରେମିକା କ୍ରମାଗତ ଭାବେ ନିଜ ସ୍ତ୍ରୀକୁ ଛାଡ଼ି ତାଙ୍କୁ ବାହା ହେବା ପାଇଁ ପୀଡ଼ିତଙ୍କ ଉପରେ ଚାପ ପକାଉ ଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପ୍ରବଳ ଝଗଡ଼ା ହୋଇଥିଲା। ଏଥିପାଇଁ ସାନ୍ତାକ୍ରୁଜ ଇଷ୍ଟରେ ରହୁଥିବା ପୁରୁଷ ଗତ ନଭେମ୍ବରରେ ବିହାର ପଳାଇ ଥିଲେ। ଏହା ସତ୍ତ୍ୱେ ସେ ଫୋନ କରି ଧମକ ଦେଇ ଚାଲିଥିଲେ। ଗତ ୧୯ ତାରିଖରେ ମୁମ୍ବଇ ଫେରିବାରୁ ସେ ଆଉ ମହିଳାଙ୍କୁ ଯୋଗାଯୋଗ କରି ନ ଥିଲେ। ତାଙ୍କଠୁ ଦୂରେଇ ରହିବାକୁ ପ୍ରୟାସ କରିଥିଲେ। ମାତ୍ର ୩୧ ତାରିଖ ଦିନ ପ୍ରେମିକା ତାଙ୍କୁ ମିଠା ଦେବା ବାହାନାରେ ଘରକୁ ଡାକିଥିଲେ। ପୁରୁଷ ପହଞ୍ଚିବା ପରେ ଅପେକ୍ଷା କରିବାକୁ କହିଥିଲେ। ପିଲା ଶୋଇବା ପରେ ମହିଳା ତାଙ୍କୁ ଘରକୁ ଡାକି ପେଣ୍ଟ ଖୋଲିବାକୁ କହିଥିଲେ। ପୁରୁଷ ଏପରି କରିବାରୁ ମହିଳା ରୋଷେଇ ଘରକୁ ଯାଇ ଏକ ପରିବା କଟା ଛୁରି ଆଣିଥିଲେ। ଏଥିରେ ମହିଳା ତାଙ୍କ ଗୁପ୍ତାଙ୍ଗ କାଟି ଦେଇଥିଲେ। ଅସହ୍ୟ କଷ୍ଟ ଏବଂ ପ୍ରଚୁର ରକ୍ତସ୍ରାବ ସତ୍ତ୍ୱେ ପୁରୁଷ ସେଠାରୁ ନିଜ ଘରକୁ ପଳାଇ ଆସିଥିଲେ। ସେ ଘରେ ପହଞ୍ଚିବାରୁ ଅନ୍ୟ ସଦସ୍ୟ ତାଙ୍କୁ ମେଡିକାଲକୁ ନେଇ ଭର୍ତ୍ତି କରିଥିଲେ। ଏବେ ତାଙ୍କର ଅନେକ ଅସ୍ତ୍ରୋପଚାର ହେବାର ବାକି ଅଛି।

## ଆଫଗାନ ବନ୍ୟାରେ ୧୭ ମୃତ

କାବୁଲ, ୨।୧(ଏଜେନ୍ସି): ଆଫଗାନିସ୍ତାନରେ ସମ୍ପ୍ରତି ପ୍ରବଳ ବର୍ଷା ଓ ତୁଷାରପାତ ପରେ ଆସିଥିବା ଭୟଙ୍କର ବନ୍ୟାରେ ୧୭ ଜଣ ଲୋକ ମୃତ୍ୟୁବରଣ କରିଥିବାବେଳେ ୧୧ ଜଣ ଆହତ ହୋଇଛନ୍ତି। ଜାନୁଆରୀ ୧ରେ ଆଫଗାନିସ୍ତାନର ହେରାତ ରାଜ୍ୟରେ କାବକାନ ଜିଲ୍ଲାରେ ଏକ ଛାତ ଭୁଶୁଡିବା ଫଳରେ ଗୋଟିଏ ପରିବାରର ୫ ଜଣ ସଦସ୍ୟ ମୃତ୍ୟୁବରଣ କରିଥିଲେ। ମୃତକଙ୍କ ମଧ୍ୟରେ ଦୁଇଜଣ ଶିଶୁ ଅଛନ୍ତି। ଏବେ ଅତି ଖରାପ ପାଗ ସାରା ଦେଶରେ ଜନ ଜୀବନକୁ ଗୁରୁତର ଭାବେ ବିପର୍ଯ୍ୟସ୍ତ କରିଛି।

## ୟେମେନରେ ପୁଣି ସାଉଦିର ଆକ୍ରମଣ; ୭ ମୃତ

ସାନ୍ନା, ୨।୧(ଏଜେନ୍ସି): ୟେମେନ ଉପରେ ସାଉଦି ଆରବ ପୁଣି ଏୟାର ଷ୍ଟ୍ରାଇକ କରିଛି। ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ସମର୍ଥିତ ବିଚ୍ଛିନ୍ନତାବାଦୀଙ୍କ ଗୋଷ୍ଠୀ ଉପରେ ଶୁକ୍ରବାର ଏହି ଆକ୍ରମଣ କରାଯାଇଛି। ଏଥିରେ ଅତିକମ୍‌ରେ ୭ଜଣ ମୃତ୍ୟୁବରଣ କରିଛନ୍ତି। ଏହି ବିଚ୍ଛିନ୍ନତାବାଦୀମାନେ ୟେମେନର ବିପୁଳ ଅଞ୍ଚଳକୁ ନିଜ ଦଖଲରେ ରଖିଛନ୍ତି। ଅଲ-ଖାସାସ୍ଥିତ ବିଚ୍ଛିନ୍ନତାବାଦୀଙ୍କ ଶିବିର ଉପରେ ହୋଇଥିବା ଏହି ଆକ୍ରମଣରେ ୨୦ ଜଣ ଆହତ ମଧ୍ୟ ହୋଇଛନ୍ତି ବୋଲି ୱାଦି ହାଦ୍ରାମାଉଥ ଓ ହାଦ୍ରାବାଉଥ ମରୁଭୂମିସ୍ଥିତ ବିଚ୍ଛିନ୍ନତାବାଦୀ ସଦର୍ଣ୍ଣ ଟ୍ରାନଜିସନାଲ କାଉନସିଲ (ଏସ୍‌ଟିସି) ମୁଖ୍ୟ ମହମ୍ମଦ ଅବଦୁଲମଲିକ କହିଛନ୍ତି।

## ରାଗିଂରେ ହିମାଚଳ ଛାତ୍ରୀଙ୍କ ମୃତ୍ୟୁ

### ପ୍ରଫେସରଙ୍କ ସମେତ ୪ ଜଣଙ୍କ ନାମରେ ଏତଲା

ଧର୍ମଶାଳା, ୨।୧(ଏଜେନ୍ସି): ହିମାଚଳ ଧର୍ମଶାଳାସ୍ଥିତ ଏକ ସରକାରୀ କଲେଜରେ ରାଗିଂର ଶିକାର ଜଣେ ୧୯ ବର୍ଷୀୟ ଛାତ୍ରୀ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି। ଏହି ମାମଲାରେ ପୁଲିସ ପ୍ରଫେସରଙ୍କ ସମେତ ୪ ଜଣ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରିଛି। ମରିବା ପୂର୍ବରୁ ଛାତ୍ରୀ ଏକ ଭିଡିଓରେ ପ୍ରଫେସରଙ୍କ ଉପରେ ଯୌନ ଉତ୍ପୀଡ଼ନ ଓ ୩ ଜଣ ଝିଅ ତାଙ୍କୁ ବାଡ଼େଇ ଥିବାର ଅଭିଯୋଗ ଆଣିଛନ୍ତି। ଛାତ୍ରୀଙ୍କ ପିତା ପ୍ରଫେସର ଅଶୋକ କୁମାର ଓ ଅନ୍ୟ ଛାତ୍ରୀଙ୍କ ବିରୋଧରେ ମାନସିକ ନିର୍ଯାତନାର ଅଭିଯୋଗ ଆଣିଛନ୍ତି। ଗଭୀର ଭାବେ ମାନିସକ ଆଘାତ ପାଇଥିବାରୁ ସେ ଭୟଭୀତ ହୋଇପଡ଼ିଥିଲା ଓ ଚିକିତ୍ସିତ ହେବା ବେଳେ ପ୍ରାଣ ହରାଇଥିଲା ବୋଲି ସେ କହିଛନ୍ତି। ଡିସେମ୍ବର ୨୬ରେ ଲୁଧିଆନାର ଡିଏମ୍‌ସି ହସ୍ପିଟାଲରେ ଚିକିତ୍ସା କରାଯାଉଥିବା ବେଳେ ଛାତ୍ରୀ ମୃତ୍ୟୁବରଣ କରିଥିଲେ। ଅନ୍ୟପଟେ ପ୍ରଫେସର ଏହି ଅଭିଯୋଗକୁ ମିଥ୍ୟା ବୋଲି କହିଛନ୍ତି।

■ ୧୫୦୦ କୋଟିର ଜମି ଦୁର୍ନୀତି

## ଗୁଜରାଟର ପୂର୍ବତନ ଜିଲ୍ଲାପାଳ ଗିରଫ

ସୁରେନ୍ଦ୍ରନଗର, ୨।୧(ଏଜେନ୍ସି): ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଗୁଜରାଟ ସୁରେନ୍ଦ୍ରନଗରର ପୂର୍ବତନ ଜିଲ୍ଲାପାଳ ରାଜେନ୍ଦ୍ର ପଟେଲଙ୍କୁ ଗିରଫ କରିଛି। ୧୫୦୦ କୋଟି ଟଙ୍କାର ଜମି ଦୁର୍ନୀତି ମାମଲାରେ ଶୁକ୍ରବାର ଇଡିର ୩ଟି ଟିମ୍ ଗାନ୍ଧୀନଗରସ୍ଥିତ ରାଜେନ୍ଦ୍ର ପଟେଲଙ୍କ ଘରେ ପହଞ୍ଚି ପଚରାଉଚରା ପରେ ଏହି ପଦକ୍ଷେପ ନେଇଥିଲା। ପୂର୍ବରୁ ଡିସେମ୍ବର ୨୦ ଓ ୨୧ରେ ଇଡି ରାଜେନ୍ଦ୍ରଙ୍କ ସମେତ ତାଙ୍କ ବ୍ୟକ୍ତିଗତ ସହାୟକ ଜୟରାଜସିଂ ଝାଲା, ଡେପୁଟି ତହସିଲଦାର ଚନ୍ଦ୍ରସିନ ମୋରି ଓ କିରାଣୀ ମୟୂରସିଂ ଗୋହିଲଙ୍କ ଘରେ ମଧ୍ୟ ଚଢ଼ଉ କରିଥିଲେ। ଡେପୁଟି ତହସିଲଦାରଙ୍କ ଘରୁ ୬୦ ଲକ୍ଷ ଟଙ୍କା ଜବତ କରାଯାଇଥିଲା। ଏହା ଲାଞ୍ଚ ଟଙ୍କା ଥିବା ମୋରି ସ୍ୱୀକାର କରିଥିଲେ। ମୋରି ୧ କୋଟି ଟଙ୍କା ଲାଞ୍ଚ ଗ୍ରହଣ କରିଥିଲେ। ଏଥିରେ ଜିଲ୍ଲାପାଳ ରାଜେନ୍ଦ୍ର ପଟେଲ ଓ ଅନ୍ୟମାନେ ସାମିଲ ଥିଲେ। ୧୫୦୦କୋଟି ଟଙ୍କା ମୂଲ୍ୟର ୩, ୬୦୦ ବିଘା ଜମି ପାଇଁ ଫାଇଲଗୁଡିକ ତ୍ୱରିତ ଅନୁମୋଦନ ପାଇଁ ମୋରି ଆବେଦନକାରୀଙ୍କଠାରୁ ଲାଞ୍ଚ ନେଇଥିଲେ। ତାଙ୍କ ଘରୁ ୧୦୦ଟି ଫାଇଲ ଜବତ କରାଯାଇଛି। ତାଙ୍କ ଘରେ ୫ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ସମ୍ପତ୍ତି ରହିଛି ବୋଲି ଇଡି କହିଛି।

## ଇନ୍ଦୋର ଦୂଷିତ ପାଣି ମୃତ୍ୟୁସଂଖ୍ୟାକୁ ନେଇ ଘେରିଲେ ବିରୋଧୀ

# ସରକାରୀ ସତ୍ୟପାଠରେ ମିଥ୍ୟା ସୂଚନା



ଇନ୍ଦୋର, ୨।୧(ଏଜେନ୍ସି): ଭାରତର ସବୁଠୁ ସ୍ୱଚ୍ଛ ସହର ମଧ୍ୟପ୍ରଦେଶ ଇନ୍ଦୋରର ଅସ୍ୱଚ୍ଛ ରୂପ ସାରା ଦେଶ ଦେଖୁଛି। ଆଠ ଆଠ ଥର ସ୍ୱଚ୍ଛ ସହର ପୁରସ୍କାର ହାତେଇ ଥିବା ଏହି ସହର ବଦନାମ ହୋଇଯାଇଛି। ବିଷାକ୍ତ ଜଳ ଏଠାରେ ୧୫ ଜଣଙ୍କ ଜୀବନ ନେଲାଣି। ହସ୍ପିଟାଲ ଏବଂ ମୃତକଙ୍କ ପରିବାର ସଦସ୍ୟଙ୍କ ଆଧାରରେ ଜାତୀୟ ଗଣମାଧ୍ୟମ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଦୂଷିତ ପାଣି ପିଇ ୧୬ ଜଣ ଶିଶୁଙ୍କ ସମେତ ୨୭୨ ଜଣ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଏବେ ୩୨ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ୭୧ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଅନ୍ୟପଟେ ଏହି ଅଘଟଣକୁ ନେଇ ସରକାର ହାଇକୋର୍ଟରେ ଦାଖଲ କରିଥିବା ଷ୍ଟାଟସ ରିପୋର୍ଟକୁ ସବୁ ମହଲରେ ସମାଲୋଚନା କରାଯାଉଛି। ଦୂଷିତ ପାଣି ୧୫ ଜଣଙ୍କ ଜୀବନ ନେଇଥିବାବେଳେ ସରକାର ମାତ୍ର ୪ ଜଣ ପ୍ରାଣ ହରାଇଥିବା କହିଛନ୍ତି। ଏହାକୁ ନେଇ ସରକାର ସତ ଲୁଚାଇବାକୁ ପ୍ରୟାସ କରୁଥିବା ବିରୋଧୀ ଅଭିଯୋଗ କରିଛନ୍ତି। ଏପରି କରି ସରକାର

■ ବିଷ ବ୍ୟାପୁଥିବାବେଳେ କୁମ୍ଭକର୍ଣ୍ଣ ନିଦ୍ରାରେ ପ୍ରଶାସନ: ରାହୁଲ
■ ସରକାରଙ୍କ ଅନୁକମ୍ପା ରାଶି ଉପରେ ପ୍ରଶ୍ନ ଉଠାଇଲେ ଉମା ଭାରତୀ
■ ଜୀବନର ମୂଲ୍ୟ ୨ ଲକ୍ଷ ଟଙ୍କା ନୁହେଁ

କ'ଣ ଦର୍ଶାଇବାକୁ ଚାହାନ୍ତି ବୋଲି ପ୍ରଶ୍ନ ଉଠୁଛି। ଖାଲି ସେତିକି ନୁହେଁ, ଏହାକୁ ନେଇ ଆଗତ ଜନସ୍ୱାର୍ଥ ମାମଲାରେ ଗଣମାଧ୍ୟମ ରିପୋର୍ଟ ଉପରେ ରୋକ୍ ଲଗାଇବାକୁ ଦାବି କରାଯାଇଛି। କିନ୍ତୁ, କୋର୍ଟ ଏ ସଂକ୍ରାନ୍ତରେ ମତାମତ ଦେବାକୁ ଉଚିତ ମନେ କରିନାହାନ୍ତି। ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ଏହି ମାମଲାରେ ଧ୍ୟାନ ଦେବା ସହ ମଧ୍ୟପ୍ରଦେଶ ମୁଖ୍ୟ ଶାସନ ସଚିବଙ୍କୁ ଏକ ନୋଟିସ ଜାରି କରିଛନ୍ତି। ଦୁଇ ସପ୍ତାହ ମଧ୍ୟରେ ବିସ୍ତୃତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଏହା ମଧ୍ୟରେ ସରକାର ନଗର ନିଗମ କମିଶନର ଦିଲୀପ ଯାଦବ ଏବଂ ଅତିରିକ୍ତ କମିଶନର ରୋହିତ ସିସୋନିଆଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ସିସୋନିଆଙ୍କୁ ବଦଳି କରିଦିଆଯାଇଛି। ଅନ୍ୟପଟେ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପ୍ରଶାସନର ଏହି ଘଟଣାକୁ ନେଇ ଡବଲ ଇଞ୍ଜିନ ସରକାରଙ୍କୁ ଦାୟୀ କରିଛନ୍ତି। ବିଷ ବ୍ୟାପୁଥିବା ବେଳେ ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ସ୍ୱଚ୍ଛ ପାଣି ଅନୁଗ୍ରହ ନୁହେଁ, ବରଂ ଏହା ଜୀବନର ଅଧିକାର। ଲୋକେ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ଦାୟିତ୍ୱହୀନ ପ୍ରଶାସନ ଶୋଇ ରହିଥିଲା। ଏହି ମାମଲାରେ ନେତା, ଅଧିକାରୀଙ୍କୁ ବିରୋଧରେ କାର୍ଯ୍ୟାନୁଷ୍ଠାନ କେବେ ନିଆଯିବ ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। ଏପରି ସମୟରେ ଦୂଷିତ ପାଣି ପିଇବା ଯୋଗୁଁ ଏହି ଘଟଣା ଘଟିଛି ବୋଲି ମହାତ୍ମା ଗାନ୍ଧୀ ମେମୋରିଆଲ ମେଡିକାଲ କଲେଜର ଏକ ଲ୍ୟାବ ରିପୋର୍ଟ ଦ୍ୱାରା ନିଶ୍ଚିତ ହୋଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ଉମା ଭାରତୀ ମୃତକଙ୍କୁ ସରକାର ଦେଉଥିବା ଅନୁକମ୍ପା ରାଶିକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି ଯେ ଜୀବନର ମୂଲ୍ୟ ୨ ଲକ୍ଷ ଟଙ୍କା ହୋଇ ନ ପାରେ। ଏବେ ପୀଡ଼ିତ ପରିବାର ସାରା ଜୀନବ ଦୁଃଖରେ ରହିବେ। ସେମାନଙ୍କ କ୍ଷମା ମାଗିବାକୁ ହେବ। ଯିଏ ଦାୟୀ ତାଙ୍କୁ ଦଣ୍ଡ ଦେବାକୁ ପଡ଼ିବ।

## ଇରାନରେ ଖାମନେଇଙ୍କ ବିରୋଧରେ ହିଂସ୍ରକ ପ୍ରଦର୍ଶନ; ୭ ମୃତ

ତେହେରାନ, ୨।୧(ଏଜେନ୍ସି): ଇରାନରେ ଏବେ ମୁଦ୍ରାସ୍ଫିତି, ଦରଦାମ ବୃଦ୍ଧି ଓ ସର୍ବୋଚ୍ଚ ନେତା ଆୟାତୁଲ୍ଲା ଅଲି ଖାମନେଇଙ୍କ ବିରୋଧରେ କ୍ରମାଗତ ଷଷ୍ଠଦିନ ପାଇଁ ବିରୋଧ ପ୍ରଦର୍ଶନ ଓ ପ୍ରତିବାଦ ଜାରି ରହିଛି। ଏହି ଆନ୍ଦୋଳନ ଏବେ ଇରାନର ପବିତ୍ର ସହର କୋମକୁ ମଧ୍ୟ ବ୍ୟାପୀ ଯାଇଛି। କୋମ ସିଆ ଧର୍ମଗୁରୁଙ୍କ ଏକ ପ୍ରମୁଖ ଗଡ଼ ତଥା ସହର। ଇରାନ ଇଣ୍ଟରନ୍ୟାସନାଲ ଅନୁସାରେ କଡ଼ା ସୁରକ୍ଷା ବ୍ୟବସ୍ଥା ସତ୍ତ୍ୱେ, ଆନ୍ଦୋଳନକାରୀମାନେ ରାଜତନ୍ତ୍ରକୁ ସମର୍ଥନ କରି ସ୍ଲୋଗାନମାନ ନେଇଥିଲେ। ଫଳରେ ସୁରକ୍ଷାକର୍ମୀଙ୍କ ସହ ସେମାନଙ୍କର ସଂଘର୍ଷ ହୋଇଥିଲା। ଫଳରେ ନୂଆବର୍ଷର ପ୍ରଥମ ଦିନ ଅର୍ଥାତ ଜାନୁଆରୀ ୧ରେ ୫ ଜଣଙ୍କର ମୃତ୍ୟୁ ହୋଇଥିଲା। ଡିସେମ୍ବର ୩୧ରେ ମଧ୍ୟ ଜଣଙ୍କର ମୃତ୍ୟୁ ହୋଇଥିଲା।

ଏପର୍ଯ୍ୟନ୍ତ ଏହି ଆନ୍ଦୋଳନରେ ୬ ଜଣ ସାଧାରଣ ନାଗରିକ ଓ ଜଣେ ସୁରକ୍ଷାକର୍ମୀ ନିହତ ହୋଇଛନ୍ତି। ଏଥିରେ ୩୦ ଜଣଙ୍କୁ ଗିରଫ କରାଯାଇଛି। ଡିସେମ୍ବର ୨୮ରେ ଏହି ବିରୋଧ ପ୍ରଦର୍ଶନ ଆରମ୍ଭ ହୋଇଥିଲା। ପ୍ରଥମେ ଏହା ରାଜଧାନୀ ତେହେରାନ୍‌ରେ ବ୍ୟବସାୟୀମାନଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ବର୍ତ୍ତମାନ ଏଥିରେ ହଜାର ହଜାର ଜେନ ଜେଡ୍ ସାମିଲ ହୋଇଛନ୍ତି। ଫଳରେ ଏହା ଉଗ୍ରରୂପ ଧାରଣ କରିବା ସହ ବ୍ୟାପକରୂପ ନେଇଛି। ସେପଟେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଶୁକ୍ରବାର ଇରାନକୁ ଚେତାବନୀ ଦେଇଛନ୍ତି।

# ଚୀନ୍‌ରେ ତାଇୱାନ ମିଶିବା ନିଶ୍ଚିତ: ଜିନପିଙ୍ଗ୍

■ ବିନା କାରଣରେ ଉତ୍ତେଜନା ବୃଦ୍ଧି ନ କରିବାକୁ ଚେତାବନୀ ଦେଲା ଆମେରିକା

ବେଜିଂ/ତାଇପେ, ୨।୧(ଏଜେନ୍ସି): ଚୀନ ଓ ତାଇୱାନ ମଧ୍ୟରେ ପୁଣିଥରେ ଉତ୍ତେଜନା ବୃଦ୍ଧି ପାଇଛି। ନୂଆବର୍ଷରେ ଭାଷଣ ଦେବା ଅବସରରେ ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗ କହିଛନ୍ତି ଯେ, ତାଇୱାନ ଚୀନ୍‌ର ଅଂଶ ଓ ଉଭୟଙ୍କ ମଧ୍ୟରେ ରକ୍ତର ସମ୍ପର୍କ ରହିଛି। ଚୀନ୍ ଓ ତାଇୱାନର ପୁନଃମିଳନ ହେଉଛି ସମୟର ଆବଶ୍ୟକତା ଓ ଏହାକୁ କେହି ରୋକିପାରିବେ ନାହିଁ। ସେପଟେ ତାଇୱାନ ସରକାର ଏହାକୁ ଅତ୍ୟନ୍ତ ଉତ୍ତେଜନାପୂର୍ଣ୍ଣ ପଦକ୍ଷେପ ଓ ଏହାଦ୍ୱାରା ସମଗ୍ର ଅଞ୍ଚଳରେ ଉତ୍ତେଜନା ବୃଦ୍ଧି ପାଇବ ବୋଲି କହିଛନ୍ତି। ତାଇୱାନକୁ ଆବଶ୍ୟକ ହେଲେ ସାମିରିକ ଶକ୍ତି ବ୍ୟବହାର କରାଯାଇ ମିଶାଯିବ ବୋଲି ଚୀନ ବାରମ୍ବାର କହିଆସୁଛି। ଆମେରିକା ମଧ୍ୟ ଚୀନ୍‌ର ଏଭଳି ଆଭିମୁଖ୍ୟକୁ ସମାଲୋଚନା କରିଛି। ଆମେରିକା ବୈଦେଶିକ ବିଭାଗ ଚେତାବନୀ ଦେଇ କହିଛି ଯେ, ଚୀନର ବକ୍ତବ୍ୟ ଅଯଥାରେ ଉତ୍ତେଜନା ସୃଷ୍ଟି କରୁଛି। ତାଇୱାନ ଓ ଚୀନ୍ ମଧ୍ୟରେ ଥିବା ସମୁଦ୍ର ଅଞ୍ଚଳ ଅର୍ଥାତ ତାଇୱାନ ଚ୍ୟାନେଲ୍‌ରେ ଶାନ୍ତିକୁ ବ୍ୟାହତ କରୁଥିବା ଯେକୌଣସି ପଦକ୍ଷେପକୁ ଆମେରିକା ବିରୋଧ କରୁଛି।

# ବିଜେପି-କଂଗ୍ରେସ କର୍ମୀ ସଂଘର୍ଷ; ଜଣେ ମୃତ

ବେଲ୍ଲାରୀ, ୨।୧(ଏଜେନ୍ସି): କର୍ଣ୍ଣାଟକର ବେଲ୍ଲାରୀ ଜିଲ୍ଲାରେ ଗୁରୁବାର ବିଜେପି ଓ କଂଗ୍ରେସ ସମର୍ଥକ ମୁହାଁମୁହିଁ ହୋଇଥିଲେ ଓ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ହିଂସାତ୍ମକ ସଂଘର୍ଷ ଦେଖିବାକୁ ମିଳିଥିଲା। ଏଥିରେ ଜଣେ ଲୋକ ମୃତ୍ୟୁବରଣ କରିଛନ୍ତି। ଜାନୁଆରୀ ୩ରେ ସହରରେ ବାଲ୍ମିକୀ ପ୍ରତିମା ଅନାବରଣ ଉତ୍ସବ ପୂର୍ବରୁ ପୋଷ୍ଟର ଓ ବ୍ୟାନର ଲଗାଇବା ନେଇ



ବିଜେପି ବିଧାୟକ ଜନାର୍ଦ୍ଦନ ରେଡ୍ଡୀ ଓ କଂଗ୍ରେସ ବିଧାୟକ ଭରତ ରେଡ୍ଡୀଙ୍କ ସମର୍ଥକଙ୍କ ମଧ୍ୟରେ ସଂଘର୍ଷ ଦେଖିବାକୁ ମିଳିଥିଲା। ଆବାମ୍ଭବି ଅଞ୍ଚଳରେ ଜନାର୍ଦ୍ଦନ ରେଡ୍ଡୀଙ୍କ ଘର ସମ୍ମୁଖରେ ଭାରତ ରେଡ୍ଡୀଙ୍କ ସମର୍ଥକମାନେ ଏକ ବ୍ୟାନର ଲଗାଇବାକୁ ଚେଷ୍ଟା କରୁଥିଲେ। କିନ୍ତୁ ଏହାକୁ ଜନାର୍ଦ୍ଦନ ସମର୍ଥକମାନେ ବିରୋଧ କରିଥିଲେ। ଫଳରେ ଦୁଇ ଗୋଷ୍ଠୀ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲ। ଉଭୟ ପକ୍ଷରୁ ପଥର ମାଡ଼ ହୋଇଥିଲା ଓ ପୁଲିସ ଅଧିକାରୀମାନଙ୍କୁ ଆକ୍ରମଣ କରାଯାଇଥିଲା। ଭିଡ଼କୁ ଘଉଡାଇବା ପାଇଁ ଲାଠି ଚାର୍ଜ କରାଯାଇଥିଲା ଓ ଫାଙ୍କା ଗୁଳି ଚାଳନା ମଧ୍ୟ କରାଯାଇଥିଲା। ଶୁକ୍ରବାର ଦିନ ପୁଲିସ ଜନାର୍ଦ୍ଦନ, ପୂର୍ବତନ ମନ୍ତ୍ରୀ ଶ୍ରୀରାମଲୁ, ଶେଖର, ଅଲିଖାନ ଓ ସୋମଶେଖର

### ବାଲ୍ମିକୀଙ୍କ ବ୍ୟାନର ଚିରିବା ଅଭିଯୋଗରେ ବିଜେପି ବିଧାୟକଙ୍କ ନାମରେ ଏତଲା

ରେଡ୍ଡୀଙ୍କ ସମେତ ୧୧ଜଣଙ୍କ ବିରୋଧରେ ବରୁସପେଟ ଥାନାରେ ଏକ ଏଫ୍‌ଆଇଆର ରୁଜୁ କରିଛି। ହିଂସାବେଳେ ଭୁଲରେ ଗୁଳି ଚାଳନା ଯୋଗୁଁ ଜଣେ ଲୋକ ମୃତ୍ୟୁବରଣ କରିଛନ୍ତି ବୋଲି ବେଲ୍ଲାରୀ ଏସ୍‌ପି ରଞ୍ଜିତ କୁମାର ବନ୍ଦାରୁ କହିଛନ୍ତି। ମୃତକଙ୍କୁ ହସ୍ପିଟାଲ ନିଆଯାଇଛି ଓ ଶବବ୍ୟବଚ୍ଛେଦ ସମାପ୍ତ ହୋଇଛି।

### ଉମର ଖାଲିଦଙ୍କ ନାମରେ ନ୍ୟୁୟର୍କ ମେୟରଙ୍କ ଚିଠି

# ତୁମ ପାଇଁ ଆମେ ଚିନ୍ତିତ

ୱାସିଂଟନ, ୨।୧ (ଏଜେନ୍ସି): ତିହାର ଜେଲ୍‌ରେ ବନ୍ଦୀ ଉମର ଖାଲିଦଙ୍କୁ ଆମେରିକା ନ୍ୟୁୟର୍କ ସହରର ମେୟର ଜୋହର ମମଦାନୀ ସମର୍ଥନ କରିଛନ୍ତି। ସେ ଖାଲିଦଙ୍କ ପାଇଁ ଏକ ଚିଠି ଲେଖିଛନ୍ତି। ଜେଏନୟୁର ଏହି ପୂର୍ବତନ ଛାତ୍ର ନେତାଙ୍କ ବିରୋଧରେ ୟୁଏପିଏନ ଆଇନର ଧାରା ଅଧିନରେ ମାମଲା ଚାଲିଛି। ନ୍ୟୁୟର୍କ ମେୟର ଭାବେ ଶପଥ ନେବା ପରେ ମମଦାନୀଙ୍କ ଏହି ଚିଠି ସାମ୍ନାକୁ ଆସିଛି। ଏଥିରେ ସେ ଉମରଙ୍କୁ ସମର୍ଥନ ଜଣାଇଛନ୍ତି। ମମଦାନୀ ତାଙ୍କ ପ୍ରତି ଚିନ୍ତା ପ୍ରକଟ କରିଛନ୍ତି। ନ୍ୟୁୟର୍କ ମେୟର ଲେଖିଛନ୍ତି ଯେ 'ଉମର, ତୁମ କଥାକୁ ସବୁବେଳେ ମନେ ପକାଉଛି। ତୁମେ ପୁରୁଣା ତିକ୍ତ ଅନୁଭୂତିକୁ ନେଇ ଚିନ୍ତିତ ନ ହେବାକୁ କହିଥିଲ। ତୁମ ମାତାପିତାଙ୍କୁ ଭେଟି ଖୁସି ଲାଗିଲା। ଆମକୁ ତୁମ ଚିନ୍ତା ଘାରୁଛି।' ଗତ ଡିସେମ୍ବରରେ ଆମେରିକା ଗସ୍ତରେ ଯାଇଥିବା ଉମରଙ୍କ ମାତାପିତାଙ୍କୁ ମମଦାନୀଙ୍କ ଏହି ଚିଠି ଦିଆଯାଇଥିଲା। ଏବେ ଖାଲିଦଙ୍କ ସହଯୋଗୀ ବନୋଜ୍ୟୋତ୍ସ୍ନା ଲାହିଡି ଏହାକୁ ସାମାଜିକ ଗଣମାଧ୍ୟମରେ ସେୟାର କରିଛନ୍ତି।

### ମମ୍‌ଦାନୀଙ୍କୁ ଆମେରିକାର ୮ ସାଂସଦଙ୍କ ସମର୍ଥନ



ମମଦାନୀଙ୍କ ପରେ ଆମେରିକାର ୮ ସାଂସଦ ଖାଲିଦଙ୍କ ସମର୍ଥନରେ ଆସିଛନ୍ତି। ଅନ୍ତର୍ଜାତୀୟ ଆଇନ ଅନୁଯାୟୀ ଖାଲିଦଙ୍କ ମାମଲାର ଶୁଣାଣି କରିବାକୁ ସେମାନେ ଭାରତ ସରକାରଙ୍କ ନିକଟରେ ଦାବି କରିଛନ୍ତି। ଏଥିପାଇଁ ଭାରତ ସରକାରଙ୍କୁ ସେମାନେ ଏକ ଚିଠି ଲେଖିଛନ୍ତି। ହାଉସ ରୁଲ୍ସ କମିଟିର ର୍‍ୟାଙ୍କିଂ ସଦସ୍ୟ ତଥା ଟମ୍ ଲେଟୋନ୍ସ ହ୍ୟୁମାନ ରାଇଟ୍ସ କମିଟିର ଅଧ୍ୟକ୍ଷ ଡେମୋକ୍ରାଟ ଜିମ ମ୍ୟାକଗର୍ଭନ କହିଛନ୍ତି ଯେ ସେ ଡିସେମ୍ବର ପ୍ରାରମ୍ଭରେ ଖାଲିଦଙ୍କ ମାତାପିତାଙ୍କୁ ଭେଟିଥିଲେ। ଖାଲିଦ ବିନା ମାମଲାରେ ୫ ବର୍ଷ ହେଲା ଭାରତୀୟ ଜେଲ୍‌ରେ ବନ୍ଦୀ ଅଛନ୍ତି। ତାଙ୍କୁ ଜାମିନ ଦେବାକୁ ଏହି ଡେମୋକ୍ରାଟ ସଦସ୍ୟ ଦାବି କରିଛନ୍ତି। ସୂଚନା ଅନୁଯାୟୀ ଗତ ଡିସେମ୍ବରରେ ଖାଲିଦଙ୍କ ମାତାପିତା ଆମେରିକା ଗସ୍ତରେ ଯାଇଥିଲେ। ସେ ମମଦାନୀଙ୍କ ସହ ଅନେକ ସମୟ ଅତିବାହିତ କରି ଜେଲ୍ ସ୍ଥିତି ଉପରେ ଆଲୋଚନା କରିଥିବା ଲାହିଡି କହିଛନ୍ତି। ଅନ୍ୟପକ୍ଷରେ ଉମରଙ୍କ ସପକ୍ଷରେ ବାହାରି ଥିବା ଆମେରିକା ସାଂସଦଙ୍କ ମଧ୍ୟରେ ଜାନିସ ସାଚକୋସକି ସାମିଲ ଅଛନ୍ତି। ତାଙ୍କୁ ନେଇ ବିଜେପି ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ନିଶାଣ କରିଛି। କାରଣ ୨୦୨୪ର ଆମେରିକା ଗସ୍ତ ସମୟରେ ରାହୁଲ ଜାନିସଙ୍କୁ ଭେଟିଥିଲେ।

## ଆତଙ୍କବାଦକୁ ନେଇ ଜୟଶଙ୍କରଙ୍କ ଚେତାବନୀ

# ଖରାପ ପଡ଼ୋଶୀଠାରୁ ନିଜର ସୁରକ୍ଷା ଭାରତର ଅଧିକାର



ନୂଆଦିଲ୍ଲୀ, ୨।୧(ଏଜେନ୍ସି): ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଆତଙ୍କବାଦ ନେଇ ଭାରତର କଡ଼ା ଅଭିମୁଖ୍ୟକୁ ଦୋହରାଇଛନ୍ତି। ଭାରତକୁ ଆତଙ୍କବାଦଠାରୁ ନିଜର ନାଗରିକଙ୍କୁ ରକ୍ଷା କରିବା ଓ ସୁରକ୍ଷା ଦେବାର ଅଧିକାର ରହିଛି ଏବଂ ପଡୋଶୀଙ୍କ ପକ୍ଷରୁ ଜାରି ସୁରକ୍ଷା ଚ୍ୟାଲେଞ୍ଜ ମଧ୍ୟରେ ଏହି ଅଧିକାରକୁ କିପରି ବ୍ୟବହାର କରାଯିବ ସେ ନିଷ୍ପତ୍ତି ଭାରତ ନେବ ବୋଲି ସେ ଦୃଢୋକ୍ତି ପ୍ରକାଶ କରି କହିଛନ୍ତି। ତାମିଲନାଡୁ ଆଇଆଇଟି ମାଡ୍ରାସ୍‌ରେ ଭାଷଣ ଦେବାବେଳେ ସେ ଏହି କଥା କହିଛନ୍ତି। ସାଧାରଣତଃ ପଡୋଶୀ ଦେଶମାନେ ଭଲ ହୋଇଥାନ୍ତି। କିନ୍ତୁ ଭାରତ କ୍ଷେତ୍ର ଏହା ଓଲଟା। ଦୁର୍ଭାଗ୍ୟବଶତଃ ଆମର ପଡୋଶୀ ଦେଶମାନେ ଖରାପ ବୋଲି ସେ କହିଛନ୍ତି। ଯଦି କୌଣସି ଦେଶ ଜାଣିଶୁଣି କ୍ରମାଗତ ଭାବେ ବିନା କୌଣସି ଅନୁଶୋଚନାରେ ଆତଙ୍କବାଦକୁ ପ୍ରୋତ୍ସାହନ ଦିଏ, ତେବେ ଭାରତ ତା'ର ନାଗରିକଙ୍କୁ ସୁରକ୍ଷା ଦେବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାର ଯଥାର୍ଥ ଅଧିକାର ରହିଛି। ଏହି ଅଧିକାରକୁ ଆମେ କିପରି ବ୍ୟବହାର କରିବୁ ତାହା ଆମ ଉପରେ ନିର୍ଭର କରେ। ଆମକୁ କ'ଣ କରିବାକୁ ହେବ ତାହା କେହି କହିପାରିବ ନାହିଁ। ଆତଙ୍କବାଦ ଭଲ ପଡୋଶୀ ସମ୍ପର୍କକୁ ନଷ୍ଟ କରିଥାଏ। ଭାରତର ପ୍ରାଚୀନ ସଭ୍ୟତା ହିଁ ଗଣତନ୍ତ୍ରକୁ ସଚେତନ ଭାବେ ଗ୍ରହଣ କରିବାରେ ସହାୟକ ହୋଇଛି ଓ ଏହା ବିଶ୍ୱ ସମ୍ମୁଖରେ ଭାରତର ଚିନ୍ତାଧାରା, ସଂସ୍କୃତି ଓ ମୂଲ୍ୟବୋଧକୁ ଉପସ୍ଥାପନ କରିବାରେ ଦାୟିତ୍ୱ ବହନ କରେ। ଭାରତର ବୈଦେଶିକ ନୀତି ପାଶ୍ଚାତ୍ୟ ଦେଶଗୁଡିକ ସହ ସହଭାଗିତାକୁ ଗୁରୁତ୍ୱ ଦେଇଥାଏ। ଭାରତ 'ବସୁଧୈବ କୁଟୁମ୍ବକମ'ର ଦର୍ଶନ ସହିତ ଆଗକୁ ବଢ଼ିବ ବୋଲି ସେ କହିଛନ୍ତି।

# ମଣିପୁର-ମିଜୋରାମରୁ ଇସ୍ରାଏଲ ଫେରିବେ ୫, ୮୦୦ ବନେଇ ମେନାଶ

ନୂଆଦିଲ୍ଲୀ, ୨।୧(ଏଜେନ୍ସି): ଉତ୍ତରପୂର୍ବ ରାଜ୍ୟ ମଣିପୁର ଓ ମିଜୋରାମ୍‌ରେ ବସତି ସ୍ଥାପନ କରିଥିବା ବନେଇ ମେନାଶ ସମ୍ପ୍ରଦାୟର ପ୍ରାୟ ୫, ୮୦୦ ଇହୁଦିଙ୍କୁ ଇସ୍ରାଏଲକୁ ଫେରିଯିବା ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏ ନେଇ ଇସ୍ରାଏଲ କ୍ୟାବିନେଟ୍ ୨୫୦ କୋଟି ଟଙ୍କାର ଯୋଜନାକୁ ମଞ୍ଜୁରୀ ପ୍ରଦାନ କରିବା ପରେ ପର୍ଯ୍ୟାୟକ୍ରମେ ଏମାନେଙ୍କୁ ଇସ୍ରାଏଲ ସ୍ଥାନାନ୍ତର କରାଯିବ। ୨୦୨୬ ସୁଦ୍ଧା ୧, ୨୦୦ ସଦସ୍ୟଙ୍କୁ ଇସ୍ରାଏଲ ପଠାଯିବ। ୨୦୩୦ ସୁଦ୍ଧା ଏମାନଙ୍କର ସମ୍ପୂର୍ଣ୍ଣ ଗୃହ ପ୍ରତ୍ୟାବର୍ତ୍ତନ ସମାପ୍ତ ହେବ। ଭାରତର ଉତ୍ତରପୂର୍ବ ପାର୍ବତ୍ୟାଞ୍ଚଳରେ ଏହି ସମ୍ପ୍ରଦାୟର ଲୋକଙ୍କୁ ରହିବାକୁ ଦିଆଯାଇଥିଲା। ଖ୍ରୀଷ୍ଟିଆନଙ୍କ ପବିତ୍ର ଧର୍ମଗ୍ରନ୍ଥ ବାଇବେଲରେ ଉଲ୍ଲେଖଥିବା ୧୦ଟି ଜନଜାତି ମଧ୍ୟରୁ ଏହି ସମ୍ପ୍ରଦାୟ ଗୋଟିଏ ମେନାଶ ବଂଶଧର ବୋଲି ବିବେଚନା କରନ୍ତି। ୨୭୦୦ ବର୍ଷ ପୂର୍ବେ ଆସିରିଆନ ନିର୍ବାସନ ପରେ ସେମାନେ ପୂର୍ବଆଡୁକ ଚାଲିଯାଇଥିଲେ ଓ ଶେଷରେ ଭାରତରେ ହିଁ ବସତି ସ୍ଥାପନ କରିଥିଲେ। ଇସ୍ରାଏଲ ସରକାରଙ୍କ ଦ୍ୱାର ଏକ ନୂତନ ଯୋଜନା ମାଧ୍ୟମରେ ସେମାନଙ୍କ ଘର ଫେରିବା କର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି।

## ଭିଜିଲାନ୍ସ ଜାଲରେ ଫରେଷ୍ଟର୍

ଭବାନୀପାଟଣା, ୨।୧(ସମିସ): ୫୫ ଲକ୍ଷ ସରକାରୀ ଅର୍ଥ ଆତ୍ମସାତ୍ ଅଭିଯୋଗରେ କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନଖଣ୍ଡ ଅନ୍ତର୍ଗତ ଥୁଆମୂଳ ରାମପୁର ରେଞ୍ଜର ପୂର୍ବତନ

**୫୫ଲକ୍ଷ ସରକାରୀ ଅର୍ଥ ଆତ୍ମସାତ୍ ଅଭିଯୋଗ**



ଫରେଷ୍ଟର୍ ଜୟ କୁମାର ଯୁଆଡ଼ଙ୍କୁ ଭିଜିଲାନ୍ସ ଗିରଫ କରିଛି। ୨୦୨୪-୨୫ ବର୍ଷରେ କାମ୍ପା ଏବଂ ସିଏ/ସିପିଏ ଯୋଜନାରେ ଆସିଥିବା ମୋଟ ୫୫,୦୪,୬୦୭ ସରକାରୀ ଅନୁଦାନ ସେ ହଡ଼ପ କରିଥିବା ଅଭିଯୋଗ ହୋଇଥିଲା। ଥୁଆମୂଳ ରେଞ୍ଜର ପୋଖରୀଗୁଡ଼ା ନଣ୍ଡା ପାହାଡ଼ରେ ୫୦ ହେକ୍ଟର, ଉପରଝାପିରେ ୫୦ ହେକ୍ଟର୍ ଏବଂ କୁମଜୋରରେ ୩୦ହେକ୍ଟର୍ ଜମିରେ ବୃକ୍ଷରୋପଣ ସ୍ଥଳରେ ମୃତ୍ତିକା ଏବଂ ଆର୍ଦ୍ରତା ସଂରକ୍ଷଣ କାର୍ଯ୍ୟରେ ମିଥ୍ୟା ମଷ୍ଟର୍‌ରୋଲ୍ ପ୍ରସ୍ତୁତ କରି ସେ ସରକାରୀ ପାଣ୍ଠିର ଅପବ୍ୟବହାର କରିଛନ୍ତି। ବର୍ତ୍ତମାନ ଶ୍ରୀ ଯୁଆଡ଼ ବିଶ୍ୱନାଥପୁର ରେଞ୍ଜର ମୂଷାନାଳ ସେକ୍ସନ୍ ହାତୀସ୍କ୍ୱାଡ୍ ଦାୟିତ୍ୱରେ ଅଛନ୍ତି। ଆଜି ଭିଜିଲାନ୍ସର ଏକ ଟିମ୍ ତାଙ୍କୁ ତାଙ୍କ କାର୍ଯ୍ୟାଳୟରୁ ଉଠାଇ ଆଣିଥିଲା। ଏନେଇ ଭିଜିଲାନ୍ସ ଅଧିକ ତଦନ୍ତ ଜାରି ରଖିଛି।

**ଭିଜିଲାନ୍ସ ବିଭାଗର ପ୍ରଦର୍ଶନକୁ ଉଚ୍ଚ ପ୍ରଶଂସା**

## ଓଡ଼ିଶା ସମ୍ପୂର୍ଣ୍ଣ ଦୁର୍ନୀତିମୁକ୍ତ ହେବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨।୧(ସମିସ): ଭିଜିଲାନ୍ସ ବିଭାଗ ୨୦୨୫ ମସିହାରେ ୧୭୩ଟି ଆୟବହିର୍ଭୂତ ସମ୍ପତ୍ତି ମାମଲା ସହ ମୋଟ ୪୮୮ଟି କେସ୍‌ର ଫଇସାଲା କରି ରେକଡ଼ର୍ ସୃଷ୍ଟି କରିଛି। ଏହା ସହ ୨୦୨୫ ଏପ୍ରିଲ ପହିଲାରୁ ଡିସେମ୍ବର ୩୧ ମଧ୍ୟରେ ରାଜ୍ୟ ସରକାର ଭିଜିଲାନ୍ସକୁ ରେକଡର୍ ସଂଖ୍ୟକ ୧୨୫ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଆଜି ଲୋକସେବା ଭବନରେ ଭିଜିଲାନ୍ସ ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ତଦନ୍ତ, ଅନୁସନ୍ଧାନ ଓ ମାମଲାର ଫଇସାଲା ସଂକ୍ରାନ୍ତ ବିସ୍ତୃତ ତଥ୍ୟ ପ୍ରଦାନ କରିଛନ୍ତି ଭିଜିଲାନ୍ସ ନିର୍ଦ୍ଦେଶକ ୱାଇ. ବି.ଜେଠୱା। ରାଜ୍ୟରେ ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତିକୁ ପାଥେୟ କରି ଭିଜିଲାନସ ଏକାଡେମୀ ଏହାର ପ୍ରଶିକ୍ଷଣ ପ୍ରକ୍ରିୟାରେ ବ୍ୟାପକ ଉନ୍ନତି ଆଣିଛି। ଭିତ୍ତିଭୂମିର ଉନ୍ନତି ଓ ଗୁଣାତ୍ମକ ପ୍ରଶିକ୍ଷଣ ପାଇଁ ରାଜ୍ୟ ଭିଜିଲାନ୍ସ ଏକାଡେମୀକୁ ମିଳିଥିବା ଆଇଏସ୍‌ଓ ୯୦୦୧:୨୦୧୫



ସାର୍ଟିଫିକେଟ୍‌କୁ ଶ୍ରୀ ଜେଠୱା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ପ୍ରଦର୍ଶନ କରିଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଭିଜିଲାନ୍ସ ଏକାଡେମୀ ଓ ରାଜ୍ୟ ଭିଜିଲାନ୍ସ ବିଭାଗର ଉଚ୍ଚ ପ୍ରଶଂସା କରିଛନ୍ତି।

ସୂଚନା ଅନୁସାରେ ୨୦୨୫ ବର୍ଷରେ ସମୁଦାୟ ୪୮୭ଟି ସ୍ଥାନରେ ଭିଜିଲାନସ ଚଢ଼ାଉ କରି ଆୟବହିର୍ଭୂତ ସମ୍ପତ୍ତି, ଲାଞ୍ଚ କାରବାର ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ସରକାରୀ କର୍ମଚାରୀଙ୍କର ୧୧୯୯ଟି ଦୁର୍ନୀତିଗ୍ରସ୍ତ ବ୍ୟାଙ୍କ ଆକାଉଣ୍ଟକୁ ବନ୍ଦ କରିଦିଆଯାଇଛି। ୧୫୩ଟି ବିଲଡିଙ୍ଗ, ୧୮.୩ କିଲୋଗ୍ରାମର ସୁନା, ୪୧୭ଟି ପ୍ଲଟ, ୧୨ଟି ଫାର୍ମ ହାଉସ ଜବତ କରାଯାଇଛି। ଏଥିସହିତ ୩୬.୬୯ କୋଟି ଟଙ୍କା ଜମାରାଶି ଏବଂ ୮.୮ କୋଟି ନଗଦ ଟଙ୍କା ମଧ୍ୟ ଜବତ କରାଯାଇଛି। ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବର୍ତ୍ତମାନ ଓଡିଶାକୁ ସମ୍ପୂର୍ଣ୍ଣ ଦୁର୍ନୀତି ମୁକ୍ତ କରିବା ପାଇଁ ସମୟ ଆସିଯାଇଛି। ତେଣୁ ଭିଜିଲାନ୍ସ ବିଭାଗ ତାର ଅଭିଯାନ ଜାରି ରଖୁ ବୋଲି ସେ ପରାମର୍ଶ ଦେଇଛନ୍ତି। ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଏସିଏସ୍ ସୁରେନ୍ଦ୍ର କୁମାର, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଅତିରିକ୍ତ ନିର୍ଦ୍ଦେଶକ ଭିଜିଲାନସ୍ ଅସିତ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ଦାୟିତ୍ୱ ଗ୍ରହଣ କଲେ ଦେଓରଞ୍ଜନ, ହେମନ୍ତ, ଶୁଭା

ଭୁବନେଶ୍ୱର,୨।୧(ସମିସ): ରାଜ୍ୟର ନୂଆ ଉନ୍ନୟନ କମିଶନର ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି ବରିଷ୍ଠ ଆଇଏଏସ୍ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଂଜନ କୁମାର ସିଂ। ସେହିପରି ଗୃହ ସଚିବ ଭାବେ ବରିଷ୍ଠ ଆଇଏଏସ ହେମନ୍ତ ଶର୍ମା ମଧ୍ୟ ଦାୟିତ୍ୱ ଗ୍ରହଣ କରିଛନ୍ତି। ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣକୁ ଆଣିବା ଏବଂ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ତାଙ୍କ ପାଇଁ ପ୍ରାଥମିକତା ବୋଲି ଦାୟିତ୍ୱଗ୍ରହଣ ଅବସରରେ ଶ୍ରୀ ଶର୍ମା ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ରାଜ୍ୟରେ ପ୍ରତ୍ୟେକ ଜନ ସାଧାରଣ କେମିତି ନିରାପଦ ଏବଂ ସୁରକ୍ଷିତ ମନେ କରିବେ, ତାହା ତାଙ୍କର ପ୍ରାଥମିକତା ହେବ ବୋଲି ସେ କହିଛନ୍ତି। ଓଡ଼ିଶା ଏକ ଶାନ୍ତି ପ୍ରିୟ ରାଜ୍ୟ। ଥାନା ଏବଂ ଫାଣ୍ଡିରେ ଭିତ୍ତିଭୂମି ଉନ୍ନତି, ଖାଲିଥିବା ପଦବୀ ପୂରଣ ସହ ପୁଲିସକୁ ତୃଣମୂଳ ସ୍ତରରେ କିପରି ଅଧିକ ମଜଭୂତ କରାଯିବ ସେନେଇ ସେ ପ୍ରୟାସ କରିବେ ବୋଲି କହିଛନ୍ତି। ଅନୁରୂପ ଭାବରେ ମହିଳା ଏବଂ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ମଧ୍ୟ ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ସକାଳେ ପ୍ରମୁଖ ଶ୍ରୀମତୀ ଶର୍ମା ଜଳ ସମ୍ପଦ ବିଭାଗ କାର୍ଯ୍ୟାଳୟରେ ପହଞ୍ଚିବା ପରେ ବରିଷ୍ଠ ଅଧିକାରୀମାନେ ତାଙ୍କୁ ସ୍ୱାଗତ କରିଥିଲେ। ଶ୍ରୀମତୀ ଶର୍ମା ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ବୁଝି ସମସ୍ତଙ୍କୁ ବିଭାଗୀୟ ବ୍ୟବସ୍ଥାର ସୁପରିଚାଳନା ନିମନ୍ତେ ପରାମର୍ଶ ଦେଇଥିଲେ। ଅଧିକାରୀମାନଙ୍କୁ ଜାନୁଆରୀ ମାସରେ କ୍ଷେତ୍ର ପରିଦର୍ଶନ ପାଇଁ ଯୋଜନା କରିବାକୁ ଶ୍ରୀମତୀ ଶର୍ମା କହିଛନ୍ତି। ବିଭିନ୍ନ ଯୋଜନାର ସୂକ୍ଷ୍ମସ୍ତରୀୟ ଅନୁଧ୍ୟାନ ଓ ପର୍ଯ୍ୟବେକ୍ଷଣ ସହ ଚଳିତ ଜାନୁଆରୀ ମାସରେ ବିଭାଗ ସଂଯୋଜନାରେ ରାଜ୍ୟ, ଜିଲ୍ଲା ଓ ଡିଭିଜନ ସ୍ତରରେ ପାଳନ ହେବାକୁ ଥିବା ପାଣି ପଞ୍ଚାୟତ ପକ୍ଷ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମର ସଫଳ ଆୟୋଜନ ଉପରେ ସେ ଗୁରୁତ୍ୱ ଦେଇଛନ୍ତି।

**ସାମ୍ବାଦିକ ସମ୍ମିଳନୀରେ ବର୍ଷିଲା କଂଗ୍ରେସ**

## ଉତ୍ତରପ୍ରଦେଶ ପରି ଓଡ଼ିଶାରେ ଅରାଜକତା

ଭୁବନେଶ୍ୱର,୨।୧(ସମିସ): ଯାଜପୁର ଜିଲ୍ଲା ବଡ଼ଚଣା ଅନ୍ତର୍ଗତ ପ୍ରସିଦ୍ଧ ବୌଦ୍ଧ ପର୍ଯ୍ୟଟନସ୍ଥଳୀ ଉଦୟଗିରି ଠାରେ ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀ ହେବ। ଏଥିପାଇଁ ମଝିପଡ଼ା ପାହାଡ ଅଞ୍ଚଳରେ

**ବୌଦ୍ଧ ସମ୍ମିଳନୀ ପାଇଁ ନୂଆବର୍ଷରେ ଘର ଭାଙ୍ଗିଲା ପ୍ରଶାସନ**

**ବଡ଼ଚଣା ମଝିପଡ଼ା ପାହାଡ଼ର ଆଦିବାସୀ ଏବେ ବାସହରା**

ଅସ୍ଥାୟୀ ଶିବିର ତିଆରି କରିବାପାଇଁ ସେଠାରେ ବସବାସ କରୁଥିବା ଆଦିବାସୀ ସମ୍ପ୍ରଦାୟଙ୍କ ଘର ବୁଲଡୋଜର ମାଧ୍ୟମରେ ଭାଙ୍ଗିଦିଆଯାଇଥିବା ଅଭିଯୋଗ ହୋଇଛି। ଏହାକୁ ଆଧାର କରି ଶୁକ୍ରବାର ରାଜ୍ୟ କଂଗ୍ରେସ ଓଡ଼ିଶା ସରକାରଙ୍କ ଆଦିବାସୀ ମାରଣ ନୀତିକୁ କଠୋର ସମାଲୋଚନା କରିବା ସହ ଯାହା ୟୁପିରେ ଘଟୁଥିଲା ତାହା ଏବେ ଓଡ଼ିଶାରେ ଘଟିଲାଣି ବୋଲି




ଅଭିଯୋଗ କରିଛି।

କଂଗ୍ରେସ ଭବନାରେ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ସାଂସଦ ଓ ପିସିସି ଆଦିବାସୀ ସେଲର ଅଧ୍ୟକ୍ଷ ଯଶୋବନ୍ତ ସିଂ ଲାଗୁରି କହିଛନ୍ତି ଯେ ଗତ କିଛି ମାସ ହେଲାଣି ବିଜେପି ସରକାର ଆସିବାପରେ ଆଦିବାସୀଙ୍କ ଜମି ଉପରେ ଲୋଲୁପଦୃଷ୍ଟି ପକାଇଛନ୍ତି। ମଝିପଡ଼ା ଗ୍ରାମାଞ୍ଚଳରେ ପ୍ରଶାସନ ଆଦିବାସୀଙ୍କ ଘରଭଙ୍ଗା ସହିତ ଗଛକାଟିଛନ୍ତି। ଯଦି ସମ୍ମିଳନୀର ଅସ୍ଥାୟୀ ଶିବିର ପାଇଁ ଜମି ଦରକାର ଥିଲା ଅନ୍ୟ ସ୍ଥାନରେ ମଧ୍ୟ ସରକାରୀ ଜମି ନିଆଯାଇପାରିଥାନ୍ତା; କିନ୍ତୁ ଆଦିବାସୀ ବିରୋଧୀ ସରକାର ଆଦିବାସୀଙ୍କ ଘର ଭାଙ୍ଗି ଗଛ କାଟି ଶିବିର ସ୍ଥାପନ କରିବା କେତେ ନ୍ୟାୟ ସଂଗତ ବୋଲି ସେ ପ୍ରଶ୍ନ କରିଛନ୍ତି। ନୂଆବର୍ଷ ଦିନ ସେମାନଙ୍କ ଘର ଭାଙ୍ଗିଦିଆଗଲା। ଏଥିପାଇଁ ସରକାରଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ସେ କହିଛନ୍ତି।

କଂଗ୍ରେସ ନେତା ସୁଧାଂଶୁ ଶେଖର ଦେଓ କହିଛନ୍ତି ଯେ ଓଡ଼ିଶା ଜଗନ୍ନାଥଙ୍କ ଦେଶ। ଶବର ଜନଜାତି ହେଉଛନ୍ତି ଜଗନ୍ନାଥଙ୍କ ନିଜ ଲୋକ। ଓଡ଼ିଶା ଅସ୍ମିତାର ଦ୍ୱାହି ଦେଉଥିବା ବିଜେପି ସରକାର ନୂଆବର୍ଷ ଦିନ ଆଦିବାସୀ ଶବରଙ୍କ ଘର ଭାଙ୍ଗିଦେଲା। ଯାଜପୁର ଜିଲ୍ଲାପାଳ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରୁ ନାହାନ୍ତି। ଆଦିବାସୀଙ୍କ ଥଇଥାନ ବିଷୟରେ ମଧ୍ୟ ପାଟି ଖୋଲିପାରୁ ନାହାନ୍ତି। ଅସ୍ଥାୟୀ ଶିବିର ସ୍ଥାପନ ପାଇଁ ବିଜେପି ଗୁଣ୍ଡାଗିରି କରୁଛି। ବିଜେପିର ଗୁଣ୍ଡାମାନେ ଘର ଭାଙ୍ଗୁଛନ୍ତି। ଉତ୍ତର ପ୍ରଦେଶରେ ଯାହା ଘଟୁଛି ତାହା ଏବେ ଓଡ଼ିଶାରେ ଘଟିଲାଣି ବୋଲି ଶ୍ରୀ ଦେଓ କହିଛନ୍ତି। ଓଡ଼ିଶାରେ ମଧ୍ୟ ବୁଲଡୋଜର ଶାସନ ଆରମ୍ଭ ହୋଇଛି। ଆଦିବାସୀ ରାଷ୍ଟ୍ରପତି ଓ ମୁଖ୍ୟମନ୍ତ୍ରୀଙ୍କୁ କେବଳ ଲୋକଦେଖାଣିଆ ଭାବରେ ପ୍ରତୀକ ହିସାବରେ ସ୍ଥାପନ କରାଯାଇଛି ଏବଂ ଆଦିବାସୀ ଉତ୍ପୀଡ଼ନ ଚାଲିଛି କହି ସରକାରଙ୍କ ଉପରେ ବର୍ଷିଛନ୍ତି।

## ଶଶୁରଙ୍କ ଶବ ସତ୍କାର ବେଳେ ଟଳିପଡ଼ିଲେ ଜ୍ୱାଇଁ

ଖଲ୍ଲିକୋଟ,୨।୧(ସମିସ): ଶ୍ମଶାନରେ ଶଶୁରଙ୍କ ଶବ ସତ୍କାର କରୁଥିବା ବେଳେ ଟଳିପଡ଼ିଲେ ଜ୍ୱାଇଁ। ଏଭଳି ଦୁଃଖଦ ଘଟଣା ଖଲ୍ଲିକୋଟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ମୃତକ ହେଲେ, ଖଲ୍ଲିକୋଟ ଧରାକୋଟ ସାହିର ଜଗନ୍ନାଥ ବେହେରା। ସୂଚନା ଅନୁଯାୟୀ, ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ବିକ୍ରମପୁର ଗ୍ରାମର ସୁବାସ ପାହାନଙ୍କ ଗୁରୁବାର ସକାଳୁ ମୃତ୍ୟୁ ଘଟିଥିଲା। ଶଶୁରଙ୍କ ପରଲୋକ ଖବର ପାଇ ଜ୍ୱାଇଁ ଖଲ୍ଲିକୋଟ ଧରାକୋଟ ସାହିର ଜଗନ୍ନାଥ ବେହେରା ଶଶୁର ଘରେ ପହଞ୍ଚିଥିଲେ। ସାହି ପଡ଼ିଶା ଓ ସମ୍ପର୍କୀୟମାନେ ଅନ୍ତିମ ସଂସ୍କାର ପାଇଁ ସୁବାସଙ୍କ ମରଶରୀରକୁ ଅପରାହ୍ଣରେ ଗାଁ ଶ୍ମଶାନକୁ ନେଇଥିଲେ। ସାଥିରେ ଜଗନ୍ନାଥ ବି ଯାଇଥିଲେ। ଶ୍ମଶାନରେ ଶଶୁରଙ୍କ ଶବ ସତ୍କାର ଚାଲିଥିବା ବେଳେ ହଠାତ ଜଗନ୍ନାଥ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ ଓ ସେହିଠାରେ ହିଁ ଟଳି ପଡ଼ିଥିଲେ। ସମ୍ପର୍କୀୟମାନେ ତୁରନ୍ତ ତାଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଶୁକ୍ରବାର ସକାଳୁ ମେଡିକାଲରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଏନେଇ ଖଲ୍ଲିକୋଟ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧/୨୦୨୬) ରୁଜୁ ହୋଇଛି।

## ବାଘ ଛାଲ, ସମ୍ବର ଶିଙ୍ଗ ଜବତ; ୬ ଗିରଫ

ନୂଆପଡା/ଖଡ଼ିଆଳ,୨।୧(ସମିସ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବନ ବିଭାଗ ଗୋଟିଏ କଲରାପତରିଆ ବାଘଛାଲ ଓ ଦୁଇଟି ସମ୍ବର ଶିଙ୍ଗ ଜବତ କରିବା ସହ ୬ ଶିକାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନାନୁଯାୟୀ, ଗୁରୁବାର ନୂଆପଡ଼ା ରେଞ୍ଜ ଅଞ୍ଚଳର ପାତାଳଘୁଟକୁରି ଗ୍ରାମର ମହେଶ ସାହୁ (୬୨) ଓ ତାଙ୍କ ପୁଅ ଗଜାନନ ସାହୁ (୨୬) କଲରାପତରିଆ



ବାଘ ଛାଲ ରଖିଥିବା ଅଭିଯୋଗରେ ଗିରଫ ହୋଇ କୋର୍ଟ ଚାଲାଣ ହୋଇଛନ୍ତି। ଅନ୍ୟ ଏକ ଘଟଣାରେ ଶୁକ୍ରବାର ଖଡ଼ିଆଳ ରେଞ୍ଜ ଅନ୍ତର୍ଗତ ବୋଡେନ ସେକ୍ସନର ଚାରିଜଣ ବ୍ୟକ୍ତି ଗୋଟିଏ ବାଘ ଛାଲ ଓ ଦୁଇଟି ସମ୍ବର ଶିଙ୍ଗ ରଖି ବିକ୍ରି କରିବାକୁ ଉଦ୍ୟମ କରୁଥିବା ବେଳେ ବନ ବିଭାଗ ମାଡ଼ି ବସିଥିଲା। ଏହି ଘଟଣାରେ ବୋଡେନ ଥାନା ଅନ୍ତର୍ଗତ ଦିନେଶ ମାଝି (୬୨), ସୁକୁରାମ ଚିନ୍ଦା (୪୫), ପୂର୍ଣ୍ଣଚନ୍ଦ୍ର ମାଝି (୪୬) ଓ ମଧୁସୂଦନ ମାଝି (୫୫)ଙ୍କୁ ବନବିଭାଗ ଗିରଫ କରିଛି। ସମସ୍ତେ ବୋଡେନ ଥାନା ଅନ୍ତର୍ଗତ ସରାଧାରପୁର ଗ୍ରାମର ବୋଲି ଜଣାଯାଇଛି। ଖଡ଼ିଆଳ ବନଖଣ୍ଡ ଅଧିକାରୀ ମହମ୍ମଦ ଅଜିଜ ଖାନ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ତେବେ ଏହି ଘଟଣାରେ ସଂପୃକ୍ତ ଦୁଇଜଣ ଅଭିଯୁକ୍ତ ଫେରାର୍ ଅଛନ୍ତି। ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ସେ କହିଛନ୍ତି।

**କାଳ ସାଜୁଛି କୁହୁଡ଼ି**

## ଚିଲିକା ଜଳଯାତ୍ରାରେ କଟକଣା



କୃଷ୍ଣପ୍ରସାଦ, ୨।୧(ସମିସ): କୁହୁଡ଼ି ପାଇଁ ଚିଲିକାରେ ଡଙ୍ଗା ଚଳାଚଳକୁ ନେଇ କଟକଣା ଲଗାଯାଇଛି। ଗତକାଲିର ଅଘଟଣ ପରେ ପୁରୀ ଜିଲ୍ଲାପାଳଙ୍କ ପକ୍ଷରୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଦିନ ୧୧ଟା ପର୍ଯ୍ୟନ୍ତ ଚିଲିକାରେ ବୋଟ୍, ଛୋଟ ମଟର, ମାଲବାହୀ ଡଙ୍ଗା ଓ ଭସାପୋଲ ଚଳାଚଳରେ କଟକଣା ଲଗାଇଛନ୍ତି ଜିଲ୍ଲାପାଳ। ପ୍ରବଳ କୁହୁଡ଼ିରେ ଚିଲିକା ଅଞ୍ଚଳରେ ଦୃଶ୍ୟମାନତା କମୁଥିବାରୁ ଏଭଳି ଦୃଢ଼ ପଦକ୍ଷେପ ନେଇଛି ଜିଲ୍ଲା ପ୍ରଶାସନ। ଘନ କୁହୁଡ଼ି ଯୋଗୁଁ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ଏଭଳି ନିର୍ଦ୍ଦେଶ ଦେଇଛନ୍ତି ପୁରୀ ଜିଲ୍ଲାପାଳ। ଘନ କୁହୁଡ଼ି ସମୟରେ କୌଣସି ବି ପରିବହନ ଯେପରି ନ ହୁଏ, ତାକୁ ନଜର ରଖିବେ ପୁଲିସ ଓ ସ୍ଥାନୀୟ ପ୍ରଶାସନ। ଏନେଇ ସ୍ଥାନୀୟ ଲୋକଙ୍କୁ ଡାକ ବାଜି ଯନ୍ତ୍ର ଦ୍ୱାରା ସଚେତନ କରାଇବେ ସ୍ଥାନୀୟ ବିଡିଓ। ନିର୍ଦ୍ଦେଶ ଅମାନ୍ୟ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲାପାଳ ଚେତାବନୀ ଦେଇଛନ୍ତି।

**ଦିନ ୧୧ଟା ପର୍ଯ୍ୟନ୍ତ ସବୁ ବନ୍ଦ**

ସୂଚନାଯୋଗ୍ୟ, ଗତକାଲି କୁହୁଡ଼ି ଯୋଗୁଁ ଭସାପୋଲ ଚିଲିକା ମଝିରେ ଫସିଥିଲା ଏବଂ ସେଥିରୁ ଖସି ପଡ଼ି ଜଣେ ବ୍ୟକ୍ତିଙ୍କ ଜୀବନ ଚାଲିଯାଇଥିଲା। ଆଜି ଛାତ୍ରଛାତ୍ରୀଙ୍କ ପରୀକ୍ଷା ଥିବା ବେଳେ ସେମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଶିକ୍ଷକମାନେ ଚିଲିକା କୂଳର ସାତପଡ଼ା ଏବଂ ଜହ୍ନିକୁଦରେ ନିଜ କାର୍ଯ୍ୟ କ୍ଷେତ୍ରକୁ ଯିବା ପାଇଁ ମଧ୍ୟ ସମସ୍ୟାରେ ପଡ଼ିଛନ୍ତି। ଜିଲ୍ଲା ସଦର ମହକୁମାକୁ ଯିବାକୁ ଆସିଥିବା ବହୁ ଯାତ୍ରୀ ଅଟକି ରହିଥିଲେ।

## ୪୦ ସହଯୋଗୀଙ୍କ ସହ ଆତ୍ମସମର୍ପଣ କରିବେ ୫୦ ଲକ୍ଷର ଇନାମୀ ମାଓନେତା ବାରସେ

ମାଲକାନଗିରି, ୨।୧ (ସମିସ): ମାଓବାଦୀଙ୍କ ସବୁଠାରୁ ଘାତକ ବାଟାଲିୟନ ନମ୍ବର ୧ର କମାଣ୍ଡର ବାରସେ ଦେବା ଓରଫ ସୁକ୍କା ତାଙ୍କର ୪୦ ଜଣ ସହଯୋଗୀଙ୍କ ସହ ତେଲେଙ୍ଗାନା ପୁଲିସ ନିକଟରେ ଆତ୍ମସମର୍ପଣ କରିବେ। ବାରସେ ଦେବା ଏବଂ ତାଙ୍କ ସହଯୋଗୀମାନେ ଛତିଶଗଡର ଜାତୀୟ ଉଦ୍ୟାନ ଅଞ୍ଚଳ ଛାଡି ତେଲଙ୍ଗାନାରେ ପହଞ୍ଚିଛନ୍ତି। ଜଙ୍ଗଲରୁ ସୁରକ୍ଷିତ ସ୍ଥାନାନ୍ତର ସୁନିଶ୍ଚିତ କରିବା ପାଇଁ ସୁକମା ଏବଂ ତେଲଙ୍ଗାନା ସିଗା ମଧ୍ୟରେ ସେମାନଙ୍କ ପାଇଁ ଏକ ସୁରକ୍ଷିତ କରିଡର ପ୍ରତିଷ୍ଠା କରାଯାଇଥିଲା। ଏହି ମାଓବାଦୀମାନେ ତେଲଙ୍ଗନାରେ ପହଞ୍ଚି ପୁଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କ ସମ୍ମୁଖରେ ଆତ୍ମ ସମର୍ପଣ କରିବେ ବୋଲି ଜଣାପଡିଛି। ତେଲଙ୍ଗାନା ପୁଲିସ ଆଗାମୀ ଦିନେ କିମ୍ବା ଦୁଇ ଦିନ ମଧ୍ୟରେ ବାରସେ ଦେବା ଏବଂ ଅନ୍ୟ ମାଓବାଦୀଙ୍କୁ ଆନୁଷ୍ଠାନିକ ଭାବରେ ଆତ୍ମସମର୍ପଣ କରିବା ନେଇ ସୂଚନା ଦେବେ ବୋଲି ଜଣାପଡିଛି।



ବାରସେ ଦେବା ଛତିଶଗଡ଼ର ସବୁଠାରୁ ୱାଣ୍ଟେଡ୍ ନକ୍ସଲମାନଙ୍କ ମଧ୍ୟରୁ ଜଣେ ଥିଲେ। ତାଙ୍କ ଗିରଫ ପାଇଁ ୫୦ ଲକ୍ଷ ପୁରସ୍କାର ଘୋଷଣା କରାଯାଇଥିଲା। ବାରସେ ନିହତ ଶୀର୍ଷ କମାଣ୍ଡର ହିଡମାଙ୍କ ଜଣେ ଘନିଷ୍ଠ ସହଯୋଗୀ। ହିଡମାଙ୍କ ମୃତ୍ୟୁ ପରେ ସେ ବାଟାଲିୟନ ନମ୍ବର ୧କୁ କମାଣ୍ଡ କରୁଥିଲେ।

## ନୂଆବର୍ଷ ରାତିରେ ଲୁଟିନେଲେ ଏଟିଏମ୍ ମେସିନ୍

ବିଞ୍ଝାରପୁର,୨।୧(ସମିସ): ନୂଆବର୍ଷର ପ୍ରଥମ ରାତିରେ ବିଞ୍ଝାରପୁର ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି ଲୁଟେରା। ଲୋକେ ନୂଆବର୍ଷ ପାଳନରେ ମସଗୁଲ ଥିବା ବେଳେ କିଛି ଦୁର୍ବୃତ୍ତ ଯାଜପୁର-ସିଂହପୁର ମୁଖ୍ୟରାସ୍ତାର ମଇଁନ୍ଦା ଛକରେ ଥିବା ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଏକ ଏଟିଏମ୍ ମେସିନ୍‌କୁ ତାଡ଼ି ନେଇଛନ୍ତି। ଏହି ଘଟଣା ଶୁକ୍ରବାର ସକାଳୁ ଜଣାପଡ଼ିବା ପରେ ଖବର ପାଇ ବିଞ୍ଝାରପୁର ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି। ସିସିଟିଭି ମୁତାବକ ଲୁଟେରାମାନେ ଗୁରୁବାର ବିଳମ୍ବିତ ରାତିରେ ଏଟିଏମ୍ ମେସିନ୍ ତାଡ଼ି ଏକ ଡାଲା ଅଟୋ ସାହାଯ୍ୟରେ ପେଲି ପେଲି ବୋହି ନେଇଛନ୍ତି। କିନ୍ତୁ ଲୁଟେରା ମାନେ ଅଟୋଟି ଖରାପ ଥିବାରୁ ବେଶି ଦୂର ଯାଇ ପାରିନାହାନ୍ତି। ଏଟିଏମ୍ କେନ୍ଦ୍ରରୁ ୩୦୦ ମିଟର ନିକଟରେ ଥିବା ହୁଡ଼ାକୁ ଆଣି ଏଟିଏମ୍ ମେସିନ ଭାଙ୍ଗି



୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଲୁଟି ନେଇଛନ୍ତି। ଉକ୍ତ ହୁଡ଼ାରେ ଭଙ୍ଗାଯାଇଥିବା ଏଟିଏମ୍ ମେସିନ ଓ ଡାଲା ଅଟୋକୁ ପରିତ୍ୟକ୍ତ ଅବସ୍ଥାରେ ଦୁର୍ବୃତ୍ତ ମାନେ ଛାଡ଼ି ଫେରାର ହୋଇଯାଇଥିବା ଦେଖିବାକୁ ମିଳିଛି। ଦୁର୍ବୃତ୍ତ ମାନେ ପରିତ୍ୟକ୍ତ ଅବସ୍ଥାରେ ଛାଡ଼ି ଯାଇଥିବା ଏଟିଏମ୍ ଓ ଅଟୋ ନିକଟରେ ପୁଲିସ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ଏବଂ ଡଗ୍ ସ୍କ୍ୱାଡ଼ ସହିତ ତଦନ୍ତ ଆରମ୍ଭ କରିଛି।

## ରାଜଧାନୀରେ ନିର୍ମାଣ ହେବ ମଡର୍ଣ୍ଣ ମ୍ୟୁଜିୟମ୍

ଭୁବନେଶ୍ୱର, ୨।୧(ସମିସ): ନୂଆଦିଲ୍ଲୀରେ ରହିଥିବା ପ୍ରଧାନମନ୍ତ୍ରୀ ମ୍ୟୁଜିୟମ୍ ଭଳି ରାଜଧାନୀରେ ନିର୍ମାଣ ହେବ ମଡର୍ଣ୍ଣ ମ୍ୟୁଜିୟମ୍। ଖଣ୍ଡଗିରିରେ ୧୫ ଏକର ପରିମିତି ଜାଗାରେ ନିର୍ମିତ ହେବାକୁ ଥିବା ଏହି ନୂଆ ସଂଗ୍ରହାଳୟ ପର୍ଯ୍ୟଟକଙ୍କ ଡେଷ୍ଟିନେସନ୍ ପାଲଟିବ। ଖଣ୍ଡଗିରି, ଉଦୟଗିରି, ଧଉଳି ଭଳି ଏହି ମ୍ୟୁଜିୟମ ରାଜ୍ୟ ଏବଂ ଦେଶ ବାହାରର ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ କରିବ। ଏହି ବଡ଼ ସଂଗ୍ରହାଳୟ ନିର୍ମାଣ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ କରିଥିବା ବେଳେ ଏଥିପାଇଁ ଜାଗା ଯୋଗାଇଦେବେ ଖୋର୍ଦ୍ଧା ଜିଲ୍ଲାପାଳ। ଏଥିପାଇଁ ସଂସ୍କୃତି ବିଭାଗ ପକ୍ଷରୁ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଚିଠି ହୋଇଥିବା ସୂଚନା ରହିଛି। ତେବେ ଚଳିତ ୨୦୨୬ରେ ଏହି ସଂଗ୍ରହାଳୟର କାମ ଆରମ୍ଭ କରିବାକୁ ବିଭାଗ ଲକ୍ଷ୍ୟ ରଖିଛି।

ସୂଚନାନୁସାରେ, ବିହାରରେ ରହିଥିବା ଏକ ପୁରୁଣା ମ୍ୟୁଜିୟମକୁ ଯେଉଁଭଳି ମର୍ଡିଫିକେସନ୍ କରାଯାଇଛି,ଠିକ୍ ସେହିପରି ଓଡ଼ିଶାରେ ଏହି ନୂତନ ସଂଗ୍ରହାଳୟ ନିର୍ମାଣ କରାଯିବ। ସଂଗ୍ରହାଳୟରେ ପ୍ରାଚୀନ ଓଡ଼ିଶାରୁ ଆରମ୍ଭ କରି ଆଧୁନିକ ଓଡ଼ିଶାର ଟିକନିଖି କାହାଣୀ ଓ ତଥ୍ୟ ସ୍ଥାନ ପାଇବ। ଏଥିପାଇଁ କ୍ୟୁଆର କୋଡ୍ ମଧ୍ୟ ରହିବ।

**■ ୧୫ ଏକର ଜାଗା ଦେବେ ଖୋର୍ଦ୍ଧା ଜିଲ୍ଲାପାଳ**

**■ ସ୍ଥାନୀତ ହେବ ପ୍ରାଚୀନରୁ ଆଧୁନିକ ଓଡ଼ିଶାର କାହାଣୀ**

ଯେଉଁମାନେ କୌଣସି ବିଷୟରେ ଜାଣିବାକୁ ଚାହିଁବେ, କ୍ୟୁଆର କୋଡ୍ ସ୍କାନ କରିବା ପରେ ସମସ୍ତ ତଥ୍ୟ ଉଭୟ ଓଡ଼ିଆ, ଇଂରାଜୀ ଏବଂ ହିନ୍ଦୀ ଭାଷାରେ ପାଇ ପାରିବେ। ଯଦିଓ ଏଯାଏ ଏହି ସଂଗ୍ରହାଳୟର ରୂପରେଖ ପ୍ରସ୍ତୁତ ହୋଇନାହିଁ; ଖୁବ୍‌ଶୀଘ୍ର ଏଥିପାଇଁ ବିଶିଷ୍ଟ ଐତିହାସିକ, ପ୍ରତ୍ନତତ୍ତ୍ୱବିତ୍, ସଂସ୍କୃତି ଗବେଷକ ପ୍ରମୁଖଙ୍କ ସହ ଆଲୋଚନା କରାଯିବ। ପରେ ଟେଣ୍ଡର୍ କରାଯାଇ କାମ ଆରମ୍ଭ ହେବ।

ଏ ସଂପର୍କରେ ସଂସ୍କୃତି ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାସ କହିଛନ୍ତି ଯେ ଏହି ମ୍ୟୁଜିୟମ୍ ନିଶ୍ଚିତ ଭାବେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ। ଯେଉଁମାନେ ଓଡ଼ିଶା ଏବଂ ଭୁବନେଶ୍ୱର ବୁଲିବାକୁ ଆସିବେ, ସେମାନେ ଏହି ମ୍ୟୁଜିୟମ୍‌କୁ ନ ବୁଲି ଫେରିବେନି। ଏଥିପାଇଁ ଗ୍ଲୋବାଲ ଟେଣ୍ଡର୍ କରାଯିବ। ଏଠାରେ ପ୍ରତିଦିନ ବିଭିନ୍ନ କାର୍ଯ୍ୟକଳାପ ସାଙ୍ଗକୁ ଫୁଡକୋର୍ଟ୍‌ର ସୁବିଧା ରହିବ। ସେହିପରି ବଡ଼ କନଫରେନ୍ସ ହଲ୍ ରହିବ, ଯେଉଁଠାରେ ଓଡ଼ିଶାର ବୌଦ୍ଧ ଇତିହାସ, ଜଗନ୍ନାଥ ଇତିହାସ, ସ୍ୱାଧୀନତା ସଂଗ୍ରାମୀଙ୍କ ଅବଦାନ ଆଦି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଗବେଷକମାନେ ଆଲୋଚନା କରିବେ। ଦୂଆଦିଲ୍ଲୀର ପ୍ରଧାନମନ୍ତ୍ରୀ ସଂଗ୍ରହାଳୟ ଭଳି ଏହି ସଂଗ୍ରହାଳୟକୁ କରାଯିବାର ଯୋଜନା ରହିଛି। ଆଗାମୀ ଦିନରେ ଏଥିପାଇଁ ବଜେଟ୍ ଓ ଅନ୍ୟାନ୍ୟ ବିଷୟ ଉପରେ ଆଲୋଚନା କରାଯିବ ବୋଲି ଶ୍ରୀ ଦାସ କହିଛନ୍ତି।

## ଡାଳ ପଡ଼ି ପରିବା ବ୍ୟବସାୟୀ ମୃତ

ଟିକିରି,୨।୧(ସମିସ): ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍ ଟିକିରି ସାପ୍ତାହିକ ହାଟରେ ଏକ ଅଘଟଣ ଘଟିଛି। ଶୁଖିଲା ଗଛ ଡାଳ ପଡ଼ି



ଜଣେ ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ବାଙ୍କାମ୍ବ ପଞ୍ଚାୟତ ଅନ୍ତର୍ଗତ ଫୁଲଜବା ଗ୍ରାମର ଉଗ୍ରେସର ମାଝୀ(୫୦)। ଶୁକ୍ରବାର ସାପ୍ତାହିକ ହାଟରେ ପରିବା ବିକ୍ରି କରି ଘରକୁ ଫେରିବା ପାଇଁ ଉଗ୍ରେସର ବାହାରିବା ସମୟରେ ହଠାତ୍ ଏକ ଶୁଖିଲା ଡାଳ ତାଙ୍କ ଉପରେ ପଡ଼ି ଯାଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ପରିବାରଲୋକ ଘଟଣାସ୍ଥଳରେ ପହଞ୍ଚି କ୍ଷତିପୂରଣ ଦାବିରେ ଟିକିରିଠାରୁ ଡଙ୍ଗାସିଲ ରାସ୍ତା ଅବରୋଧ କରିଛନ୍ତି।

ସୂଚନାନୁଯାୟୀ, ଗତ ଅକ୍ଟୋବର ୭ ତାରିଖ ଦିନ ଏହି ଗଛର କିଛି ଅଂଶ ରାସ୍ତା ଉପରେ ପଡ଼ିଥିଲା। ସୌଭାଗ୍ୟକୁ ସେଥିରେ କାହାର କିଛି କ୍ଷତି ହୋଇନଥିଲା। ଏ ସଂପର୍କରେ ସେତେବେଳେ ଟିକିରି ବନ ବିଭାଗକୁ ଅବଗତ କରାଯାଇଥିଲା ବୋଲି ବିଧାୟକ ପ୍ରତିନିଧି ଜିଜୁରୁ ମାଝୀ କହିଛନ୍ତି। ଟିକିରିର ବିଭିନ୍ନ ସ୍ଥାନରେ ବିପଦସଂକୁଳ ଭାବେ ଶୁଖିଲା ଗଛ ରହିଥିବା ବେଳେ ବିଭିନ୍ନ ସମୟରେ ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲେ ମଧ୍ୟ ବନ ବିଭାଗ କିମ୍ବା ପ୍ରଶାସନର ନଜର ପଡୁନାହିଁ।

## ଯୁକ୍ତ ୨ ମାର୍କ ଅପ୍‌ଲୋଡ୍ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨।୧ (ସମିସ): ଯୁକ୍ତ ୨ର ଇଣ୍ଟରନାଲ ଆସେସ୍‌ମେଣ୍ଟ, ପ୍ରୋଜେକ୍ଟ ଏବଂ ପ୍ରାକ୍ଟିକାଲ ପରୀକ୍ଷାର ମାର୍କ ସାମ୍ସ ପୋର୍ଟାଲରେ ଅପ୍‌ଲୋଡ୍ ହେବ। ଜାନୁଆରୀ ୫ରୁ ୨୫ ତାରିଖ ଭିତରେ ଏଥିପାଇଁ ଲିଙ୍କ ଉପଲବ୍ଧ ହେବ। ଏହି ସମୟ ମଧ୍ୟରେ ମାର୍କ ଅପଲୋଡ୍ କରିବାକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରିନ୍ସିପାଲ ଏବଂ ପ୍ରଧାନ ଶିକ୍ଷକଙ୍କୁ ଶୁକ୍ରବାର ନିର୍ଦ୍ଦେଶ ଦିଆଯାଇଛି। ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା କହିଛନ୍ତି ଯେ ଏସବୁ ପରୀକ୍ଷା ଡିସେମ୍ବର ୩୧ତାରିଖ ସୁଦ୍ଧା ଶେଷ ହୋଇଛି। ଆଜିଠାରୁ ଜାନୁଆରୀ ୧୫ ମଧ୍ୟରେ ପ୍ରାକ୍ଟିକାଲ ପରୀକ୍ଷା ଶେଷ ହେବ। ଏଣୁ ନିର୍ଦ୍ଧାରିତ ସମୟରେ ଏକକାଳୀନ ସମସ୍ତ ଛାତ୍ରଛାତ୍ରୀଙ୍କ ଇଣ୍ଟରନାଲ, ପ୍ରୋଜେକ୍ଟ ଏବଂ ପ୍ରାକ୍ଟିକାଲ ପରୀକ୍ଷାର ରେଜଲ୍ଟ ଅପଲୋଡ୍ କରିବା ଆବଶ୍ୟକ। ନ ହେଲେ ତ୍ରୁଟି ହେବାର ସମ୍ଭାବନା ରହିଛି ବୋଲି ପରିଷଦ ପକ୍ଷରୁ ସତର୍କ କରାଯାଇଛି।

# ଶ୍ରୀରାମ ସ୍ୱର୍ଣ୍ଣ ଧନୁର ଯାତ୍ରା ଆରମ୍ଭ




ରାଉରକେଲା, ୨।୧(ସମିସ)

ରାଉରକେଲାର ହନୁମାନ ବାଟିକାରୁ ଶୁକ୍ରବାର ଶ୍ରୀରାମ ସ୍ୱର୍ଣ୍ଣ ଧନୁର ଯାତ୍ରା ଆରମ୍ଭ ହୋଇଛି। ରାଉରକେଲା ସନାତନ ଜାଗରଣ ମଞ୍ଚର ଅଧ୍ୟକ୍ଷ ସନ୍ତୋଷ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ହନୁମାନ ବାଟିକାରେ ଆୟୋଜିତ ବର୍ଣ୍ଣାଢ଼୍ୟ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପରାୟ, ସମ୍ମାନିତ ଅତିଥି ଭାବେ ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ, ବାବା କାଳିଦାସ ମହାରାଜ ଦୁଷ୍ମନ୍ତ ଗୌତମ, ରଘୁନାଥପାଲ୍ଲୀ ପୂର୍ବତନ ବିଧାୟକ ସୁବ୍ରତ ତରାଇ, ବିପିୟୁଟି କୁଳପତି ପ୍ରଫେସର ଅମୀୟ ରଥ, ହନୁମାନ ବାଟିକା ଚାରିଟେବୁଲ ଟ୍ରଷ୍ଟ ସମ୍ପାଦକ ସୁବ୍ରତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ରାଉରକେଲାର ସନାତନ ଜାଗରଣ ମଞ୍ଚ ପକ୍ଷରୁ ଦୀର୍ଘ ୮ ମାସର ପରିଶ୍ରମ ଏବଂ ୪୦ ଜଣ ତାମିଲନାଡୁ କାଞ୍ଚିପୁରମର କାରିଗରଙ୍କ ଦ୍ୱାରା ଏହି ଧନୁର ନିର୍ମାଣ ହୋଇଛି। ଏହି ଶ୍ରୀରାମ ସ୍ୱର୍ଣ୍ଣ ଧନୁରେ ରହିଛି ସୁନା, ରୂପା, ଜିଙ୍କ୍, ଲୁହା ଓ ଆଲୁମିନିୟମ ଭଳି ପଞ୍ଚ ଧାତୁ। ୮ ଫୁଟ ଲମ୍ବ ଓ ୩ ଫୁଟ ଉଚ୍ଚତା ବିଶିଷ୍ଟ ଏହି ଶ୍ରୀରାମ ସ୍ୱର୍ଣ୍ଣ ଧନୁର ଓଜନ ୨୮୬ କେଜି ରହିଛି। ଏଥିରେ ୯୮୬ ଗ୍ରାମ୍‌ର ସୁନା ଏବଂ ୨.୫ କେଜି ରୂପା ବ୍ୟବହାର କରାଯାଇଛି। ଏହି କାର୍ଯ୍ୟକ୍ରମ ଅବସରରେ ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ସହିତ ଶ୍ରୀରାମଙ୍କ ବେଶରେ ସଜ୍ଜିତ ଜଣେ ବାଳକର ଉପସ୍ଥିତି ହଜାର ହଜାର ଭକ୍ତଙ୍କୁ ବିମୋହିତ କରିଥିଲା। ଜୟ ଜଗନ୍ନାଥ, ଜୟ ଶ୍ରୀରାମ ଧ୍ୱନୀରେ ହନୁମାନ ବାଟିକା ପରିସରରୁ ଶ୍ରୀରାମ ସ୍ୱର୍ଣ୍ଣ ଧନୁର ଯାତ୍ରା ଆରମ୍ଭ ହୋଇଥିଲା। ଏକ ସୁସଜ୍ଜିତ ଟ୍ରଲର ଗାଡିରେ ଆଜି ରାଉରକେଲାରୁ ବାହାରି ଜାନୁଆରୀ ୩ ସକାଳ ୯ରେ ସୁନ୍ଦରଗଡ଼ରେ ପହଞ୍ଚିବ ବୋଲି ସନାତନ ଜାଗରଣ ମଞ୍ଚର ଅଧ୍ୟକ୍ଷ ସନ୍ତୋଷ ବିଶ୍ୱାଳ ସୂଚନା ଦେଇଛନ୍ତି। ସେହିପରି ସେହିଦିନ ଅପରାହ୍ଣ ୩ଟା ସମୟରେ ଝାରସୁଗୁଡ଼ା ସହର, ସନ୍ଧ୍ୟା ୭ଟାରେ ରେଙ୍ଗାଲି, ଜାନୁଆରୀ ୪ ସକାଳ ୯ଟାରେ ସମ୍ବଲପୁର, ଦିନ ୩ଟାରେ ଦେବଗଡ଼ ସହର, ୫ ତାରିଖ ସକାଳ ୯ଟାରେ ବୌଦ୍ଧ, ଦିନ ୩ଟାରେ ସୋନପୁର, ୬ ତାରିଖ ସକାଳ ୯ଟାରେ ବରଗଡ଼, ଦିନ ୩ଟାରେ ବଲାଙ୍ଗିର, ୭ ତାରିଖ ସକାଳ ୯ଟାରେ ନୂଆପଡ଼ା, ଦିନ ୩ଟାରେ କଳାହାଣ୍ଡି, ୮ ତାରିଖ ସକାଳ ୯ଟାରେ ନବରଙ୍ଗପୁର, ଦିନ ୩ଟାରେ ମାଲକାନଗିରି, ୯ ତାରିଖ ସକାଳ ୯ଟାରେ କୋରାପୁଟ, ଦିନ ୩ଟାରେ ରାୟଗଡ଼ା, ୧୦ ତାରିଖ ସକାଳ ୯ଟାରେ ପାରଳାଖେମୁଣ୍ଡି ଏବଂ ଦିନ ୩ଟାରେ ବ୍ରହ୍ମପୁର, ୧୧ ତାରିଖ ସକାଳ ୯ଟାରେ ଫୁଲବାଣୀ ଏବଂ ଦିନ ୩ଟାରେ ନୟାଗଡ଼, ୧୩ ତାରିଖ ସକାଳ ୯ଟାରେ ଘସିପୁରା ଏବଂ ଦିନ ୩ଟାରେ କେଉଁଝର, ୧୪ ତାରିଖ ସକାଳ ୯ଟାରେ ରାମତୀର୍ଥ ଜଶିପୁର ଏବଂ ଦିନ ୩ଟାରେ ବାରିପଦା, ୧୫ ତାରିଖ ସକାଳ ୯ଟାରେ ବାଲେଶ୍ୱର ଏବଂ ଦିନ ୩ଟାରେ ଭଦ୍ରକ, ୧୬ ତାରିଖ ସକାଳ ୯ଟାରେ ଯାଜପୁର ଏବଂ ଦିନ ୩ଟାରେ କେନ୍ଦ୍ରାପଡ଼ା, ୧୭ ତାରିଖ ସକାଳ ୯ଟାରେ ପାରାଦ୍ୱୀପ, ଦିନ ୧ଟାରେ ଜଗତସିଂହପୁର ଏବଂ ଦିନ ୪ଟାରେ କଟକ, ୧୮ ତାରିଖ ସକାଳ ୯ଟାରେ ଭୁବନେଶ୍ୱର ଏବଂ ଜାନୁଆରୀ ୧୯ ତାରିଖ ସକାଳ ୯ଟାରେ ଶ୍ରୀଜଗନ୍ନାଥ ଧାମ ପୁରୀରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି ବୋଲି ଶ୍ରୀ ବିଶ୍ୱାଳ ସୂଚନା ଦେଇଛନ୍ତି। ସେହିପରି ଜାନୁଆରୀ ୨୨ରେ ଶ୍ରୀରାମ ସ୍ୱର୍ଣ୍ଣ ଧନୁଶ୍ ଯାତ୍ରା ଅଯୋଧ୍ୟାରେ ପହଞ୍ଚିବାର ଯୋଜନା ରହିଛି। ପୂର୍ବରୁ ସନ୍ତୋଷ ବିଶ୍ୱାଳଙ୍କ ନେତୃତ୍ୱରେ ସନାତନ ଜାଗରଣ ମଞ୍ଚ ପକ୍ଷରୁ ଏକ ବିଶାଳ ଦୀପ ଏବଂ ବିଶାଳ ଲଡୁ ପ୍ରସ୍ତୁତ କରାଯାଇ ସହର ପରିକ୍ରମା କରାଯାଇଥିଲା।

# ଆର୍‌ଏସ୍‌ପିରେ ସର୍ବାଧିକ ନିୟର-ମିସ୍ ମାମଲା ରିପୋର୍ଟ କରୁଥିବା ବିଭାଗ ପୁରସ୍କୃତ



**ରାଉରକେଲା, ୨।୧(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଯେଉଁ ବିଭାଗଗୁଡିକ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକ ଅର୍ଥାତ୍ ୨୦୨୫ ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ ସର୍ବାଧିକ ସଂଖ୍ୟକ ନିୟର-ମିସ୍ ମାମଲା ରିପୋର୍ଟ କରିଛନ୍ତି, ସେମାନଙ୍କୁ ଜାନୁଆରୀ ୨ ତାରିଖରେ ମନ୍ଥନ ସମ୍ମିଳନୀ କକ୍ଷରେ ଆୟୋଜିତ ସୁରକ୍ଷା ସମୀକ୍ଷା ବୈଠକ ସମୟରେ ଡିଆଇସି ଆଲୋକ ବର୍ମା ପୁରସ୍କୃତ କରିଛନ୍ତି। ଏହି ଅବସରରେ ଖଣି ବିକାଶ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିକେ ଗିରି, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଆର ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମପି ସିଂହ, ଅର୍ଥ ବିଭାଗର ସିଜିଏମ ଇନଚାର୍ଜ ରାଜେଶ ଦାସଗୁପ୍ତାଙ୍କ ସମେତ ବହୁ ସିଜିଏମ ଏବଂ ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ଥିଲେ। ସୁରକ୍ଷା କ୍ଷେତ୍ରରେ ନିୟର-ମିସ୍ ମାମଲା ଗୁଡିକୁ ରିପୋର୍ଟ କରିବା ଏକ ଅଗ୍ରଣୀ ସୁରକ୍ଷା ମାପଦଣ୍ଡ ଅଟେ। ମୋଟ ୫୬୯ଟି ମାମଲା ରିପୋର୍ଟ କରିଥିବାରୁ ଷ୍ଟିଲ୍ ମେଲ୍ଟିଂ ସପ୍-୧ ବିଭାଗ ପ୍ରଥମ ପୁରସ୍କାର ହାସଲ କରିଛି। ଉକ୍ତ ବିଭାଗର ସିଜିଏମ୍ ସୁନୀଲ ବି କାର୍ଥା ଏବଂ ତାଙ୍କ ଦଳ ଏହି ପୁରସ୍କାର ଗ୍ରହଣ କରିଥିଲେ। ସେହିପରି ମୋଟ ୨୭୩ଟି ମାମଲା ରିପୋର୍ଟ କରିଥିବାରୁ ହଟ୍ ଷ୍ଟ୍ରିପ୍ ମିଲ୍-୨ ବିଭାଗ ଦ୍ୱିତୀୟ ସ୍ଥାନ ହାସଲ କରିଛି, ଯେଉଁଥି ପାଇଁ ଏଚଏସଏମ ଏବଂ ଆନୁଷଙ୍ଗିକ ବିଭାଗର ସିଜିଏମ ସୁବ୍ରତ ଏବଂ ତାଙ୍କ ଦଳକୁ ସମ୍ମାନିତ କରାଯାଇଛି। ନୂତନ ପ୍ଲେଟ୍ ମିଲ୍ ୧୮୮ଟି ମାମଲାର ରିପୋର୍ଟ କରିବା ସହିତ ତୃତୀୟ ସ୍ଥାନ ହାସଲ କରିଛି। ଏଥିପାଇଁ ଏନପିଏମ, ଏସପିପି ଏବଂ ଡିଜିଟାଇଜେସନ ବିଭାଗର ସିଜିଏମ ଆରକେ ମୁଦୁଲି ଓ ତାଙ୍କ ଦଳ ସହିତ ପୁରସ୍କାର ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ ହୀରାଲାଲ ମହାପାତ୍ର ଏବଂ ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଜିଏମ ଅବକାଶ ବେହେରା ପରିଚାଳନା କରିଥିଲେ। ଉଲ୍ଲେଖ ଯୋଗ୍ୟ, ୨୦୨୫ରେ ମୋଟ ୪୬୬୧ଟି ନିୟର-ମିସ୍ ମାମଲା ରିପୋର୍ଟ ହୋଇଥିବା ବେଳେ ୨୦୨୪ ରେ ୧୬୯୧ ମାମଲା ରିପୋର୍ଟ ହୋଇଥିଲା।

## ଅଚିହ୍ନା ଯୁବକଙ୍କ ମୃତଦେହ ଉଦ୍ଧାର

**ରାଉରକେଲା, ୨।୧(ସମିସ):** ବନ୍ଧମୁଣ୍ଡା ଥାନା ଅଧୀନ ଜବାଘାଟରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ତେବେ ମୃତକଙ୍କ ପରିଚୟ ମିଳିପାରି ନାହିଁ। ଶୁକ୍ରବାର ସକାଳେ ଶବ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ସୂଚନା ଦେଇଥିଲେ। ମୃତକଙ୍କ ବୟସ ୪୦ରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଇଛି। ଆରଜିଏଚ ଶବାଗାରରେ ମୃତଦେହକୁ ରଖି ପୁଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛି।

## ବାଇକ୍ ଦୁର୍ଘଟଣା, ଜଣେ ମୃତ

**ରାଉରକେଲା, ୨।୧(ସମିସ):** ବାଲୁଘାଟ ଛକ ନିକଟରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଆହତ ହୋଇଛନ୍ତି। ଗୁରୁବାର ରାତିରେ ଏକ ବାଇକ ଯୋଗେ ସାୟନ୍ ମହାନ୍ତି, ଆଶିଷ ଟେଟେ ଓ ରବୀନ୍ଦ୍ର ମହାତୋ ପାନପୋଷ ପଟୁ ଦେଓଗାଁ ଆଡକୁ ଯାଉଥିଲେ। ବାଲୁଘାଟ ଛକ ନିକଟରେ ଡିଭାଇଡରକୁ ପିଟି ବତିଖୁଣ୍ଟରେ ଯାଇ ବାଇକ୍ ଧକ୍କା ଦେଇଥିଲା। ଫଳରେ ୩ ଜଣ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇ ଥିଲେ। ସେଠାରେ ଡାକ୍ତର ସାୟନଙ୍କୁ ମୃତ ଘୋଷଣା କରିଥିଲେ। ବେପରୁଆ ଗାଡି ଚାଳନା ଯୋଗୁଁ ଦୁର୍ଘଟଣା ଘଟିଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ରଘୁନାଥପାଲି ଥାନା ପୁଲିସ ଘଟଣାର ତଦନ୍ତ ଚଳାଇଛି।

## କୁତ୍ରା ଲ୍ୟାମ୍ପସରେ ଧାନମଣ୍ଡି ଉଦ୍‌ଘାଟିତ

**କୁତ୍ରା, ୨।୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକର ସଦର ମହକୁମା କୁତ୍ରା ଲ୍ୟାମ୍ପସରେ ଶୁକ୍ରବାର ଧାନ ମଣ୍ଡିରେ ଧାନ କିଣା ଆରମ୍ଭ ହୋଇଯାଇଛି। କୁତ୍ରା ଲ୍ୟାମ୍ପସର ନିର୍ଦ୍ଦେଶକ ମଙ୍ଗଲୁ କୁଜୁର ଏହାର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ କୁତ୍ରା ଲ୍ୟାମ୍ପସର ଏମଡି ସତ୍ୟନାରାୟଣ ମିଶ୍ର, କିଶମଣି ପଟେଲ, ବିଏମ ଏସଡିସିସିବି ରାଜଗାଙ୍ଗପୁର ଡିଲିପ ତନ୍ତି ଉପସ୍ଥିତ ଥିଲେ।

# ଅଚଳ ଅବସ୍ଥାରେ ସୋଲାର ପାନୀୟ ପ୍ରକଳ୍ପ

**ବଣାଇଁ, ୨।୧(ସମିସ):** ବଣାଇଁ ବ୍ଲକ ଅଧୀନ ବଣାଇଁଗଡ଼ ପଞ୍ଚାୟତର ଲ୍ୟାମ୍ପ ପଛ ପାର୍ଶ୍ୱରେ ଥିବା ସାହି ବାସିନ୍ଦା ପାନୀୟ ଜଳ ଟୋପେ ପାଇବା ପାଇଁ ଦୀର୍ଘ ଦିନ ହେବ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି। ସରକାରୀ ଜାଗା ଉପରେ ଥିବା ଏକ ନଳକୂପ ଉପରେ ମୋଟର ଲଗାଇ ସ୍ଥାନୀୟ ବାସିନ୍ଦା ପାନୀୟ ଜଳ ପାଇପାରୁ ଥିଲେ। କିନ୍ତୁ ଦେଢ଼ ବର୍ଷ ପୂର୍ବେ



ପାଣି ପାଇଁ ସାହି ବାସିନ୍ଦା ହନ୍ତସନ୍ତ

ବଣାଇ ପଞ୍ଚାୟତ ପକ୍ଷରୁ ୩ ଲକ୍ଷ ଟଙ୍କାର ବ୍ୟୟ ଅଟକଳରେ ସେହି ବୋର୍‌ୱେଲ ଉପରେ ସୋଲାର ପ୍ୟାନେଲ ବସାଯାଇଥିଲା। ଉପରେ ପାଣି ଟାଙ୍କି ରଖି ସ୍ଥାନୀୟ ବାସିନ୍ଦାଙ୍କୁ ପାଣି ଯୋଗାଇବାର ବ୍ୟବସ୍ଥା ହୋଇଥିଲା। କିନ୍ତୁ ମାତ୍ର ବର୍ଷେ ଠିକ୍‌ଠାକ୍ ଚାଲିବା ପରେ ଦୀର୍ଘ ଦେଢ଼ ମାସ ହେବ ତାହା ଅଚଳ ହୋଇ ପଡ଼ିରହିଛି। ତା ଚାରିପାଖେ ଘଞ୍ଚ ଜଙ୍ଗଲ ସୃଷ୍ଟି ହୋଇଛି। ପୂର୍ବରୁ ମାତ୍ର ୩୦ ଫୁଟ ଗଭୀରରେ ମଧ୍ୟ ପ୍ରଚୁର ପାଣି ବାହାରୁଥିବା ବେଳେ ଏବେ ଜଳସ୍ତର ହ୍ରାସ ଯୋଗୁଁ ଆଉ ପାଣି ଟାଙ୍କିକୁ ଉଠୁ ନଥିବା ସ୍ଥାନୀୟ ଲୋକେ କହିଛନ୍ତି। ଯଦ୍ୱାରା ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।। ଏହାକୁ ସଜାଡିବାରେ କାହାରି ଆନ୍ତରିକତା ନଥିବାରୁ ଲୋକେ ପାଣି ପାଇଁ ତହଲ ବିକଳ ହେଉଛନ୍ତି। ସରକାରୀ ଅର୍ଥରେ ସୋଲାର ପ୍ରକଳ୍ପ ତିଆରି ହୋଇଥିଲେ ହେଁ ଏଯାଏଁ ରକ୍ଷଣାବେକ୍ଷଣ ଅଭାବରୁ ଜୀବନ୍ୟାସ ପାଇ ନଥିବାରୁ ଅଞ୍ଚଳର ଲୋକଙ୍କ ପାଇଁ ପାଣି ମୁନ୍ଦାଏ ପାଇବା କାଠିକର ହୋଇଛି। ତେଣୁ ସାହି ବାସିନ୍ଦାଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ତୁରନ୍ତ ଏହାକୁ ମରାମତି କରିବାକୁ ଲୋକେ ଦାବି କରିଛନ୍ତି। ଏନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ରମ୍ୟରଞ୍ଜନ ପ୍ରଧାନଙ୍କୁ ଯୋଗାଯୋଗ କରିବାରୁ ଅଳ୍ପ ଦିନ ମଧ୍ୟରେ ପଞ୍ଚାୟତ ପକ୍ଷରୁ ମରାମତି କରି ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦେବୁ ବୋଲି କହିଛନ୍ତି।

# କୃଷକ ନେତାଙ୍କ ବିୟୋଗରେ ଶୋକ ସଭା

**ବଣାଇ, ୨।୧(ସମିସ):** ଭାରତୀୟ କିଷାନ ସଂଗଠନର ପୁଡୁଚେରୀ ପ୍ରଦେଶ ଅଧ୍ୟକ୍ଷ ଡ.ପି ବିରାପ୍ପାନଙ୍କ ବିୟୋଗରେ ଶୋକସଭା ଶୁକ୍ରବାର ବଣାଇ ଠାରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ବଣାଇ ଉପଖଣ୍ଡ ସଭାପତି ବସନ୍ତ କିଷାନଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଓଡ଼ିଶା ପ୍ରଦେଶ ଅଧ୍ୟକ୍ଷ ହରିଶଙ୍କର ପାଣି ଯୋଗଦେଇ ଶ୍ରୀ ବିରାପ୍ପାନଙ୍କୁ ସଂଗଠନର ପ୍ରମୁଖ ଅଙ୍ଗ ବୋଲି କହିବା ସହ ତାଙ୍କ ନେତୃତ୍ୱରେ ଅନେକ ଚାଷୀ ଓ ଗରିବ ଲୋକମାନଙ୍କୁ ନ୍ୟାୟ ମିଳିଥିବା ପ୍ରକାଶ କରିବା ସହ ତାଙ୍କ ସ୍ଥାନ ସଙ୍ଗଠନ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ସମାଜସେବୀ ସନ୍ତୋଷ ସାହୁ ଓ ପ୍ରଦ୍ୟୁମ୍ନ ସାହୁ, ଗୁରୁ ଚରଣ ବେହେରା, ଜଗନ୍ନାଥ କିଷାନ, ସୁନିଲରଞ୍ଜନ ଦାସ, ରାଜେଶ ମିଶ୍ର ଓ ପ୍ରଶାନ୍ତ ମହାନ୍ତ ପ୍ରମୁଖ ତାଙ୍କର ସ୍ମୃତିଚାରଣ କରିଥିଲେ। ଶେଷରେ ମାନିହର ଓରାମ ଧନ୍ୟବାଦ ପ୍ରଦାନ କରିଥିଲେ।

# ରାଉରକେଲା ପୁଲିସ ଜିଲ୍ଲାରେ ବାର୍ଷିକ ଅପରାଧ ହ୍ରାସ

ରାଉରକେଲା, ୨।୧(ସମିସ)

ରାଉରକେଲା ପୁଲିସ ଜିଲ୍ଲାରେ ୨୦୨୫ ମସିହାରେ ଉଲ୍ଲେଖନୀୟ ଅପରାଧ ହ୍ରାସ ପାଇଥିବା ଏକ ରିପୋର୍ଟରୁ ଜଣାପଡ଼ିଛି। ବିଶେଷ କରି ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ଉପଯୋଗ କରି ରାଉରକେଲା ପୁଲିସ ବିଭିନ୍ନ ଆପ୍ ଉନ୍ନତ କରି ରାଉରକେଲା ସହରକୁ ଅପରାଧ ମୁକ୍ତ କରିବା ସହ ପୁଲିସ ସେବା ଯୋଗାଇ ଦେବାରେ ସକ୍ଷମ ହୋଇଥିବା ପରିଲକ୍ଷିତ ହୋଇଛି। ରାଉରକେଲା ପୁଲିସ ପକ୍ଷରୁ ଏସପି ନିତେଶ ୱାଧୱାନୀଙ୍କ ତତ୍ତ୍ୱାବଧାନରେ 'ଅନୁସନ୍ଧାନ' ଏକ ନୂତନ ଆପ୍ ବିକଶିତ କରାଯାଇଛି। ଯାହାଦ୍ୱାରା ଯେକୌଣସି ଅଭିଯୋଗକାରୀ ସେ ଦେଇଥିବା ଏଫଆଇଆରର ସ୍ଥିତି ଅନଲାଇନରେ ଆପ୍ ମାଧ୍ୟମରେ ଜାଣିପାରିବା ସହ ଏ ନେଇ ଯେକୌଣସି ସନ୍ଦେହ ବିଷୟରେ ସମାଧାନ ପାଇପାରିବେ। ସେହିପରି ରାଉରକେଲା ପୁଲିସ ଦ୍ୱାରା ବିକଶିତ ହୋଇଥିବା ଇ-ବିଟ୍ ପାଟ୍ରୋଲିଂ ଆପ୍ ମାଧ୍ୟମରେ ବିଟ୍ ପାଟ୍ରୋଲିଂ ବିଷୟରେ ସହଜରେ ନିରୀକ୍ଷଣ କରିହେଉଛି। ୨୦୨୫ରେ ରାଉରକେଲା ପୁଲିସର ଏସପି ଶ୍ରୀ ୱାଧୱାନୀଙ୍କ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିକଶିତ ଆପ୍ ହେଉଛି ସିଲଡ୍ (ଏସଏଚଆଇଇଏଲଡି), ଯେଉଁ ଆପ୍ ମାଧ୍ୟମରେ ପୁଲିସ ସିସିଟିଭି କ୍ୟାମେରା, ହାଇ ଡେଫିନେସନ କ୍ୟାମେରା ଦ୍ୱାରା ସହରର ଅଭ୍ୟାସଗତ ଅପରାଧୀଙ୍କୁ ଚିହ୍ନଟ କରିବା ଏବଂ ସେମାନଙ୍କ ଦ୍ୱାରା କୌଣସି



ବଡଧରଣର ଅପରାଧିକ କାର୍ଯ୍ୟକଳାପ ଯୋଜନା ବେଳେ ପୁଲିସ ସେମାନଙ୍କୁ ଠାବ କରିବାରେ ସହାୟକ ହେଉଛି। ଏହା ଜିଲ୍ଲାର ସାମଗ୍ରିକ ଅପରାଧ ପରିସ୍ଥିତି ଉପରେ ସକାରାତ୍ମକ ପ୍ରଭାବ ପକାଇବା ସହ ରାଉରକେଲା ପୁଲିସ ସହରବାସୀଙ୍କର ବେଶ୍ ଆସ୍ଥା ଭାଜନ ହୋଇପାରିଛି।

ରାଉରକେଲା ପୁଲିସ ମୁଖ୍ୟାଳୟ ଅନୁସାରେ ୨୦୨୫ରେ, ରାଉରକେଲା ପୁଲିସ ଜିଲ୍ଲାରେ ପୂର୍ବ ବର୍ଷ ତୁଳନାରେ ପ୍ରମୁଖ ଅପରାଧ ବିଶେଷ କରି ଡକାୟତି ଏବଂ ଛିନତାଇରେ ମୋଟ ୭୦% ହ୍ରାସ କରି ପୂର୍ବ ବର୍ଷ ତୁଳନାରେ ରେକର୍ଡ ସୃଷ୍ଟି କରିଛି। ଗତ ୬ ମାସରେ ଇ-ବିଟ୍ ଆପ୍ ମାଧ୍ୟମରେ ତଦାରଖ କରାଯାଇଥିବା ବିଟ୍ ପାଟ୍ରୋଲିଂ ପ୍ରଚଳନ ଦ୍ୱାରା ଏହି ଉନ୍ନତି ପରିଲକ୍ଷିତ ହୋଇଛି। ୨୦୨୫ ବର୍ଷରେ ମୋଟ ୪୬୦ ଜଣ ଅପରାଧୀଙ୍କୁ ଗିରଫ କରାଯାଇଥିଲା। ସେହିପରି ସମ୍ପତ୍ତି ଅପରାଧରେ ଚିହ୍ନଟ ହାର ୩୨% ରୁ ୫୨%କୁ ଉନ୍ନତ ହୋଇଛି। ମହିଳା ଏବଂ ଶିଶୁଙ୍କ ବିରୁଦ୍ଧରେ ଅପରାଧକୁ ଶୂନ୍ୟ ସହନଶୀଳତା ସହିତ ପରିଚାଳନା

**▶▶ ଡକାୟତି, ଛିନତାଇ ୭୦% ହ୍ରାସ**
**▶▶ ଗାଡ଼ି ଚୋରି ୨୦% ହ୍ରାସ**

କରାଯାଇଥିଲା। ଯାହା ତୁରନ୍ତ ପଞ୍ଜୀକରଣ, ସମ୍ବେଦନଶୀଳ ତଦନ୍ତ ଏବଂ ପ୍ରଭାବଶାଳୀ ଅନୁସରଣ ସୁନିଶ୍ଚିତ କରିଥିଲା। ଫଳରେ ୨୦୨୫ରେ ମହିଳାମାନଙ୍କ ବିରୁଦ୍ଧରେ ଅପରାଧ ୨୫% ହ୍ରାସ ପାଇଥିଲା। ବର୍ଦ୍ଧିତ ବୈଷୟିକ ତଦନ୍ତ ଏବଂ ଜନସଚେତନତା ଅଭିଯାନ ଯୋଗୁଁ ସାଇବର ଅପରାଧ ମାମଲାଗୁଡିକରେ ରିପୋର୍ଟିଂ ଏବଂ ଚିହ୍ନଟରେ ଉନ୍ନତି ଆସିଥିଲା। ଗତ ବର୍ଷ ମଧ୍ୟରେ ଠକେଇ ହୋଇଥିବା ପରିମାଣର ପୁନରାବୃତ୍ତି ଏବଂ ସାଇବର ଅପରାଧୀଙ୍କ ଚିହ୍ନଟରେ ଉନ୍ନତି ଆସିଛି। ୨୦୨୫ରେ ବିଭିନ୍ନ ରାଜ୍ୟରୁ ୬୫ ଜଣ ସାଇବର ଅପରାଧୀଙ୍କୁ ଗିରଫ କରାଯିବା ସହ ରାଉରକେଲା ପୁଲିସ ଜିଲ୍ଲାରେ ରାଉରକେଲା ପୁଲିସ ଜିଲ୍ଲା ସାଇବର ମାମଲାରେ ସର୍ବାଧିକ ଗିରଫଦାରୀ ହୋଇଛି। ରାଉରକେଲା ପୁଲିସ ଅନେକ ପ୍ରମୁଖ ଏବଂ ସମ୍ବେଦନଶୀଳ ମାମଲା ସଫଳତାର ସହ ସମାଧାନ କରିଛି। ଏନଡିପିଏସ ମାମଲାରେ ୬୨ ଜଣ ଏବଂ ଅସ୍ତ୍ରଶସ୍ତ୍ର ଆଇନ ମାମଲାରେ ୧୧୮ ଜଣଙ୍କୁ ଗିରଫ କରାଯାଇଥିଲା। ଏହା ଅସ୍ତ୍ରଶସ୍ତ୍ର ବ୍ୟବହାର କରି ସମ୍ପତ୍ତି ଅପରାଧ ଏବଂ ହିଂସାତ୍ମକ ଅପରାଧ ହାରକୁ ବହୁ ପରିମାଣରେ ହ୍ରାସ କରିଛି। ଏହାସହ ୨୦୨୫ରେ ବେଆଇନ ବାଲି ଖଣି ବିରୁଦ୍ଧରେ ୧୨୦ରୁ ଅଧିକ ମାମଲା ପଞ୍ଜିକୃତ ହୋଇଥିଲା। ସିସିଟିଭି, ଏଏନପିଆର, ଡିଜିଟାଲ୍ ଫରେନସିକ୍ସ ଏବଂ ରିଅଲ୍-ଟାଇମ୍ ମନିଟରିଂ ସିଷ୍ଟମର ପ୍ରଭାବଶାଳୀ ବ୍ୟବହାର ସହିତ ପ୍ରଯୁକ୍ତିବିଦ୍ୟା-ଚାଳିତ ପୁଲିସିଂ ଏକ ପ୍ରମୁଖ କେନ୍ଦ୍ରବିନ୍ଦୁ ହୋଇ ରହିଥିଲା। ତଥ୍ୟ-ଆଧାରିତ ନିୟୋଜନ ଏବଂ ଅପରାଧ ମ୍ୟାପିଂ ଅପରାଧକୁ ରୋକିବା ଏବଂ ପ୍ରତିକ୍ରିୟା ସମୟକୁ ଉନ୍ନତ କରିବାରେ ସାହାଯ୍ୟ କରିଥିଲା। ସ୍କୁଲ, କଲେଜ, ଶିଳ୍ପ ଏବଂ ଆବାସିକ ଅଞ୍ଚଳରେ, ବିଶେଷକରି ସାଇବର ସୁରକ୍ଷା, ଟ୍ରାଫିକ୍ ଶୃଙ୍ଖଳା ଏବଂ ମହିଳା ସୁରକ୍ଷା ଉପରେ ପ୍ରସାର ମାଧ୍ୟମରେ ସମ୍ପ୍ରଦାୟ ସମ୍ପୃକ୍ତି ଏବଂ ସଚେତନତା କାର୍ଯ୍ୟକ୍ରମକୁ ସୁଦୃଢ଼ କରାଯାଇଥିଲା। ଆଗାମୀ ଦିନରେ ବୃତ୍ତିଗତ, ପ୍ରଯୁକ୍ତିବିଦ୍ୟା ସକ୍ଷମ ଏବଂ ନାଗରିକ କୈନ୍ଦ୍ରିକ ପୁଲିସିଂ ଉପରେ ନିରନ୍ତର ଗୁରୁତ୍ୱ ଦିଆଯିବ ବୋଲି ଏସପି ଶ୍ରୀ ୱାଧୱାନୀ କହିଛନ୍ତି।










# କଳିଙ୍ଗ ସଂସଦ ପରିଷଦ ପକ୍ଷରୁ ସୁନ୍ଦରଗଡ଼ ଜିଲ୍ଲା ପ୍ରତିଷ୍ଠା ଦିବସ

**ରାଉରକେଲା, ୨।୧(ସମିସ):** ଓଡ଼ିଶା ମାନଚିତ୍ରରେ ଆୟତନ ଦୃଷ୍ଟିରୁ ମୟୂରଭଞ୍ଜ ପରେ ସୁନ୍ଦରଗଡ଼ ଦ୍ୱିତୀୟ ବୃହତ୍ତମ ଜିଲ୍ଲା। ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ପ୍ରାକୃତିକ ସମ୍ପଦର ଐଶ୍ୱର୍ଯ୍ୟରେ ଭରା ଏହା ରାଜ୍ୟର ଏକ ଧନୀ ଜିଲ୍ଲା। ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ଼ର ଅନ୍ୟ ଏକ ବୈଶିଷ୍ଟ୍ୟ ହେଲା ଜିଲ୍ଲାଟି ଉଭୟ ଝାଡଖଣ୍ଡ ଓ ଛତିଶଗଡ଼ ରାଜ୍ୟର ସୀମା ସହ ସଂଲଗ୍ନ ରହିଛି। ପୂର୍ବରୁ ଥିବା ଦୁଇଟି ଗଡ଼ଜାତ ରାଜ୍ୟ ଗାଙ୍ଗପୁର ଓ ବଣାଇ ଏହି ଦିନ ଓଡ଼ିଶା ସହ ମିଶିଥିଲା ଓ ଏହା ସୁନ୍ଦରଗଡ଼ ଜିଲ୍ଲା ନାମରେ ନାମିତ ହୋଇଥିଲା। ସୁନ୍ଦରଗଡ଼ର ଅର୍ଥ ଏହା ଏକ ସୌନ୍ଦର୍ଯ୍ୟପୂର୍ଣ୍ଣ ଗଡ଼ ବା ଅଞ୍ଚଳ। ଯାହାର ୪୩ ଭାଗ ଜଙ୍ଗଲ ରହିଛି। ଜିଲ୍ଲା ଭାବେ ପ୍ରତିଷ୍ଠା ଦିନ ଠାରୁ ପଶ୍ଚିମ ଓଡ଼ିଶାର ଏକ ପ୍ରମୁଖ ଜିଲ୍ଲା ଭାବେ ନିଜର ସ୍ଥିତି ଜାହିର କରି ରଖିଛି। ଇଂରାଜୀ ନବବର୍ଷ ୧୯୪୮ ମସିହାରେ ଜିଲ୍ଲାର ସୃଷ୍ଟି ହୋଇଥିବାରୁ ଚଳିତ ବର୍ଷ ପ୍ରଥମ କରି ରାଉରକେଲା ସ୍ମାର୍ଟ ସିଟିରେ




ସୁନ୍ଦରଗଡ଼ ଜିଲ୍ଲାର ଜନ୍ମଦିନକୁ ଧୂମଧାମରେ ବିଶ୍ରା ଛକ ଠାରେ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ପାଳନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ ଯୋଗ ଦେଇ ଧରତୀ ଆବା ବୀର ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ। କଳିଙ୍ଗ ସଂସଦ ପରିଷଦର ସଦସ୍ୟଙ୍କ ସହ ପ୍ରତିମୂର୍ତ୍ତି ଚର୍ତୁପାଶ୍ୱରେ ବାଜା ଓ ନୃତ୍ୟର ତାଳେ ତାଳେ ବୁଲିଥିଲେ। ସଂସଦର ଅଧ୍ୟକ୍ଷ ଗିରିଜା ଶଙ୍କର ଦ୍ୱିବେଦୀଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ଆୟୋଜିତ ଉତ୍ସବରେ ସହରର ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ସଂଗଠନ ମଧ୍ୟରେ ସ୍ମାଟ୍‌ର୍ ଲେଡିଜ କ୍ଲବ୍, ଅହିରାବନ୍ଧ ଜଗନ୍ନାଥ ମନ୍ଦିର କୀର୍ତ୍ତନ ମଣ୍ଡଳୀ, ଆନନ୍ଦ ସ୍କୁଲ ଅଫ୍ ଡ୍ୟାନ୍ସ, ଯୁବ ଜାଗୃତି ମଞ୍ଚ, କଳିଙ୍ଗ ବ୍ୟବସାୟୀ ସଂଘ ରାଉରକେଲା ପ୍ରମୁଖ ସାମିଲ ହୋଇଥିଲେ। ସଂସଦର ଜ୍ୟୋର୍ତିମୟ ଆଚାର୍ଯ୍ୟ ସ୍ୱାଗତ ଅଭିଭାଷଣ ପ୍ରଦାନ ସହ ପରିଚାଳନା କରିଥିଲେ। ପୂର୍ବରୁ ସେକ୍ଟର-୨ ବିଜୁ ପଟ୍ଟନାୟକ ଛକରେ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଥିଲା। କାର୍ଯ୍ୟକ୍ରମ ଆୟୋଜନରେ ସଂସଦର ସଞ୍ଜୀବ ନାୟକ, ଜିତେନ୍ଦ୍ର ପ୍ରସାଦ, ଅକ୍ଷୟ ଚୌଧୁରୀ, ଅଶୋକ ପଣ୍ଡା, ସୂର୍ଯ୍ୟ ଚୌଧୁରୀ, ଦାଶରଥି ବିଶ୍ୱାଳ, ଦିନେଶ ପ୍ରସାଦ, ସାହୁ, ଗୌତମ ଭଗତ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲୀନା ନାୟକ, ପ୍ରତିଭା ପ୍ରିୟଦର୍ଶିନୀ, ହେମଲତା ପ୍ରସାଦ, ମାନୀନୀ ଜେନା, ନିରୁପମା, ଗୋପାଳ ଜେନା, ସଞ୍ଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆନନ୍ଦ ସୁନା ଧନ୍ୟବାଦ ଦେଇଥିଲେ।






## ଜିଲ୍ଲା ମଙ୍ଗଳ ବିଭାଗର ସମୀକ୍ଷା



ନୂଆପଡା,୨।୧(ସମିସ): ନୂଆପଡ଼ା ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟର ସମୀକ୍ଷା କରାଯାଇଛି। ଏଥିରେ ଜିଲ୍ଲାପାଳ ମଧୁସୂଦନ ଦାଶ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀ ଦୀପ୍ତିମନ୍ତ ଭୋଇଙ୍କ ଆବାହକତ୍ୱରେ ଆୟୋଜିତ ଏହି ବୈଠକରେ ସମସ୍ତ ଗୋଷ୍ଠୀ ଶିକ୍ଷାଧିକାରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ, ବିଭାଗୀୟ ଅଧିକାରୀ, ହାଇସ୍କୁଲ ଏବଂ ହାୟର ସେକେଣ୍ଡାରୀ ସ୍କୁଲର ଅଧ୍ୟକ୍ଷ, ଅଧ୍ୟକ୍ଷା ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳତାର ବିକାଶ ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ପିଲାଙ୍କୁ କବିତା, ନାଟକ ଲେଖିବା ପାଇଁ ଉତ୍ସାହିତ କରିବାକୁ ସେ କହିଥିଲେ। ସବୁଠାରୁ ଉତ୍କୃଷ୍ଟ ନାଟକକୁ ବିଦ୍ୟାଳୟ ବାର୍ଷିକ ଉତ୍ସବରେ ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ସବୁ ସ୍କୁଲରେ ହଲ ଅଫ ଫେମ ପ୍ରତିଷ୍ଠା କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଏହି ସଭାରେ ପାଠପଢ଼ା ସହ ସ୍କୁଲର ସୁରକ୍ଷା ବ୍ୟବସ୍ଥା, ପିଲାଙ୍କ ଯତ୍ନ ଉପରେ ସମୀକ୍ଷା ହୋଇଥିଲା। ଏହି ଅବସରରେ ଶ୍ରେଷ୍ଠ ପ୍ରଧାନ ଶିକ୍ଷକ, ଶ୍ରେଷ୍ଠ ରୋଷେଇ ବଗିଚା ଏବଂ ଶ୍ରେଷ୍ଠ ଉପସ୍ଥାପନା ଥିବା ସ୍କୁଲଗୁଡ଼ିକୁ ସମ୍ମାନୀତ କରାଯାଇଥିଲା।

## ସଡ଼କ ସୁରକ୍ଷା ମାସ ଉପଲକ୍ଷେ ସାଇକଲ ଶୋଭାଯାତ୍ରା




ଭବାନୀପାଟଣା,୨।୧(ସମିସ): ୩୭ତମ ଜାତୀୟ ସଡକ ସୁରକ୍ଷା ମାସ ଅବସରରେ ଜିଲ୍ଲା ପ୍ରଶାସନ ଓ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଦ୍ୱାରା ଏକ ବିଶାଳ ସାଇକଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଦ୍ୱାରା ଏହା ଶୁଭାରମ୍ଭ କରାଯାଇଥିଲା। ସ୍ଥାନୀୟ ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ଅଧ୍ୟକ୍ଷ ପରମେଶ୍ୱର ମୁଣ୍ଡ, ଅଧ୍ୟାପକ ଶୁଭେନ୍ଦୁ ପାଢୀ, ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ପ୍ରତାପ ଚନ୍ଦ୍ର ଦାଶ, ଏନ୍‌ସିସି ଅଫିସର ସୁଶାନ୍ତଦାଶ, ମିନିକେତନ ସାହୁ, ନାଜନିନ ସୁଲତାନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଡେପୁଟି କମିଶନର ପ୍ରତାପ କିଶୋର ପଣ୍ଡା, ଜୁନିୟର ଏମ୍‌ଭିଆଇ ରାମକୃଷ୍ଣ ମାଝୀ, ଟିଆଇ ମିଥୁନ ପ୍ରଧାନ, କଳାହାଣ୍ଡି ଜିଲ୍ଲା ପୁଲିସ ଓ ପ୍ରଶାସନର ଅନେକ କର୍ମଚାରୀ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟରୁ ବିଭିନ୍ନ ସଚେତନତା ବାର୍ତ୍ତା ନେଇ ସାଇକଲ ଶୋଭାଯାତ୍ରାରେ ବାହାରିଥିଲେ। ଏମ୍‌ଏସ୍‌ଏ ଛକ, ମାଣିକେଶ୍ୱରୀ ହାଇସ୍କୁଲ ଛକ, ଷ୍ଟାଚ୍ୟୁଛକ ଓ ମାଣିକେଶ୍ୱରୀ ମନ୍ଦିର ଦେଇ ସମସ୍ତେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସାଧାରଣ ଜନତାଙ୍କୁ ସଡକ ସୁରକ୍ଷାର ସମସ୍ତ ନୀୟମାବଳୀ ସଚେତନ କରାଯିବା ସହ ଜୀବନ ରକ୍ଷାର ବାର୍ତ୍ତା ଦିଆଯାଇଥିଲା।

## ଗୋଲାମୁଣ୍ଡା ପଞ୍ଚାୟତ ସମିତି ବୈଠକ

# ଅଧିକାରୀଙ୍କ ଅନୁପସ୍ଥିତିକୁ ନେଇ ହଟ୍ଟଗୋଳ

ଧର୍ମଗଡ଼,୨।୧(ସମିସ)

ଗୋଲାମୁଣ୍ଡା ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଥିବା ସଭାଗୃହ ଠାରେ ଆଜି ବ୍ଲକ୍ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କ ସଭାପତିତ୍ୱରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଗୋଲାମୁଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ତ୍ରିପୁର ମହାନନ୍ଦ, ତହସିଲଦାର ଚନ୍ଦନ କୁମାର ନାୟକ, ଜିଲ୍ଲା ପରିଷଦ ସଭ୍ୟା ହେମାଙ୍ଗିନି ରାଉତ ପ୍ରମୁଖ ଯୋଗଦେଇଥିଲେ। ଏହି ବୈଠକରେ ବ୍ଲକର ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଆଇନ ଶୃଙ୍ଖଳା, ପାନୀୟ ଜଳ, ସାମାଜିକ ମଙ୍ଗଳ ସୁରକ୍ଷା, ଉଦ୍ୟାନ କୃଷି, ବିଜୁଳି, ଜାତୀୟ ରାଜପଥ, ପ୍ରାଣୀଧନ, ଗମନାଗମନ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ସମସ୍ୟାର ସମାଧାନ ପାଇଁ ବିଭାଗୀୟ




ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।

ବିଶେଷ କରି ଏହି ବୈଠକରେ ଅବକାରୀ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ସମ୍ବନ୍ଧୀୟ ଅନେକ ଅଭିଯୋଗ ପରିଲକ୍ଷିତ ହୋଇଥିଲା। କିନ୍ତୁ ବୈଠକରେ ଏହି ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତ ଦେଖିବାକୁ ମିଳିଥିଲା। ଯାହାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ପଞ୍ଚାୟତ ସମିତି ବୈଠକରେ ଏହି ଦୁଇ ଗୋଟି ବିଭାଗର ଅଭିଯୋଗ ଆସିଥିବା ବେଳେ ଉକ୍ତ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତକୁ ନେଇ ହଟଗୋଳ ପରିସ୍ଥିତି ଉପୁଜିଥିଲା। ଏନେଇ ଉକ୍ତ ଦୁଇ ଗୋଟି ବିଭାଗର ଅଧିକାରୀମାନଙ୍କ ଦରମା ବନ୍ଦ କରିବାକୁ ବୈଠକରେ ଉପସ୍ଥିତ ଥିବା ସମସ୍ତ ଜନ ପ୍ରତିନିଧିମାନେ ବ୍ଲକ ଅଧ୍ୟକ୍ଷ ଶ୍ରୀ ମହାନନ୍ଦଙ୍କ ଠାରେ ଦାବି କରିଥିଲେ। ଶ୍ରୀ ମହାନନ୍ଦ ସଭା ଗୃହରେ ଉପସ୍ଥିତ ଥିବା ଓ ଗୃହରେ ସୁପାରିସ ହୋଇଥିବା ଦାବିଗୁଡିକୁ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସାଙ୍ଗକୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି ମାଧ୍ୟମରେ ଜଣାଇବା ନେଇ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଏହି ବୈଠକରେ ଏବିଡ଼ିଓ ବିଜୟ କୁମାର ନାଏକ, ସହକାରୀ ଯନ୍ତ୍ରୀ ସ୍ମୃତି ରଞ୍ଜନ ସେଠି, ଚିତ୍ତ ରଞ୍ଜନ ଜେନା, କନିଷ୍ଠ ଯନ୍ତ୍ରୀ ନିକୁଞ୍ଜ ନାଏକ, ରେଙ୍ଗୋ ନାଏକ, ଏଏଫଓ ବନ୍ଦନା ରାଣୀ ପଣ୍ଡା, ବିଡିଓ ମଞ୍ଜୁଲତା ବାଗଙ୍କ ସମେତ ୨୮ ଗୋଟି ଗ୍ରାମ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟସଭ୍ୟା ଓ ବ୍ଲକ୍‌ସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଟ୍ରକ୍‌କୁ ପଛରୁ ପିଟିଲା ବାଇକ୍; ୨ ଭାଇ ମୃତ

ଭବାନୀପାଟଣା,୨।୧(ସମିସ): ଭବାନୀପାଟଣା ସଦର ଥାନା କଲମ ଗାଁ ମଣ୍ଡି ପାଖରେ ଅଟକି ରହିଥିବା ଏକ ଟ୍ରକ୍ ପଛକୁ ଏକ ବାଇକ୍ ପିଟି ହେବା ଫଳରେ ୨ ଭାଇଙ୍କ ମୃତ୍ୟୁ ହୋଇଛି। ମୃତ ୨ ଭାଇ ହେଲେ ଟଙ୍କଧର ଶବର (୪୨) ଓ ବୈକୁଣ୍ଠ ଶବର (୩୮)। ମିଳିଥିବା ସୂଚନାନୁଯାୟୀ, ଅପରାହ୍ନରେ ୨ ଭାଇ ଏକ ବାଇକରେ ନିଜ ଘରକୁ ଆସୁଥିବାବେଳେ ବାଟରେ ମଣ୍ଡି ପାଖରେ ଅଟକି ଥିବା ଏକ ଟ୍ରକ୍ ପଛକୁ ପିଟି ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ଉଭୟଙ୍କୁ ଆମ୍ବୁଲାନ୍ସ ଯୋଗେ ଭବାନୀପାଟଣା ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ୨ ଜଣଙ୍କର ମୃତ୍ୟୁ ହୋଇଥିଲା। ସଦରଥାନା ପୁଲିସ ଶବକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ଶନିବାର ସେମାନଙ୍କର ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

## ନୂତନ ଗୃହକୁ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାନାନ୍ତର

● ପାଠପଢ଼ାଇ ଶୁଭାରମ୍ଭ କଲେ ଜିଲ୍ଲାପାଳ

ନୂଆପଡା,୨।୧(ସମିସ): ନୂଆପଡା ଜିଲ୍ଲା ସଦର ମହକୁମାରେ ଆଜିକୁ ଦୀର୍ଘ ଦିନ ଧରି ନ୍ୟାସନାଲ ହାଇସ୍କୁଲର କୋଠାରେ ଅସ୍ଥାୟୀ ଭାବେ କେନ୍ଦ୍ରୀୟ ବିଦ୍ୟାଳୟ ଚାଲିଥିଲା। ବର୍ତ୍ତମାନ ନୂଆପଡ଼ା କେନ୍ଦ୍ରୀୟ ବିଦ୍ୟାଳୟ ସିଲଦାସ୍ଥିତ ନୂତନ ସରକାରୀ ଗୃହକୁ ସ୍ଥାନାନ୍ତରିତ ହୋଇଛି। ଶୁକ୍ରବାର ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ ବିଦ୍ୟାଳୟ ଗସ୍ତ କରି ନୂତନ ଗୃହରେ ଶିକ୍ଷାଦାନ କରି ଏହାର ଶୁଭାରମ୍ଭ କରିଛନ୍ତି। ପିଲାଙ୍କୁ ପାଠ ପଢ଼ାଇ ବହୁ ଗୁରୁତ୍ୱପୂର୍ଣ୍ଣ ନୀତିବାଣୀ କହି ସେ ମାର୍ଗଦର୍ଶନ କରିଥିଲେ। କେନ୍ଦ୍ରୀୟବିଦ୍ୟାଳୟ ଅଧ୍ୟକ୍ଷ ମାନସ ରଞ୍ଜନ ତ୍ରିପାଠୀ ଯୋଗଦେଇ




ଆଜି ନୂତନ ବର୍ଷରେ ନୂତନ କ୍ୟାମ୍ପସରେ ଶିକ୍ଷାଦାନ ନିଶ୍ଚିତ ରୂପେ ବିଦ୍ୟାର୍ଥୀଙ୍କ ଆଗ୍ରହ ଉତ୍ସାହକୁ ଜାଗ୍ରତ କରିବ ବୋଲି କହିଥିଲେ। ଏହି ବିଦ୍ୟାଳୟ ସ୍ଥାନାନ୍ତର ଉତ୍ସବରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ। ଖୁବ୍‌ଶୀଘ୍ର ଆନୁଷ୍ଠାନିକ ଭାବେ ଏହାର ଉଦ୍‌ଘାଟନ କାର୍ଯ୍ୟକ୍ରମ ହେବ ବୋଲି କୁହାଯାଇଛି।

## 'କଳାହାଣ୍ଡି ଉତ୍ସବ' ଉପଲକ୍ଷେ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ



ଲାଞ୍ଜିଗଡ଼,୨।୧(ସମିସ): କଳାହାଣ୍ଡି ଉତ୍ସବ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା କରାଯାଉ ଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ଲାଞ୍ଜିଗଡ଼ ପଞ୍ଚାୟତ ସମିତି ଓ ବିଶ୍ୱନାଥପୁର ବ୍ୟାଡମିଣ୍ଟନ ଆସୋସିଏସନର ମିଳିତ ଉଦ୍ୟମରେ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଲାଞ୍ଜିଗଡ଼ ବିଡ଼ିଓ ଶଶାଙ୍କ ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରତିନିଧି ପ୍ରଦୀପ ଘଢେଇ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ସଞ୍ଜିବ କୁମାର ନାୟକ, ସମାଜସେବୀ ହରିଶଙ୍କର ପାତ୍ର, ପୂର୍ବତନ ଉପାଧ୍ୟକ୍ଷ ଜଗଦୀଶ ବେନିଆ, ସମାଜ ମଙ୍ଗଳ ସଂପ୍ରସାରଣ ଅଧିକାରୀ ପଙ୍କଜ ବଳିଆର ସିଂ, ବିଶ୍ୱନାଥପୁର ସମିତି ସଭ୍ୟ ଅଜିତ ପ୍ରଧାନୀ, ରମେଶ କୁମାର ତୁଳ, ତରୁଣ କୁମାର ଦାସ ପ୍ରମୁଖ ମଞ୍ଚାସିନ ଥିଲେ। ଅତିଥିମାନେ ପୂଜାର୍ଚ୍ଚନା ପରେ ବିଧିବଦ୍ଧ ଭାବେ ଖେଳର ଶୁଭାରମ୍ଭ କରିଥିଲେ। ଖେଳକୁ ଅଫିସିଆଲ୍ ରେଫରି କିଶୋର କୁମାର ଘଢେଇ ପରିଚାଳନା କରିଥିବାବେଳେ ପରିଚାଳନାରେ ଲାଞ୍ଜିଗଡ଼ ବ୍ୟାଡମିଣ୍ଟନ ଆସୋସିଏସନ ସଭାପତି ଧବଳେଶ୍ୱର ଠେଲାଙ୍କ ନେତୃତ୍ୱରେ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# କଦଳୀଘାଟି-ଢ଼େପଗୁଡା ଘାଟି ରାସ୍ତାରେ ମାଙ୍କଡ଼ ଉପଦ୍ରବ



ଲାଞ୍ଜିଗଡ଼,୨।୧(ସମିସ):କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଠାରୁ ରାୟଗଡାକୁ ସଂଯୋଗ କରୁଥିବା ୬ ନମ୍ବର ରାଜ୍ୟ ରାଜପଥରେ ଆସୁଥିବା ଲାଞ୍ଜିଗଡ ବ୍ଲକ ଅନ୍ତର୍ଗତ କଦଳୀଘାଟି ଠାରୁ ଢ଼େପଗୁଡା ଘାଟି ପର୍ଯ୍ୟନ୍ତ ଘଞ୍ଚ ଜଙ୍ଗଲ ପୂର୍ଣ୍ଣ ପ୍ରାୟ କୋଡିଏ କିମି ରାସ୍ତା ମାଙ୍କଡ଼ମାନଙ୍କ ଚରାଭୂଇଁ ପାଲଟିଛି। ବର୍ଷ ବର୍ଷ ଧରି ଟ୍ରକ ଓ ଚାରିଚକିଆ ଯାନରେ ଯାଉଥିବା ଡ୍ରାଇଭର ଓ ଯାତ୍ରୀମାନେ ମାଙ୍କଡମାନଙ୍କୁ ଶ୍ରଦ୍ଧାରେ ବିଭିନ୍ନ ପ୍ରକାରର ଖାଦ୍ୟ ଓ ଫଳମୂଳ ଖାଇବାକୁ ଦେଇଆସୁଛନ୍ତି। ଯାହାଫଳରେ ଏହି ରାସ୍ତାରେ ସର୍ବଦା ହଜାର ହଜାର ମାଙ୍କଡ଼ ଜଙ୍ଗଲ ଭିତରକୁ ନଯାଇ ରାସ୍ତା କଡରେ, ରାସ୍ତା ଉପରେ ବୁଲୁଥିବା ଦେଖିବାକୁ ମିଳୁଛି। କିଏ ଖାଇବାକୁ ଦେଲେ ଏକାଥରକେ ଶତାଧିକ ମାଙ୍କଡ଼ ରାସ୍ତା ଜାମ କରି ସେଠାରେ ରୁଣ୍ଡ ହୋଇଥାନ୍ତି। ଯାହା ଫଳରେ ପ୍ରତ୍ୟେକ ଦିନ ଛୋଟ ବଡ଼ ଦୁର୍ଘଟଣାମାନ ଘଟିଥାଏ। ଖାସକରି ଦୁଇ ଚକିଆ ଗାଡି ଚାଳକମାନେ ଅଧିକ ହଇରାଣ ହୋଇଥାନ୍ତି। ପ୍ରାୟ ଅଧିକାଂଶ ସମୟରେ ଦୁଇଚକିଆ ଚାଳକମାନେ ମାଙ୍କଡ଼ ଆକ୍ରମଣର ଶିକାର ହୋଇଥାନ୍ତି। ମାଙ୍କଡ଼ମାନେ ମଧ ଦ୍ରୁତଗାମୀ ବଡ ଗାଡି ଚକ ତଳେ ଚାପିହେବା ଏକ ଦୈନନ୍ଦିନ ଘଟଣା। ଏହାଛଡା ବଡ଼ ବଡ଼ ଟ୍ରକ ଗୁଡିକ ମଧ ମାଙ୍କଡ଼ ମାନଙ୍କ ପାଇଁ ଭାରସାମ୍ୟ ହରାଇ ଓଲଟିବା ଓ ଡ୍ରାଇଭର ମାନଙ୍କ ଜୀବନ ଯିବା ସାଧାରଣ ଘଟଣା ହୋଇଯାଇଛି। ବର୍ତ୍ତମାନ ଏହି ରାଜ୍ୟରାଜପଥର ବଞ୍ଜାରୀ ଘାଟି ରାସ୍ତାର ପ୍ରଶସ୍ତିକରଣ କାମ ଚାଲିଥିବା ବେଳେ ଏଥିରେ କାମ କରୁଥିବା କର୍ମଚାରୀ ଏବଂ ମଜୁରିଆମାନେ ମଧ ମାଙ୍କଡ଼ ଆକ୍ରମଣର ଶିକାର ହେଉଛନ୍ତି। ମା' ବଞ୍ଜାରୀଙ୍କ ମନ୍ଦିରକୁ ଲୋକେ ଦର୍ଶନ ପାଇଁ ଆସିଥାନ୍ତି, ହେଲେ ବାଟରୁ ନଡ଼ିଆ କଦଳୀ ଛଡେଇ ହେଉଛନ୍ତି। ଏହି ରାସ୍ତାରେ ଅନେକ ଜାଗାରେ ପି. ଡବ୍ଲୁଡ଼ି ତରଫରୁ ମାଙ୍କଡ଼ମାନଙ୍କୁ ଖାଇବାକୁ ଦିଅନ୍ତୁ ନାହିଁ ବୋଲି ବୋର୍ଡ ଗୁଡିକ ଲଗାଯାଇଛି। କିନ୍ତୁ ଏହାର ଫାଇଦା ଦେଖିବାକୁ ମିଳୁନାହିଁ। ତେଣୁ ଏନେଇ ବନବିଭାଗ ତରଫରୁ ତତ୍ପରତା ଦେଖାଇ ପାଟ୍ରୋଲିଂ ସହ ଲୋକଙ୍କୁ ସଚେତନ କରାଇଲେ ମଣିଷ ତଥା ମାଙ୍କଡ଼ ସମସ୍ତଙ୍କ ଜୀବନ ରକ୍ଷା ହୋଇପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

କୋକସରା,୨।୧(ସମିସ): କୋକସରା ଥାନା ଜୟନ୍ତପୁର ରଏନଗୁଡା ଗ୍ରାମରୁ ଶୁକ୍ରବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ପୁଲିସ ଉଦ୍ଧାର କରିଛି। ମୃତ ଯୁବକ ଜଣକ ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ଥାନା ଲୁକାପଡା ଗ୍ରାମର କେଶରୀ ମାଝୀଙ୍କ ପୁଅ ପଦ୍ମନ ମାଝୀ(୨୩)। ୪ ମାସ ତଳେ ପଦ୍ମନ କାମ କରିବାକୁ ଗୋଆ ଯାଇଥିଲେ। ସେଠାରୁ



ଗତ ୩୧ ତାରିଖ ରାତିରେ ଦେଭୋଗ ଥାନା କେନ୍ଦୁପାଟି ଗ୍ରାମର ଶୋଭାଲାଲ ମାଝୀଙ୍କ ସହିତ ରଏନଗୁଡା ଗାଁର ଜଣେ ସମ୍ପର୍କୀୟ ଘରକୁ ଆସିଥିଲେ। ୧ ତାରିଖ ରାତିରେ ଖାଇ ସାରି ଶୋଇବା ପରେ ନିଖୋଜ ହୋଇଯାଇଥିଲେ। ଶୁକ୍ରବାର ସକାଳେ ଗାଁ ନିକଟସ୍ଥ ଏକ ଗଛ ଉପରେ ପଦ୍ମନଙ୍କ ଝୁଲନ୍ତା ମୃତଦେହେ ଦେଖିବାକୁ ମିଳିଥିଲା। ଖବରପାଇ କୋକସରା ପୁଲିସ ପହଞ୍ଚି ସାଇଣ୍ଟିଫିକ ଟିମ୍ ସାହାଯ୍ୟରେ ତଦନ୍ତ ଆରମ୍ଭ କରିବା ସହ ଶବ ଜବତ କରିଥିଲା। କୋକସରା ଗୋଷ୍ଠୀ ସ୍ୱସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। କୋକସରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

# କଂସବଧ ସହ ସାରାବଙ୍ଗ ଧନୁଯାତ୍ରା ଉଦ୍‌ଯାପିତ

## ଛତିଶଗଡ଼ି ଷ୍ଟାର ଗାୟକ ବିବେକ ଶର୍ମାଙ୍କ ଗୀତରେ ଝୁମିଲେ ଦର୍ଶକ

ନୂଆପଡ଼ା,୨।୧(ସମିସ)

ନୂଆପଡ଼ା ସଦର ବ୍ଲକ୍ ସାରାବଙ୍ଗ ମିନି ଷ୍ଟାଡିୟମ୍ ଧନୁଯାତ୍ରା ପଡ଼ିଆରେ ୩ୟ ବିଶାଳ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ବୁଧବାର ବିଳମ୍ବିତ ରାତିରେ କଂସ ବଧ ପରେ ଉଦ୍‌ଯାପିତ ହୋଇଯାଇଛି। ଆୟୋଜକ କମିଟି ସଭାପତି ଗୋପାଳ ପଟେଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ନୂଆପଡ଼ା ବିଧାୟକ ଜୟ ଢୋଲକିଆ ମୁଖ୍ୟଅତିଥି, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଯଦୁମଣି ପାଣିଗ୍ରାହୀ, ଜିଲ୍ଲା ସଭାପତି କମଲେଶ ଦୀକ୍ଷିତ, ବିଜେପି ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ଅଭିନନ୍ଦନ ପଣ୍ଡା, ଜିଲ୍ଲା ସରପଞ୍ଚ ସଂଘ ସଭାପତି ପ୍ରେମଲାଲ ନାଏକ, ସ୍ଥାନୀୟ ସରପଞ୍ଚ ରଥବାଇ ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ମଥୁରା ନଗରୀରେ ମାମୁଁ କଂସାସୁରଙ୍କ ବିଶାଳ ଧନୁ ଯାତ୍ରା ମହୋତ୍ସବ ଦେଖିବାକୁ ନିମନ୍ତ୍ରିତ ହୋଇ ଆସିଥିବା କୃଷ୍ଣ ଓ ବଳରାମଙ୍କ ସହ ଲଢେଇ ହୋଇଥିଲା। ଶେଷରେ କଂସାସୁରଙ୍କ



ନିଧନ ହୋଇଥିଲା। ଛତିଶଗଡି ଭାଷା ଭାଷୀ ଅଞ୍ଚଳ ସତ୍ତ୍ୱେ କୋଶଲି ଭାଷାରେ ପରିଚାଳିତ ଯାତ୍ରାକୁ ହଜାର ହଜାର ଲୋକ ଠୁଳ ହୋଇ ଉପଭୋଗ କରିଥିଲେ। ମଥୁରା କାରାଗାରରୁ ବାସୁଦେବ ଓ ଦେବକୀଙ୍କୁ ଉଦ୍ଧାର କରାଯିବା ସହ ଉଗ୍ରେସନଙ୍କ ରାଜ୍ୟାଭିଷେକ କରାଯାଇଥିବା ନାଟକ ମଞ୍ଚସ୍ଥ ହୋଇଥିଲା।

ଯାତ୍ରାରେ ଶିକ୍ଷକ ମଧୁସୂଦନ ପାଣିଗ୍ରାହୀ କଂସ ଭୂମିକାରେ ଅଭିନୟ କରିଥିବାବେଳେ ତାଙ୍କର ସାଥି କଳାକାରମାନେ ଅନ୍ୟାନ୍ୟ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ। ରାତିରେ ଛତିଶଗଡ଼ି ଷ୍ଟାର ଗାୟକ ବିବେକ ଶର୍ମାଙ୍କ ଗୀତରେ ଦର୍ଶକ ଝୁମି ଉଠିଥିଲେ। କମିଟି ଉପସଭାପତି ଗୋବିନ୍ଦ ଦଣ୍ଡସେନା, କୋଷାଧ୍ୟକ୍ଷ ପୁନିତ ରାଉତ, ସନ୍ତୋଷ ଦଣ୍ଡସେନା, ଭୁବନେଶର ଦଣ୍ଡସେନା, ପ୍ରତୀକ ଦେୱାଙ୍ଗନ, କୌଶିକ ସାହୁ, ଗୋବିନ୍ଦ ରାଉତ, ପୁରୁଷୋତ୍ତମ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ସକାଳ
THE SAKALA

# ସମ୍ପାଦକୀୟ



ଭୂଗୋଳ ଆମକୁ ପଡ଼ୋଶୀ, ଇତିହାସ ଆମକୁ ବନ୍ଧୁ, ଅର୍ଥନୀତି ଆମକୁ ଅଂଶୀଦାର ଓ ଆବଶ୍ୟକତା ଆମକୁ ପରସ୍ପରର ସହଯୋଗୀ କରିଛି। ଯେଉଁମାନଙ୍କୁ ଭଗବାନ ଏକାଠି କରିଛନ୍ତି, ସେମାନଙ୍କୁ କେହି ଭାଗ ଭାଗ କରନ୍ତୁ ନାହିଁ।

- ଜନ୍ ଏଫ୍ କେନେଡି

## ସ୍ୱଚ୍ଛ ସହରରେ ଅସ୍ୱଚ୍ଛ ଜଳ

ଦେଶର ସ୍ୱଚ୍ଛତମ ସହର ଭାବେ ଗତ ୮ ବର୍ଷ ଧରି ମାନ୍ୟତା ବଜାୟ ରଖିଥିବା ମଧ୍ୟପ୍ରଦେଶର ଇନ୍ଦୋର ମ୍ୟୁନିସିପାଲିଟି ନିଗମ ଅଞ୍ଚଳରେ ଦୂଷିତ ପାନୀୟ ଜଳ ଯେ ଏକ ସମସ୍ୟା ରୂପେ ମୁଣ୍ଡ ଟେକିବ ଏକଥା କେହି ଅନୁମାନ କରି ନ ଥିଲେ। ଝାଡ଼ାବାନ୍ତିରେ ୧୦ ଜଣଙ୍କ ମୃତ୍ୟୁ ଓ ୧୫୦ ଅସୁସ୍ଥ ହୋଇପଡ଼ିବା ଘଟଣାର କାରଣ ସଂପର୍କରେ କରାଯାଉଥିବା ଅନୁଧ୍ୟାନରୁ ଜଣାପଡ଼ିଲା ଯେ ଭାଗୀରଥପୁରା ଅଞ୍ଚଳରୁ ଯୋଗାଇ ଦିଆଯାଇଥିବା ପିଇବା ପାଣି କେବଳ ଦୂଷିତ ନୁହେଁ ବିଷାକ୍ତ। ନର୍ମଦା ନଦୀରୁ ସଂଗୃହୀତ ଜଳକୁ ବିନା ଶୋଧନରେ ଲୋକଙ୍କୁ ଯୋଗାଇ ଦିଆଯାଇଛି।

ସ୍ୱଚ୍ଛ ପାନୀୟ ଜଳ ଯୋଗାଣକୁ ପ୍ରାଧାନ୍ୟ ଦେଇ ବିଭିନ୍ନ ରାଜ୍ୟକୁ କେନ୍ଦ୍ର ସରକାର ବିପୁଳ ଅର୍ଥ ମଞ୍ଜୁର କରିଥିଲେ ମଧ୍ୟ ତାହାର କାର୍ଯ୍ୟକାରିତାରେ ପରିଲକ୍ଷିତ ବିଫଳତାରୁ ସ୍ପଷ୍ଟ ହେଉଛି ଯେ ଅଗ୍ରାଧିକାର କ୍ଷେତ୍ର ପ୍ରତି କ୍ଷମତା ଆଦୌ ସଜାଗ ବା ସଚେତନ ନୁହେଁ। ଆମ ରାଜ୍ୟରେ ମଧ୍ୟ ପାନୀୟ ଜଳ ପ୍ରକଳ୍ପ ବିଭିନ୍ନ କାରଣରୁ ଅସଂପୂର୍ଣ୍ଣ ହୋଇପଡ଼ିରହିଛି। ଏ କ୍ଷେତ୍ରରେ କ୍ଷମତା ପରିବର୍ତ୍ତନ ହିଁ ପାଲଟିଛି ପ୍ରତିବନ୍ଧକ। ଇନ୍ଦୋର ସହରର ଭାଗିରଥୀପୁର ଅଞ୍ଚଳରେ ଯାଇଥିବା ମୁଖ୍ୟ ପାନୀୟଜଳ ପାଇପର ଉପର ଭାଗରେ ନିର୍ମିତ ପାଇଖାନା ହିଁ ପାଲଟିଛି ଦୁଃଖର କାରଣ। ତଥ୍ୟ ଅନୁଯାୟୀ ସେହି ସ୍ଥାନରେ ଥିବା ପାଇପର ସଂଯୋଗ ସ୍ଥଳ ସାମାନ୍ୟ ଢିଲା ଥିବାରୁ ପାନୀୟ ଜଳ ଦୂଷିତ ହୋଇଛି। ଏହାକୁ ଅନୁଶୀଳନ କଲେ, ଏଭଳି ଅବ୍ୟବସ୍ଥା ପ୍ରତି ନିଗମ କର୍ତ୍ତୃପକ୍ଷ ଆଜି ଯାଏଁ ଉଦାସୀନ ଥିଲେ କିପରି? ସେଥିରେ ପୁଣି ପାଇପ ଉପରେ ପାଇଖାନା ଯାହାର ସେପ୍ଟିଟ୍ୟାଙ୍କ ନାହିଁ। ନିହାତି ଅବାସ୍ତବ ଓ ଅସମ୍ଭବ ପରିସ୍ଥିତି ପୁଣି ସ୍ୱଚ୍ଛତମ ସହରରେ କେମିତି ସମ୍ଭବ ହେଲା? ଏଭଳି ଅନେକ ପ୍ରଶ୍ନର ଯଥାର୍ଥ ଉତ୍ତର ମିଳୁନାହିଁ। ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧ କରି ହାଇକୋର୍ଟଙ୍କୁ ହସ୍ତକ୍ଷେପ କରିବାକୁ ପଡ଼ିଛି। ସଂପୃକ୍ତ ଅଞ୍ଚଳରେ ପାଇପ ମାଧ୍ୟମରେ ଯୋଗାଇ ଦିଆଯାଉଥିବା ପାନୀୟ ଜଳ ବ୍ୟବହାରକୁ ସାମୟିକ ନିଷିଦ୍ଧ କରାଯାଇଛି। ୬୦ ରୁ ୭୦ ଟି ଟ୍ୟାଙ୍କର ମାଧ୍ୟମରେ ପିଇବା ପାଣି ଯୋଗାଇ ଦିଆଯାଇଛି। ଆଶା କରାଯାଉଛି ୩ ଦିନ ମଧ୍ୟରେ ପାଇପ ଲାଇନକୁ ବଦଳାଇ ସ୍ଥିତିରେ ସୁଧାର ଅଣାଯିବ। ମ୍ୟୁନିସିପାଲିଟି ନଗର ନିଗମ ଅଞ୍ଚଳରେ ପାନୀୟ ଉପଯୋଗୀ ଜଳ ଯୋଗାଇବା ଯଦି ସମ୍ଭବ ନହେବ ତେବେ ସମଗ୍ର ଦେଶବାସୀଙ୍କୁ ଏହା ଉପଲବ୍ଧ ହେବ କେବେ? ସ୍ୱଚ୍ଛ ଭାରତ ଅଭିଯାନ ଆରମ୍ଭ କରିଥିବା ଦଳ ଯଦି ରାଜ୍ୟ କ୍ଷମତାରେ ଥାଇ ମଧ୍ୟ ଏଭଳି ଚିତ୍ର ଦେଖିବାକୁ ମିଳୁଛି ତା' ହେଲେ ଆମେ କହିବା କାହାକୁ?

ଅମୃତ ଯୋଜନାର ଏହି ଦୁର୍ଗତିକୁ ଦେଖିଲେ ମନେ ହୁଏ ବାହାରକୁ ଚକ୍‌ଚାକ୍ ଦେଖାଯାଉଥିବା ନବ୍ୟ ଭବ୍ୟ ସହରୀ ଭାରତର ସ୍ୱାସ୍ଥ୍ୟ ଏବେ ବି ଠିକ୍ ନାହିଁ। ନଦୀରୁ ପିଇବା ପାଣି ସଂଗ୍ରହ କରି ବିନା ବିଶୋଧନରେ ଲୋକଙ୍କୁ ଯୋଗାଣ ଏକ ଧର୍ତ୍ତବ୍ୟ ଅପରାଧ ହେବା ଉଚିତ୍। ଦୂଷିତ ଜଳକୁ ନେଇ ଏବେ ସେଠାରେ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି ସେଥିପାଇଁ କିଏ ଉତ୍ତରଦାୟୀ ତାହା ମଧ୍ୟ ଧାର୍ଯ୍ୟ ହେବା ଉଚିତ।

## ପତିଆରା ଲଢ଼େଇ

ଶକ୍ତି, ସାମର୍ଥ୍ୟ ଓ ଅର୍ଥନୀତି ଦୃଷ୍ଟିରୁ ଆମେରିକାର ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ଚୀନ। ଚୀନର ବିସ୍ତାରବାଦୀ କୂଟନୀତି ଆମେରିକା ବିରୋଧୀଙ୍କୁ ଏକଜୁଟ କରୁଥିବା ବେଳେ ତାହାର ସ୍ୱାଭାବିକ ପ୍ରତିଫଳନ ୱାଶିଂଟନରେ ଅନୁଭୂତ ହେଉଛି। ବିଶେଷକରି ରାଷ୍ଟ୍ରପତି ଟ୍ରମ୍ପଙ୍କ ଟାରିଫ ଯୁଦ୍ଧରେ କ୍ଷତିଗ୍ରସ୍ତ ରାଷ୍ଟ୍ରଙ୍କୁ ଏକ ବିକଳ୍ପ ମଞ୍ଚର ଆବଶ୍ୟକତା ଥିବା ବେଳେ ଚୀନ ଓ ରୁଷର ମିଳିତ ଭୂମିକା ବିଶ୍ୱ ଭୂ-ରାଜନୈତିକ ଚିତ୍ରପଟ୍ଟରେ ଯେଉଁ ପରିବର୍ତ୍ତନର ଆଭାସ ପରିଲକ୍ଷିତ ହୋଇଛି ତାହା ବ୍ୟସ୍ତବିବ୍ରତ କରିଛି ଆମେରିକାକୁ। ସେ ଭାରତ ବିରୋଧୀ ଚୀନ ଆଭିମୁଖ୍ୟ ହେଉ କିମ୍ବା ଭାରତ-ପାକିସ୍ତାନ ସମ୍ଭାବ୍ୟ ଯୁଦ୍ଧକୁ ନେଇ ଆମେରିକା ଗୋଟିକ ପରେ ଗୋଟିଏ ରିପୋର୍ଟ ପ୍ରକାଶ କରି ଦକ୍ଷିଣ-ଏସିଆରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। 'ଅପରେସନ ସିନ୍ଦୂର' ପ୍ରସଙ୍ଗରେ ଭାରତ-ପାକିସ୍ତାନ ମଧ୍ୟରେ ପାରମାଣବିକ ଯୁଦ୍ଧ ଆଶଙ୍କାକୁ ଦୂର କରିବାରେ ଟ୍ରମ୍ପଙ୍କ ନିର୍ଣ୍ଣାୟକ ମଧ୍ୟସ୍ଥତା ବିତର୍କର ସୂତ୍ରପାତ କରିଥିଲା। ଭାରତ ତାହାର ଦୃଢ଼ ଖଣ୍ଡନ କରିଥିବା ବେଳେ ଏବେ ଚୀନ ଆମେରିକା ରାସ୍ତାରେ ଯାଇ ଅନୁରୂପ ଦାବି କରିଛି। ଏହି ଶ୍ରେୟହାସଲ ପ୍ରତିଯୋଗିତାରେ ଭାରତ ତା'ର ଉତ୍ତରରେ ଦୃଢ଼ ରହିଛି ଯେ ଭାରତ-ପାକିସ୍ତାନ ପ୍ରସଙ୍ଗରେ ତୃତୀୟ ପକ୍ଷ ମଧ୍ୟସ୍ଥତାର ସ୍ଥାନ ନାହିଁ।

'ଅପରେସନ ସିନ୍ଦୂର' ଥିଲା ପହଲଗାମ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ। ଅଧିକୃତ କାଶ୍ମୀର ଓ ପାକିସ୍ତାନରେ ଥିବା ଆତଙ୍କବାଦୀଙ୍କ ଆଡ୍ଡାକୁ ଧ୍ୱଂସ କରିବା ଥିଲା ଭାରତର ଉଦ୍ଦେଶ୍ୟ। ଶେଷପର୍ଯ୍ୟନ୍ତ ଭାରତ ଯୁଦ୍ଧ ଘୋଷଣା କରିନାହିଁ। କେବଳ ଆକ୍ରମଣର ପାଲଟା ଜବାବ ଦିଆଯାଇଛି। ଏହାର ପୃଷ୍ଠଭୂମିରେ ଆମେରିକା ଓ ଚୀନର ଥିଲା ଭିନ୍ନ ଭୂମିକା। ନୁର୍‌ଖାଁ ଏୟାର ବେସ ଭାରତର ପାଲଟା କାର୍ଯ୍ୟାନୁଷ୍ଠାନରେ କ୍ଷତିଗ୍ରସ୍ତ ହେବା ପରେ ଆମେରିକା ନିଜର ସ୍ୱତନ୍ତ୍ର ସ୍ୱାର୍ଥ ଦୃଷ୍ଟିରୁ ବିବ୍ରତ ହୋଇପଡ଼ିଥିଲା। ଅନ୍ୟପକ୍ଷରେ ଏହି ଆକ୍ରମଣ ଓ ପ୍ରତିଆକ୍ରମଣରେ ଚୀନର ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ। ନିଜର ସମସ୍ତ ଅତ୍ୟାଧୁନିକ ସାମରିକ ଯୁଦ୍ଧାସ୍ତ୍ର ପ୍ରୟୋଗ ଓ ପରୀକ୍ଷଣ କରିଥିଲା ସେ ପାକିସ୍ତାନ ମାଧ୍ୟମରେ। ସବୁଠାରୁ ଉଲ୍ଲେଖଯୋଗ୍ୟ ହେଲା, ଭାରତୀୟ ସେନାବାହିନୀର ସମସ୍ତ ଗତିବିଧି ସଂପର୍କରେ ଆଗୁଆ ତଥ୍ୟ ଯୋଗାଇ ପାକିସ୍ତାନ ରଣକୌଶଳରେ ସହାୟତା କରୁଥିଲା ଚୀନ। କହିବାକୁ ଗଲେ ପାକିସ୍ତାନ, ତୁର୍କୀ ଓ ଚୀନର ମିଳିତ ସାମ୍ମୁଖ୍ୟର ମୁକାବିଲା କରିଥିଲା ଭାରତ। ନିଜର ବିଫଳତାକୁ ଲୁଚାଇବା ପାଇଁ ଚୀନ୍ ଏବେ ଯେଉଁ ମଧ୍ୟସ୍ଥତା ଦାବି କରୁଛି ତାହାର ଯଥାର୍ଥତା କେତେ ବିଶ୍ୱ ସମୁଦାୟ ଜାଣିଛି। ଦୁଇ ପଡ଼ୋଶୀ ରାଷ୍ଟ୍ରର ବିପଦରେ ପକ୍ଷଭୁକ୍ତ ହୋଇଥିବା ରାଷ୍ଟ୍ର ନିଜକୁ ମଧ୍ୟସ୍ଥି ଦାବି କରିବା ହାସ୍ୟାସ୍ପଦ। କେବଳ ସେତିକି ନୁହେଁ ଆତଙ୍କବାଦ ବିରୋଧୀ କାର୍ଯ୍ୟାନୁଷ୍ଠାନ ପାଇଁ ଜାତିସଂଘରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତିରେ ପାକିସ୍ତାନକୁ ସମର୍ଥନ ଚୀନ ଯେଉଁ ଭୂମିକା ନିଭାଇଛି ତାହା ମଧ୍ୟ ଭାରତ ସ୍ୱାର୍ଥବିରୋଧୀ। ଏଠାରେ ମନେରଖିବାକୁ ହେବ ଯେ ସାଂଘାଇ ସମ୍ମିଳନୀରେ ଭାରତର ଯୋଗଦାନ କେବଳ ଥିଲା କୂଟନୈତିକ ଆବଶ୍ୟକତା।

ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ଅସ୍ତ୍ରବିରତିର ଶ୍ରେୟ ହାସଲ ପାଇଁ ଆମେରିକା ଚୀନ ମଧ୍ୟରେ ଯେଉଁ ପ୍ରତିଯୋଗିତା ଆରମ୍ଭ ହୋଇଛି ସେଥିରୁ ସ୍ପଷ୍ଟ ଯେ ଦୁଇ ପ୍ରମୁଖ ଶକ୍ତି ଉଭୟ ଉଭୟଙ୍କୁ ଛକାଛକି ପ୍ରୟାସରେ ଅଛନ୍ତି। ଦକ୍ଷିଣ-ଏସିଆରେ ପ୍ରାଧାନ୍ୟ ଓ ପ୍ରତିପତ୍ତି ଜାହିର କରିବା ଭାରତକୁ ବାଦ ଦେଇ ସମ୍ଭବ ନୁହେଁ। ତେଣୁ ଦୁଇପକ୍ଷ ପରୋକ୍ଷରେ ଭାରତର ସମର୍ଥନ ଯେ ଲୋଡ଼ୁଛନ୍ତି ଏହା ସ୍ପଷ୍ଟ ହୋଇଛି।

# ରଙ୍ଗୀନ ମିଠାରେ ଜହର

ବିଦ୍ୟାଧର ମହାରଣା

ଇନ୍ଦ୍ରଧନୁର ସପ୍ତରଙ୍ଗ ଦର୍ଶକଙ୍କୁ ଉଲ୍ଲାସ କରେ। ସେହିପରି ରଙ୍ଗୀନ ଦୁନିଆରେ ଦର୍ଶକର ମନକୁ କିଣିନେବା ଭଳି ପ୍ରତିଟି ଜିନିଷ ଆକର୍ଷଣୀୟ ରଙ୍ଗରେ ସଜେଇ ହୋଇଛି। ବାସ୍ତବରେ ରଙ୍ଗବେରଙ୍ଗର ଦୁନିଆରେ ଗୁଣ ଅପେକ୍ଷା ରଙ୍ଗର ଆଦର ବେଶୀ। ନୀତିଶାସ୍ତ୍ରରେ ଲେଖା ଯାଇଛି 'ରୂପଯୌବନସମ୍ପନ୍ନାଃ ବିଶାଳ କୁଳ ସମ୍ଭବାଃ, ବିଦ୍ୟାହୀନାଃ ନଶୋଭନ୍ତେ ନିର୍ଗନ୍ଧାଏବ କିଂଶୁକାଃ।' ଏଣୁ ରୂପ ଅପେକ୍ଷା ଗୁଣ ଅଧିକ ମୂଲ୍ୟବାନ। ପଳାଶ ଫୁଲର ରଙ୍ଗ ଦର୍ଶକଙ୍କୁ ମୋହିତ କରିପାରେ, କିନ୍ତୁ ଭ୍ରମରକୁ ନୁହେଁ। ତଥାପି ବ୍ୟବସାୟ ଜଗତରେ ଆକର୍ଷଣୀୟ ରଙ୍ଗର ଏକ ମୂଲ୍ୟ ରହିଛି। ଦେଖୁନାହାନ୍ତି ଆମେ ଯେଉଁ ଖାଦ୍ୟ ଖାଉଛନ୍ତି ସେସବୁ କିପରି ରଙ୍ଗୀନ! ମିଠା ଦୋକାନୀ ବିନା ରଙ୍ଗରେ ଆଉ ମିଠା ପ୍ରସ୍ତୁତ କରୁନାହାନ୍ତି। ଜିଲାପି, ରସଗୋଲା, ପୋଡ଼ପିଠା, ବୁନ୍ଦିଆ, ଲଡୁ, ଗଜା, ଗୋଲାପଜାମୁ ଇତ୍ୟାଦି ମିଠାରେ ବହୁ ରାସାୟନିକ ରଙ୍ଗ ମିଶାଯାଉଥିବା ଜଣାଯାଏ। ଜଣେ ସାମ୍ବାଦିକ ବନ୍ଧୁ କଥା ପ୍ରସଙ୍ଗରେ କହିଲେ ଜଣେ ମିଠା କାରିଗର ଛଅ ପ୍ୟାକେଟ୍ ରଙ୍ଗ କିଣିବା ବେଳେ ସେ ତାଙ୍କୁ ଏହାର ଉପାଦେୟତା ବିଷୟରେ ପଚାରିଲେ। ଉତ୍ତର ମିଳିଲା ରଙ୍ଗ ନମିଶିଲେ ମିଠା ବେପାର କମିଯିବ। ଶସ୍ତା ରଙ୍ଗ ମିଶାଇ ମିଠା କରିବା ଓ ଗରାଖମାନଙ୍କୁ ଆକୃଷ୍ଟ କରିବା କୌଶଳ ଅଧିକାଂଶ ବେପାରୀ ବ୍ୟବହାର କରୁଛନ୍ତି। ବହୁ ସଂଶ୍ଳେଷିତ ରଙ୍ଗ କୋଲଟାରରୁ ପ୍ରସ୍ତୁତ ହେଉଥିବାରୁ ବିଷାକ୍ତ ହୋଇ ଶରୀରରେ ବହୁ ବ୍ୟାଧି ସୃଷ୍ଟି କରେ ଏବଂ କେତେକ ଅଙ୍ଗକୁ କ୍ଷତି ପହଞ୍ଚାଇଥାଏ। ମିଠା ସହିତ ମସଲା, ଚାହା ଓ ତେଲ ଘିଅ ମଧ୍ୟ ରଙ୍ଗୀନ୍ କରାଯାଏ।

ଆମେ ଖାଉଥିବା ମିଠାରେ ମିଶାଯାଉଥିବା ରୋଡାମିନ୍-ବି, ମେଟାଲିନ୍ ହଳଦିଆ, ସନ୍ ସେଟ୍ ହଳଦିଆ ଓ ଟାଟ୍ରାଜାଇନ୍(ଇ୧୦୨) ଏପରି ରଙ୍ଗ, ଯାହାଦ୍ୱାରା ଅତିରିକ୍ତ ଅମ୍ଳ ରୋଗ, ବିଭିନ୍ନ ଅଙ୍ଗ କ୍ଷତି ଓ କର୍କଟ ପରି ଦୁରାରୋଗ୍ୟ ମଧ୍ୟ ହୋଇପାରେ। ବେଳେବେଳେ ଶସ୍ତା ଆଲୁମିନିୟମ ଫଏଲ ମଧ୍ୟ ବ୍ୟବହାର କରାଯାଏ, ଯାହା ଅଧିକ କ୍ଷତିକାରକ। କେତେକ ରଙ୍ଗ ଅଧିକ ବିଷାକ୍ତ ହୋଇ ମୃତ୍ୟୁର କାରଣ ମଧ୍ୟ ହୋଇପାରେ।

ରୋଡାମିନ୍-ବି (ପାଟଳ/ନାଲି) କର୍କଟ ରୋଗ ସୃଷ୍ଟି କରିବା ଯୋଗୁଁ କେତେକ ରାଜ୍ୟ ଏହାକୁ ନିଷେଧ କରିଛନ୍ତି। ତେବେ କେତେକ ଅସାଧୁ ବ୍ୟବସାୟୀ ଏହାକୁ କଟନ୍ କାଣ୍ଡି ଓ ଅନ୍ୟ ମିଠାରେ ବ୍ୟବହାର କରୁଛନ୍ତି। ମେଟାଲିନ୍ ହଳଦିଆ(ହଳଦିଆ/କମଳା) ଅନୁମୋଦନ କରାଯାଇ ନ ଥିବା ଅନ୍ୟ ଏକ କ୍ଷତିକାରକ ରଙ୍ଗ, ଯାହାକୁ ମିଠାରେ ବ୍ୟବହାର କରାଯାଉଛି। ସନସେଟ୍ ହଳଦିଆ ଏଫ୍‌ସିଏଫ୍ (ଇ୧୧୦) ରଙ୍ଗ ଯୋଗୁଁ ଶିଶୁମାନଙ୍କ କାର୍ଯ୍ୟକଳାପ ଅତିମାତ୍ରାରେ ବଢ଼ିଯାଏ ଏବଂ ସେମାନେ କୌଣସି ବିଷୟରେ ଧ୍ୟାନ ନଦେଇ ସର୍ବଦା ଅନ୍ୟମନସ୍କ ହୁଅନ୍ତି। ଟାଟ୍ରାଜିନ୍(ଇ୧୦୨, ୟେଲୋ ୫)ମିଠାରେ ମିଶିବା ଫଳରେ ଯକୃତ ଓ ବୃକକ ରୋଗ ହେବା ସହିତ ବ୍ୟବହାରରେ ପରିବର୍ତ୍ତନ ଘଟିପାରେ। ଆଲୁରା ଲାଲ ଏସ((ରେଡ୍ ୪୦) ମିଠାରେ ଅଧିକ ବ୍ୟବହାର ହେବା ଦ୍ୱାରା କେତେକ ସ୍ୱାସ୍ଥ୍ୟ ସମସ୍ୟା ଓ ଅତିରିକ୍ତ ଚଳନ ସୃଷ୍ଟି ହୁଏ। ଆଲୁମିନିୟମ୍ ଫଏଲ ରୁପା ପରିବର୍ତ୍ତେ ବ୍ୟବହାର ଯୋଗୁଁ ଶରୀରରେ ଭାରି ଧାତୁ ଅବଶେଷ ରହି ବିପଦ ସୃଷ୍ଟି କରେ। ସବୁଠାରୁ ବିପଦପୂର୍ଣ୍ଣ ରଙ୍ଗ ହିସାବରେ ସୁଦାନ ଡାଇ, ରୋଡାମାଇନ୍ ବି, ମେଟାନିଲ୍ ହଳଦିଆ, କୋଲଟାର, ମାଲାଚାଇଟ୍ ସବୁଜ ଇତ୍ୟାଦି ବ୍ୟବହାର କରାଯାଏ। କିନ୍ତୁ ବଜାରରୁ ରଙ୍ଗବେରଙ୍ଗୀ ଖାଦ୍ୟ ସାମଗ୍ରୀ କିଣିବା କି ରଙ୍ଗ ବ୍ୟବହାର ହୋଇଛି ପଚାରୁନାହିଁ କି ବିକ୍ରେତା ମଧ୍ୟ ବ୍ୟବହାର କଲା ବେଳେ ଏ ବିଷୟରେ ଅବଗତ ହେଉନାହିଁ। ତେଣୁ ଖାଦ୍ୟକୁ ଲୋଭନୀୟ କରୁଥିବା ରଙ୍ଗ ଜରିଆରେ ଆମେ ବିଷ ହିଁ କିଣି ଖାଉଛୁ।

ଅତ୍ୟଧିକ ରଙ୍ଗ ବ୍ୟବହାର କରିବାର ମୁଖ୍ୟ କାରଣ ହେଉଛି ପଚା ସଢ଼ା, ଦାଗ ଥିବା ଏବଂ ନିମ୍ନ ପ୍ରକାରରର ମସଲା, ମିଠା, ତେଲ ଓ ପାନୀୟଗୁଡ଼ିକ ରଙ୍ଗୀନ୍ କରି ଗ୍ରାହକଙ୍କୁ ଠକିବା। ଦ୍ୱିତୀୟ କାରଣ ହେଉଛି ଶସ୍ତା ଉପାଦାନକୁ ବ୍ୟବହାର କରି ଲୋକଙ୍କୁ ଭୁଲାଇବା। ନକଲି ରଙ୍ଗ ଦିଆଯାଇଥିବା ଖାଦ୍ୟକୁ ପରୀକ୍ଷା କରିବା ପାଇଁ ଏହାର ନମୁନାକୁ ପାଣିରେ ପକାଇଲେ ସେଥିରୁ ରଙ୍ଗ ବାହାରେ। ପ୍ରୟୋଗଶାଳାରେ ଏଚ୍.ପି.ଏଲ୍.ସି(ହାଇ ପରଫମାନ୍ସ କ୍ରୋମାଟୋଗ୍ରାଫି) ଏବଂ ଏଲ୍‌ସି-ଏମ୍‌ଏସ୍ ପ୍ରଣାଳୀରେ ନକଲି ରଙ୍ଗ ପରୀକ୍ଷା କରାଯାଏ। ମିଠା ଓ ଅନ୍ୟାନ୍ୟ ଖାଦ୍ୟରେ ଏପରି ବିଷାକ୍ତ ରଙ୍ଗ ମିଶ୍ରଣକୁ ନିୟନ୍ତ୍ରଣ କରିବା ପାଇଁ 'ଫସାସାଇ' ( ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ କର୍ତ୍ତୃପକ୍ଷ) କାର୍ଯ୍ୟ କରେ। ଖାଦ୍ୟ ସୁରକ୍ଷା ଓ ମାନକ ନିୟନ୍ତ୍ରଣ ଆଇନ୍ ୨୦୧୧ ଅନୁସାରେ କେଉଁ ରଙ୍ଗ ମିଠାରେ ମିଶାଯାଇ ପାରିବ ଏବଂ କେଉଁଗୁଡ଼ିକ ନିଷେଧ ତାହାକୁ 'ଫସାସାଇ' ସ୍ଥିର କରେ। ଅନୁମୋଦିତ ରଙ୍ଗ ପାଇଁ ସ୍ୱତନ୍ତ୍ର ଆଇ.ଏନ୍.ଏସ୍ (ଅନ୍ତର୍ଜାତୀୟ ନମ୍ବର ସିଷ୍ଟମ) ସଂଖ୍ୟା ଦିଆଯାଏ। ପ୍ରତି ରଙ୍ଗର ଅନୁମୋଦିତ ମାତ୍ରାରେ ବ୍ୟବହାର ପାଇଁ ନିର୍ଦ୍ଦେଶ ଦିଆଯାଏ। 'ଫସାସାଇ' ଆଠ ପ୍ରକାର ରାସାୟନିକ ରଙ୍ଗ ବ୍ୟବହାର ପାଇଁ ଅନୁମୋଦନ କରିଛି। ଟାଟ୍ରାଜିନ୍ ୧୦୨ ମିଠା, ପାନୀୟ ଓ ପାଉଁରୁଟି ଇତ୍ୟାଦିରେ, ସନ ସେଟ ହଳଦିଆ ଏଫ୍ ସି ଏଫ୍ ୧୧୦ ମୃଦୁ ପାନୀୟ, ବିସ୍କୁଟ, ଜାମ୍ ତିଆରିରେ, କାର୍ମୋସାଇନ୍ ୧୨୨ ଆଇସକ୍ରିମ, ଡେଜର୍ଟ ଓ କନ୍‌ଫେକସନସ ପାଇଁ, ପୋନସିଉ ୪ଆର ୧୨୪ କାଣ୍ଡି, ପାଉଁରୁଟି, ପାନୀୟ ପାଇଁ, ଏରିଥ୍ରୋସାଇନ ୧୨୭ ଉଜ୍ଜ୍ୱଳ ଚେରୀ କେକ୍ ଓ ସାଜସଜ୍ଜା ପାଇଁ, ଆଲୁରା ନାଲି ଏ ସି ୧୨୯ ମୃଦୁ ପାନୀୟ, ଜେଲି, ସିରପ ପାଇଁ, ଉଜ୍ଜ୍ୱଳ ନୀଳ ଏଫ୍‌ସିଏଫ୍ ୧୩୩ ଆଇସ ପପ୍, କ୍ଷୀର ଉତ୍ପାଦ ଓ କାଣ୍ଡି ପାଇଁ ଏବଂ ଇଣ୍ଡିଗୋ କାରମାଇନ ୧୩୨ କାପସୁଲ, ମିଠା ଓ ବେକରୀ ଆଇଟମ ପାଇଁ ବ୍ୟବହାର କରାଯାଇପାରିବ। ପ୍ରାକୃତିକ ରଙ୍ଗ ହିସାବରେ କାରମେଲ ମିଠା ପାଇଁ, ହଳଦୀ ଓ ସାଫ୍ରନ ମିଠା ପାଇଁ, ବେଟା କାରୋଟିନ ଚକଲେଟ ପାଇଁ, କ୍ଲୋରୋଫିଲ୍ ମଟର ପାଇଁ, ରିବୋଫ୍ଲାବିନ ମିଠାଇ ପାଇଁ ଓ ଆନାଟୋଖାଇବା ତେଲ ପାଇଁ ବ୍ୟବହାର ହୋଇପାରେ। ଏହି ରଙ୍ଗଗୁଡ଼ିକ ରାସାୟନିକ ରଙ୍ଗ ଅପେକ୍ଷା ନିରାପଦ।

ତେବେ ଏଥିପାଇଁ କେତେକ ନିୟମାବଳୀ ରହିଛି। କେବଳ 'ଫସାସାଇ' ଅନୁମୋଦିତ ରଙ୍ଗ ବ୍ୟବହାର କରିବା ସହିତ ଆଇଏନ୍‌ଏସ୍ ସଂଖ୍ୟା ସହିତ ନାମ ଚିହ୍ନଟ ଫଳକରେ ବା ଲେବୁଲ ଉପରେ ଉଲ୍ଲେଖ ରହିବ। କେବେବି ଅନ୍ୟ ରଙ୍ଗ ଏହା ସହିତ ମିଶିବ ନାହିଁ। ଅନୁମୋଦିତ ରଙ୍ଗ ସର୍ବାଧିକ ୧୦୦ ନିୟୁତାଂଶ ହିସାବରେ ବା କିଲୋଗ୍ରାମ ପ୍ରତି ୧୦୦ ମିଲିଗ୍ରାମ ହିସାବରେ ବ୍ୟବହାର ହୋଇପାରିବ। ଏହାର ଅବମାନନାକାରୀଙ୍କ ଉପରେ କଠୋର ଜୋରିମାନା ହୋଇପାରେ କିମ୍ବା ତାଙ୍କର ଲାଇସେନ୍ସ ବାତିଲ ହୋଇପାରେ। ଯାଞ୍ଚ ଓ ଦଣ୍ଡବିଧାନ ସୁପାରିସ ଦାୟିତ୍ୱ ରାଜ୍ୟ ଖାଦ୍ୟ ପରିଦର୍ଶକ ( ଫୁଡ୍ ଇନ୍ସପେକ୍ଟର)ଙ୍କର। କିନ୍ତୁ ଏ ଦିଗରେ ଆଶାନୁରୂପ ତତ୍ପରତା ପ୍ରକାଶ ପାଉ ନଥିବା ଦେଖାଯାଉଥିବାରୁ ଆମେ ନିଜେ ହିଁ ସତର୍କ ହେବାକୁ ପଡ଼ିବ।

ଯେଉଁ ମିଠା ବା ରଙ୍ଗୀନ୍ ଖାଦ୍ୟ ଆମେ କିଣିବାକୁ ଯାଉଛେ ପ୍ରଥମେ ତା' ଉପରେ ଥିବା ଲେବେଲ ଭଲ ଭାବରେ ପଢ଼ିବା ଆବଶ୍ୟକ। କାରଣ 'ଫସାସାଇ' ଖାଦ୍ୟରେ ଥିବା ଅନୁମୋଦିତ ଉପାଦାନ ଓ ପରିମାଣ ଲିପିବଦ୍ଧ କରନ୍ତି। ଦ୍ୱିତୀୟରେ, ଯେଉଁ ମିଠା ଦୋକାନ ଦୀର୍ଘଦିନ ଧରି ବିନା ଅଭିଯୋଗରେ ସଠିକ ବ୍ରାଣ୍ଡ ନାମରେ ବ୍ୟବସାୟ କରୁଛନ୍ତି ସେହି ଦୋକାନରୁ ମିଠା କିଣିବା ନିରାପଦ। ତୃତୀୟରେ, ଯେଉଁ ମିଠା ଅତ୍ୟଧିକ ଉଜ୍ଜ୍ୱଳ ରଙ୍ଗ ଦେଖାଯାଏ ତାହାକୁ ପରିହାର କରିବା ଭଲ। କ୍ଷୀର ଓ ଛେନାରୁ ତିଆରି ମିଠା ସର୍ବଦା ଧଳା କିମ୍ବା ହାଲୁକା କ୍ରିମ ରଙ୍ଗ ହେବା ଆବଶ୍ୟକ। ଯଦି ମିଠାରୁ ରଙ୍ଗ ଝରେ କିମ୍ବା ମିଠାରୁ ଅଲଗା ହୋଇଥାଏ ତେବେ ଏହା ନିଶ୍ଚିତ ଭାବରେ ରାସାୟନିକ ରଙ୍ଗ। ଅଣ ପଞ୍ଜୀକୃତ ବ୍ୟବସାୟୀ ବିନା 'ଫସାସାଇ' ଲେବୁଲରେ ଓ ବିନା ଲୋଗୋରେ ବିକ୍ରି କରୁଥିଲେ ଏଗୁଡ଼ିକ ସନ୍ଦେହଜନକ। ଗୋଟିଏ ତୁଳା ଗୁଳା କିମ୍ବା ଧଳା ଟିସ୍ୟୁ କାଗଜ ଉପରେ କେଇ ବୁନ୍ଦା ପାଣି ବା ଖାଇବା ତେଲ ପକାଇ ଧୀରେ ଧୀରେ ମିଠା ଉପରେ ଘଷିଲେ ଏହା ଯଦି ଶୀଘ୍ର ରଙ୍ଗୀନ ହୋଇଯାଏ ତେବେ ମିଠାରେ ରାସାୟନିକ ରଙ୍ଗ ମିଶିବାର ଜଣାଯାଏ। ରଙ୍ଗ ନଲାଗିଲେ କିମ୍ବା ହାଲୁକା ହେଲେ ମିଠା ନିରାପଦ ବୋଲି ଜଣାଯାଏ। ଅଧିକ ଜାଣିବା ପାଇଁ 'ଫସାସାଇ' ଡାର୍ଟ ( ଡିଟେକ୍ଟ ଆଡଲ୍ଟରେସନ ଉଇଥ ରାପିଡ ଟେଷ୍ଟ) ମାନୁଆଲ ପଢ଼ିବା ଉଚିତ। ବଜାରରେ ମିଳୁଥିବା ରଙ୍ଗୀନ ମିଠାର ଅପମିଶ୍ରଣରୁ ରକ୍ଷା ପାଇବା ପାଇଁ ଜନ ସଚେତନତା ଅତ୍ୟନ୍ତ ପ୍ରୟୋଜନ।

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

# ହାଟ-ବାଟ-ଘାଟ

ଅର୍ଜ୍ଜୁନ ଘଡ଼େଇ

ସଂସାର ହାଟ ସବୁଦିନ ବସେ। ବିକା କିଣା ଚାଲେ। ଫେରିବା ବାଟରେ ଭଲ-ମନ୍ଦ, କର୍ମ-ଅକର୍ମ ବିଚାର ଚାଲେ ମନରେ। ଘାଟ ପାଖରେ ଘାଟୁଆର ସତର୍କତା ଯୋଗୁଁ ସଠିକ୍ ସମୟରେ ପହଞ୍ଚିଗଲେ ଘାଟ ପାରି ସହଜ ହୁଏ, ନ ହେଲେ ଘାଟରେ ଅଘଟଣ ଘଟେ। ଏକଥା ମଣିଷ ଜାଣିଲେ ବି ଅଜଣା ଭାବେ ସାଂସାରିକ କର୍ମ ନିର୍ବାହ କରିଥାଏ। ଜୀବନର ଶକ୍ତି-ଗତି-ମୁକ୍ତି ସବୁ କିଛି ବଦଳିଥାଏ 'ହାଟ-ବାଟ-ଘାଟ'ର ସାମାଜିକ ତତ୍ତ୍ୱ ନ ଜାଣିପାରିବାରୁ। ସମାଜ ହାଟ ପରି ସଂସାର ହାଟ ସବୁବେଳେ ଚାଲିଛି।

ହାଟ-ନାଟ, ବାଟ-ଘାଟ ସବୁ କିଛି ମନେରଖି ଠିକ୍ ସମୟରେ ଶେଷ କରିବା ପ୍ରତ୍ୟେକ ସଚେତନ ମଣିଷର ସାଂସାରିକ କର୍ମ। ଜୀବନର ଏଇ ତିନୋଟି ପର୍ଯ୍ୟାୟ ଅତିକ୍ରମ କରିବା ଯେତିକି ସହଜ, ସେତିକି ଅସହଜ। ଈଶ୍ୱର ବି ମାନବୀୟ ଲୀଳା କରନ୍ତି ସଂସାରରେ। ବିଦାୟ ବି ନିଅନ୍ତି ଠିକ୍ ସମୟରେ। ଜୀବନସାରା କରିଥିବା ସମସ୍ତ କର୍ମର ଫଳ କିମ୍ବା ପୂର୍ବଜନ୍ମ ସୁକୃତର ଫଳ ଭୋଗୀବାକୁ ସଂସାର ହାଟରେ ବହୁ ନାଟ କରିବାକୁ ପଡ଼େ। ମାତୃଗର୍ଭରୁ ଜନ୍ମ ଘାଟ ଦେଇ ଆସିବା ବେଳେ ସତର୍କ କରିଥା'ନ୍ତି ପରମେଶ୍ୱର। ପ୍ରତିଶ୍ରୁତି ବି ଦେଇଥାଏ ଜୀବ, ତାଙ୍କରି ନିର୍ଦ୍ଦେଶିତ କାମ କରିବ ସଂସାରରେ। ସାଂସାରିକ କର୍ମମୟ ଜୀବନ ସରିଲେ ଅପେକ୍ଷାରତ 'ଘାଟୁଆ'ଙ୍କ କଥା ମାନି ଠିକ୍ ସମୟରେ ସଂସାରରୁ ବିଦାୟ ନେବାକୁ ହେବ। ଏକଥା ମଣିଷ ସ୍ମରଣ ରଖେ ନାହିଁ। ବାଟ ଭୁଲେ। ଶେଷରେ ଜୀବନ ଘାଟରେ ପାରି ହୋଇ ନ ପାରି ଦୁଃଖ ଯନ୍ତ୍ରଣା ଭୋଗେ। ଏହା ହିଁ ବିଡ଼ମ୍ବନା।

ଜୀବନ-ଜୀବିକା ପାଇଁ ସଂସାର ହାଟ ବସେ। ଅନେକ ଲୋକଙ୍କର ସମାବେଶରେ, ଦୁଃଖ-ସୁଖ କଥାବାର୍ତ୍ତା ଭିତରେ କ୍ରେତା-ବିକ୍ରେତାଙ୍କ ସଂପର୍କ କିନ୍ତୁ ନିର୍ଦ୍ଦିଷ୍ଟ ଥାଏ। ବିକ୍ରେତା ଭାବେ ଉଚିତ ଦରରେ ଜିନିଷ ବିକୁଛି କି ନାହିଁ, କ୍ରେତା ଭାବେ ଉଚିତ୍ ମୂଲ୍ୟରେ ଠିକ୍ ଜିନିଷ କିଣୁଛି କି ନାହିଁ ବିଚାର ଚାଲେ ମନରେ। ଦ୍ରବ୍ୟର ଭଲ-ମନ୍ଦର ବିଚାର କରି ଉଚିତ ଦାମ୍‌ରେ ଜିନିଷ କିଣିପାରିଲେ ଖୁସି ହୁଏ କ୍ରେତା। ଟିକିଏ ଆନମନା ହେଇ କ୍ରୟ କଲେ ଖରାପ ଜିନିଷ ବ୍ୟାଗରେ ରଖି ଘରକୁ ଫେରେ, ମନସ୍ତାପ କରେ। ସଂସାର ହାଟରୁ ଜିନିଷ କିଣିବାରେ ସତର୍କତା ଅବଲମ୍ବନ କରିବା ଜରୁରୀ ମନେ ହୁଏ। ହୃଦୟ ଭିତରେ ହରି ହାଟ ବସେ। ହାଟରେ ପାଞ୍ଚ ଲୋକଙ୍କ ପରି ପଚିଶ ପ୍ରକୃତି ଅନେକ ଜିନିଷ କିଣିବାକୁ ଚାହାନ୍ତି। କିନ୍ତୁ ଯାହା ଶରୀର ଉପଯୋଗୀ, ଆତ୍ମାର ସୁଖ, ଶାନ୍ତି ପାଇଁ ଆବଶ୍ୟକ ସେପରି ଦ୍ରବ୍ୟ ଏବଂ ଗୁଣ ଗ୍ରହଣ ନକରି ଅଦରକାରୀ ଗୁଣ ଗ୍ରହଣ କଲେ, ସମାଜ ହାଟରେ ଅମନଯୋଗିତାରୁ ମନ୍ଦ ଜିନିଷ କିଣି ମନସ୍ତାପ କଲା ପରି, ଶରୀର କଷ୍ଟ ପାଏ, ଆତ୍ମା ଅସୁଖୀ ହୁଏ। 'ହାଟ-ନାଟ' ପୁଣି ନିର୍ଦ୍ଧାରିତ ସମୟରେ ସାରିବାକୁ ହୁଏ। ନହେଲେ ବିକ୍ରେତା ଜିନିଷ ବିକି ନ ପାରି ଯେତିକି ଦୁଃଖୀ ହୁଏ, ସେତିକି ଦୁଃଖୀ ହୁଏ କ୍ରେତା ଜଣଙ୍କ। ଭଲ ଜିନିଷ ପରଖି ନପାରି ତରବରରେ ଖରାପ ଜିନିଷ କିଣି ଘରକୁ ଫେରିଲେ ମନସ୍ତାପ କରେ। ସଂସାର ହାଟରୁ ଜୀବନ ସଉଦା କରିବା ପାଇଁ ଆମର ଚେତନା ଶକ୍ତିର ଆବଶ୍ୟକତା ଯଥେଷ୍ଟ ରହିଛି।

ରାତି ହୋଇଗଲେ ବାଟ ଭୁଲିଯିବାର ସମ୍ଭାବନା ଥାଏ। ଚଞ୍ଚଳ ପହଞ୍ଚିବାର ମାନସିକତା ସୃଷ୍ଟି ହେଲେ, କାହାର ପରାମର୍ଶରେ ସଅଳ ପହଞ୍ଚିବାର ବାଟ ଖୋଜିଲେ ବିପଦ ଘଟିବାର ଆଶଙ୍କା ଥାଏ। ପଥଭ୍ରଷ୍ଟ ହେଲେ ଘାଟରେ ନିର୍ଦ୍ଧାରିତ ସମୟରେ ପହଞ୍ଚିବା ସମ୍ଭବ ହୁଏନି। ଫେରିବାର ରାସ୍ତା ଆମେ ହାଟକୁ ଆସିବା ବେଳେ ଜାଣିଥିଲେ ଯେତେବେଳେ ଫେରିବା ବେଳେ ଭୁଲିଯିବା କେମିତି? ଅବଶ୍ୟ ଯିଏ ଯେଉଁ ବାଟରେ ଗଲେ ବି ଘାଟରେ ପହଞ୍ଚିବା। କିନ୍ତୁ ଅବାଟରେ ଗଲେ ବା ଅବାଟରେ ଫେରିଲେ କଣ୍ଟା ମାଡ଼ିବା, କ୍ଷତାକ୍ତ ହେବା ପରି ପରିଣାମ ଭୋଗୀବାକୁ ପଡ଼ିପାରେ। ଏକଥା ପ୍ରତି କ'ଣ ଆମେ ସତର୍କ ହେବା /ସଚେତନ ହେବା ଉଚିତ ନୁହେଁ? ଏକଥା ଆମେ ଜାଣିଛେ, ପୁଣି ଭୁଲ୍ କରୁଛେ। ହାଟ ମୋହରେ ମନକୁ ଚଞ୍ଚଳ କରି ବାଟ ଭୁଲିବା ପରି, ସଂସାର ମୋହରେ ଆସକ୍ତ ହୋଇ ଜୀବନ-ରାସ୍ତା ଭୁଲି ଯିବା ବିଜ୍ଞତାର ପରିଚାୟକ ନୁହେଁ। ଆମର ସଠିକ୍ କର୍ମ ହିଁ ଆମକୁ ଉପଯୁକ୍ତ ମାର୍ଗ ଦେଖାଇଥାଏ। ସଂସାର କର୍ମରେ ଅସଂଯତ ହେଲେ ଜୀବନ-ପଥ କଣ୍ଟକିତ ହୁଏ, ସତ୍‌କର୍ମ ହିଁ ସତ୍‌ମାର୍ଗ ସୃଷ୍ଟି କରେ।

ଏଥର ବିଚାର କରିବା 'ଘାଟ' କଥା। 'ଘାଟୁଆ' ବଡ଼ ଚାଲାକ। ବିଚାରବନ୍ତ ନାବିକଟିଏ। ସଂସାର ହାଟକୁ ଆସିବା ବେଳେ ଅନେକ ପରାମର୍ଶ ଦେଇଥାଏ ଉଭୟ କ୍ରେତା ବା ବିକ୍ରେତାମାନଙ୍କୁ। ବିକ୍ରେତାଙ୍କୁ କହେ 'କଷି କଷାଇ ଧନ ଦେବ, ନହେଲେ ବାହୁଡ଼ାଇ ଦେବ।' କ୍ରେତାଙ୍କୁ କୁହେ, 'ଚଞ୍ଚଳ ମନା ନହୋଇ ଭଲ-ମନ୍ଦ ପରଖି ଜିନିଷ କିଣିବ।' ସମୟ ଭିତରେ ବେଳଥାଉଁ ଥାଉଁ କିଣା, ବିକା ସାରି ଘାଟରେ ପହଞ୍ଚିବା ପାଇଁ ବି ସତର୍କ କରିଥାଏ ନାଉରିଆ। ତା'ର ସବୁକଥା ମାନିଗଲେ 'ହାଟ-ନାଟ' ଖୁସିରେ ସରିବ। ଫେରିବା ବାଟ ଭୁଲି ହେବ ନାହିଁ କିମ୍ବା ଘାଟ ପାରି କରିବାକୁ ନାଉରିଆ ଅପେକ୍ଷା କରିବ ନାହିଁ। କିନ୍ତୁ ଆମେ ସେସବୁକୁ ସ୍ମରଣ ନ ରଖି ପାରିବା କାରଣରୁ ଦୁଃଖ, ଯନ୍ତ୍ରଣା ଭୋଗିବାକୁ ବାଧ ହେଉଛେ ଏ ସଂସାରରେ ହାଟରେ ଏହା ହିଁ ବାସ୍ତବତା।

ଆମେ ସଂସାର ହାଟରେ ମୋହବଶତଃ ଏତେ କିଣା-ବିକା କରି ସମୟ ନଷ୍ଟ କରିବା କାହିଁକି? କିଏ କେମିତି କାହାକୁ ଦଉଛି, କିଏ କେମିତି କାହାଠାରୁ ନେଉଛି, ଏସବୁର ବିଚାର ଉପରେ ଲେଖା ଚାଲିଛି। ନିର୍ଦ୍ଧାରିତ ବି ହୋଇ ସାରିଛି କିଏ, କ'ଣ ପାଇଁ ଏ ସଂସାର-ହାଟକୁ ଆସିଛି? କେମିତି ଫେରିବ? କେଉଁଠିକି ଫେରିବ?

'ହାଟ-ବାଟ-ଘାଟ' ଏସବୁ ସାମାଜିକ ଜୀବନର ଗୋଟିଏ ଗୋଟିଏ ପାହାଚ ବା ଅବସ୍ଥା। ଆମର ଆଧ୍ୟାତ୍ମିକ ଚେତନା ବଳରେ ସମସ୍ତ ସାମାଜିକ କର୍ମ ଈଶ୍ୱର ସମର୍ପିତ ହେବା ବିଧେୟ। ଅକର୍ମ-କୁଚିନ୍ତା ପରି ମାନସିକତା ଦୂରୀଭୂତ କରି ସଂସ୍କାରପୂର୍ଣ୍ଣ ଜୀବନ ନିର୍ବାହ କଲେ ସଂସାର ସାଗର ପାର କରିବା ପାଇଁ ଅକର୍ମ-କର୍ମ ଦାୟକ, କୃପାମୟ ନାରାୟଣ କୃପା କରିବେ ଏହା ସୁନିଶ୍ଚିତ। ଜୀବନରେ ସାମାଜିକ ସମସ୍ୟାର ସମାଧାନ କରିବାର ମାଧ୍ୟମ ଆମର ସୁକର୍ମର ଫଳ ବା ଈଶ୍ୱରଙ୍କ କୃପା ଭାବେ ଗ୍ରହଣୀୟ ହେବ, ଯେତେବେଳେ ଆମେ ସଂସାର ହାଟ ଭଲରେ ସାରି ଠିକ୍ ରାସ୍ତାରେ ଫେରି, ଭଲରେ ଘାଟ ପାରିହେବା।

ଦାଣ୍ଡମୁକୁନ୍ଦପୁର(ପୁରୀ),ମୋ: ୯୪୩୮ ୦୪୮ ୬୧୫

# ଓଡ଼ିଆ ଅସ୍ମିତାର ଅନନ୍ୟ ପ୍ରତୀକ: ଗୁରୁ ପଦ୍ମସମ୍ଭବ

ପ୍ରବୀର କୁମାର ପଟ୍ଟନାୟକ

*ପୂର୍ବପ୍ରକାଶିତ ଉତ୍ତାରୁ...*

ପଦ୍ମସମ୍ଭବ ସମଗ୍ର ବିଶ୍ୱରେ 'ଉଡ୍ଡୀୟାନ ଗୁରୁ' ଭାବେ ସୁପରିଚିତ। କାରଣ ସେ ହେଉଛନ୍ତି ଉଡ୍ଡୀୟାନ କ୍ଷେତ୍ରରେ ଜନ୍ମିତ ଏବଂ ମୂଳ ବାସିନ୍ଦା। ସେ ହେତୁ ଉଡ୍ଡୀୟାନ ସହ ସଂଯୁକ୍ତ ତଥା ସଂପର୍କୀତ ପ୍ରସଙ୍ଗ, ଯେପରିକି ଇନ୍ଦ୍ରଭୂତି, ଲକ୍ଷ୍ମୀଙ୍କରା, ସମ୍ଭଳ, ଲଙ୍କାପୁରୀ ସହୋର, ଶାନ୍ତରକ୍ଷିତ ଆଦିଙ୍କ ସମ୍ପର୍କରେ ମଧ୍ୟ ପୂର୍ବରୁ ସମ୍ୟକ୍ ଭାବେ ଆଲୋଚନା କରାଯାଇଛି।

ଆଲୋଚ୍ୟ ବୃତ୍ତାନ୍ତର ମୁଖ୍ୟ ପ୍ରସଙ୍ଗ ହେଉଛି 'ଉଡ୍ଡୀୟାନ'। ଏଣୁ ସେ ସଂପର୍କରେ ମଧ୍ୟ ଏକ ସ୍ୱତନ୍ତ୍ର ଅଧ୍ୟାୟରେ ବିସ୍ତୃତଭାବେ ଆଲୋଚନା କରାଯାଇଛି। ଉଡ୍ଡୀୟାନ ସଂପର୍କୀୟ ସମସ୍ତ ଆଲୋଚନାର ଅନ୍ତିମ ନିଷ୍କର୍ଷ ଅଥବା ସିଦ୍ଧାନ୍ତ ହେଉଛି ପ୍ରାଚୀନ ଉଡ୍ଡୀୟାନ କ୍ଷେତ୍ର ହେଉଛି ବର୍ତ୍ତମାନର ଓଡ଼ିଶା। ଏହା ଏକ ନିର୍ଦ୍ଦିଷ୍ଟ ସ୍ଥାନ ନୁହେଁ, ବରଂ ଏକ ବିରାଟ ଭୂଖଣ୍ଡ, ଯାହା ପ୍ରାଚୀନ କାଳରେ 'ଉଡ୍ଡୀୟାନ' ଭାବେ ପରିଚିତ ଥିଲା।

ସିଦ୍ଧ ଇନ୍ଦ୍ରଭୂତି ହେଉଛନ୍ତି ପ୍ରାଚୀନ ସମ୍ଭଳ ବା ସମ୍ବଳକ ରାଜ୍ୟର ରାଜା। ଏହି ସମ୍ବଳ ଥିଲା ଉଡ୍ଡୀୟାନ କ୍ଷେତ୍ରର ଏକ ଅଂଶବିଶେଷ। ପ୍ରାଚୀନ ସମ୍ଭଳ ହେଉଛି ବର୍ତ୍ତମାନର ଓଡ଼ିଶାର ଅବିଭକ୍ତ ତଥା ବୃହତ୍ତର ସମ୍ବଲପୁର ଅଞ୍ଚଳ। ଇନ୍ଦ୍ରଭୂତିଙ୍କ ଭଗିନୀ ଭଗବତୀ ଲକ୍ଷ୍ମୀଙ୍କରା, ଯେ କି ଜଣେ ସିଦ୍ଧସାଧିକା, ସେ ମଧ୍ୟ ଥିଲେ ସମ୍ବଲପୁରର ସନ୍ନକଟ ଲଙ୍କାପୁରୀର ରାଜବଧୂ। ଏହି ଲଙ୍କା ହେଉଛି ବର୍ତ୍ତମାନର ପଶ୍ଚିମଲଙ୍କା ଅଥବା ସୋନପୁର (ସୁବର୍ଣ୍ଣପୁର) ଅଞ୍ଚଳ। ସୋନପୁର ହେଉଛି ସମ୍ବଲପୁରର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ।



ଦ୍ୱିତୀୟ-ବୁଦ୍ଧ କଥା

ସହୋର ବା ଜାହୋର ହେଉଛି ଆଚାର୍ଯ୍ୟ ଶାନ୍ତରକ୍ଷିତ ଏବଂ ତାଙ୍କ ଭଗିନୀ ମନ୍ଦରଭାଙ୍କ ରାଜ୍ୟ। ମନ୍ଦରଭା ଗୁରୁପଦ୍ମସମ୍ଭବଙ୍କୁ ବିବାହ କରିଥିଲେ ଏବଂ ତାଙ୍କର ଦ୍ୱିତୀୟ ପତ୍ନୀ ଭାବେ ସାରାଜୀବନ ପଦ୍ମସମ୍ଭବଙ୍କ ସହ ରହିଥିଲେ। ଏହି ସହୋର ମଧ୍ୟ ହେଉଛି ଦଶମ ଶତାବ୍ଦୀର ବୌଦ୍ଧାଚାର୍ଯ୍ୟ ଦୀପଙ୍କର ଶ୍ରୀଜ୍ଞାନ ଅଥବା ଅତୀସଙ୍କର ରାଜ୍ୟ। ସେ ଆଚାର୍ଯ୍ୟ ଶାନ୍ତରକ୍ଷିତଙ୍କ ବଂଶଧର ଏବଂ ଗୋଟିଏ ରାଜ ପରିବାରର। ଏହି ସହୋର ବା ଜାହୋରକୁ ବର୍ତ୍ତମାନର ବିହାର-ବଙ୍ଗଳା ସୀମା ନିକଟରେ ଭାଗଲପୁର ନିକଟସ୍ଥ ଗଙ୍ଗାନଦୀ ତଟରେ ଅବସ୍ଥିତ ବିକ୍ରମଣିପୁରକୁ ଚିହ୍ନଟ କରାଯାଇଛି।

ଗୁରୁ ପଦ୍ମସମ୍ଭବଙ୍କ ଜୀବନ ଚରିତ ସହ ସଂଯୁକ୍ତ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦୃଶ୍ୟପଟ୍ଟ ହେଉଛି ମନ୍ଦରଭା ଏବଂ ୟେଶେ ସୋଗ୍ୟାଲଙ୍କୁ ନେଇ। ଗୁରୁଙ୍କର ପ୍ରଥମ ପତ୍ନୀ ହେଉଛନ୍ତି ସିଙ୍ଗଳ ଅଥବା ସିଂହପୁରର ରାଜକୁମାରୀ ଭାସଧାରା। ପଦ୍ମସମ୍ଭବ ସମ୍ବଳରୁ ନିର୍ବାସିତ ହେଲା ବେଳେ ସେ ଭାସଧାରାଙ୍କୁ ଉଡ୍ଡୀୟାନରେ ଅଥବା ସମ୍ବଳ ରାଜ୍ୟପ୍ରାସାଦରେ ହିଁ ଛାଡ଼ି ଏକା ଏକା ରାଜ୍ୟ ପରିତ୍ୟାଗ କରି ଚାଲିଗଲେ। ଭାସଧାରାଙ୍କ ସହ ତାଙ୍କର ପରବର୍ତ୍ତୀ କାଳରେ ମଧ୍ୟ କୌଣସି ପ୍ରକାର ସଂପର୍କ ହିଁ ନଥିଲା। ସେ ବିରଜା କ୍ଷେତ୍ରରେ ସିଦ୍ଧି ଲାଭ କରିବା ପରେ ରତ୍ନଗିରି ମହାବିହାରରେ କିଛି କାଳ ଶିକ୍ଷା ଲାଭ କରିବା କରିସାରି ଭାରତ ଭ୍ରମଣ କରିବା ସମୟରେ ମନ୍ଦରଭାଙ୍କ ରାଜ୍ୟ ଦେଇ ଯାଉଥିବା କାଳରେ କୌଣସିମତେ ଏହି ରାଜକନ୍ୟାଙ୍କ ସହ ପଦ୍ମସମ୍ଭବଙ୍କ ସଂପର୍କ ସ୍ଥାପନ ହୋଇଥିଲା। ଘଟଣାକ୍ରମେ ସେ ମନ୍ଦରଭାଙ୍କୁ ବିବାହ ମଧ୍ୟ କରିଥିଲେ। ମନ୍ଦରଭା ସମଗ୍ର ଜୀବନକାଳ ପଦ୍ମସମ୍ଭବଙ୍କ ସଙ୍ଗିନୀ ଓ ପତ୍ନୀ ଭାବେ ବିତାଇଥିଲେ। ତାଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷ ହୋଇପାରିଥିଲେ। ଗୁରୁ ପଦ୍ମସମ୍ଭବ ତିବ୍ବତରେ ପହଞ୍ଚିବା ପରେ ତିବ୍ବତର ରାଜା ତାଙ୍କର ନବ ବିବାହିତା ପତ୍ନୀ ତଥା ଅତ୍ୟନ୍ତ ଯୋଗ୍ୟା ୟେଶେ ସୋଗ୍ୟାଲଙ୍କୁ ପଦ୍ମସମ୍ଭବଙ୍କ ଦାୟିତ୍ୱ ଏବଂ ଯତ୍ନ ନେବା ସହ ତାଙ୍କୁ ସମସ୍ତ କାର୍ଯ୍ୟରେ ସାହାଯ୍ୟ ସହଯୋଗ କରିବା କାର୍ଯ୍ୟରେ ନିୟୋଜିତ କରିଥିଲେ। ଏହି ୟେଶେ ପଦ୍ମସମ୍ଭବଙ୍କ ଜଣେ ଅତ୍ୟନ୍ତ ଦାୟିତ୍ୱସଂପନ୍ନ ସହଯୋଗୀ ତଥା ବ୍ୟକ୍ତିଗତ ଏବଂ ଧାର୍ମିକ ସମସ୍ତ କାର୍ଯ୍ୟରେ ସେ ତିବ୍ବତରେ ରହିଥିବା ସମୟରେ ସବୁଠାରୁ ନିକଟତମ ସହଯୋଗୀ ହୋଇପାରିଥିଲେ। ପଦ୍ମସମ୍ଭବଙ୍କ ଧାର୍ମିକ ସାଧନାରେ ମଧ୍ୟ ସେ ସଙ୍ଗିନୀ ହୋଇପାରିଥିଲେ।(କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭ ୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଡେଲିଭରୀ ବଏ...

କରିବାକୁ ପଡିବ, ଯାହା ସେମାନଙ୍କର ଆଧାର କାର୍ଡ ସହିତ ଲିଙ୍କ୍ ହେବ। ଶ୍ରମିକଙ୍କ ତଥ୍ୟ ଇ-ଶ୍ରମ ପୋର୍ଟାଲରେ ରେକର୍ଡ କରାଯିବ। ଯେପରି ପିଏଫ୍ କଟୁଥିବା କର୍ମଚାରୀମାନଙ୍କର ଏକ ସ୍ଥାୟୀ ନମ୍ବର ଥାଏ, ସେହିପରି ଗିଗ୍ କର୍ମଚାରୀଙ୍କୁ ମଧ୍ୟ ଏକ ଅନନ୍ୟ ପରିଚୟ ନମ୍ବର ଦିଆଯିବ। ପ୍ରତ୍ୟେକ ପଞ୍ଜିକୃତ କର୍ମଚାରୀ ଏକ ଡିଜିଟାଲ ପରିଚୟ ପତ୍ର ପାଇବେ, ଯାହା ସାରା ଦେଶରେ ସେମାନଙ୍କର ପରିଚୟ ଏବଂ ଯୋଗ୍ୟତା ପ୍ରମାଣିତ କରିବ।

### ଫେବୃଆରୀରୁ ରହିବନି...

ପଡୁଥିଲା। ଏହାଦ୍ୱାରା ୟୁଜର୍ସଙ୍କୁ ପରେ ଡକ୍ୟୁମେଣ୍ଟ ଦେବାକୁ ପଡୁଥିଲା। କିନ୍ତୁ ଏବେ ଏହି ନୂଆ ପଦକ୍ଷେପରେ କେୱାଇସି ଆବଶ୍ୟକତାକୁ ଶେଷ କରିଦିଆଯାଇଛି। ଯେଉଁ ଗାଡ଼ିରେ ପୂର୍ବରୁ ଫାସ୍ଟ୍ୟାଗ ରହିଛି। ସେମାନଙ୍କ ପାଇଁ ଏବେ ରୁଟିନ କେୱାଇସିର ଆବଶ୍ୟକତା ରହିବନି। ଏହି ଯାଞ୍ଚ କେବଳ ସ୍ୱତନ୍ତ୍ର ମାମଲାରେ ହେବ, ଯେମିତି କି ଫାସ୍ଟ୍ୟାଗ ଭୁଲ ଉପାୟରେ ଜାରି ହୋଇଥିଲେ କିମ୍ବା ଅନୁଚିତ ବ୍ୟବହାର ହୋଇଥିବା ଅଭିଯୋଗ ଆସିଥିଲେ। ଯଦି କୌଣସି ଅଭିଯୋଗ ହୋଇନାହିଁ ତା' ହେଲେ ପୁରୁଣା କାରର ଫାସ୍ଟ୍ୟାଗ ଉପରେ କୌଣସି କେୱାଇଭି କରିବାକୁ ପଡ଼ିବନି। ବ୍ୟାଙ୍କଗୁଡ଼ିକ ଏବେ ବାହନ ପୋର୍ଟାଲରେ ଗାଡ଼ିର ବିବରଣୀ ଯାଞ୍ଚ କରିବା ପରେ ହିଁ ଫାସ୍ଟ୍ୟାଗ ଆକ୍ଟିଭ କରିପାରିବେ। ଏବେ ପ୍ରଥମେ ଆକ୍ଟିଭ ଏବଂ ତା' ପରେ ଯାଞ୍ଚ ସିଷ୍ଟମକୁ ବନ୍ଦ କରାଯାଇଛି।

### ନିଃଶ୍ୱାସକୁ ପାଉନି...

କଲବଲ କରୁଥିବାବେଳେ ପ୍ରଦୂଷଣ ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ବାୟୁମଣ୍ଡଳରେ ଛୋଟ୍ ଛୋଟ୍ ପାର୍ଟିକିଲ୍ (କଣିକା) ମାନ ଭାସମାନ ଅବସ୍ଥାରେ ରହୁଛନ୍ତି। ଏହା ଦିନ ତମାମ୍ ରହୁଥିଲେ ମଧ୍ୟ ସକାଳ ଓ ସନ୍ଧ୍ୟା ସମୟରେ ଅଧିକ ପ୍ରଭାବ ପକାଉଛନ୍ତି। ଫଳସ୍ୱରୂପ ଏବେ ବିନା ମାସ୍କରେ ବୁଲାବୁଲି ସ୍ୱାସ୍ଥ୍ୟ ପାଇଁ ଘାତକ ହୋଇଛି। ଏହି ସମୟରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଜାରି କରିଥିବା ତଥ୍ୟ ଆହୁରି ଚିନ୍ତା ବଢ଼ାଇଛି। ଶୁକ୍ରବାର ଦେଶର ଅତି ଖରାପ ବାୟୁ ମାନ ଥିବା ୯ ସହର ମଧ୍ୟରେ ରହିଛି ଓଡ଼ିଶାର ୬। ଏହା ମଧ୍ୟରୁ ଦେଶର ସବୁଠୁ ଖରାପ ବାୟୁ ସୂଚୀରେ ଶୀର୍ଷରେ ରହିଛି ତାଳଚେର। ତାଳଚେରରେ ବାୟୁର ଗୁଣବତ୍ତା ମାନ (ଏକ୍ୟୁଆଇ) ୩୮୦ ରହିଛି ଓ ଏହି ବାୟୁ ସଂସ୍ପର୍ଶରେ ଅଧିକ ସମୟ ଆସିଲେ ବା ବୁଲାବୁଲି କଲେ ଶ୍ୱାସକ୍ରିୟା ଜନିତ ରୋଗ ହେବାର ଆଶଙ୍କା ରହିଛ।

କେବଳ ତାଳଚେର ନୁହେଁ; ତାଲିକାରେ ରାଜ୍ୟର ଅନ୍ୟ ୫ଟି ସହରର ଏକ୍ୟୁଆଇ ମଧ୍ୟ ୩୦୦ ଉପରେ ରହିଛି। କଟକରେ ଏକ୍ୟୁଆଇ ୩୨୪ ରହିଥିବା ବେଳେ, ବାଲେଶ୍ୱରରେ ୩୧୮, ଭୁବନେଶ୍ୱର ୩୧୭, ବାରିପଦା ୩୧୨ ଓ କେନ୍ଦୁଝର ଏକ୍ୟୁଆଇ ୩୧୧ ରହିଛି। ଓଡ଼ିଶାର ୬ ଟି ସହର ସମେତ ଦେଶର ବିକାନେର୍, ସିଙ୍ଗରାଲୁ ଓ ତିରୁପତିରେ ମଧ୍ୟ ଏକ୍ୟୁଆଇ ଯଥାକ୍ରମେ ୩୨୯, ୩୨୦ ଓ ୩୪୧ ରହିଛି। ପୂର୍ବରୁ ରାଜ୍ୟର ପ୍ରଦୂଷିତ ସହର କଥା କହିଲେ କେବଳ ଅନୁଗୁଳ ଓ ତାଳଚେର ଭଳି ସହର କଥା ମନକୁ ଆସୁଥିଲା। ମାତ୍ର ଏବେ ରାଜ୍ୟର ଏକାଧିକ ସହରରେ ବାୟୁ ପ୍ରଦୂଷଣ ଚିନ୍ତାଜନକ ରହୁଛି। ବାୟୁର ମାନ ଦିନକୁ ଦିନ ଖରାପ ହେଉଥିବା ହେତୁ ସକାଳେ ଓ ସନ୍ଧ୍ୟାରେ ବାହାରକୁ ଯିବା କମାଇ ଦେବାକୁ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି। ଏମିତି କି ମର୍ଣ୍ଣିଂୱାକ୍ ନ କରିବାକୁ ମଧ୍ୟ କୁହାଯାଉଛି। ସକାଳେ ଓ ରାତିରେ ବାୟୁମଣ୍ଡଳରେ ତାପମାତ୍ରା କମ୍ ରହୁଥିବା ହେତୁ ଏହି ସମୟରେ କ୍ଷତିକାରକ୍ ପିଏମ୍ ୨.୫ ପାର୍ଟିକଲ ବାୟୁମଣ୍ଡଳରେ ରହିଥାଏ। ଖରାପଡ଼ିବା ପରେ ଏହା ଧୀରେ ଧୀରେ ଉପରକୁ ଉଠେ ଓ ସନ୍ଧ୍ୟାରେ ପୁଣି ତଳକୁ ଖସିଆସେ। ତେଣୁ ଏହି ସମୟରେ ପ୍ରାତଃ ଭ୍ରମଣ ଓ ସନ୍ଧ୍ୟା ଭ୍ରମଣ କରୁଥିବା ଲୋକମାନଙ୍କ ସ୍ୱାସ୍ଥ୍ୟ ଉପରେ ଗୁରୁତର ପ୍ରଭାବ ପଡ଼ିଥାଏ। ଏହାସହିତ ନିର୍ମାଣ ଶ୍ରମିକ, ବୃଦ୍ଧ, ଶିଶୁ, ହୃଦରୋଗୀ ଓ ଶ୍ୱାସ ରୋଗୀମାନଙ୍କ ପାଇଁ ଏହା ଆହୁରି କ୍ଷତିକାରକ ହୋଇଥିବାରୁ ସେମାନଙ୍କ ପାଇଁ ଏନ୍-୯୫ ମାସ୍କ ବ୍ୟବହାର ଏକ ପ୍ରକାର ଅପରିହାର୍ଯ୍ୟ ହୋଇପଡ଼ିଛି। ପିଏମ୍ ୨.୫ ଶ୍ୱାସନଳୀ ଦେଇ ରକ୍ତରେ ସିଧା ମିଶୁଥିବା କାରଣରୁ ଦୀର୍ଘକାଳୀନ ଭାବେ ଏହା ଶ୍ୱାସଜନିତ ରୋଗର ବଡ଼ କାରଣ ସାଜିଥାଏ।

ଅନ୍ୟପଟେ ପ୍ରଦୂଷଣ ହ୍ରାସ ଦିଗରେ ବାୟୁ ଚଳାଚଳ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ହେଲେ ରାଜ୍ୟରେ ବର୍ତ୍ତମାନ ବିଶେଷ ବାୟୁ ଚଳାଚଳ ହୋଇପାରୁ ନାହିଁ। ଓଡ଼ିଶା ଉପରେ ଗୋଟିଏ ଗୁରୁଚାପ ବଳୟର ପ୍ରଭାବ ହେତୁ ରାଜ୍ୟକୁ ସମୁଦ୍ର ଆଡ଼କୁ ବାୟୁ ପ୍ରବାହ ବଢୁନାହିଁ। ଏହାର ପରିଣାମ ସ୍ୱରୂପ ପ୍ରଦୂଷଣର ମାତ୍ର ହ୍ରାସ ହୋଇପାରୁ ନାହିଁ। ବାୟୁ ଚଳାଚଳ ସ୍ୱାଭାବିକ ହେଲେ ପ୍ରଦୂଷଣ କମିବାର ସମ୍ଭାବନା ରହିଛି। ଅନ୍ୟପଟେ ରାଜ୍ୟରେ ପ୍ରଦୂଷଣ ବଢ଼ିବା ପରେ ନିକଟରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ ଖଣି ପ୍ରବଣ ଓ ପ୍ରଦୂଷଣ ଦୃଷ୍ଟିରୁ ସମ୍ବେଦନଶୀଳ ୧୨ ଟି ଜିଲ୍ଲାର ଜିଲ୍ଲାପାଳଙ୍କୁ ପତ୍ର ଲେଖି ବ୍ୟାପକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥରେ ମୁଖ୍ୟତଃ ଗୋଟିଏ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରି ପ୍ରତିଦିନ ଜିଲା ତଥା ସହରର ବିଭିନ୍ନ ସ୍ଥାନରୁ ବାହାରୁଥିବା ଧୂଳିକଣା ଉପରେ ନଜର ରଖିବାକୁ ପରାମର୍ଶ ଦେଇଥିଲେ। ଏହାର କାରଣ ଓ ନିରାକରଣ ପାଇଁ ପଦକ୍ଷେପ ନେବାକୁ କହିଥିଲେ। ଏହାସହିତ ପ୍ରତିଦିନ ରାସ୍ତାଘାଟ ରୋଡ୍କ୍ଲିନର୍ ମାଧ୍ୟମରେ ସଫା ରଖିବା, ରାସ୍ତାରେ ପାଣି ସିଞ୍ଚନ କରିବା, ରାସ୍ତାପାଖ ଢାବାରେ ଯେପରି କୋଇଲା ପ୍ରଭୃତି ବ୍ୟବହାର ନ ହୁଏ ସେଥିପ୍ରତି ଗୁରୁତ୍ୱ ଦେବାକୁ କହିଥିଲେ।

### ଓଡ଼ିଶା ଉପରେ...

ବିମାନବନ୍ଦର ନିର୍ଦ୍ଦେଶକ ପସନ୍ନ ପ୍ରଧାନ କହିଛନ୍ତି ଯେ, ସକାଳ ସମୟରେ ରନୱେ ଦୃଶ୍ୟମାନ କ୍ଷମତା କମ ଥିଲା। ତେଣୁ ଗତକାଲି ଭଳି ଆଜି ମଧ୍ୟ କିଛି ବିମାନ ବାତିଲ କରାଯାଇଛି ଓ କିଛି ବିମାନ ଉଡାଣ ବିଳମ୍ବ ହେଇଛି। ଅତି କମରେ ଦୃଶ୍ୟମାନ ୫୫୦ ମିଟର ରହିଲେ ବିମାନ ଉଡାଣ ଓ ଅବତରଣ ହୋଇଥାଏ। କାଲିର ଘନ କୁହୁଡି ପାଇଁ ଆଜି ସକାଳେ ଥିବା ବିମାନକୁ ଏୟାର ଲାଇନ୍ସ ପୁନଃନିର୍ଦ୍ଧାରଣ କରିଥିଲେ। କିଛି ବିମାନ ଉଡାଣ ସମୟ ପରିବର୍ତ୍ତନ କରାଯାଇଛି। ଏୟାର ଇଣ୍ଡିଆ ସକାଳ ଦିଲ୍ଲୀ ବିମାନ ବାତିଲ କରାଯାଇଛି। ସକାଳ ୮ ପର୍ଯ୍ୟନ୍ତ କୁହୁଡ଼ି ହେଉଥିବାରୁ ବିମାନ ସମୟସୀମା ପୁନଃନିର୍ଦ୍ଧାରଣ କରାଯାଇଛି। ଶୁକ୍ରବାର ସକାଳୁ ବାରଣାସୀ, ବେଙ୍ଗାଲୁରୁ, ଦୁର୍ଗାପୁର, ହାଇଦ୍ରାବାଦ ଓ ନୂଆଦିଲ୍ଲୀ ଆଦିର ବିମାନଗୁଡ଼ିକ ବିଳମ୍ବିତ ଉଡ଼ାଣ ଭରିଛି। କେବଳ ଭୁବନେଶ୍ୱର ନୁହେଁ ଉତ୍ତର ଭାରତରେ ମଧ୍ୟ ବିମାନ ଚଳାଚଳ ବାଧା ହେଉଛି। ତେଣୁ ଘରୁ ବାହାରିବା ଆଗରୁ ବିମାନ ସମୟ କେତେବେଳେ ଅଛି, ସମୟ କେତେବେଳେ ପରିବର୍ତ୍ତନ ହୋଇଛି ସେସବୁ ଯାଞ୍ଚ କରି ଆସିବା ପାଇଁ ବିମାନବନ୍ଦର ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ଘନ କୁହୁଡି ଓ ଇଣ୍ଡିଗୋ ବିମାନର ସମସ୍ୟା ପାଇଁ ଚଳିତ ବର୍ଷ ବିମାନ ଯାତ୍ରା କମିଛି। ପିକନିକ୍ ସମୟରେ ଅଧିକ ଯାତ୍ରୀ ବାହାରକୁ ବୁଲିବା ପାଇଁ ଯାଇଥାନ୍ତି। ଚଳିତ ବର୍ଷ ପିକ୍ ସିଜନରେ ଏହାର ପ୍ରଭାବ ପଡିଛି। ଡିସେମ୍ବର ମାସରେ ଅନେକ ପର୍ଯ୍ୟଟକ ଆସନ୍ତି। କିନ୍ତୁ ଇଣ୍ଡିଗୋ ବିମାନର ସମସ୍ୟା ପାଇଁ ପ୍ରଭାବ ପଡ଼ିଛି। ଭୁବନେଶ୍ୱର ବିମାନ ବନ୍ଦରରୁ ଦୈନିକ ୧୪ ହଜାର ୫୦୦ ରୁ ୧୬ ହଜାର ପର୍ଯ୍ୟନ୍ତ ଯାତ୍ରୀ ଯାତାୟତ କରୁଛନ୍ତି ବୋଲି ସେ କହିଛନ୍ତି।

### ଆଜି ଦେଖାଯିବ...

ନିକଟରେ ଥିଲାବେଳ ଚନ୍ଦ୍ର ଆମଠାରୁ ପ୍ରାୟ ୩.୫୬ ଲକ୍ଷ କିଲୋମିଟର ଦୂରରେ ରହିଥାଏ ଏବଂ ଧୀରେଧୀରେ ୪.୦୬ ଲକ୍ଷ କିଲୋମିଟର ଦୂରକୁ ଚାଲିଯାଇଥାଏ। ଜ୍ୟୋତିଷ ରିଚାର୍ଡ ନଲ୍ଙ୍କ ପରିଭାଷାରେ ଯଦି ଚନ୍ଦ୍ର ଆମଠାରୁ ୩.୬୩ ଲକ୍ଷ କିଲୋମିଟର ବା ତା'ଠାରୁ ନିକଟରେ ଥିବା ସମୟରେ ଏକ ପୂର୍ଣ୍ଣମୀ ପଡ଼ିଥାଏ, ତା'ହେଲେ ସେହି ଚନ୍ଦ୍ରକୁ ସୁପରମୁନ କୁହାଯାଏ। କାରଣ ସେ ସମୟରେ ତାହା ଆମକୁ ବଡ଼ ଓ ଉଜ୍ଜଳ ଦେଖାଯାଏ। ପ୍ରାୟ ପ୍ରତ୍ୟେକ ବର୍ଷ ଏହିଭଳି ଘଟଣା ୨ରୁ ୪ଥର ଘଟିଥାଏ।

### ୧୦ରୁ ମିଳିବ...

ସେମାନେ ଏହି ଗ୍ରୀନ ଷ୍ଟିକର ନେଇପାରିବେ। ଯେଉଁମାନେ ୧୦ ତାରିଖ ପରେ ପିୟୁସିସି କରିବେ, ସେମାନେ ତତ୍କାଳ ପିୟୁସିସି ସେଣ୍ଟରରୁ ହିଁ ଗ୍ରୀନ ଷ୍ଟିକର ନେବେ ବୋଲି କୁହାଯାଇଛି। ଏହି ଗ୍ରୀନ୍ ଷ୍ଟିକର ପ୍ରଦାନ କରିବାକୁ ଆରଟିଓ ଅଫିସରେ ଏକ ସ୍ପେସାଲ ସେଣ୍ଟର ଖୋଲାଯିବ। ଗାଡ଼ିମାଲିକମାନେ ନିଜର ବୈଧ ପଲ୍ୟୁସନ ସାର୍ଟିଫିକେଟ, ଆରସି ଦେଖାଇ ଏହି ଗ୍ରୀନ୍ ଷ୍ଟିକର ନେବେ। ଯଦି ଗାଡି ମାଲିକଙ୍କ ବିନା ଅନ୍ୟ କେହି ଯାଇ ଗ୍ରୀନ ଷ୍ଟିକର ଆଣନ୍ତି, ତେବେ ଗାଡି ମାଲିକଙ୍କ ସ୍ୱୀକୃତି ଦେଖାଇବାକୁ ହେବ। ଗ୍ରୀନ ଷ୍ଟିକର ମାରିବା କୌଣସି ବାଧ୍ୟତାମୂଳକ ନୁହେଁ। କେବଳ ଚେକିଂ ସମୟରେ ହିଁ ସହଜରେ ଏହା ବାରି ହୋଇପଡ଼ିବା ଯୋଗୁଁ ଏହି ବ୍ୟବସ୍ଥା କରାଯାଇଥିବା ନେଇ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସୂଚନା ଦେଇଛନ୍ତି।

### ସରକାରୀ-ଚାଷୀ...

ଅନୁଯାୟୀ ୫ ଲକ୍ଷ ୪୬ ହଜାର ୫୯୧ଟି ପ୍ଲଟରେ ଧାନଚାଷ ହେଉଥିବା ପ୍ଲଟ ଭାବେ ଚିହ୍ନଟ କରାଯାଇଥିବା ବେଳେ ପାଖାପାଖି ୧୯ ଲକ୍ଷ ପ୍ଲଟରେ ଧାନ ଚାଷ ହୋଇନାହିଁ। ତେଣୁ ଏହି ପ୍ଲଟଗୁଡ଼ିକ ପଞ୍ଜିକରଣ କରିଥିବା ଚାଷୀମାନଙ୍କୁ ଟୋକନ ତ ମିଳିବ ନାହିଁ ଓଲଟି ସେମାନେ ମିଛ ତଥ୍ୟ ପ୍ରଦାନ କରିଥିବା ଯୋଗୁଁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଚଳିତ ଖରିଫ ବିପଣନ ଋତୁରେ ଅଣଧାନ ଜମିକୁ ଧାନଚାଷ ହେଉଥିବା ପ୍ଲଟ ଭାବେ ଦର୍ଶାଇଥିବା ଚାଷୀମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବାକୁ ସମସ୍ତ ଉପନିର୍ଦ୍ଦେଶକମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ପଞ୍ଜିକୃତ କୌଣସି ଜମିର ତଥ୍ୟରେ ତ୍ରୁଟି ପରିଲକ୍ଷିତ ହେଲେ ତାହା ସମବାୟ ସମିତିର ଉପନିବନ୍ଧକଙ୍କ ପାଖକୁ କ୍ଷେତ୍ରୀୟ ସ୍ତରରେ ଯାଞ୍ଚ ପାଇଁ ପଠାଯାଉଛି ବୋଲି ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି। ଧାନ ବିକ୍ରୟ ପାଇଁ ପଞ୍ଜିକୃତ ଚାଷୀ ପ୍ରଦାନ କରିଥିବା ସେମାନଙ୍କ ଚାଷଜମିର ବିବରଣୀକୁ ଆଧାର କରି ଉପଗ୍ରହ ମାଧ୍ୟମରେ ଫଟୋ ଉତ୍ତୋଳିତ କରାଯାଇ ସେହି ପ୍ଲଟଗୁଡ଼ିକର ସବିଶେଷ ତଥ୍ୟ ଗ୍ରହଣ କରାଯାଉଛି। ଏହି ପ୍ରକ୍ରିୟାରେ ଅଣଧାନ, ଅଣକୃଷି ଏବଂ ଅନ୍ୟାନ୍ୟ ଅଞ୍ଚଳକୁ ମଧ୍ୟ ଚିହ୍ନଟ କରାଯାଉଛି। ଏହା ଦ୍ୱାରା ଧାନସଂଗ୍ରହରେ ସ୍ୱଚ୍ଛତା ବଜାୟ ରଖିବା ସହ ପ୍ରକୃତ ଚାଷୀ ଲାଭାନ୍ୱିତ ହେବେ ରାଜ୍ୟ ଯୋଗାଣ ବିଭାଗ କହିଛି।

ଅନ୍ୟପକ୍ଷରେ ଯୋଗାଣ ଓ ସମବାୟ ବିଭାଗର ଏପରି ନୀତିକୁ ବିରୋଧୀ ଓ ଚାଷୀମାନେ କଟୁ ସମାଲୋଚନା କରିଛନ୍ତି। ଚାଷୀମାନଙ୍କୁ ହଇରାଣ କରିବା ପାଇଁ ସରକାର ରୀତିମତ ଷଡ଼ଯନ୍ତ୍ର କରିଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି।

### ଓଡ଼ିଶାରେ ଟନ୍‌ଟନ୍...

ଓଡ଼ିଶା ସୀମାନ୍ତରୁ ୬/୭ କିଲୋମିଟର ଦୂରରେ ଝାଡ଼ଖଣ୍ଡ ରାଜ୍ୟର ପୁଣ୍ଡି ଘୁଟୁରେ ପ୍ରଥମେ ଧାନ ଆଣି ରଖାଯାଉଛି। ପରେ ସମୟ ସୁବିଧା ଦେଖି ଜାମଦା ବ୍ଲକ ଅନ୍ତର୍ଗତ ବଡ଼ଦୁହୁକୁ ଅଣାଯାଉଛି। ଏକ ନିର୍ଜନ ସ୍ଥାନରେ ବନ୍ଦ ଘର ମଧ୍ୟରେ ଟନ୍‌ଟନ୍ ଧାନ ଗଚ୍ଛିତ କରି ରଖାଯାଇଥିବା ସୂଚନା ରହିଛି। ଯାହାକି ସମ୍ପୂର୍ଣ୍ଣ ଭାବେ ଚାରିପଟରୁ ବନ୍ଦ ଥିବାବେଳେ କାହାକୁ ପ୍ରବେଶ କରିବାକୁ ଦେଉନାହାନ୍ତି। ଏହା ବଡ଼ଦୁହୁ ଲ୍ୟାମ୍ପ ନିକଟରେ ଥିବାରୁ ଉକ୍ତ ଲ୍ୟାମ୍ପରେ ଧାନ ବିକ୍ରି କରିବାକୁ ଯୋଜନା ରହିଛି। ଧାନ ବିକ୍ରି ପରେ ସରକାରୀ ଟଙ୍କା ଚାଷୀଙ୍କ ଖାତାକୁ ଆସିବା ପରେ ଦଲାଲ ତାହାକୁ ସଂଗ୍ରହ କରିବେ। କିଛି ଟଙ୍କା ଦେବା ପରେ ବାକି ଟଙ୍କା ନେଇ ଚମ୍ପଟ ମାରିବାର ଯୋଜନାରେ ରହିଛନ୍ତି। ଦୁଇଟି ସ୍ଥାନରେ ପ୍ରାୟ ୪୦ ଲକ୍ଷରୁ ଅଧିକ ଟଙ୍କାର ଧାନ ଗଚ୍ଛିତ ଥିବା ସୂଚନା ରହିଛି। ତେବେ ଉକ୍ତ କାରବାରରେ କିଛି ସରକାରୀ କିମ୍ବା ଲ୍ୟାମ୍ପ କର୍ମଚାରୀ ସାମିଲ ଥିବା ଆଶଙ୍କା ରହିଛି। ଝାଡ଼ଖଣ୍ଡ ଧାନ ଓଡ଼ିଶାରେ ବିକ୍ରି ହେଲେ ଓଡ଼ିଶାର ଚାଷୀ ଉପକୃତ ହେବା ବଦଳରେ ଝାଡ଼ଖଣ୍ଡ ଚାଷୀ ଉପକୃତ ହେବେ। ସରକାର ଓଡ଼ିଶା ଚାଷୀଙ୍କୁ ଲାଭବାନ କରିବା ଯୋଜନା ସାର୍ଥକ ହୋଇପାରିବ ନାହିଁ। ଏ ସମ୍ପର୍କରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ହେଁ ସେ ଉତ୍ତର ଦେଇନଥିଲେ। ଧାନ କ୍ରୟର ଜିଲ୍ଲା ନୋଡାଲ ଅଧିକାରୀ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାଏକଙ୍କୁ ପଚାରିବାରୁ ଏଭଳି ଘଟଣାର ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ବାମନଘାଟି ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ, ଜିଲ୍ଲା ସମବାୟ ସମିତି ଉପନିବନ୍ଧକକୁ ଅବଗତ କରାଯିବ ବୋଲି କହିଛନ୍ତି। ତଦନ୍ତ କରି ଚଢ଼ଉ ପ୍ରକ୍ରିୟା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

### ଜେଜେ ସାମ୍ନାରେ...

ଧରି ବଡ଼ଦାଣ୍ଡରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଗାଡ଼ି ଚଳାଚଳ ବ୍ୟାହତ ହୋଇଥିଲା। ପୁଲିସ ବୁଝାସୁଝା କରିବା ପରେ ସ୍ଥିତି ସ୍ୱାଭାବିକ ଅବସ୍ଥାକୁ ଫେରିଥିଲା। ଅପରପକ୍ଷେ, ଏହି ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିଛନ୍ତି। ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ୪ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ନୂଆବର୍ଷ ପାଇଁ ଏବେ ପୁରୀରେ ଭକ୍ତଙ୍କ ଗହଳି ରହିଛି। ବଡ଼ଦାଣ୍ଡ ଭିଡ଼ ରହୁଥିବା ବେଳେ ଶହଶହ ପୁଲିସ କର୍ମଚାରୀ ମୁତୟନ ରହିଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ନୀଳକଣ୍ଠ ତାଙ୍କ ନାତି ଶ୍ରେୟାଂଶ ଓ ଅନ୍ୟ ଜଣେ ସମ୍ପର୍କୀୟ ନାବାଳକକୁ ସ୍କୁଟିରେ ବସାଇ ଜଳଖିଆ ଆଣିବାକୁ ମେଡିକାଲ ଛକପଟୁ ବଳଗଣ୍ଡି ଆଡ଼କୁ ଯାଉଥିଲେ। ଏହି ସମୟରେ ଭଦ୍ରକର କିଛି ଯାତ୍ରୀଙ୍କୁ ନେଇ ଏକ ବୋଲେରୋ (ନଂ.ଓଡି୨୨ଏସି-୩୦୪୮) ମଧ୍ୟ ମେଡିକାଲ ଛକରୁ ମନ୍ଦିର ପଟକୁ ଯାଉଥିଲା। ଚାଳକଜଣଙ୍କ ବେପରୁଆ ଢଙ୍ଗରେ ଗାଡ଼ି ଚଳାଇ ପ୍ରଥମେ ଜଣେ ସାଇକେଲ ଆରୋହୀ ନବକିଶୋର ମହାରଣାଙ୍କୁ ଧକ୍କା ଦେଇଥିଲା। ପରେ ଭକ୍ତ ସାଲବେଗ ସ୍ମୃତିପୀଠ ନିକଟରେ ନୀଳକଣ୍ଠଙ୍କ ସ୍କୁଟିକୁ ପଛପଟୁ ଧକ୍କା ଦେଇ ପ୍ରାୟ ୧୦୦ ମିଟର ପର୍ଯ୍ୟନ୍ତ ଘୋଷାଡ଼ି ନେଇଥିଲା। ବଳଗଣ୍ଡି ଛକ ପାଖରେ ବୋଲେରୋଟି ବ୍ରେକ୍ ମାରିଥିଲା। ଏହି ଦୁର୍ଘଟଣାରେ ସ୍କୁଟିରେ ଥିବା ୩ ଜଣ ଯାକ ଘୋଷାଡ଼ି ହୋଇ ଖଣ୍ଡିଆ ଖାବରା ହୋଇଯାଇଥିଲେ। ରକ୍ତ ଜୁଡୁବୁଡୁ ନାବାଳକ ଶ୍ରେୟାଂଶ ସମେତ ତାଙ୍କ ଜେଜେ ଓ ଅନ୍ୟ ଜଣେ ନାବାଳକଙ୍କୁ ନିକଟସ୍ଥ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଶ୍ରେୟାଂଶକୁ ମୃତ ଘୋଷଣା କରିଥିଲେ।

ନାବାଳକର ମୃତ୍ୟୁ ହୋଇଥିବା ଜଣାପଡ଼ିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାର, ସମ୍ପର୍କୀୟଙ୍କ ସହ ପୁରୀବାସୀ ଏକାଠି ହୋଇ ମେଡିକାଲ ଛକରେ ରାସ୍ତାରୋକ କରିଥିଲେ। ଡ୍ରାଇଭର୍ ନିଶାସକ୍ତ ଅବସ୍ଥାରେ ଦୁର୍ଘଟଣା ଘଟାଇ ଥିବାରୁ ତା' ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଥିଲା। ଏଥିସହ ପୁରୀକୁ ନିଶାମୁକ୍ତ, ମୃତକଙ୍କ ପରିବାରକୁ କ୍ଷତିପୂରଣ ଆଦି ବିଭିନ୍ନ ଦାବିରେ ଆମ୍ବୁଲାନ୍ସରେ ମୃତଦେହ ରଖି ଟାୟାର୍ ଜାଳି ରାସ୍ତାରୋକ କରିଥିଲେ। ଫଳରେ ବଡ଼ଦାଣ୍ଡରେ ଗାଡ଼ି ଚଳାଚଳ ବ୍ୟାହତ ହୋଇଥିଲା।

ସହରର ସବୁ ଥାନାଧିକାରୀଙ୍କ ସହ ସିଟି ଡିଏସ୍‌ପି, ଅତିରିକ୍ତ ଏସ୍‌ପି, ତହସିଲଦାର ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ଆନ୍ଦୋଳନ ଥମିନଥିଲା। ଉତ୍ତ୍ୟକ୍ତ ଲୋକେ ଥାନା ଅଧିକାରୀଙ୍କୁ ଘେରାଉ କରିବା ସହ ହସ୍ପିଟାଲ ଛକ ନିକଟସ୍ଥ କୁମ୍ଭାରପଡ଼ା ଥାନା ଘେରାଉ ପାଇଁ ଯାଇଥିଲେ। ଘଟଣାସ୍ଥଳରେ ଏସ୍‌ପି ପ୍ରତୀକ ସିଂ ପହଞ୍ଚି ମୃତ ନାବାଳକର ପରିବାରଲୋକଙ୍କୁ ଦୀର୍ଘ ସମୟ ଧରି ବୁଝାସୁଝା କରି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା। ନୂଆବର୍ଷ ପାଇଁ ପୁରୀରେ ୭୦ ପ୍ଲାଟୁନ ପୁଲିସ ମୁତୟନ ସତ୍ତ୍ୱେ ବଡ଼ଦାଣ୍ଡରେ ଏଭଳି ବଡ଼ ଅଘଟଣ ଘଟିଲା କେମିତି, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ୩ ସାଙ୍ଗ...

'ରୋଡ୍ ମାଷ୍ଟର୍' ନାମକ ଏକ ବସ୍ ସେମାନଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ୩ ସାଙ୍ଗ ବାଇକ ସହ ବସ୍ ତଳକୁ ପଶି ଯାଇଥିଲେ ଏବଂ ବସ୍‌ଟି ସେମାନଙ୍କୁ ପାଖାପାଖି ୧୫ରୁ ୨୦ ମିଟର ଘୋଷାଡ଼ି ନେଇଥିଲା। ଦୁର୍ଘଟଣା ଘଟାଇବା ପରେ ବସ୍ ଚାଳକ, କଣ୍ଡକ୍ଟର୍ ଓ ହେଲ୍ପର ଘଟଣାସ୍ଥଳରୁ ଚମ୍ପଟ ହୋଇଯାଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ୨ ସାଙ୍ଗଙ୍କୁ ଉଦ୍ଧାର କରି ଏକ ଓ ଆମ୍ବୁଲାନ୍ସରେ ହସ୍ପିଟାଲକୁ ପଠାଇଥିଲା। କିନ୍ତୁ ଅନ୍ୟ ଜଣେ ବସ୍ ତଳେ ଚାପି ହୋଇ ରହିଥିବାରୁ ତାଙ୍କୁ ଉଦ୍ଧାର କରିବାରେ ବିଳମ୍ବ ହୋଇଥିଲା। ଅଗ୍ନିଶମ ବିଭାଗ କଟର୍ ସହାୟତାରେ ଲୁହାକୁ କାଟି ଯୁବକଙ୍କ ମୃତଦେହ ଉଦ୍ଧାର କରିଥିଲା। ହସ୍ପିଟାଲରେ ଡାକ୍ତର ୩ ଜଣଙ୍କୁ ମୃତ ଘୋଷଣା କରିଥିଲେ।

ଅପରପକ୍ଷେ, ଏହାକୁ ନେଇ ଘଟଣାସ୍ଥଳରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ, ବସ୍ ଚାଳକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଉତ୍ତ୍ୟକ୍ତ ଲୋକେ ହୋ-ହଲ୍ଲା କରିଥିଲେ। ଘଟଣାସ୍ଥଳରେ ରାଇରଙ୍ଗପୁର ଅତିରିକ୍ତ ଏସ୍‌ପି ଯଦୁନାଥ ଜେନା, ରାଇରଙ୍ଗପୁର ଏସ୍‌ଡିପିଓ ଗୋକୁଳାନନ୍ଦ ସାହୁ, ତହସିଲଦାର ବିଶ୍ୱନାଥ ବିଶ୍ୱାଳ, କନିଷ୍ଠ ଏମ୍‌ଭିଆଇ ଆଶୁତୋଷ ନାଏକ, ବିଡିଓ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ରାସ୍ତା ମଝିରେ ଅଟକି ରହିଥିବା ବସ୍‌କୁ କ୍ରେନ୍ ସାହାଯ୍ୟରେ ହଟାଯିବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ଏନେଇ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରେ ମାମଲା ରୁଜୁ ହେବା ସହ ଉଭୟ ବସ୍ ଓ ବାଇକକୁ ଜବତ କରାଯାଇଛି।

## ସ୍ତ୍ରୀ ଦଶାହରେ ଆଖିବୁଜିଲେ ସ୍ୱାମୀ

କଣାସ,୨।୧(ସମିସ): ସ୍ତ୍ରୀର ଦଶାହରେ ଚାଲିଗଲା ସ୍ୱାମୀଙ୍କ ଜୀବନ। ଏଭଳି ଏକ ଦୁଃଖଦ ଘଟଣା ଘଟିଛି ପୁରୀ ଜିଲ୍ଲା କଣାସ ବ୍ଲକ୍ ଗଡ଼ସାହି ପଞ୍ଚାୟତର ବେଣାଗାଁ ଗ୍ରାମରେ। ଗ୍ରାମର ନାରାୟଣ ପଟ୍ଟନାୟକଙ୍କ ପତ୍ନୀ ଜୀନା ପଟ୍ଟନାୟକ (୫୭) ଗତ ୨୩ ତାରିଖରେ ଏକ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ଗତକାଲି ତାଙ୍କର ଦଶାହ ଥିଲା। ଶୁଦ୍ଧିକ୍ରିୟା ଚାଲିଥିବା ବେଳେ ସ୍ୱାମୀ ନାରାୟଣ ହଠାତ ଅସୁସ୍ଥ ହୋଇପଡ଼ିଥିଲେ। ପରିବାରଲୋକ ତାଙ୍କୁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ହେଲେ ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ପୁରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ନାରାୟଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏକମାତ୍ର ପୁଅ ପ୍ରତୀଶପ୍ରଜ୍ଞା ପୁରୀ ସ୍ୱର୍ଗଦ୍ୱାରରେ ବାପାଙ୍କୁ ମୁଖାଗ୍ନି ଦେଇଥିଲେ।

**AFFIDAVIT**

I, Wazeda Tabassum, W/o- Mohammed Habib, Resident of At/Po- Tilda, Ps- Salipur, Dist.: Cuttack, Odisha, Pin- 754290 declare by this affidavit No. 4439, dtd. 24.11.2025 that now onwards I shall be known as **WAZDA TABSUM** for all future purposes.

**AFFIDAVIT**

By Virtue Of an Affidavit no. 2168 dtd. 30.12.2025 the Executive Magistrate Khandapada, I Dillip Lenka S/o- Arjun Lenka At- PithaKhai, Po/Ps- Fategada, Dist- Nayagarh have changed my Son's name SUBHARNSHU LENKA to SUDHANSU KUMAR LENKA. Henceforth He will be known as SUDHANSU KUMAR LENKA for all purposes.

S/d- Dillip Lenka

**AFFIDAVIT**

I, Kuresha Khatun, aged about 76 years, W/o- Gulamzillani Mohammed, resident of Subash Nagar, Bargarh, Po- Bargarh, Ps- Bargarh, Dist- Bargarh, Odisha, Pin- 768028, do hereby declare by this affidavit No. 11, dtd- 02/01/2026, that now onwards I shall be known as **KURESA KHATUN** for all future purposes.

Leadership and beyond
दि न्यू इन्डिया एश्योरन्स कंपनी लिमिटेड
The New India Assurance Co. Ltd
India's Premier Multinational General Insurance Company

ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ (୫୫୦୦୦୦)
ପ୍ରଥମ ମହଲା, ଆଲୋକ ଭାରତୀ ଟାୱାର, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଫୋନ୍:୦୬୭୪-୨୫୪୫୪୬୭

**ଟେଣ୍ଡର ବିଜ୍ଞପ୍ତି**

ଟେଣ୍ଡର ରେଫ. ନଂ: ବିବିଏସ୍ଆରଓ/ଇଏସଟିବି/ଭଦ୍ରକ ବିଓ/ଇଣ୍ଟେରିୟର ରିଫର୍ବିସମେଣ୍ଟ/ ସିଭିଲ ଏବଂ ଇଲେକଟ୍ରିକ କାର୍ଯ୍ୟ

ଆମର ଭଦ୍ରକ କାର୍ଯ୍ୟାଳୟ ସା: ବିଶ୍ୱାଳ କମ୍ପ୍ଲେକ୍ସ, ସମରାଇପୁର, ପୋଷ୍ଟ: ପ୍ରାଚୀ ନଗର, ଭଦ୍ରକ-୭୫୬୧୮୧ର ଆଭ୍ୟନ୍ତରୀଣ ନବୀକରଣ ନିମନ୍ତେ କଣ୍ଟ୍ରାକ୍ଟର ନିଯୁକ୍ତି ହେତୁ ଆଗ୍ରହୀ ପକ୍ଷ / ଫାର୍ମମାନଙ୍କ ଠାରୁ ଅନଲାଇନ ପଦ୍ଧତିରେ ୨ଟି ବିଡ୍ ବ୍ୟବସ୍ଥାରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ସବିଶେଷ ବିବରଣୀ / କାଗଜାତ୍ ଆମର ୱେବସାଇଟ୍: www.newindia.co.in **(public notice section)** & www.tenderwizard.com NIAEPROC ରେ ଉପଲବ୍ଧ।

ସଂଶୋଧନ / ଶୁଦ୍ଧିପତ୍ର / ରଦ୍ଦ / ପୁନଃ ଟେଣ୍ଡର ଇତ୍ୟାଦି ଯଦିଥାଏ ତାହା କେବଳ ଉପରୋକ୍ତ ୱେବସାଇଟ୍‌ରେ ପ୍ରକାଶିତ ହେବ। ସାଇଟରେ ପ୍ରି-ବିଡ୍ ମିଟିଙ୍ଗ୍ ତା.୧୨.୦୧.୨୦୨୬ ଅପରାହ୍ନ ୩.୦୦ ଘଟିକାରେ ଅନୁଷ୍ଠିତ ହେବ। ଇ-ଟେଣ୍ଡର ଦାଖଲର ଅନ୍ତିମ ତାରିଖ ୨୨.୦୧.୨୦୨୬ ଅପରାହ୍ନ ୫.୦୦ଘଟିକା, ତତ୍‌ପରେ ତା ୨୩.୦୧.୨୦୨୬ (ଆପାତତଃ)ରେ ଟେକ୍ନିକାଲ ବିଡ୍ ଏବଂ ଆର୍ଥିକ ବିଡ୍ ଖୋଲାଯିବ।

ସ୍ୱା/- ଉପ ମହାପ୍ରବନ୍ଧକ
କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର
CIN No.- L66000MH1919GOI000526

**OFFICE OF THE PANCHAYAT SAMITI: KALYANSINGHPUR** i-448
DIST- RAYAGADA, PINCODE-76516, ODISHA
Email: ori-kalyansinghpur@nic.in
INVITATION FOR BIDS (I.F.B)
e-Procurement Notice
IDENTIFICATION NO. PS-KAL, No. 2 OF 225-26
Tender Notification No. 365 / Dated 29.12.2025

The Block Development Officer, Kalyansinghpur, Rayagada invites Percentage Rate bid in Single Cover System in ONLINE MODE for the construction of Gram Panchayat level Federation (GPLF) Building work (Civil) as detailed in the Detailed Tender Call Notice (D.T.C.N) from the eligible class of contractors.

1) No. of works :02 (Two) No.
2) Estimated Cost :Rs.24.02 lakhs to Rs.24.17 lakhs
3) Cost of Tender paper :Rs.6000/-(Rupees Six Thousand)only for each work
4) Class of Contractor :" D & C" Class
5) Date of Time of available in web site & receipt online :11:00 Hrs. of 02.01.2026 to 17.00 Hrs. of 16.01.2026
6) Date of opening of Technical Bid :11:30 Hrs. of 17.01.2026

The Bidders have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in.

Any Corrigendum / Addendum will be displayed in the website https://tendersodisha.gov.in only

Block Development Officer
Kalyansinghpur
OIPR-19432/11/005/2526

**TPNODL**
TP NORTHERN ODISHA DISTRIBUTION LIMITED
(A Joint Venture of Tata Power and Government of Odisha)
Regd. Off: Corp Office, Januganj, Remuna Golei, Balasore, Odisha-756019
CIN No.: U40106OR2021SGC035951; Website: www.tpnodl.com

**NOTICE INVITING TENDER (NIT) January 03rd, 2026**

TP Northern Odisha Distribution Limited invites tender from eligible Bidders for the following:

| Sl. No. | Tender Enquiry No. | Work Description |
|---|---|---|
| 1 | TPNODL/OT/2025-26/2500001115 | Rate Contract for Supply of IPCs (Insulation Piercing Connectors) of Various Sizes at TPNODL |
| 2 | TPNODL/OT/2025-26/2500001116 | Rate Contract for Supply of GI F-Clamps |

* MSMEs registered in the State of Odisha shall pay tender fee of Rs. 1,000/- including GST.
** EMD is exempted for MSMEs registered in the State of Odisha.
For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPNODL website **https://tpnodl.com**. All tenders will be available on TPNODL website.
Future communication / corrigendum to tender documents, if any, shall be available on website.

Chief- Contracts & MM

यूनियन बैंक Union Bank of India
**କ୍ଷେତ୍ରୀୟ କାର୍ଯ୍ୟାଳୟ: ବାଲେଶ୍ୱର**
ମାଣିଖମ୍ବ, ଓଟି ରୋଡ଼, ପୋଲିସ୍ ଲାଇନ୍, ଭାସ୍କରଗଞ୍ଜ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧, ମୋ.: ୮୯୨୮୯୧୭୪୧୧/୯୬୮୭୬୯୭୫୪୮
**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ସେମାନେ ଋଣ ପରିଶୋଧ କରୁନାହାଁନ୍ତି। ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହା ହେଲେ **ଆମର ସମ୍ପୃକ୍ତ ଶାଖା ପରିସରରେ ତା.୦୯.୦୧.୨୦୨୬ରିଖ ଅପରାହ୍ନ ୧୨.୩୦ ଘଟିକା** ସମୟରେ ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡିକୁ ନିଲାମ କରାଯିବ। ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତରେ ଆଶ୍ରୟ ନେବ। ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାରଗୁଡିକ ନେଇପାରିବେ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ସୁନା ଋଣ ଆକାଉଣ୍ଟ ନଂ. | ବକେୟା ରାଶି | ନେଟ୍ ଓଜନ (ଗ୍ରାମରେ) | ମୋଟ ଓଜନ (ଗ୍ରାମରେ) |
|---|---|---|---|---|
| ଉଦଳା ଶାଖା, ୱାର୍ଡ ନଂ. ୫, ସିନେମା ହଲ୍ ରୋଡ୍, ଉଦଳା, ମୟୂରଭଞ୍ଜ-୭୫୭୦୪୧, ମୋ.: ୮୪୫୬୮୮୧୦୯୫, ୮୬୩୭୨୬୧୮୪୪ | | | | |
| ୧. | ଶ୍ରୀମତୀ ଦୀପ୍ତିମୟୀ ଦାସ, ସା: କପ୍ତିପଦା, ପୋ: କପ୍ତିପଦା, ଜିଲା: ମୟୂରଭଞ୍ଜ, ପିନ୍-୭୫୭୦୪୦ / ୨୫୫୪୧୬୫୪୦୦୦୦୪୧୮ | ଟ.୧୩,୦୩୬.୦୦ | ୩.୪ | ୩.୯୭ |
| କରଞ୍ଜିଆ-୩ ଶାଖା, ପ୍ଲଟ୍ ନଂ. ୮୫୨/୧୦୦୬, କରଞ୍ଜିଆ ମେନ୍ ରୋଡ୍, କରଞ୍ଜିଆ, ମୟୂରଭଞ୍ଜ-୭୫୭୦୩୭, ମୋ.: ୭୯୦୩୯୩୯୮୦୮ | | | | |
| ୧. | ଶ୍ରୀମତୀ ସୁମିତ୍ରା ଚୌଧୁରୀ, ସ୍ୱାମୀ: ଗଗନ ବିହାରୀ ଚୌଧୁରୀ, ସା/ପୋ: ଟାଙ୍ଗରାପଡ଼ା, ଭାୟା: ସୁଆମପାଟଣା, ଜିଲ୍ଲା: କେନ୍ଦୁଝର, ପିନ୍-୭୫୮୦୩୦ / ୩୧୦୧୨୬୫୪୦୦୦୦୧୩୧ | ଟ.୩୯,୮୩୨.୦୦ | ୮.୧୧୬ | ୧୧.୫୯୫ |
| ୨. | ଶ୍ରୀମତୀ ସୁମିତ୍ରା ଚୌଧୁରୀ, ସ୍ୱାମୀ: ଗଗନ ବିହାରୀ ଚୌଧୁରୀ, ସା/ପୋ: ଟାଙ୍ଗରାପଡ଼ା, ଭାୟା: ସୁଆମପାଟଣା, ଜିଲ୍ଲା: କେନ୍ଦୁଝର, ପିନ୍-୭୫୮୦୩୦ / ୩୧୦୧୨୬୫୪୦୦୦୦୧୦୫ | ଟ.୪୯,୫୮୫.୦୧ | ୧୩.୯୮ | ୧୪.୨୯୫ |
| ଦାମୋଦରପୁର ଶାଖା, ସା/ପୋ: ଦାମୋଦରପୁର, ମେନ୍ ରୋଡ୍, ମୟୂରଭଞ୍ଜ, ପିନ୍-୭୫୭୦୦୩, ମୋ.: ୯୯୮୭୧୯୩୮୪୬ | | | | |
| ୧. | ଶ୍ରୀ ଟୁଲୁ ଦିଗାର, ବିପିଡ଼ି, ଇନ୍ଦପାହି, ଦାମୋଦରପୁର-୭୫୭୧୦୭ / ୬୫୩୨୦୬୫୪୦୦୦୦୧୮୧ | ଟ.୭୩,୩୬୬.୦୦ | ୧୪.୨ | ୧୫.୪୭ |
| ରେମୁଣା-ଜାନୁଗଞ୍ଜ ଶାଖା, ଗଣେଶ୍ୱରପୁର, ଜାନୁଗଞ୍ଜ, ରେମୁଣା ଗୋଲେଇ, ବାଲେଶ୍ୱର, ପିନ୍-୭୫୬୦୧୯, ମୋ.: ୯୯୭୩୨୬୧୦୩୩ | | | | |
| ୧. | ଶ୍ରୀ ପ୍ରକାଶ ସାହୁ, ପିତା: ଦେବେନ୍ଦ୍ର ସାହୁ, ଜାନୁଗଞ୍ଜ, ରେମୁଣା, ଗୋଲେଇ ରେମୁଣା, ବାଲେଶ୍ୱର-୭୫୬୦୧୯ / [illegible] | [illegible] | [illegible] | [illegible] |

ନିଲାମ ପ୍ରକ୍ରିୟା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ।
[illegible]

ସ୍ଥାନ: ବାଲେଶ୍ୱର, ତାରିଖ: ୦୨.୦୧.୨୦୨୬ — ଶାଖା ପ୍ରବନ୍ଧକ, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ

ଭା.କ.ନି. CCI
**ଭାରତୀୟ କପା ନିଗମ ଲିମିଟେଡ୍** ମୋବାଇଲ ଆପ
ଶାଖା କାର୍ଯ୍ୟାଳୟ: ରାୟଗଡା
ପ୍ଲଟ ନଂ-୧୩୮/୨୦୩୦/୨୫/୮ ପ୍ରଥମ ମହଲା
ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ନିକଟ, ରିଙ୍ଗ୍ ରୋଡ୍, ରାୟଗଡ଼ା -୭୬୫୦୦୧ (ଓଡିଶା)
ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ — ତାରିଖ: ୦୨.୦୧.୨୦୨୬

**କପା ଚାଷୀଙ୍କୁ ଆହ୍ୱାନ**

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ "କପାସ କିଷାନ" ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।

**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଡିସେମ୍ବର ୨୦୨୫ ଠାରୁ ୧୬ ଜାନୁଆରୀ ୨୦୨୬କୁ ବୃଦ୍ଧି କରାଯାଇଛି।**

ଚାଷୀମାନଙ୍କର ସ୍ୱୟଂ ପଞ୍ଜିକରଣ ତାରିଖ ଶୀଘ୍ର ପାଖେଇ ଆସୁଛି ଏବଂ ତେଣୁ, ସମସ୍ତ ବାକି ଚାଷୀମାନଙ୍କୁ ଶେଷ ମୁହୂର୍ତ୍ତକୁ ଅପେକ୍ଷା ନକରି ପଞ୍ଜିକରଣ ସମାପ୍ତ କରିବାକୁ ଅନୁରୋଧ କରାଯାଉଛି।

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ ନମ୍ବର ୬୩୭୦୦୧୧୯୦୦ରେ ଯୋଗାଯୋଗ କରିପାରିବେ।

ସ୍ୱା./-ଶାଖା ପ୍ରମୁଖ

**SUB DIVISIONAL HOSPITAL, UDALA, MAYURBHANJ**
Office of the SUPERINTENDENT, SDH, UDALA, NHM, Mayurbhanj, Odisha, 757041
Advt. No.: 01 / NHM / 2025-26 Dt: 01/01/2026 — E-643

**Short Tender Call Notice**

Sealed tenders are invited from the interested bidders for **"SUPPLY OF DIET ITEMS UNDER SDH, UDALA, MAYURBHANJ"**. The eligible criteria, the terms of reference and the formats for submission of bid as set forth in the tender document can be downloaded from the website **www.mayurbhanj.nic.in**. Interested bidders fulfilling the eligibility criteria may submit their proposal(s) with EMD, Tender paper cost & documents as per tender call notice. The bidders have to submit their proposal(s) at the **O/o: The SUPERINTENDENT, SDH, UDALA, Mayurbhanj.** Proposal(s) complete in all respect should reach the undersigned on or before **5 PM of dt: 02.02.2026** through **Regd. post / Speed post / Courier** and the same will be opened on **dt: 04.02.2026 at 11.30 PM.** The undersigned reserves the right to reject any or all the tender(s) without assigning any reason thereof.

OIPR-10241/11/0002/2526 — **Sd/- SUPERINTENDENT, SDH, UDALA**

# ନୂଆକୋଠାକୁ ସ୍ଥାନାନ୍ତର ହେଉନି ଡାକ୍ତରଖାନା

ଟିଟିଲାଗଡ଼, ୨।୧(ସମିସ)

ଟିଟିଲାଗଡ଼ ଉପଖଣ୍ଡ ଡାକ୍ତରଖାନାର ନବନିର୍ମିତ କୋଠା ସମ୍ପୂର୍ଣ୍ଣ ହୋଇ ୨ ବର୍ଷ ବିତିବାକୁ ଯାଉଛି। ସହର ମଧ୍ୟରୁ ଏହା ସ୍ଥାନାନ୍ତର ନ ହେବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ପୂର୍ବ ସରକାର ଅମଳରେ ୫-ଟି ଅଧୀନ ମୋ ହସ୍ପିଟାଲ ରୂପାନ୍ତର ଅଭିଯାନ ଦ୍ୱାରା




ସହର ଉପକଣ୍ଠ ପିପଲପଦରରେ ୨୨କୋଟିରୁ ଅଧିକ ଟଙ୍କା ବ୍ୟୟ ଅଟକଳରେ କୋଠା ନିର୍ମିତ ହୋଇଛି। ଓପିଡି କୋଠା, ସିସି ଟିଭି ବ୍ୟବସ୍ଥା, ସ୍ୱଚ୍ଛତା ପରିବେଶ, ଶୌଚାଳୟ, ଅଗ୍ନିଶମ ବ୍ୟବସ୍ଥା, ଔଷଧ ବିତରଣ କେନ୍ଦ୍ର, ଆହାର କେନ୍ଦ୍ର, ପାର୍କିଂ ବ୍ୟବସ୍ଥା, ସୌନ୍ଦର୍ଯ୍ୟକରଣ, ପାଚେରୀ ନିର୍ମାଣ, ବିଭାଗୀୟ କର୍ମଚାରୀଙ୍କ ପାଇଁ ୪୮ଟି ବାସଭବନ ସହ ସମସ୍ତ ଆନୁସାଙ୍ଗିକ ବ୍ୟବସ୍ଥା ଉପଲବ୍ଧ ରହିଛି। ପୂର୍ବ ସରକାର ଅମଳରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଆଭସି ମାଧ୍ୟମରେ ଏହା ଉଦ୍‌ଘାଟିତ ହୋଇସାରିଛି। ତେବେ ସମାନ ସ୍ଥିତିରେ ଥିବା ପାଟଣାଗଡ଼ ଉପଖଣ୍ଡ ଡାକ୍ତରଖାନା ଦୀର୍ଘଦିନ ପରେ ସୋମବାର ନୂତନ କୋଠାକୁ ସ୍ଥାନାନ୍ତର ହୋଇଛି; ହେଲେ ଟିଟିଲାଗଡ଼ ଉପଖଣ୍ଡ ଡାକ୍ତରଖାନା କେବେ ସ୍ଥାନାନ୍ତର ହେବ ତାହାକୁ ନେଇ ସାଧାରଣରେ ପ୍ରଶ୍ନ ସୃଷ୍ଟି ହୋଇଛି। ଗୋଟିଏ ପଟେ ପ୍ରଶାସନିକ ଓ ରାଜନୈତିକ ଉଦାସୀନତା ଯୋଗୁଁ ଏହା ସ୍ଥାନାନ୍ତର ହୋଇପାରୁ ନ ଥିବା ଅଭିଯୋଗ ଉଠୁଛି। ଅପରପକ୍ଷରେ ସହରର ମଧ୍ୟ ଭାଗରେ ଥିବା ଡାକ୍ତରଖାନାକୁ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କରାଯାଇ ଡାକ୍ତରଖାନା ସ୍ଥାନାନ୍ତର କରାଯିବାକୁ ବିଭିନ୍ନ ମହଲରୁ ଦାବି ହୋଇଛି। ତେବେ ୨ ବର୍ଷ ପୂର୍ବରୁ ସହର ମଧ୍ୟରୁ ଏଠାକୁ ମାତୃ ଓ ଶିଶୁ ଡାକ୍ତରଖାନା ସ୍ଥାନାନ୍ତର ହୋଇ ସାରିଛି। ନୂତନ କୋଠାରେ ସମସ୍ତ ଅତ୍ୟାଧୁନିକ ସୁବିଧା ସୁଯୋଗ ଉପଲବ୍ଧ ଥାଇ ଏସଡିଏଚ୍‌କୁ ସ୍ଥାନାନ୍ତର କରା ନ ଯିବା ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ କରିବା ସଦୃଶ ହୋଇଛି। ବିଧାୟକ ନବୀନ ଜୈନ ଡାକ୍ତରଖାନା ସ୍ଥାନାନ୍ତର ନେଇ ପୂର୍ବରୁ ସହରର ସମସ୍ତ ସାମାଜିକ ସଙ୍ଗଠନର ମତାମତ ଲୋଡା ଯାଇଥିଲା। ସହର ମଧ୍ୟରେ ଥିବା ଡାକ୍ତରଖାନାକୁ ସହରାଞ୍ଚଳ ପ୍ରାଥମିକ ଡାକ୍ତରଖାନା ଘୋଷଣା କରାଯାଇ ଏହାକୁ ସ୍ଥାନାନ୍ତର କରାଯିବାକୁ ସାଧାରଣରେ ଦାବି ରହିଛି। ଜନମତକୁ ପ୍ରାଥମିକତା ଦେଇ ଖୁବ୍ ଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି।

## ଏମାନେ ଯାହା କହନ୍ତି...



ଟିଟିଲାଗଡ଼ ଡାକ୍ତରଖାନାରେ ଡାକ୍ତର ଅଭାବ ସମସ୍ୟା ଚିରା ଚରିତ ଭାବରେ ଲାଗିରହିଛି। ପ୍ରଥମେ ବିଭିନ୍ନ ବିଭାଗରେ ଆବଶ୍ୟକ ଥିବା ଡାକ୍ତର ଅଣାଯାଉ। ତା ପରେ ଡାକ୍ତରଖାନା ସ୍ଥାନାନ୍ତର କରାଯାଉ। ତେବେ ଯାଇ ରୋଗୀ ତଥା ସହରବାସୀ ଉପକୃତ ହେବେ।

**ରାଧାକାନ୍ତ ପାଢ଼ୀ, ସଭାପତି ନାଗରିକ ମଞ୍ଚ**




ସହର ଉପାନ୍ତରେ ନୂତନ ଡାକ୍ତରଖାନା କୋଠା ରହିଛି। ପ୍ରାଥମିକ ଚିକିତ୍ସା ପାଇଁ ରୋଗୀ ଏତେ ଦୂରକୁ ଯାଇ ଚିକିତ୍ସା କରାଇବା କଷ୍ଟକର। ସହର ମଧ୍ୟରେ ପ୍ରାଥମିକ ଚିକିତ୍ସା କେନ୍ଦ୍ର କରାଯାଇ ଏହାକୁ ସ୍ଥାନାନ୍ତର କଲେ ସହରବାସୀ ଉପକୃତ ହେବେ।

**ଈଶ୍ୱର ଚନ୍ଦ୍ର ଜୈନ, ସଭାପତି, ଔଷଧ ବିକ୍ରେତା ସଂଘ**



କୋଟି କୋଟି ଟଙ୍କା ବ୍ୟୟରେ କୋଠା ନିର୍ମିତ ହୋଇଛି। ଡାକ୍ତରଖାନା ସ୍ଥାନାନ୍ତର କରା ନ ଯିବା ପରିତାପର ବିଷୟ। ରୋଗୀ ଉତ୍ତମ ଚିକିତ୍ସା ପାଇବାରୁ ବଞ୍ଚିତ କରାଯିବା ଅନୁଚିତ। ସରକାର, ପ୍ରଶାସନ ସମସ୍ତେ ଏ ଦିଗରେ ଚୁପ୍।

**ରମେଶ ଅଗ୍ରୱାଲ, ରାଜ୍ୟସଭା ସାଂସଦ ପ୍ରତିନିଧି**



ପୁରୁଣା ଡାକ୍ତରଖାନା ପରିସରରେ ରକ୍ତଭଣ୍ଡାର ରହିଛି। ଏମସିଏଚ ୨ ବର୍ଷ ପୂର୍ବରୁ ନୂତନ କୋଠାକୁ ସ୍ଥାନାନ୍ତର ହୋଇସାରିଛି। ପ୍ରସବ ଜନିତ ଅସ୍ତ୍ରୋପଚାର ସମୟରେ ରୋଗୀ ପରିଜନଙ୍କୁ ରକ୍ତ ନେବାକୁ ନାକେ ଦମ୍ ହେବାକୁ ପଡୁଛି। ଡାକ୍ତରଖାନାକୁ ଯଥାଶୀଘ୍ର ସ୍ଥାନାନ୍ତର କରାଗଲେ ଗୋଟିଏ ପରିସରର ମଧ୍ୟରେ ସମସ୍ତ ସୁବିଧା ଉପଲବ୍ଧ ହୋଇ ପାରିବ। ବିଭାଗୀୟ କର୍ମଚାରୀ ମଧ୍ୟ ଟିକେ ଆଶ୍ୱସ୍ତ ହୋଇପାରିବେ

**ହରିଶ ରାୟଠାଠା, ଗୁଜରାଟି ସମାଜ ସଭାପତି**

■ ଆପ୍ ଯୁବ ନେତା ଶାହରୁଖଙ୍କୁ ମାଡ଼ ଘଟଣା

# ମିଥ୍ୟା ମାମଲା ପ୍ରତ୍ୟାହାର, ଅଭିଯୁକ୍ତଙ୍କ ଗିରଫ ଦାବି କଲା ଆପ୍



**ବରଗଡ଼, ୨।୧(ସମିସ):** ଆପ୍ ଯୁବ ନେତା ଶାହରୁଖ ଲୋଧିଆଙ୍କୁ ଆକ୍ରମଣକରି ଥିବା ଅଭିଯୁକ୍ତଙ୍କୁ ଗିରଫ କରିବା ଦାବିରେ ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ଦାବିପତ୍ର ଦେଇଛି ଆମ୍ ଆଦମୀ ପାର୍ଟି(ଆପ୍)। ରାଜ୍ୟ ସମ୍ପାଦକ ଭବାନୀ ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଅତିରିକ୍ତ ଏସପିଙ୍କ ସହ ଆଲୋଚନା କରି ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛି। ଗତ ସୋମବାର ଚାଷୀ ମାନଙ୍କ ମୁଖ୍ୟ ସମସ୍ୟା ଟୋକନ ଓ ଧାନ ବିକ୍ରି ବିଷୟରେ ଦାବିପତ୍ର ଦେବାକୁ ଭଟଲି ବିଧାୟକଙ୍କ କାର୍ଯ୍ୟାଳୟକୁ ଶାହରୁଖ ଯାଇଥିବାବେଳେ ବିଧାୟକଙ୍କ ଗୁଣ୍ଡାମାନେ ଶାହରୁଖଙ୍କୁ ମରଣାନ୍ତକ ଆକ୍ରମଣ କରି ଲହୁ ଲୁହାଣ କରିଦେଇ ଓଲଟା ମିଥ୍ୟା କେଶ ଲଗାଇ ଥିଲେ। ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରିବା ପରିବର୍ତ୍ତେ ଶାହରୁଖଙ୍କୁ ଗିରଫ କରି କୋର୍ଟ ଚଲାଣ କରି ଜେଲକୁ ପଠେଇ ଦେଇଛି, ଯାହାକି ସମ୍ପୂର୍ଣ୍ଣ ବେଆଇନ ବୋଲି ଶ୍ରୀ ସାହୁ କହିଛନ୍ତି। ଯଦିଶୀଘ୍ର ପୁଲିସ ଅଭିଯୁକ୍ତମାନଙ୍କୁ ଗିରଫ ନ କରେ ତେବେ ଏସ୍‌ପି ଅଫିସ ସାମ୍ନାରେ ଆମ୍ ଆଦମୀ ପାର୍ଟି ଧାରଣା ଆରମ୍ଭ କରିବ ବୋଲି ଶ୍ରୀ ସାହୁ କହିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ଜିଲ୍ଲା ସଭାପତି ଯଦୁମଣି ପ୍ରଧାନ, ମାରିୟମ ବାର୍ଲା, ଅସିତ ସାହୁ, ଜୟ କ୍ରିଷ୍ଣା ଛୁରିଆ, ନରୋତ୍ତମ ପଣ୍ଡା, ସୁବଳ କହର, ପ୍ରଦୀପ ବିଶ୍ୱାଳ, ଅମିତାଭ ପାତ୍ର ଉପସ୍ଥିତ ଥିଲେ।

# ୨୦୧ କୁଣ୍ଡୀୟ ବୈଦିକ ବିଶ୍ୱ ଶାନ୍ତି ମହାଯଜ୍ଞ



**ଭେଡେନ, ୨।୧(ସମିସ):** ଭେଡେନ ବ୍ଲକ ଐତିହାସିକ ପର୍ଯ୍ୟଟନ ପୀଠ ଶହୀଦ୍ ବୀର ମନୋହର ସିଂଙ୍କ ଗଡ଼ ନିକଟସ୍ଥ ବସେଇକେଲା ବାଲିଯାତ୍ରା ପଡ଼ିଆଠାରେ ଗୁରୁପାଲି, ବସେଇକେଲା, କଟାପାଲି ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଇଂରାଜୀ ନବ ବର୍ଷ ଉପଲକ୍ଷେ ୨୦୧ କୁଣ୍ଡୀୟ ବୈଦିକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ହରିଶଙ୍କର ବେହେରାଙ୍କ ଉଦ୍ୟମ ଓ ସଂଯୋଜନାରେ ଅନୁଷ୍ଠିତ ଏହି ବିଶ୍ୱ ଶାନ୍ତି ମହାଯଜ୍ଞରେ ଗୁରୁକୂଳ ହରିପୁରର ସଂସ୍ଥାପକ ଡ. ସୁଦର୍ଶନ ଆଚାର୍ଯ୍ୟ ଯଜ୍ଞ ପରିଚାଳନା କରିଥିଲେ। ସ୍ୱାମୀ ଭାଗବତା ନନ୍ଦ ସରସ୍ୱତୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଯଜ୍ଞରେ ୨୦୧ ସପତ୍ନୀକ ପରିବାର କର୍ତ୍ତା ଦାୟୀତ୍ୱ ବହନ କରିଥିଲେ। ଯଜ୍ଞରେ ଉପସ୍ଥିତ ଅନ୍ୟ ସାଧୁସନ୍ଥଙ୍କ ମଧ୍ୟରେ ସ୍ୱାମୀ ବିସୁଦ୍ଧାନନ୍ଦ ସରସ୍ୱତୀ, ବାନପ୍ରସ୍ତୀ ପବିତ୍ର ଚରଣ ଦାଶ, ବ୍ରହ୍ମଚାରୀ ପ୍ରଶାନ୍ତ କୁମାର ଆର୍ଯ୍ୟ, ଆଚାର୍ଯ୍ୟ ନିର୍ମଳ ଦେବ, ବିଶିଷ୍ଟ ସମାଜସେବୀ ଗୌରହରି ମିଶ୍ର, ପଣ୍ଡିତ ଭୈରବ ସାହୁ, ପଣ୍ଡିତ ଗୋପବନ୍ଧୁ ପୁରୋହିତ, ଜୀବର୍ଦ୍ଧନ ବାରିକ, ହରିଶଙ୍କର ବେହେରା ପ୍ରମୁଖ ସତ୍‌ସଙ୍ଗରେ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ବୈଦିକ ଯଜ୍ଞ ଓ ଏହି ପୀଠର ଉନ୍ନତି ପାଇଁ ସହଯୋଗର ହାତ ବଢ଼ାଇ ଥିବା ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟ ପଦ୍ମିନୀ ଗଡ଼ତିଆ, ସାମାଜିକ କର୍ମୀ ସୁରେଶ ରାଓ, ଶୁକଦେବ ପ୍ରଧାନ, ସୁପ୍ରଭା ପ୍ରଧାନ, ଶେଖର ରାଓ ପ୍ରମୁଖଙ୍କୁ ଯଜ୍ଞ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବସୁଦେବ ପଟେଲ, କିଶୋର ରାଏ, ଭଗବାନ ସେଟ୍, ବୀରେନ ଭୋଇ, ସିଦ୍ଧେଶ୍ୱର ପାଣିଗ୍ରାହୀ, ଆନନ୍ଦ କରନ, ସୁବଳ ପ୍ରଧାନ, ପାଣ୍ଡବ କର୍ଣ୍ଣ, ସାହେବ୍ ପ୍ରଧାନ, ମକୁନ୍ଦ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ବଳରାମ ଛନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଦ୍ୟାଳୟରେ କୃତଜ୍ଞତା ସଭା

**ବିଜେପୁର, ୨।୧(ସମିସ):** ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଅନ୍ତର୍ଗତ ତାଲପଦର ସରସ୍ୱତୀ ଶିଶୁ ମନ୍ଦିରରେ ଛାତ୍ରଛାତ୍ରୀଙ୍କ ସଫଳତା ପାଇଁ କୃତଜ୍ଞତା ପ୍ରକାଶ କରାଯାଇଛି। ଉକ୍ତ ବିଦ୍ୟାଳୟର ପଞ୍ଚମ ଶ୍ରେଣୀ ଛାତ୍ରୀ ଲୋଲିନା ରଣା, ତୃତୀୟ ଶ୍ରେଣୀ ଛାତ୍ର ଆଶୁତୋଷ ସାହୁ ଓ ସୋନମ୍ ପ୍ରଧାନ ଯଥାକ୍ରମେ ତୃତୀୟ ଓ ପଞ୍ଚମ ଶ୍ରେଣୀ ବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ବୃନ୍ଦ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ସହ ଗୁରୁଜୀ ଗୁରୁମାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ବେହେରାଟାଲ ଗୌନ୍ତିଆଙ୍କ ପରଲୋକ

**ଦହିତା, ୨।୧(ସମିସ):** ପଦ୍ମପୁର ଉପଖଣ୍ଡ ଜମରତଲା ପଞ୍ଚାୟତ ଅନ୍ତର୍ଗତ ବେହେରାଟାଲ ଗ୍ରାମର ଗୌନ୍ତିଆ ଧର୍ମକୁମାର ଚାନ୍ଦଙ୍କର ପରଲୋକ ହୋଇଯାଇଛି। ମୃତ୍ୟୁ



ବେଳକୁ ତାଙ୍କୁ ୮୭ବର୍ଷ ବୟସ ହୋଇଥିଲା। ସେ ତାଙ୍କ ପଛରେ ତିନି ପୁଅ ସୁରେଶ, ରମେଶ, ନରେଶ ଏବଂ ଦୁଇ ଝିଅ ନଳିନୀ, କାମିନୀ ଏବଂ ନାତି ନାତୁଣୀ ଜ୍ଞାତି କୁଟୁମ୍ବଙ୍କୁ ଛାଡ଼ି ଦେଇ ଯାଇଛନ୍ତି। ସେ ସମାଜସେବୀ ତଥା ଚାଷୀ ନେତା ସୁରେଶ ଚାନ୍ଦଙ୍କ ପିତା ଅଟନ୍ତି। ସ୍ଥାନୀୟ ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଏଥିରେ ଗ୍ରାମ୍ୟର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସେ ଜଣେ ଧର୍ମପରାୟଣ ପରୋପକାରୀ ତଥା ଗାଁର କଲ୍ୟାଣ ମୂଳକ କାମରେ ତାଙ୍କର ଯୋଗଦାନ ଥିବାରୁ ପରିଚିତ ମହଲରେ ଶୋକର ଛାୟା ଖେଳିଯାଇଛି।

# ଯାଦବ ସମାଜର ନୂତନ ସଭାପତିଙ୍କୁ ସମ୍ବର୍ଦ୍ଧନା

**ପଦ୍ମପୁର, ୨।୧(ସମିସ):** ବରଗଡ଼ ଜିଲ୍ଲା ଯାଦବ ସମାଜର ନବନିର୍ବାଚିତ ସଭାପତି ରାଜୁ ଘିବେଲାଙ୍କୁ ଗାଇସିଲାଟ ବ୍ଲକ ଯାଦବ ସମାଜ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ସହ ନବ ବର୍ଷର ଅଭିନନ୍ଦନ ଜ୍ଞାପନ କରାଯାଇଛି। ଏହି ଅବସରରେ ବରଗଡ଼ ଜିଲ୍ଲା ଯାଦବ ସମାଜକୁ ଏକ ସୁଦୃଢ଼ ସଂଗଠନ କରାଇବା ସାଙ୍ଗକୁ ସମାଜର ମାନ ବର୍ଦ୍ଧନ ଏବଂ ସଂସ୍କୃତି ପରମ୍ପରାକୁ ସମୃଦ୍ଧ କରିବା ପାଇଁ ଗାଇସିଲାଟ ବ୍ଲକ ଯାଦବ ସମାଜ ତରଫରୁ ସଭାପତିଙ୍କୁ ଅନୁରୋଧ କରାଯାଇଥିଲା। ଏହି ସ୍ୱାଗତ ସମ୍ବର୍ଦ୍ଧନା ସମୟରେ ସପ୍ତସିନ୍ଧୁ ବଗର୍ତି, ଗାଇସିଲାଟ ଯାଦବ ସମାଜ ସଭାପତି, ଉପସଭାପତି ସନ୍ଦ୍ରମଣି ଷାଣ୍ଢେ, ସମ୍ପାଦକ ଛେଲିଆ ପୋଢ, କୋଷାଧ୍ୟକ୍ଷ ଲକ୍ଷ୍ମଣ ଜୁଆଡି, ସଂଯୋଜକ ଫଗୁନୁ ବାଗ ଏବଂ ସଞ୍ଜିବ ବଗର୍ତି, କଁଏଟୁ ବାଗ, ପ୍ରଫୁଲ୍ଲ ପୋଢ, ରାତ୍ର ପୋଢ ପ୍ରମୁଖ ସଭ୍ୟମାନେ ଉପସ୍ଥିତ ରହି ସମ୍ବର୍ଦ୍ଧନା ଜ୍ଞାପନ ସହିତ କାର୍ଯ୍ୟକ୍ରମକୁ ସମାପନ କରିଥିଲେ।

# ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ଓ ବାର୍ଷିକ ମହୋତ୍ସବ ଅବସରରେ ରକ୍ତଦାନ ଶିବିର



## ୬୫ ୟୁନିଟ ରକ୍ତ ସଂଗ୍ରହ

**ପଦ୍ମପୁର, ୨।୧(ସମିସ):** ପାଇକମାଳ ବ୍ଲକ ପଲସାନି, ବୁକୁରମୁଣ୍ଡା ସ୍ଥିତ ଅଲେଖ ମହିମା ଆଶ୍ରମରେ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ଓ ବାର୍ଷିକ ମହୋତ୍ସବ ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ସାଧୁ ବଳରାମ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବଜରଙ୍ଗ ଦଳ ସଂଯୋଜକ ସୁରେଶ ରାମଚଂଦାନୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଟେମରି ସରପଞ୍ଚ ଦିଲୀପ ବେହେରା, ସମାଜସେବୀ ନିରୋଜ ଦୋରା, ବାବା ଶିବ ସାହୁ, ପଦ୍ମପୁରର ବରିଷ୍ଠ ସାମ୍ବାଦିକ ରତ୍ନମଣୀ ଶତପଥି ଯୋଗଦେଇଥିଲେ। ଏହି ଅବସରରେ ଆଶ୍ରମ ପାଇଁ ଜମି ପ୍ରଦାନ କରିଥିବା ଘନଶ୍ୟାମ ବାଙ୍କା, ହରି ବରିହା, ଶ୍ରୀମଦ ବିଶ୍ୱାଳ, ବିନୋଦ ଭୋଇ ଏବଂ ପୁରାତନ ସଦସ୍ୟ ତଥା ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରାପ୍ତ ଅବସର ଶିକ୍ଷକ ମନୋରଞ୍ଜନ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ଲିଙ୍ଗରାଜ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବୁକୁରାମୁଣ୍ଡା ସରପଞ୍ଚ ଅନିତା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ହଜାର ହଜାର ଶ୍ରଦ୍ଧାଳୁ ଓ ମହିମା ପ୍ରେମୀ ଦର୍ଶନ କରିଥିଲେ। ଏହି ଅବସରରେ ୬୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ପଦ୍ମପୁର ରକ୍ତ ଭଣ୍ଡାରର ସଂଗ୍ରାମ କେଶରୀ ମହନ୍ତ, ହିତେଶ ସାହୁ, କିଶୋର ପଧାନ, ଜୀତେନ୍ଦର ଗୁର୍ଲା, ମାନସ ବୁଡେକ, ଗଣେଶ ପଧାନ, ପରକ୍ଷୀତ ସେଠ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ବର୍ଷାରାଣୀ ତ୍ରିପାଠୀଙ୍କ ପାରାୟଣ ପରିବେଷଣ ହୋଇଥିବା ବେଳେ ମହୁଲପାଲି ସତ୍‌ସଙ୍ଗ କମିଟି ତରଫରୁ ଆୟୁର୍ବେଦିକ ଚାହା ବଣ୍ଟନ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ବୁକୁରମୁଣ୍ଡା, ପଲସାନୀ ଓ ମହୁଲପାଲି ଗ୍ରାମବାସୀ ପରିଚାଳନା କରିଥିଲେ।

# ତାଲମେଣ୍ଡାରେ ୨ ଅଜଗର ଉଦ୍ଧାର



**ଭେଡେନ, ୨।୧(ସମିସ):** ଭେଡେନ ବ୍ଲକ ତାଲମେଣ୍ଡା ଗ୍ରାମରୁ ୨ ଟି ଅଜଗର ସାପ ଉଦ୍ଧାର ହୋଇଛି। ମହିଳାମାନେ କ୍ଷେତକୁ ରୋଇବାକୁ ଯାଇଥିବାବେଳେ ଉକ୍ତ ସାପ ୨ ଟିକୁ ଦେଖିଥିଲେ। ସେମାନେ ଗ୍ରାମବାସିଙ୍କୁ ଏନେଇ ଜଣାଇଥିଲେ। ଖବରପାଇ ବନ ବିଭାଗର କର୍ମଚାରୀ ପହଞ୍ଚି ୨ ଅଜଗରକୁ ଉଦ୍ଧାର କରି ଜଙ୍ଗଲରେ ଛାଡିଥିଲେ। ପ୍ରତି ସାପର ଲମ୍ବ ପ୍ରାୟ ପ୍ରାୟ ୧୩ ଫୁଟରୁ ଉର୍ଦ୍ଧ୍ୱ ହୋଇଥିବା ବେଳେ ଓଜର ୩୦ କେଜିରୁ ଉର୍ଦ୍ଧ୍ୱ ଥିବା ଜଣାପଡ଼ିଛି।

# ନିଆରା ଢ଼ଙ୍ଗରେ ପ୍ରତିଷ୍ଠା ଦିବସ ପାଳିଲା ପରିବର୍ତ୍ତନ ଟ୍ରଷ୍ଟ

**ବରଗଡ଼, ୨।୧(ସମିସ):** ଗୁରୁବାର ଦିନ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ନବୀନ ପ୍ରଧାନଙ୍କ ଜନ୍ମଜୟନ୍ତୀ ଓ ପରିବର୍ତ୍ତନ ଟ୍ରଷ୍ଟର ଏକ ବର୍ଷ ପୂର୍ତ୍ତି ତଥା ପ୍ରତିଷ୍ଠା ଉତ୍ସବକୁ ନିଆରା ଢ଼ଙ୍ଗରେ ସମଲେଇ ପଦର ସ୍ଥିତ ବହ୍ନି କନ୍ୟା ପାର୍ବତୀ ଗିରି ବୃଦ୍ଧାଶ୍ରମରେ ପାଳନ କରାଯାଇଥିଲା। ଏହି ଟ୍ରଷ୍ଟ ସମାଜରେ ଅବହେଳିତ ବୃଦ୍ଧବୃଦ୍ଧାଙ୍କୁ ସଠିକ୍ ସ୍ୱାସ୍ଥ୍ୟ ସୁବିଧା ତଥା ଶିଶୁ ମାନଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ କାମ କରୁଛି। ଗତ ଗୋଟିଏ ବର୍ଷ ମଧ୍ୟରେ ଜିଲ୍ଲାର ବହୁ ଜାଗାରେ ମାଗଣା ସ୍ୱାସ୍ଥ୍ୟ ଶିବିର ଓ ଔଷଧ ବଣ୍ଟନ କରାଯିବା ସହ ସଚେତନତା ଶିବିର ମଧ୍ୟ ଆୟୋଜନ କରାଯାଇଛି। ଏ ବର୍ଷ ପାର୍ବତୀ ଗିରି ବୃଦ୍ଧାଶ୍ରମରେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ସବୁ ଯୁବ ସାଥୀମାନେ ବୃଦ୍ଧାଶ୍ରମରେ ଅନ୍ତେବାସୀଙ୍କ ସହ ମିଶି କେକ୍ କାଟି ନବ ବର୍ଷ ସହ ଟ୍ରଷ୍ଟର ପ୍ରତିଷ୍ଠା ଦିବସ ପାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡ.ଅମିତ୍ କୁମାର୍ ଭୋଇ, ପ୍ରଫେସର ଦେବବ୍ରତ ଡନସେନା, ଶ୍ମିଥ ପ୍ରଧାନ, ରୋସନ ପ୍ରଧାନ, କିଶୋର ସାହୁ, ଦିବାକର ମାଝୀ, ସାଗର ମହାପାତ୍ର, ବିକି ପ୍ରଧାନ, ସମୀର ପ୍ରଧାନ, ଅବିନାଶ ମଲ୍ଲିକ, ସୁରଜ୍ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# 'ଘାଏ ଦେଖତ କଲାପଟା'ର ବାର୍ଷିକୋତ୍ସବ

**ଗାଇସିଲେଟ, ୨।୧(ସମିସ):** ବରଗଡ଼ ଜିଲ୍ଲା ଗାଇସିଲେଟଠାରେ 'ଘାଏ ଦେଖତ କଲାପଟା' ଅନୁଷ୍ଠାନର ବାର୍ଷିକୋତ୍ସବ ଗୁରୁବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସାହୁ କଲ୍ୟାଣ ମଣ୍ଡପ କଲଙ୍ଗାପାଲିଠାରେ ସକାଳେ ବୈଦିକ ଯଜ୍ଞ ଅନୁଷ୍ଠିତ



ହୋଇଥିଲା। ଏହାପରେ କଲାପଟା ସାହିତ୍ୟ ସଂସଦର ସଭାପତି ନିରଞ୍ଜନ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ପ୍ରଥମ ଅଧିବେସନରେ ବ୍ୟଙ୍ଗ କବି ମନୋରଞ୍ଜନ ସାହୁ ମୁଖ୍ୟ ଅତିଥି ଏବଂ ସାହିତ୍ୟ ଗବେଷକ ଉତ୍ପନ୍ନ ଭୋଇ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଭାଷା ସାହିତ୍ୟର ବିକାଶ ପାଇଁ ସମସ୍ତେ ଏକତ୍ରିତ ହୋଇ କାମ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପରିଷଦର ସମ୍ପାଦକ ବୈରାଗୀ ସାହୁଙ୍କ ଭଗବତ ଗୀତାର ସମ୍ବଲପୁରୀ ଅନୁବାଦ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏହାକୁ ସମୀକ୍ଷା କରି ଅଧ୍ୟାପକ ସୁଶାନ୍ତ ମିଶ୍ର ଜୀବନ ବଞ୍ଚିବାର ମନ୍ତ୍ର ହିଁ ଗୀତା ଅଟେ, ତେଣୁ ଅଖଣ୍ଡ ଭାରତରେ ଧର୍ମ, ସଂସ୍କୃତିକୁ ରକ୍ଷା କରି ସମାଜ ପରିବର୍ତ୍ତନ ପାଇଁ ଗୀତା ହିଁ ପ୍ରକୃଷ୍ଟ ଦର୍ଶନ ଅଟେ ବୋଲି ପ୍ରକାଶ କରିଥିଲେ। ଉନ୍ମୋଚିତ କଲାପଟା ସାହିତ୍ୟର ବାର୍ଷିକ ସଙ୍କଳନକୁ ସୁଶିଲ ଗୁରୁ ସମୀକ୍ଷା କରିଥିଲେ। ଏହି ଅବସରରେ ସୁକୁମାର ଭୋଇଙ୍କ ପୁସ୍ତକ ନାଟ ଲୋକାର୍ପିତ ହୋଇଥିବା ବେଳେ ରାଧାକାନ୍ତ ସାହୁଙ୍କୁ କଲାପଟା ସିରି, ସୁରେଶ ଭୋଇଙ୍କୁ ଦୁର୍ଗା ପ୍ରସାଦ ସ୍ମାରକୀ, ଅର୍ଜୁନ ମେହେରଙ୍କୁ ଦୁର୍ଗା ପ୍ରସାଦ ସ୍ମାରକୀ, କବିତା ମହରାଙ୍କୁ ଲକ୍ଷ୍ମୀପ୍ରିୟ ସ୍ମାରକୀ ଆଦି ସମ୍ମାନରେ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ କବି ତେଜରୁ ବାରିକ ଅତିଥି ପରିଚୟ ଓ ଉପସଭାପତି ରଞ୍ଜନ ପଣ୍ଡା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଧ୍ରୁବ ଚରଣ ପ୍ରଧାନ ସଭା ପରିଚାଳନା କରିଥିଲେ। ଶେଷରେ ହେମନ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେସନରେ ମନୋରଞ୍ଜନ ପୁରୋହିତ ଓ ହେମନ୍ତ ପଣ୍ଡାଙ୍କ ସଂଯୋଜନାରେ ବହୁ ସଂଖ୍ୟାରେ କବିମାନେ କବିତା ଆବୃତ୍ତି କରିଥିଲେ। ଆଶୋକ ପୁଝାରୀ, ସୁକୁମାର ଭୋଇ, ଅଧିକାରୀ ସା, ରାମପ୍ରସାଦ ବାଗ, ଦିଲ୍ଲୀପ ମିଶ୍ର, ଦିବାକର ଯୋଶୀ, ରବୀନ୍ଦ୍ର ପଣ୍ଡା, ଅହଲ୍ୟା ପ୍ରଧାନ ପ୍ରମୁଖ ଅତିଥି ଭାବରେ ଯୋଗଦାନ କରିଥିଲେ। ତୃତୀୟ ତଥା ଶେଷ ଅଧିବେସନରେ କରମସାନୀ ତଥା ବିଭିନ୍ନ ଲୋକନୃତ୍ୟ ଅନୁଷ୍ଠିତ ହୋଇଥିଲା।

# ୧୦ରୁ ୩୦ତମ ସର୍ବଭାରତୀୟ ବୋଡାସମ୍ବର କପ୍

**ପଦ୍ମପୁର, ୨।୧(ସମିସ):** ପଦ୍ମପୁର ଉପଖଣ୍ଡରେ ଖେଳ ଓ ଖେଳାଳୀଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିଆସୁଥିବା ବୋଡାସମ୍ବର ସ୍ପୋର୍ଟିଙ୍ଗ ପଦ୍ମପୁର ପକ୍ଷରୁ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ୩୦ ତମ ସର୍ବଭାରତୀୟ ବୋଡାସମ୍ବର




କପ କ୍ରିକେଟ-୨୦୨୬ ଆୟୋଜିତ ହେବ। ଆଜି ଅଶୋକା ପଡ଼ିଆ ସ୍ଥିତ ସ୍ପୋର୍ଟିଙ୍ଗର କାର୍ଯ୍ୟାଳୟଠାରେ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଆସନ୍ତା ଜାନୁୟାରୀ ୧୦ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ୩୦ ତମ ସର୍ବଭାରତୀୟ ବୋଡାସମ୍ବର କପ କ୍ରିକେଟ ୨୦୨୬ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି। ଚଳିତ ବର୍ଷ ୧୦ ଗୋଟି ଦଳ ଅଂଶ ଗ୍ରହଣ କରୁଥିବା ବେଳେ ତନ୍ମଧ୍ୟରେ ପଦ୍ମପୁର, ରାଉରକେଲା, କଟକ, ପାଟନା, ରାୟପୁର, ପୁନେ, ମୁମ୍ବାଇ, ଭୁବନେଶ୍ୱର, ରାଜାହମୁଣ୍ଡ୍ରୀ ଏବଂ କଲିକତାର ଦଳ ଯୋଗ ଦେବାର ସୂଚନାମିଳିଛି। ବିଜେତା ଦଳକୁ ଏକ ଲକ୍ଷ ଟଙ୍କା ଓ ଉପ ବିଜେତା ଦଳକୁ ଷାଠିଏ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ଆଜି ସାମ୍ବାଦିକ ସମ୍ମିଳନୀରେ ସଭାପତି ସୁନୀଲ କୁମାର ସାହୁ, ଉପସଭାପତି ଅବଦୁର ରେହମାନ, ସମ୍ପାଦକ ଭରତ ପଣ୍ଡା, ସହ ସମ୍ପାଦକ ସରଜୁ ପଟ୍ଟନାୟକ, କୋଷାଧ୍ୟକ୍ଷ ବିଜୟ କୁମାର ଦାଶ ଉପସ୍ଥିତ ରହି ସୂଚନା ପ୍ରଦାନ କରିଥିଲେ।

# ସହଁରାଟିକ୍ରା ଧାନମଣ୍ଡି ପରିଦର୍ଶନ କରି ଗର୍ଜିଲେ ସ୍ନେହାଙ୍ଗିନୀ

ଭେଡେନ, ୨।୧(ସମିସ)

ଭେଡେନ ବ୍ଲକର ବିଭିନ୍ନ ମଣ୍ଡିରେ ପଡ଼ିରହିଛି ହଜାର ହଜାର କ୍ୱିଣ୍ଟାଲ ଧାନ। ବିଭିନ୍ନ ଆଳ ଦେଖାଇ ମିଲର୍ସ, ପେକ୍ସକର୍ମଚାରୀ, ଯୋଗାଣ ବିଭାଗ ଧାନ ଉଠାଉ ନାହାଁନ୍ତି। ଏହି ସବୁର ସମାଧାନ ପାଇଁ ଚାଷୀଙ୍କ ଏହି ଦୁର୍ଦ୍ଦିନରେ ଠିଆ ହେବାପାଇଁ ଆଗେଇ ଆସିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ। ସହଁରା ଟିକ୍ରା ଧାନମଣ୍ଡି ପରିଦର୍ଶନ କରି ଚାଷୀଙ୍କ ସହ ଆଲୋଚନା କରିଛନ୍ତି ଶ୍ରୀ ଛୁରିଆ। ମଣ୍ଡିରେ ଚାଷୀଙ୍କ ଧାନ କିଣାରେ ବିଳମ୍ବ



ଓ ଅନିୟମିତତାକୁ ଦେଖି ସେ ଗର୍ଜିବା ସହ ସରକାରଙ୍କୁ ଚେତାବନୀ ଦେଇଛନ୍ତି। ଯଦି ଶିଘ୍ର ଚାଷୀଙ୍କ ଧନ ସରକାର ନ ଉଠାନ୍ତି ତେବେ ସାତ ଆଠ ଦିନ ଭିତରେ ଭୟଙ୍କର ଆନ୍ଦୋଳନ ହେବ। ପରିସ୍ଥିତି ପାଇଁ ସରକାର ଦାୟୀ ରହିବେ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ବ୍ଲକର ବିଭିନ୍ନ ମଣ୍ଡିରେ ହଜାର ହଜାର କୁଇଣ୍ଟାଲ ଧାନ ପଡ଼ିରହିଥିବା ବେଳେ ଧାନ ଉଠୁନାହିଁ। ପ୍ରଶାସନ ଓ ମିଲର୍ସଙ୍କ ମଧୁଚନ୍ଦ୍ରିକାରେ ପେସିହେଉଛନ୍ତି ଚାଷୀ। ନିଜର କଷ୍ଟଉପାର୍ଜିତ ଧାନ ବିକ୍ରି ହୋଇପାରୁ ନଥିବାରୁ ଲେବରଙ୍କୁ ଟଙ୍କା ଦେଇପାରୁ ନାହାଁନ୍ତି ଚାଷୀ। ବାଧହୋଇ ମହାଜନଠୁ ସୁଧରେ ଟଙ୍କା ଉଠାଇ ଲେବରଙ୍କୁ ପଇଠ କରିଛନ୍ତି ଚାଷୀ। ଏପଟେ ପିଲାଙ୍କ ପାଠପଢ଼ା ତଥା ଦୈନନ୍ଦିନ ଖର୍ଚ୍ଚ ତୁଲାଇବାକୁ ଚାଷୀ ହନ୍ତସନ୍ତ ହେଉଛନ୍ତି। କଚ୍ଛପ ଗତିରେ ଧାନ ଉଠାଣ ପ୍ରକ୍ରିୟା ଚାଲୁଥିବା ବେଳେ ଚାଷୀଙ୍କ ଅନ୍ଦୋଳନ ଓ ପ୍ରତିବାଦ ପରେ ବି ସରକାର ଚେତୁ ନ ଥିବାରୁ ଏବେ ଚାଷୀଙ୍କ ମହଲରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

● କଂଗ୍ରେସର ଅଭିଯୋଗ

# ପାକ୍ସ ସମ୍ପାଦକ ମିଲରଙ୍କ ଦଲାଲ ହୋଇଛନ୍ତି, ସରକାରୀ ଆଦେଶରେ ଚାଲିଛି କଟଣି ଛଟଣି



ଦେବଗଡ଼, ୨।୧(ସମିସ): ଦେବଗଡ଼ ଜିଲ୍ଲାରେ ୫୧ ସେବା ସମବାୟ ସମିତି ଜରିଆରେ ମଣ୍ଡି ଖୋଲାଯାଇଛି। ଚାଷୀଙ୍କ ଠାରୁ ବିନା କଟଣି ଛଟଣିରେ ଧାନ କ୍ରୟ ପାଇଁ ଜିଲ୍ଲା ପ୍ରଶାସନ ବ୍ୟବସ୍ଥା କରିଛି। ହେଲେ ଅଧିକାଂଶ ମଣ୍ଡିରେ ସେବା ସମବାୟ ସମିତି ସମ୍ପାଦକ ମାନେ ମିଲରଙ୍କ ଦଲାଲ ସାଜି ଚାଷୀଙ୍କୁ ଶୋଷଣ କରୁଥିବା ନେଇ ଜିଲ୍ଲା କଂଗ୍ରେସ ଅଭିଯୋଗ କରିଛି। ସରକାରଙ୍କ ପକ୍ଷରୁ ମଣ୍ଡିରେ କଟଣି ଛଟଣି ବିନା ଚାଷୀଙ୍କ ଠାରୁ ଧାନ ସଂଗ୍ରହ କରାଯାଉଥିବା ନେଇ ଡିଣ୍ଡିମ ପିଟା ଯାଉଥିବା ବେଳେ ମଣ୍ଡିରେ ବାସ୍ତବିକ ସ୍ଥିତି ଭିନ୍ନଥିବା କଂଗ୍ରେସ କହିଛି। ଚାଷୀଙ୍କ ଅଭିଯୋଗ ଆଧାରରେ ଆଜି ରିଆମାଳ ବ୍ଲକ ଅଧୀନ ତାବଡା ଧାନ ମଣ୍ଡିରେ ଚାଷଙ୍କ ଠାରୁ କ୍ୱିଣ୍ଟାଲ ପିଛା ସାଢ଼େ ୪ କେଜି ଧାନ କଟଣି ଛଟଣି କରାଯାଉଥିବା ଅଭିଯୋଗ ପାଇ ଜିଲ୍ଲା କଂଗ୍ରେସର ଏକ ପ୍ରତିନିଧି ମଣ୍ଡଳ ସେଠାକୁ ଯାଇ ଘଟଣା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ସେଥିରେ ଚାଷୀଙ୍କ ଅଭିଯୋଗର ସତ୍ୟତା ଥିବା ଜାଣିବାକୁ ପାଇଥିଲେ। ତାବଡା ସମବାୟ ସମିତି ସମ୍ପାଦକଙ୍କ ନିକଟରେ ପ୍ରତିବାଦ କରିବାରୁ ତାଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ରହିଥିବା ସେ ପ୍ରକାଶ କରିଥିଲେ। ଫଳରେ କଂଗ୍ରେସ କାର୍ଯ୍ୟକର୍ତ୍ତା ଓ ପାକ୍ସ ସମ୍ପାଦକଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏ ସମ୍ପର୍କରେ ଜିଲ୍ଲାପାଳ ଓ ଉପ ନିବନ୍ଧକଙ୍କ ନିକଟରେ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯିବା ସହ ଏହାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଏଥିସହ ଯେଉଁ ଚାଷୀଙ୍କ ଠାରୁ ଧାନ କଟାଯାଇଛି ସେମାନଙ୍କୁ ଧାନ ଫେରସ୍ତ ନଚେତ ଓଜନରେ ସାମିଲ କରିବା ଓ ଉକ୍ତ ପାକ୍ସ ସମ୍ପାଦକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ମଧ୍ୟ ଦାବି କରାଯାଇଛି। ସେହିପରି ଦାବି ପୂରଣ ନହେଲେ ଆସନ୍ତା ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ ପାଇଁ ଚେତାବନୀ ଦିଆଯାଇଥିବା ଜଣାପଡ଼ିଛି।

**ବନ୍ଧବାହାଲ ଧନୁଯାତ୍ରା ଷଷ୍ଠ ଦିବସ**

# ବେନିଭାଇଙ୍କୁ ଆଣିବାକୁ ଅକ୍ରୁରଙ୍କ ଗୋପପୁର ଯାତ୍ରା

ଇବଥର୍ମାଲ, ୨।୧(ସମିସ)





ଝାରସୁଗୁଡ଼ା ଜିଲ୍ଲା ପ୍ରସିଦ୍ଧ ଧନୁଯାତ୍ରାର ଷଷ୍ଠ ଦିବସ ଅତିକ୍ରାନ୍ତ ହୋଇଛି। କୃଷ୍ଣଙ୍କୁ ହତ୍ୟା ପାଇଁ ସବୁଚେଷ୍ଟାରେ ବିଫଳ ହେଲାପରେ କଂସ ହତାଶ ହୋଇଛି। ପରନ୍ତୁ ହତାଶାକୁ ଚାପିରଖି କଂସର ରାଜଦ୍ୱରେ ରାଜଦରବାର ଉଠୁଛି ପଡୁଛି। ରାଜାମାନଙ୍କ ପରାମର୍ଶରେ ବଳପାଇ ତଥା ଦେବର୍ଷି ନାରଦଙ୍କ ପରାମର୍ଶ କ୍ରମେ କଂସ ରାଜା ଧନୁଯାତ୍ରା କରିବାକୁ ପ୍ରସ୍ତୁତ ହୋଇଛନ୍ତି। ଧନୁଯାତ୍ରାକୁ କୃଷ୍ଣ ବଳରାମଙ୍କୁ ନିମନ୍ତ୍ରଣ ପାଇଁ ଅକ୍ରୁରଙ୍କୁ ଗୋପପୁର ପ୍ରେରଣ ଦୃଶ୍ୟ ଅଭିନୀତ ହୋଇଛି। ଶ୍ରୀକୃଷ୍ଣଙ୍କ ଭକ୍ତିରେ ପାଗଳ ଅକ୍ରୁର ଗୋପପୁର ଯାଇ କୃଷ୍ଣଙ୍କୁ ସାଙ୍ଗରେ ମଥୁରା ଆଣିବା ଭାବନାରେ ଆତ୍ମହରା ହୋଇ ପଡ଼ିଛନ୍ତି। ମହାରାଜା ଅକ୍ରୁରଙ୍କୁ ପଠେଇ ସାରି ଆରାଧ୍ୟ ଦେବଦେବ ମହାଦେବଙ୍କୁ କଠୋର ତପସ୍ୟା କରି ରୁଦ୍ର ଖୋଡ ପ୍ରାପ୍ତ କରିଛନ୍ତି। ପରେ କୃଷ୍ଣଙ୍କୁ ମାରିପାରିବେ ବୋଲି ଆଶ୍ୱସ୍ତ ହୋଇ ନୃତ୍ୟଗୀତରେ ନିଜକୁ ବୁଡାଇ ରଖିଛନ୍ତି। ରାତ୍ରିରେ ଶୋଇ କଂସ ସ୍ୱପ୍ନରେ କୃଷ୍ଣଙ୍କୁ ଦର୍ଶନ କରି ଭୟଭୀତ ହେବା ଶୀତୁଆ ରାତିରେ ଦର୍ଶକ ବେଶ ଉପଭୋଗ କରିଛନ୍ତି। ଅନ୍ୟପଟେ କଳିଯୁଗରେ ଦ୍ୱାପର ଛାପ ଧନୁଯାତ୍ରାରେ ଦେଖିବାକୁ ମିଳିଛି। ପ୍ରଭୁ ଶ୍ରୀକୃଷ୍ଣ ଭାଇ ବଳରାମଙ୍କ ସହ ଗୋପପୁର ପରିଭ୍ରମଣ ବେଳେ ଘରେ ଘରେ ପୂଜାର୍ଚ୍ଚନା ଦୃଶ୍ୟ ଲୋକଙ୍କୁ ଭାବାବେଗରେ ବୁଡେଇ ଦେଇଛି। ସ୍ଥାନୀୟ ଯମୁନା ପୋଖରୀରେ ରାଧା ଓ କୃଷ୍ଣଙ୍କ ନାବକେଳି ଉତ୍ସବ ବିପୁଳ ଉତ୍ସାହ ଓ ଉଦ୍ଦୀପନାର ସହ ସମ୍ପନ୍ନ ହୋଇଛି। ଏହା ଦେଖିବାକୁ ପୋଖରୀ ଚର୍ତୁପାଶ୍ୱର୍ରେ ବିପୁଳ ଜନ ସମାଗମ ହୋଇଥିଲା। ପରବର୍ତ୍ତୀ ସମୟରେ ଲୀଳାମୟଙ୍କ ଷୋହଳକୁଞ୍ଜ ଲୀଳାରେ ଦର୍ଶକ ମୁଗ୍ଧ ଥିବା ବେଳେ ଗୋପରେ ଅକ୍ରୁରଙ୍କ ପ୍ରବେଶ ଆହୁରି ଭାବାତୁର ପରିବେଶ ସୃଷ୍ଟି କରିଛି। ଶ୍ରୀକୃଷ୍ଣ ଅକ୍ରୁରଙ୍କ ଆଗମନ ବିଷୟରେ ଜାଣି ଭକ୍ତର ମନୋବାଞ୍ଛା ପୂରଣ କରି ତାଙ୍କୁ ଦିବ୍ୟ ଚତୁର୍ଦ୍ଧା ରୂପରେ ଦର୍ଶନ ଦେଇଛନ୍ତି। ସେତେବେଳେ ଭକ୍ତ ଅକ୍ରୁର ଭକ୍ତିଭାବ କଣ୍ଠରେ ସାଲବେଗଙ୍କ ଭଜନରୁ ଗାଇ ଉଠିଛନ୍ତି, "ଯେତେ ବେଳେ କୃଷ୍ଣ ଗାଈ ଦୁହୁଁଥିଲେ ଅକ୍ରୁର ଗଣିତ ଗଲାଣି, ଗାଈ ଦୁହୁଁଦୁହୁଁ କେଶ ଫିଟିଗଲା ଚତୁର୍ଭୁଜ ହେଲେ ଅନନ୍ତ ନାହିଁ ନାହିଁ ତ, ଜଗବନ୍ଧୁ ପରି ଜଣେ ସାମନ୍ତ ନାହିଁ ନାହିଁ ତ।" ଆଜି ମହାରାଜଙ୍କ ନିମନ୍ତ୍ରଣ ରକ୍ଷାକରି ରାଜ ଅତିଥି ଭାବେ ବ୍ରଜରାଜନଗର ବିଧାୟକ ତଥା ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁରେଶ ପୂଜାରୀ, ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତ, ରାଜ୍ୟ ଯୁବ ବିଜେପି ଉପସଭାପତି ବିଶ୍ୱଜିତ ଷଡଙ୍ଗୀ, ଜିଲ୍ଲା ବିଜେପି ଉପ ସଭାପତି ନୱଲ ଅଗ୍ରୱାଲ ଯୋଗଦେଇଥିବା ବେଳେ ସଭାରେ କମିଟିର ସାଧାଣ ସମ୍ପାଦକ ପ୍ରେମାନନ୍ଦ ସାହୁ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ କମିଟି ସଭାପତି ବେଣୁଧର ସିଂହ, ଉପଦେଷ୍ଟା ପ୍ରସନ୍ନ ସିଂହ, ନବୀନ ବୁଢ଼ିଆ, ବିଜୟ ପରିଡ଼ା, କୃଷ୍ଣଚନ୍ଦ୍ର ସିଂହ ପ୍ରମୁଖ ସହଯୋଗ କରିଥିଲେ। ମଞ୍ଚ ସଞ୍ଚାଳନ କାର୍ଯ୍ୟକାରୀ ସଭାପତି ଉମାକାନ୍ତ ପଣ୍ଡା କରିଥିଲେ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମିଳିଲା ଘର ଓ ଭୂମିହୀନଙ୍କୁ ଜମିପଟ୍ଟା



ଝାରସୁଗୁଡ଼ା, ୨।୧(ସମିସ): ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଝାରସୁଗୁଡ଼ା ଇଞ୍ଜିନିୟରିଂ ସ୍କୁଲ୍ ପରିସରରେ ବିଭିନ୍ନ ସରକାରୀ ଯୋଜନାରେ ଉପକୃତ ହୋଇଥିବା ହିତାଧିକାରୀମାନଙ୍କୁ କାର୍ଡ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଏବଂ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ହିତାଧିକାରୀମାନଙ୍କୁ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାରେ ସହାୟତାରାଶି, ଜମିପଟ୍ଟା ଏବଂ ନିଯୁକ୍ତିପତ୍ର ବଣ୍ଟନ କରିଛନ୍ତି। ସହରାଞ୍ଚଳରେ ବାସହୀନ ପରିବାରଙ୍କୁ ନିଜସ୍ୱ ପକ୍କାଘର ଯୋଗାଇଦେବା ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ) ଅଧୀନରେ ୭୧ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ପ୍ରତି ହିତାଧିକାରୀଙ୍କୁ ଗୃହ ନିର୍ମାଣ ନିମନ୍ତେ ୨.୫ ଲକ୍ଷ ଟଙ୍କା ଲେଖାଏଁ ଅନୁଦାନ ପ୍ରଦାନ କରାଯାଉଛି। ଜିଲ୍ଲାର ଭୂମିହୀନ ଲୋକଙ୍କୁ ସ୍ଥାୟୀ ଠିକଣା ଦେବା ପାଇଁ ବସୁନ୍ଧରା ଯୋଜନା ଅନୁଯାୟୀ ୧୫୭ ଜଣ ହିତାଧିକାରୀଙ୍କୁ ଭୂମିପଟ୍ଟା ପ୍ରଦାନ କରାଯାଇଛି। ଏହି ଅଭିଯାନରେ ଯୋଗ୍ୟ ବ୍ୟକ୍ତିଙ୍କୁ ବାସଗୃହ ନିର୍ମାଣ ପାଇଁ ୨ ଡେସିମିଲ୍ ଲେଖାଏଁ ଜମି ଯୋଗାଇ ଦିଆଯାଇଛି। ଶିକ୍ଷା କ୍ଷେତ୍ରରେ ସମାନତା ଆଣିବା ପାଇଁ ସରକାରଙ୍କ ପକ୍ଷରୁ ୧୦ ଜଣ ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କୁ ମାଗଣା ଲାପଟପ୍ ପ୍ରଦାନ କରାଯାଇଛି। ଶ୍ରମ ଏବଂ ରାଜ୍ୟ କର୍ମଚାରୀ ବୀମା ବିଭାଗ ପକ୍ଷରୁ ଶ୍ରମିକ କଲ୍ୟାଣ ନିମନ୍ତେ ବ୍ୟାପକ ସହାୟତାରାଶି ବଣ୍ଟନ କରାଯାଇଛି। ବିବାହ ସହାୟତା ଯୋଜନାରେ ୧୧ ଜଣ ହିତାଧିକାରୀଙ୍କୁ କନ୍ୟା ପିଛା ୫୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ସେହିପରି ଅସଂଗଠିତ କ୍ଷେତ୍ରର ୨ ଜଣ ଶ୍ରମିକଙ୍କ ମୃତ୍ୟୁ ହେତୁ ସେମାନଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏଁ ଏବଂ ଅନ୍ୟ ୭ ଜଣ ଉତ୍ତରାଧିକାରୀଙ୍କୁ ଜଣ ପିଛା ୩.୦୫ ଲକ୍ଷ ଟଙ୍କାର ମୃତ୍ୟୁକାଳୀନ ସହାୟତାରାଶି ପ୍ରଦାନ କରାଯାଇଛି। ଜିଲ୍ଲାର ବେକାର ଯୁବକଯୁବତୀଙ୍କୁ

**୨୮୨ରୁ ଊର୍ଦ୍ଧ୍ୱ ହିତାଧିକାରୀ ଉପକୃତ**

ରୋଜଗାରକ୍ଷମ କରିବା ପାଇଁ ଜିଲ୍ଲା ନିଯୋଜନ କାର୍ଯ୍ୟାଳୟ ମାଧ୍ୟମରେ ୧୪ ଜଣ ଯୋଗ୍ୟ ପ୍ରାର୍ଥୀଙ୍କୁ ବିଭିନ୍ନ ଘରୋଇ ସଂସ୍ଥାରେ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ଏହି ସମାରୋହରେ ଝାରସୁଗୁଡ଼ା ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ, ତହସିଲଦାର, ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଜିଲ୍ଲା ପ୍ରଶାସନର ବହୁ ବରିଷ୍ଠ ପଦାଧିକାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମୁରଲିପାଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମାଧାନ ପାଇଁ ଦାବିପତ୍ର

ଝାରସୁଗୁଡ଼ା, ୨।୧(ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଅଧୀନ ସରକାରୀ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମୁରଲିପାଲିର ବିଭିନ୍ନ ସମସ୍ୟାର ସମାଧାନ ତଥା ଭିତ୍ତିଭୂମି ବିକାଶ ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ତଥା ବ୍ରଜରାଜନଗର ବିଧାୟକ ସୁରେଶ ପୂଜାରୀଙ୍କୁ ୧୯ ଖଣ୍ଡ ମୌଜା ବାସୀ ଦାବି ଜଣାଇଛନ୍ତି। ଶୁକ୍ରବାର ସ୍ଥାନୀୟ ବିଧାୟକ ତଥା ଓଡ଼ିଶା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ୧୯ ଖଣ୍ଡ ମୌଜା ପୀଥିଣ୍ଡା ଗସ୍ତରେ ଆସିଥିଲେ। ଏହି ସମୟରେ ୧୯ ଖଣ୍ଡ ମୌଜାର ସ୍ଥାନୀୟ ବୁଦ୍ଧିଜୀବୀଙ୍କ ସହ ଆଲୁମିନି ସଂଘ ସଭାପତି ବ୍ରଜକିଶୋର ପଧାନ ସାକ୍ଷାତ କରି ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ପାଇଁ ଆଲୋଚନା କରିବା ସହିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ପ୍ରମୁଖ ଦାବି ଗୁଡିକ ମଧ୍ୟରେ ଦୀର୍ଘ ଦିନ ଧରି ଦେଢ଼ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଅନୁଦାନ ଆସିଥିଲେ ମଧ୍ୟ ସ୍କୁଲ ବିଲଡିଂ କାମ ଆରମ୍ଭ ହେଉ ନଥିବା, ପାଖାପାଖି ୬୦୦ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଛାତ୍ରୀଙ୍କ ସଂଖ୍ୟା ଅଧିକ ଥିଲେ ମଧ୍ୟ ଛାତ୍ରୀ ନିବାସ ନଥିବା, ଭିତ୍ତିଭୂମିର ବିକାଶ ପାଇଁ ୫ ଏକର ଜମିର ବ୍ୟବସ୍ଥା, ପାଠାଗାର ନିର୍ମାଣ, ଏନସିସି ଏବଂ ଏନଏସଏସ ତାଲିମ ପାଇଁ ବ୍ୟବସ୍ଥା, ମିନି ଷ୍ଟାଡିୟମ ନିର୍ମାଣ, ଯୁକ୍ତ ଦୁଇ ବିଜ୍ଞାନ ଏବଂ ବାଣିଜ୍ୟ ବିଷୟରେ ପାଠ ପଢ଼ିବାର ବ୍ୟବସ୍ଥା, ଯୁକ୍ତ ଦୁଇ କଳା ପାଇଁ ଅନ୍ୟ ବିଷୟ ଯଥା ଶିକ୍ଷା, ହିନ୍ଦୀ, ସାଇକୋଲୋଜି, ସମାଜ ବିଜ୍ଞାନ ଇତ୍ୟାଦି ପଢ଼ିବା ପାଇଁ ଆବଶ୍ୟକ ଅନୁମତି, ଅଡିଟୋରିୟମ ହଲ ନିର୍ମାଣ, ସ୍କୁଲ ଜମି ଚିହ୍ନଟ ସହ ବାଉଣ୍ଡରୀ ନିର୍ମାଣ ଇତ୍ୟାଦି ପାଇଁ ଦାବି କରାଯାଇଛି। ଏ ସମ୍ପର୍କରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବେ ବୋଲି ଜନସାଧାରଣଙ୍କୁ ଆଶ୍ୱାସନା ଦେଇଛନ୍ତି।

● ସମସ୍ୟା ସମାଧାନ ଦାବି

# ରିଆମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୨ ଘଣ୍ଟା ତାଲା

ରିଆମାଳ, ୨।୧(ସମିସ): ଦେବଗଡ଼ ଜିଲ୍ଲା ରିଆମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଭିନ୍ନ ସମସ୍ୟାକୁ ନେଇ ପଞ୍ଚସଖା ଶିକ୍ଷା ସେତୁ, ଅଭିଭାବକ ମାନେ ଶୁକ୍ରବାର ୨ ଘଣ୍ଟା ତାଲା ପକାଇ ଆନ୍ଦୋଳନ କରିଛନ୍ତି। ଶିକ୍ଷକ ଅଭାବ, ପ୍ରଧାନଶିକ୍ଷୟିତ୍ରୀଙ୍କ ବଦଳି, ବିଦ୍ୟାଳୟ ଅନୁଦାନର ସଠିକ ଉପଯୋଗ ନ ହେବା, କୋଠା ଓ ଶୌଚାଳୟର ମରାମତି ପାଇଁ ଜିଲ୍ଲା ଓ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଅବଗତ କଲେ ମଧ୍ୟ କେହି କର୍ଣ୍ଣପାତ କରି ନ ଥିଲେ। ଫଳରେ ଏହାର ପ୍ରତିବାଦ ସ୍ୱରୂପ ବାଧ୍ୟ ହୋଇ ଆଜି ବିଦ୍ୟାଳୟରେ ତାଲା ପକା ଯାଇଥିଲା। ଖବର ପାଇ ବ୍ଲକ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କାଲୋ ପହଞ୍ଚି ଦୁଇ ଜଣ ଶିକ୍ଷକ ଅଶୋକ ସାହୁ, ସତ୍ୟ ନାରାୟଣ ସାହୁଙ୍କୁ ନିଯୁକ୍ତ କରିଛନ୍ତି। ପୂର୍ବରୁ ରଞ୍ଜୁଲତା ସାହୁଙ୍କୁ ନିଯୁକ୍ତି କରାଯାଇଥିଲା। ବର୍ତ୍ତମାନ ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀଙ୍କ ସହ ୯ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅଛନ୍ତି। ପ୍ରଧାନଶିକ୍ଷୟିତ୍ରୀଙ୍କୁ ୧୫ ଦିନ ମଧ୍ୟରେ ବଦଳି କରିଯିବ ଏବଂ ଯଥାଶୀଘ୍ର କୋଠା ଓ ଶୌଚାଳୟର ମରାମତି କରାଯିବା ବୋଲି ଶିକ୍ଷା ଅଧିକାରୀ ପ୍ରତିଶ୍ରୁତି ପତ୍ର ଦେବା ପରେ ତାଲା ଖୋଲାଯାଇ ପାଠପଢ଼ା ସ୍ୱାଭାବିକ ହୋଇଥିଲା। ଏହି ବିଦ୍ୟାଳୟଟି ୧୯୫୯ ରେ ସ୍ଥାପିତ ହୋଇଥିଲା। ଏକ ଆଦର୍ଶ ବିଦ୍ୟାଳୟ ଭାବେ ଜିଲ୍ଲାରେ ଏହାର ପରିଚୟ ରହିଛି। ଏହାସତ୍ତ୍ୱେ ବିଦ୍ୟାଳୟର ସମସ୍ୟା ନେଇ ବ୍ଲକ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଜଣା ଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଯଦ୍ୱାରା ବିଦ୍ୟାଳୟର ପଞ୍ଚସଖା ଶିକ୍ଷା ସେତୁ ସଭାପତି ଯୋଗେଶ୍ୱର ବିଶ୍ୱାଳ, ରମାକାନ୍ତ ପ୍ରଧାନ, ବିରେନ୍ ପ୍ରଧାନ, ପ୍ରଶାନ୍ତ ନାୟକ, ଅରକ୍ଷିତ ବିଶ୍ୱାଳ, ଅଜୟ ନାୟକ, ପ୍ରଫୁଲ୍ଲ ବିଶ୍ୱାଳ, ଅଞ୍ଜଳୀ ମାଝି, ପ୍ରିୟମ୍ବଦା ବେହେରା, ପାର୍ବତୀ ବେହେରା ସମେତ ବହୁ ଅଭିଭାବକ ଏକାଠି ହୋଇ ପ୍ରତିବାଦ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କାଲୋ ପହଞ୍ଚି ସମାଧାନ କଲା ପରେ ପାଠପଢ଼ା ସ୍ୱାଭାବିକ ହୋଇଥିଲା। ଏହି ବିଦ୍ୟାଳୟ ସହ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଜଡିତ ରହିଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏଁ ପାଠ୍ୟକ୍ରମ ଥିବା ବେଳେ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି।

# ୩୩ତମ ଦେବଗଡ଼ ଜିଲ୍ଲା ପ୍ରତିଷ୍ଠା ଦିବସ

ଦେବଗଡ଼, ୨।୧(ସମିସ): ଜିଲ୍ଲା ଯୁବ ଏକତା ମଞ୍ଚ ଓ ଜିଲ୍ଲା ମହିଳା ଏକତା ମଞ୍ଚ ଆନୁକୂଲ୍ୟରେ ଦେବଗଡ଼ ଜିଲ୍ଲାର ୩୩ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ଗୋପବନ୍ଧୁ ଛକ ନିକଟସ୍ଥ ଅସ୍ଥାୟୀ ସାଂସ୍କୃତିକ ମଣ୍ଡପରେ ଆୟୋଜିତ ଖୋଲା ମଞ୍ଚରେ ଆୟୋଜିତ କାର୍ଯ୍ୟକ୍ରମକୁ ଦେବଗଡ଼ ଜିଲ୍ଲା ନାଗରିକ କମିଟି ସଭାପତି ସୁଶୀଳ କପରଦାର, ଜିଲ୍ଲା ବରିଷ୍ଠ ନାଗରିକ ଫୋରମର ସଭାପତି ରାମଚନ୍ଦ୍ର ମହାପାତ୍ର, ନାଟ୍ୟକାର ମାର୍କଣ୍ଡେଶ୍ୱର ଶତପଥୀ, ଜିଲ୍ଲା ବ୍ରାହ୍ମଣ ସମାଜର ସଭାପତି ଅଶୋକ ମିଶ୍ର, ଆମ୍ବେଦକର ସାମାଜିକ ପରିବର୍ତ୍ତନ ମଞ୍ଚ ସଭାପତି ଚୌଧୁରୀ ବେହେରା, ବରିଷ୍ଠ ସାମ୍ବାଦିକ ମିତ୍ରଭାନୁ ମହାପାତ୍ର, ବରିଷ୍ଠ ନାଗରିକ ତାରାକାନ୍ତ ମହାପାତ୍ର, ଯୁଧିଷ୍ଠିର ଦାଶ, ଶ୍ରୀମନ୍ତ ସାହୁ, ନିରଞ୍ଜନ ଦ୍ୱିବେଦୀ ଓ ଆଇନଜୀବୀ ମନୋଜ ପାଢ଼ୀଙ୍କ ସମେତ ବହୁ ବୁଦ୍ଧିଜୀବୀ, ବିଶିଷ୍ଟ ବ୍ୟକ୍ତି, ବରିଷ୍ଠ ନାଗରିକ, ଜିଲ୍ଲା ଯୁବ ଏକତା ମଞ୍ଚ ଓ ଜିଲ୍ଲା ମହିଳା ଏକତା ମଞ୍ଚର କର୍ମକର୍ତ୍ତା ମାନେ ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରିତମ ବେହେରାଙ୍କ ସଂଯୋଜନାରେ ଅଲୋଚନା ସଭା ଆୟୋଜିତ ହୋଇଥିଲା। ବକ୍ତାମାନେ ୧୯୯୪ ମସିହାରେ ଅକ୍ଲାନ୍ତ ପରିଶ୍ରମ କରି ଦେବଗଡ଼ ସବଡିଭିଜନକୁ ନେଇ ଏକ ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଓ ତତ୍କାଳୀନ ଦେବଗଡ଼ ବିଧାୟକ ପ୍ରଦୀପ୍ତ ଗଙ୍ଗଦେବଙ୍କ ସମେତ ବହୁ ସମ୍ମାନସ୍ପଦ ନେତା ଓ ବିଶିଷ୍ଟ ବ୍ୟକ୍ତିଙ୍କ ସ୍ମୃତି ଚାରଣ କରିଥିଲେ। ଏଥିସହିତ ଦେବଗଡ଼ ଜିଲ୍ଲା ପ୍ରତିଷ୍ଠା ହେବାର ୩୨ ବର୍ଷ ମଧ୍ୟରେ ଦେବଗଡ଼ ଜିଲ୍ଲାର ଆଶାନୁରୂପ ବିକାଶ ହୋଇ ନଥିବା ପ୍ରକାଶ କରିଥିଲେ। ନିର୍ବାଚିତ ଲୋକ ପ୍ରତିନିଧି, ଜିଲ୍ଲା ପ୍ରଶାସନ ଓ ଜିଲ୍ଲାବାସୀ ସକାରାତ୍ମକ ମନୋଭାବ ରଖି ଏକତ୍ର ପ୍ରୟାସ କଲେ ଜିଲ୍ଲାର ସାମୂହିକ ବିକାଶ ହୋଇପାରିବ ବୋଲି ମତ ପ୍ରକାଶ ପାଇଥିଲା। ଏହି ଅବସରରେ ଜନ୍ମେଜୟ ନାୟକଙ୍କ ସଂଯୋଜନାରେ ସ୍ଥାନୀୟ କଣ୍ଠଶିଳ୍ପୀ ଓ ନୃତ୍ୟ ଶିଳ୍ପୀ ମାନଙ୍କୁ ନେଇ ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବାସହ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ଜିଲ୍ଲା ଯୁବ ଏକତା ମଞ୍ଚର ଆବାହକ ସୁରଞ୍ଜିତ ମହାପାତ୍ର, ସନ୍ତୋଷ ଦେବତା, ମାନସ ଦ୍ୱିବେଦୀ, ଅହିଂଶା ନାୟକ, ଜିଲ୍ଲା ମହିଳା ଏକତା ମଞ୍ଚର ରାଜଶ୍ରୀ ପାତ୍ର, ରଞ୍ଜିତା ସାହୁ, ମିନାକ୍ଷୀ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା ଷ୍ଟଲ

ଝାରସୁଗୁଡ଼ା, ୨।୧(ସମିସ): ଝାରସୁଗୁଡ଼ା ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସ୍ଥାନୀୟ ବିଟିଏମ ପଡ଼ିଆରେ ୧ରୁ ୫ ତାରିଖ ଯାଏଁ ହେବାକୁ ଥିବା ଜିଲ୍ଲା ମହୋତ୍ସବ ଦୁଲଦୁଲି ଠାରେ ଶୁକ୍ରବାର ସଚେତନତା ଷ୍ଟଲ ଉଦ୍‌ଘାଟିତ ହୋଇଯାଇଛି। ଷ୍ଟଲଟିକୁ ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ ନାୟକ ଉଦ୍‌ଘାଟନ କରିଥିଲେ। କାର୍ଯକ୍ରମରେ ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା)ର ଅଧ୍ୟକ୍ଷ ଅଶ୍ୱିନୀ ନାୟକ, ପରିବାର ଅଦାଲତର ବିଚାରପତି ଲୋକନାଥ ସାହୁ, ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ସଦାଶିବ ଜେନା, ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ (ପକ୍ସୋ କୋର୍ଟ) ପୂଜା ଷଡ଼ଙ୍ଗୀ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସ୍ମୃତିରଞ୍ଜନ ମହାପାତ୍ର, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ଆଲୋକମୟୀ ପ୍ରଧାନ, ଦେୱାନି ବିଚାରପତି (ଏଲ.ଆର୍) ଦେବଶ୍ରୀ ସାହୁ, ସିଭିଲ କୋର୍ଟ ରେଜିଷ୍ଟ୍ରାର ରାଜେନ୍ଦ୍ର ଦାସ, ଦେୱାନି ବିଚାରପତି ଡ.ସନ୍ଧ୍ୟା ରଥ, ଦେୱାନି ବିଚାରପତି (ମହିଳା ନ୍ୟାୟାଳୟ) ପ୍ରତ୍ୟୁଷା କିରଣ, ଏସଡିଜେଏମ ଗାୟତ୍ରୀ ମିଶ୍ର, ଦେୱାନି ବିଚାରପତି ମୋନାଲିସା ପ୍ରଧାନ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (କଗନିଜେନ୍ସ) ସୁପ୍ରାସି ସୋନାଲି ମହାପାତ୍ର ଓ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନର୍ମଦା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହି ଷ୍ଟଲରେ ଜଣେ ଓକିଲ ଏବଂ ଦୁଇ ଜଣ ପାରା ଲିଗାଲ ସ୍ୱେଚ୍ଛାସେବୀ ରହି ଆଇନ୍ ସେବା ଅଧିନିୟମ ୧୯୮୭ରେ ମାଗଣା ଆଇନ୍ ପରାମର୍ଶ ଓ ସେବା, ଲୋକ ଅଦାଲତ, ଜନ ଉପଯୋଗୀ ସେବା ପାଇଁ ସ୍ଥାୟୀ ଲୋକ ଅଦାଲତର ପ୍ରତିଷ୍ଠା, ମଧ୍ୟସ୍ଥତା ମାଧ୍ୟମରେ ବିବାଦର ଆପୋଷ ସମାଧାନ, ରାଷ୍ଟ୍ରୀୟ ଆଇନ୍ ସେବା ସହାୟତା ନମ୍ବର-୧୫୧୦୦ ଇତ୍ୟାଦି ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ଏହାସହ ଆଇନ ସେବା ସମ୍ପର୍କିତ ବିଭିନ୍ନ ଅଭିଯୋଗ ମଧ୍ୟ ନିର୍ଦ୍ଧାରିତ ଫର୍ମରେ ଗ୍ରହଣ କରାଯିବ ବୋଲି ଜିଲ୍ଲା ଆଇନ ସେବା ପ୍ରାଧିକରଣ ଝାରସୁଗୁଡ଼ା ପକ୍ଷରୁ ସୂଚନା ଦିଆଯାଇଛି।

# କାହା ପକେଟକୁ ଯାଉଛି ସ୍ଥାନୀୟ ଗାଡ଼ିରୁ ଟୋଲ ଅସୁଲି ଟଙ୍କା



● ଲୁଟ୍ ଅଭିଯୋଗ ଆଣିଲେ ବିଜେଡି ନେତା

● ଆଧାର ଦେଖାଇ ଯିବାକୁ କହିଲେ ଜିଲ୍ଲା ବିଜେପି ସଭାପତି

ଝାରସୁଗୁଡ଼ା, ୨।୧(ସମିସ)

ଲଖନପୁର ବ୍ଲକ ଗୋବିନ୍ଦପୁର ଠାରେ ଏନଏଚଏଆଇ ପକ୍ଷରୁ ବସାଯାଇଥିବା ଟୋଲଗେଟ୍‌କୁ ନେଇ ସବୁବେଳେ ବିବାଦ ଲାଗି ରହିଥିବା ବେଳେ ଏବେ ନୂଆଁ ବିବାଦ ମୁଣ୍ଡ ଟେକିଛି। ଗତ ୧୮ ତାରିଖରୁ ଟୋଲଗେଟରେ ସ୍ଥାନୀୟ ଗାଡି ମାନଙ୍କଠାରୁ ଟୋଲ୍ ଆଦାୟ ଆରମ୍ଭ ହେବା ପରେ ବିରୋଧ ଆରମ୍ଭ ହୋଇଛି। ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ବ୍ଲକର ଜନସାଧାରଣ ନିଜ ବ୍ଲକ ମୁଖ୍ୟାଳୟକୁ ଗଲେ ଟୋଲ୍ ଦେବା ପାଇଁ ବାଧ୍ୟ ହେଉଛନ୍ତି। ଏନେଇ ଟୋଲ୍ ଅସୁଲିରେ ଜନସାଧାରଣ ସହଯୋଗ କରୁ ନଥିବାରୁ ପୁଲିସ ମୁତୟନ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ଝାରସୁଗୁଡ଼ା ଜିଲ୍ଲା ଏସପିଙ୍କୁ ପତ୍ର ଲେଖିବା ପରେ ଚର୍ଚ୍ଚା ଜୋର ଧରିଛି।


ପୂର୍ବରୁ ବିଜେଡି ସରକାର ଥିବା ସମୟରେ ଲଖନପୁର ବ୍ଲକ ଏନଏଚ ୪୯ ଗୋବିନ୍ଦପୁର ସ୍ଥିତ ଟୋଲଗେଟରେ ସ୍ଥାନୀୟ ଗାଡି ଗୁଡିକରୁ ଟୋଲ ଟିକସ ଆଦାୟ କରାଯାଉ ନଥିଲା। କିନ୍ତୁ ବର୍ତ୍ତମାନ ସ୍ଥାନୀୟ ଗାଡିରୁ ମଧ୍ୟ ଟୋଲ ଆଦାୟ କରାଯାଉଥିବା ଅଭିଯୋଗ ହେଉଛି। ଲଖନପୁର ବ୍ଲକ ସଦରମହକୁମାକୁ ୧୯ଖଣ୍ଡ ମୌଜା ସମେତ ଜାମଗାଁ, ପଞ୍ଚଗାଁ ଆଦି ବିଭିନ୍ନ ପଞ୍ଚାୟତର ଜନସାଧାରଣ ପ୍ରତିଦିନ ନିଜର ସରକାରୀ କିମ୍ବା ବେସରକାରୀ କାର୍ଯ୍ୟ କରିବା, ଚିକିତ୍ସା ପାଇଁ ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ତହସିଲ କାର୍ଯ୍ୟାଳୟ ସହିତ ଜିଲ୍ଲା ସଦର ମହକୁମାକୁ ନିଜର ଦୈନନ୍ଦିନ କାର୍ଯ୍ୟରେ ପ୍ରାୟତଃ ଯିବା ଆସିବା କରିଥାନ୍ତି। ସେହି ଜନସାଧାରଣଙ୍କୁ ଗୋବିନ୍ଦପୁର ଟୋଲଗେଟରେ ପ୍ରତିଦିନ ଟୋଲ ଫି ଦେବା ବୋଝ ଉପରେ ନଳିତା ବିଡ଼ା ସଦୃଶ୍ୟ ହୋଇଛି। ପ୍ରଥମେ ସ୍ଥାନୀୟ ହାଲୁକା ଯାନ ଗୁଡିକରୁ ଟୋଲ ଫି ଆଦାୟ ହେଉ ନଥିବା ବେଳେ ବର୍ତ୍ତମାନ ନୂତନ ସରକାର ଆସିଲା ପରେ ଟୋଲ ପ୍ଲାଜା କର୍ତ୍ତୃପକ୍ଷଙ୍କ ଦାଦାଗିରି ବୃଦ୍ଧି ପାଇବାରେ ଲାଗିଛି। ସ୍ଥାନୀୟ ଯାନବାହନ ଗୁଡିକରୁ ଟୋଲ ଫି ଆଦାୟ କରାଯାଉଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏଥିରେ ସରକାରୀ ଦଳର ନେତାଙ୍କ ହାତ ଅଛି ବୋଲି ବିରୋଧି ଅଭିଯୋଗ କରିବା ସହ ଯଦି ସରକାରୀ ଦଳର ନେତାଙ୍କ ହାତ ନାହିଁ ତେବେ ସେମାନେ ଏହାକୁ ବନ୍ଦ କରି ସ୍ୱଚ୍ଛତାର ପ୍ରମାଣ ଦିଅନ୍ତୁ ବୋଲି କହିଛନ୍ତି। ସେପଟେ ଟୋଲ ଗେଟରେ ସ୍ଥାନୀୟ ଲୋକଙ୍କୁ ଲୁଟ ନେଇ ସାମ୍ବାଦିକ ମାନଙ୍କ ପକ୍ଷରୁ ଅଭିଯୋଗକୁ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ତଥା ବ୍ରଜରାଜନଗର ବିଧାୟକ ସୁରେଶ ପୂଜାରୀ ପଚାରିବାରୁ ସ୍ଥାନୀୟ ଗାଡି ମାଲିକଙ୍କ ଠାରୁ ବେଆଇନ ଟୋଲ ଆଦାୟ ବିଷୟରେ ଅବଗତ ନାହାନ୍ତି ଏବଂ ଅଭିଯୋଗ ଆସିଲେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

**ଏମାନଙ୍କ ମତରେ...**



କାହା ନିର୍ଦ୍ଦେଶରେ ଟୋଲଗେଟ କର୍ତ୍ତୃପକ୍ଷ ସ୍ଥାନୀୟ ଗାଡି ଗୁଡିକରୁ ଟୋଲ ଫି ଆଦାୟ କରୁଛନ୍ତି? ସବୁଠାରେ ସ୍ଥାନୀୟ ଗାଡିକୁ ଟୋଲ ଛାଡ ଥିବା ବେଳେ ଏହି ବେଆଇନ କାର୍ଯ୍ୟ ପଛରେ କୌଣସି ସରକାରୀ ଦଳର ବ୍ୟକ୍ତିଙ୍କର ହାତ ଥିବା କାରଣରୁ ଟୋଲଗେଟ କର୍ତ୍ତୃପକ୍ଷଙ୍କ ସାହସ ବୃଦ୍ଧି ପାଉଛି। ଏହି ବେନିୟମ କାର୍ଯ୍ୟକୁ କଂଗ୍ରେସ ସମ୍ପୂର୍ଣ୍ଣ ଭାବେ ବିରୋଧ କରୁଛି ଏବଂ ଏଥିରୁ ବିରତ ନହେଲେ ଆଗାମୀ ଦିନରେ ସ୍ଥାନୀୟ ଜନସାଧାରଣଙ୍କ ସହିତ କଂଗ୍ରେସ ଛିଡା ହୋଇ ରାସ୍ତାରୋକ କରି ଏହାକୁ ଉଚ୍ଛେଦ କରିବ।

ଜୀବନ ସାର୍ଥକ, ଜିଲ୍ଲା କଂଗ୍ରେସ ସଭାପତି



ରାଜ୍ୟରେ ବିଜେପି ସରକାର ଆସିଲା ପରେ ମନଇଚ୍ଛା ସବୁଠି ଟଙ୍କା ଆଦାୟରେ ଲିପ୍ତ ରହିଛି। ସେହିଥିରୁ ବାଦ ପଡ଼ିନି ଗୋବିନ୍ଦପୁର ଟୋଲଗେଟ। ଏଥିପାଇଁ ସ୍ଥାନୀୟ ଜନସାଧାରଣ ହଇରାଣ ହେଉଛନ୍ତି। ଏଥିରୁ ସରକାରୀ ଦଳ ନିବୃତ ରହୁ ନହେଲେ ଆନ୍ଦୋଳନ ଜୋରଦାର ହେବ।

ହରିଶ ଗଣତ୍ରା, ଜିଲ୍ଲା ବିଜେଡି ସଭାପତି



ଯେଉଁ ମାନଙ୍କ ସମସ୍ୟା ହେଉଛି ଲୋକାଲ ଆଧାର କାର୍ଡରେ ରେଜିଷ୍ଟ୍ରେସନ କରିଲେ ଟୋଲ ଟଙ୍କା ଦେବାକୁ ପଡ଼ିବ ନାହିଁ।

ରଘୁନନ୍ଦନ ପଣ୍ଡା, ଜିଲ୍ଲା ବିଜେପି ସଭାପତି



ବିନା କୌଣସି ଆନୁଷଙ୍ଗିକ ବ୍ୟବସ୍ଥା କରି, ଆବଶ୍ୟକ ସେବା ଯୋଗାଇବାରେ ବିଫଳ ଥିବା ଟୋଲଗେଟ ଏବେ ପିକନିକ ସିଜନକୁ ଦୃଷ୍ଟିରେ ରଖି ଲୁଟ କରୁଛନ୍ତି। ଯାହାର ଜବାବ ଆଗାମୀ ଦିନରେ ଦିଆଯିବ। ଏହା ସହ କାହା ପକେଟ ଗରମ ପାଇଁ ଏହି ଆଦାୟ ହେଉଛି ତାହା ସ୍ପଷ୍ଟ କରାଯାଉ।

ପ୍ରମୋଦ ଗଡ଼ତିଆ, ଜିଲ୍ଲା ବିଜେଡି ସମ୍ପାଦକ

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୯.୨୫ ● ପାଉଣ୍ଡ ୧୧୬.୦୩
- ୟୁରୋ ୧୦୨.୯୪ ● ୟେନ୍ ୦.୫୭

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)


- ସୁନା: ୧,୨୫,୬୦୨ (ନୂଆଦିଲ୍ଲୀ)
- ରୁପା : ୨,୪୨,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍ସେକ୍ସ ୮୫,୭୬୨.୦୦
- ନିଫ୍ଟି ୨୬,୩୨୮.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ସରକାରଙ୍କୁ ବିତ୍ତୀୟ ନିଅଣ୍ଟ ଚିନ୍ତା

## ୮ ମାସରେ ବାର୍ଷିକ କୋଟାର ୭୨ ପ୍ରତିଶତ ଖର୍ଚ୍ଚ

ନୂଆଦିଲ୍ଲୀ,୨।୧(ଏଜେନ୍ସି): ଦେଶର ବିତ୍ତୀୟ ନିଅଣ୍ଟ ଚିନ୍ତାଜନକ ଭାବରେ ବୃଦ୍ଧି ପାଇବାରେ ଲାଗିଛି। ଚଳିତ ଆର୍ଥିକବର୍ଷର ଏପ୍ରିଲରୁ ନଭେମ୍ବର ମାସ ପ୍ରଥମ ୮ ମାସରେ ବିତ୍ତୀୟ ନିଅଣ୍ଟ ୯.୭୬ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି, ଯାହା ଗତ ବର୍ଷ ୫୨.୫% ରହିଥିଲା। ଏଭଳି ସ୍ଥିତିରେ ସରକାରଙ୍କୁ ଏଣିକି ଖର୍ଚ୍ଚ ନିୟନ୍ତ୍ରଣ କରିବାକୁ ପଡିବ। ଏହି ସମୟରେ ସରକାରଙ୍କ ମୋଟ ଆୟ ୧୯ ଲକ୍ଷ କୋଟି ଟଙ୍କା ରହିଥିବାବେଳେ ଖର୍ଚ୍ଚ ୨୯.୨୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ବିତ୍ତୀୟ ନିଅଣ୍ଟ ଗତ ବର୍ଷର ସମାନ ଅବଧିର ୫୨.୫% ତୁଳନାରେ ୬୨.୩%କୁ ବୃଦ୍ଧି ପାଇଛି। ଉଲ୍ଲେଖଯୋଗ୍ୟ ଯେ, ଯେତେବେଳେ ସରକାରଙ୍କ ମୋଟ ରାଜସ୍ୱ (ଟିକସ ଏବଂ ଅନ୍ୟାନ୍ୟ ଆୟ) ଏହାର ମୋଟ ଖର୍ଚ୍ଚଠାରୁ କମ୍ ଥାଏ, ସେତେବେଳେ ଏହି ପାର୍ଥକ୍ୟ କିମ୍ବା ଅଭାବକୁ ବିତ୍ତୀୟ ନିଅଣ୍ଟ କୁହାଯାଏ। ଏହି ଅଭାବ ପୂରଣ କରିବା ପାଇଁ, ସରକାରଙ୍କୁ ଋଣ କରିବାକୁ ପଡିବ। ସରକାର ଏହି ନିଅଣ୍ଟକୁ ଚଳିତ ଆର୍ଥିକ ବର୍ଷରେ ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୪.୪%କୁ ହ୍ରାସ କରିବାକୁ ଲକ୍ଷ୍ୟ ରଖିଛନ୍ତି, ଯାହା ଗତ ବର୍ଷ ୪.୮% ଥିଲା।

ସରଳ ଭାଷାରେ କହିଲେ, ଧରିନିଆଯାଉ ସରକାରଙ୍କ ପାଖରେ ସମଗ୍ର ବର୍ଷ ପାଇଁ ୧୦୦ ଟଙ୍କା ଋଣ ନେବାକୁ ଯୋଜନା ଥିଲା, କିନ୍ତୁ, ବର୍ଷର ୮ ମାସ ମଧ୍ୟରେ ୬୨ ଟଙ୍କା ଋଣ କରାଯାଇଛି।



ଆୟ ୧୯ ଲକ୍ଷ, ଖର୍ଚ୍ଚ ୨୯.୨୫ ଲକ୍ଷ

ହେଲେ ଗତ ବର୍ଷ ଏହି ସମୟରେ କେବଳ ୫୨ ଟଙ୍କା ଋଣ କରାଯାଇଥିଲା। ତାହେଲେ ବର୍ତ୍ତମାନ ବାକି୪ ମାସ ପାଇଁ ପାଖରେ ବହୁତ କମ୍ ବଜେଟ୍ ବାକି ଅଛି। ସରକାର ସମଗ୍ର ବର୍ଷର ମୋଟ ନିଅଣ୍ଟକୁ ଜିଡିପିର ୪.୪% ମଧ୍ୟରେ ରଖିବାକୁ ଲକ୍ଷ୍ୟ ରଖିଛନ୍ତି (ଗତ ବର୍ଷର ୪.୮%ଠାରୁ ଅଧିକ)। ଏହାର ଅର୍ଥ ହେଉଛି ଆଗାମୀ ମାସଗୁଡ଼ିକରେ ଏହି ଲକ୍ଷ୍ୟ ହାସଲ କରିବା ପାଇଁ, ସରକାରଙ୍କୁ ଏହାର ଖର୍ଚ୍ଚକୁ କଠୋର ଭାବରେ ନିୟନ୍ତ୍ରଣ କରିବାକୁ ପଡିବ।

ସରକାରଙ୍କ ମୋଟ ରାଜସ୍ୱ ଆୟ ୧୯ ଲକ୍ଷ କୋଟି ଟଙ୍କା ଥିଲା, ଯେତେବେଳେ କି ମୋଟ ଖର୍ଚ୍ଚ ୨୯.୨୫ ଲକ୍ଷ କୋଟି ରହିଥିଲା। ଏହି ସଂଖ୍ୟାଗୁଡ଼ିକ ଚଳିତ ଆର୍ଥିକ ବର୍ଷର ବଜେଟ ଲକ୍ଷ୍ୟର ୫୫.୭% ଏବଂ ୫୭.୮%କୁ ପ୍ରତିନିଧିତ୍ୱ କରୁଛି। ଗତ ବର୍ଷ ସମାନ ସମୟ ମଧ୍ୟରେ ମୋଟ ପ୍ରାପ୍ତି ଆକଳନର ୫୯.୧% ଥିଲା, ଯେତେବେଳେ ଖର୍ଚ୍ଚ ୫୬.୯% ରୁ ସାମାନ୍ୟ ବୃଦ୍ଧି ପାଇ ୫୭.୮% ହୋଇଥିଲା। ରାଜସ୍ୱ ଆୟ ମୋଟ ୧୯.୧୦ ଲକ୍ଷ କୋଟି ଟଙ୍କା ଥିଲା, ଯେଉଁଥିରେ ୧୩.୯୩ ଲକ୍ଷ କୋଟିର ଟିକସ ରାଜସ୍ୱ ଏବଂ ୫.୧୬ ଲକ୍ଷ କୋଟି ଟଙ୍କାର ଅଣ-ଟିକସ ରାଜସ୍ୱ ଅନ୍ତର୍ଭୁକ୍ତ। ଟିକସ ଏବଂ ଅଣ-ଟିକସ ରାଜସ୍ୱ ବଜେଟ ଆକଳନର ୪୯.୧% ଏବଂ ୮୮.୬% ପ୍ରତିନିଧିତ୍ୱ କରିଥିଲା। ପୂର୍ବ ଆର୍ଥିକ ବର୍ଷରେ ଟିକସ ରାଜସ୍ୱ ବଜେଟ ଆକଳନର ୫୫.୯% ଥିଲା, ଏଥର ଏହା ହ୍ରାସ ପାଇଛି। ଏହି ସମୟରେ, ଅଣ-ଟିକସ ରାଜସ୍ୱ ଗତ ବର୍ଷର ୭୮.୩%ରୁ ବୃଦ୍ଧି ପାଇ ୮୮.୬% ହୋଇଛି। ଅଣ-ଟିକସ ରାଜସ୍ୱରେ ଏହି ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଦ୍ୱାରା କେନ୍ଦ୍ର ସରକାରଙ୍କୁ ଦିଆଯାଇଥିବା ୨.୬୯ ଲକ୍ଷ କୋଟି ଲାଭାଂଶ ଯୋଗୁଁ ହୋଇଛି। ଗତ ବର୍ଷ, ଏହି ଲାଭାଂଶ ୨.୧୧ ଲକ୍ଷ କୋଟି ଟଙ୍କା ଥିଲା। ଏହି ଲାଭାଂଶ କେନ୍ଦ୍ର ସରକାରଙ୍କୁ ଏହାର ଆର୍ଥିକ ନିଅଣ୍ଟ ହ୍ରାସ କରିବାରେ ସାହାଯ୍ୟ କରିବ। ରାଜସ୍ୱ ନିଅଣ୍ଟ ୩.୫୭ ଲକ୍ଷ କୋଟି ଟଙ୍କା ଥିଲା, ଯାହା ଆର୍ଥିକ ବର୍ଷର ବଜେଟ ଲକ୍ଷ୍ୟର ୬୮.୨%କୁ ପ୍ରତିନିଧିତ୍ୱ କରୁଛି।

ଏଠାରେ ସୂଚନାଯୋଗ୍ୟ ଯେ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଚଳିତ କେନ୍ଦ୍ରୀୟ ବଜେଟ୍ ଉପସ୍ଥାପନ କରିବା ସମୟରେ ଆର୍ଥିକବର୍ଷ ପାଇଁ ୪.୪% ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ଏହା ୨୦୨୬ ସୁଦ୍ଧା ବଜେଟ୍ ନିଅଣ୍ଟକୁ ୪.୫% ତଳକୁ ହ୍ରାସ କରିବା ପାଇଁ ଭାରତ ସରକାରଙ୍କ ପ୍ରତିବଦ୍ଧତା ସହିତ ସମାନ। ୨୦୨୫ ଆର୍ଥିକ ବର୍ଷରେ ଭାରତର ଆର୍ଥିକ ନିଅଣ୍ଟ ଜିଡିପିର ୪.୮% ଥିଲା, ଯାହା ସଂଶୋଧିତ ଆକଳନକୁ ପୂରଣ କରିଥିଲା। ଏହା ଏପରି ଏକ ସମୟରେ ଆସିଛି ଯେତେବେଳେ ଉପଯୋଗିତାକୁ ବୃଦ୍ଧି କରିବା ପାଇଁ ଅର୍ଥନୀତିରେ ଖର୍ଚ୍ଚ ବୃଦ୍ଧି ଏବଂ ଆୟକର ହାର ହ୍ରାସ ହେବାର ଆଶା କରାଯାଉଛି। ଫଳସ୍ୱରୂପ ଅର୍ଥନୀତି ଗତ ଚାରି ବର୍ଷ ମଧ୍ୟରେ ସବୁଠାରୁ ମନ୍ଥର ଅଭିବୃଦ୍ଧି ଦେଖିପାରେ। ୨୦୨୫-୨୬ ପାଇଁ ନିମ୍ନ ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ ଦୃଢ଼ ଟିକସ ସଂଗ୍ରହର ଆଶା ଉପରେ ଆଧାରିତ ଥିଲା। ସରକାର ପୁଞ୍ଜି ବ୍ୟୟ ଉପରେ ମଧ୍ୟ ଗୁରୁତ୍ୱ ଦେଉଛନ୍ତି, ଯାହା ଚାହିଦା ବୃଦ୍ଧି କରିବା, ନିଯୁକ୍ତି ସୃଷ୍ଟି କରିବା ଏବଂ୨୦୩୦ ସୁଦ୍ଧା ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହେବା ପାଇଁ ଭାରତର ଲକ୍ଷ୍ୟ ହାସଲ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ।

# ଗ୍ରକ୍ ଏଆଇରୁ ହଟିବ ଅଶ୍ଳୀଳ କଣ୍ଟେଣ୍ଟ

## କେନ୍ଦ୍ର ସରକାର ଦେଲେ ନିର୍ଦ୍ଦେଶ

ନୂଆଦିଲ୍ଲୀ,୨।୧(ଏଜେନ୍ସି): 'ଗ୍ରକ୍ ଏଆଇ'ରୁ ହଟିବ ଅଶ୍ଳୀଳ କଣ୍ଟେଣ୍ଟ। ଏଥିପାଇଁ କେନ୍ଦ୍ର ସରକାର ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'କୁ ନୋଟିସ୍ ଜାରି କରିଛନ୍ତି। ଏଥିରେ ଅଶ୍ଳୀଳ କଣ୍ଟେଣ୍ଟ ହଟାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ 'ଏକ୍ସ'କୁ ୭୨ ଘଣ୍ଟା ମଧ୍ୟରେ ରିପୋର୍ଟ ଦେବାକୁ କୁହାଯାଇଛି।

ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ର ଜେନେରେଟିଭ୍ ଏଆଇ ଚାଟବଟ୍ ଗ୍ରକ୍‌ର ଅପବ୍ୟବହାର ବୃଦ୍ଧି ପାଇଛି। ବ୍ୟବହାରକାରୀମାନେ ଏହାକୁ ଅଶ୍ଳୀଳ ବିଷୟବସ୍ତୁ ସୃଷ୍ଟି କରିବା ପାଇଁ ବ୍ୟବହାର କରୁଛନ୍ତି। ଏହାକୁ ନେଇ କେନ୍ଦ୍ର ସରକାରଙ୍କ ଚିନ୍ତା ବଢ଼ିଛି। ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ (ଆଇଟି ମନ୍ତ୍ରଣାଳୟ) କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଏବଂ ଏକ୍ସକୁ ତୁରନ୍ତ ଏହାର ଗ୍ରୋକ୍ ଏଆଇର ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଛି। ସରକାର ନିର୍ଦ୍ଦେଶ ଦେଇଛନ୍ତି ଯେ, ଏହି ମାମଲାରେ ଯାହା ବି କାର୍ଯ୍ୟାନୁଷ୍ଠାନ କିମ୍ବା ସମୀକ୍ଷା କରାଯିବ ତାହାର ରିପୋର୍ଟ ୭୨ ଘଣ୍ଟା ମଧ୍ୟରେ କେନ୍ଦ୍ର ସରକାରଙ୍କୁ ଦିଆଯିବା ଦରକାର। ୟୁଜର୍ସଙ୍କ ନିର୍ଦ୍ଦେଶ କ୍ରମେ ଗ୍ରକ୍ ଏଆଇ ମହିଳାଙ୍କ ଫଟୋକୁ ଅଶ୍ଳୀଳ ଭାବରେ ପ୍ରଦର୍ଶିତ କରେ। ଏପରିକି ବିନା ଅନୁମତିରେ ମଧ୍ୟ ଗ୍ରକ୍ ମହିଳାଙ୍କ ଫଟୋକୁ ବିକୃତ କରୁଛି ବୋଲି ଅଭିଯୋଗ ହୋଇଛି। ଏହା ଭାରତରେ ଥିବା ନିୟମ ବିରୋଧୀ। ତେଣୁ ଭାରତ ସରକାର ଏବେ ଏକ୍ସକୁ ନୋଟିସ୍ କରିଛନ୍ତି। ଯଦି ଏକ୍ସ ଏ ନେଇ କୌଣସି ପଦକ୍ଷେପ ଗ୍ରହଣ ନ କରେ,




୭୨ ଘଣ୍ଟାରେ ରିପୋର୍ଟ ମାଗିଲେ କେନ୍ଦ୍ର ସରକାର

ତେବେ କମ୍ପାନୀକୁ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବାକୁ ପଡ଼ିପାରେ। ଏଆଇ ଆସିବା ପରେ ଏହାକୁ ଅଶ୍ଳୀଳ କଣ୍ଟେଣ୍ଟ ତିଆରି ଲାଗି ଅନେକ ବ୍ୟବହାର କରୁଛନ୍ତି। ମହିଳାଙ୍କ ଫଟୋକୁ ବିକୃତ କରିବାକୁ ମଧ୍ୟ ଏଆଇର ବ୍ୟବହାର ହେଉଥିବା ଦେଖିବାକୁ ମିଳୁଛି। ଏକ୍ସର ଗ୍ରକ୍ ଏଆଇ ମଧ୍ୟ ଭୁଲ ଉପାୟରେ ବ୍ୟବହାର ହେଉଛି। କିଛି ଦିନ ପୂର୍ବରୁ କେନ୍ଦ୍ର ସରକାର ଏକ୍ସକୁ ତାଗିଦ କରିଥିଲେ। ପ୍ଲାଟଫର୍ମରୁ ଅଶ୍ଳୀଳ ଏବଂ ଅବୈଧ କଣ୍ଟେଣ୍ଟ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲା ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ।

# ବଦଳିବ ଏଲ୍‌ପିଜି ସବ୍‌ସିଡି ହିସାବ

## ଆମେରିକାରୁ ଆମଦାନୀ ପାଇଁ ଚୁକ୍ତିନାମା ସ୍ୱାକ୍ଷର

ନୂଆଦିଲ୍ଲୀ,୨।୧(ଏଜେନ୍ସି): ଆଗାମୀ ଦିନରେ ସରକାରଙ୍କ ଏଲ୍‌ପିଜି ସବ୍‌ସିଡିର ହିସାବରେ ପରିବର୍ତ୍ତନ ହୋଇପାରେ। କାରଣ ସରକାରୀ ତେଲ କମ୍ପାନୀଗୁଡ଼ିକ ସମ୍ପ୍ରତି ଆମେରିକାରୁଏଲ୍‌ପିଜି ଆମଦାନୀ ପାଇଁ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି। ସୂଚନାଯୋଗ୍ୟ ଯେ, ଏ ପର୍ଯ୍ୟନ୍ତ ସାଉଦି ଆରବ ସହ ହୋଇଥିବା ଚୁକ୍ତିନାମା ମୂଲ୍ୟକୁ ଆଧାର କରି ସବ୍‌ସିଡି ହିସାବ କରାଯାଉଥିଲା, ଯାହା ପଶ୍ଚିମ ଏସିଆରୁ ଆସୁଥିବା ଏଲ୍‌ପିଜି ପାଇଁ ମାନକ ହାର। ତଥାପି, ବର୍ତ୍ତମାନ ଏହି ସୂତ୍ରରେ ଆମେରିକାର ବେଞ୍ଚମାର୍କ ମୂଲ୍ୟ ଏବଂ ଆଟଲାଣ୍ଟିକ ମହାସାଗର ପାର ହୋଇଆସୁଥିବା ଉଚ୍ଚ ମାଲ ପରିବହନ ଖର୍ଚ୍ଚକୁ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ କରାଯାଇପାରେ। ଏହି ସମୟରେ, ଦେଶର ବହୁ ସଂଖ୍ୟକ ଲୋକ ସେମାନଙ୍କର ଏଲ୍‌ପିଜି ସବ୍‌ସିଡି ଛାଡ଼ିଛନ୍ତି।

କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଅନୁଯାୟୀ, ୨୦୨୧ ରୁ ୨୦୨୫ ମଧ୍ୟରେ ୫୬ନିୟୁତରୁ ଅଧିକ ଗ୍ରାହକ ସେମାନଙ୍କର ଏଲ୍‌ପିଜି ସବ୍‌ସିଡି ଛାଡ଼ିଛନ୍ତି। ତଥ୍ୟ ଅନୁଯାୟୀ, ବୃହତ ଏବଂ ଧନୀ ରାଜ୍ୟଗୁଡ଼ିକରେ ସେମାନଙ୍କର ଏଲ୍‌ପିଜି ସବ୍‌ସିଡି ଛାଡୁଥିବା ଲୋକଙ୍କ ସଂଖ୍ୟା ଅଧିକ। ଏଥିରେ ଯେଉଁଥିରେ ମହାରାଷ୍ଟ୍ର ଆଗରେ ଅଛି, ତା'ପଛକୁ ଉତ୍ତର ପ୍ରଦେଶ ରହିଛି। ମହାରାଷ୍ଟ୍ରରେ, ୨୦୨୧ ରୁ ୨୦୨୫ ମଧ୍ୟରେ ୯.୪୬ ନିୟୁତ ଗ୍ରାହକ ସେମାନଙ୍କର ଏଲ୍‌ପିଜି ସବ୍‌ସିଡି ଛାଡିଛନ୍ତି।

ଏହି ସମୟ ମଧ୍ୟରେ, ଦେଶର ସର୍ବବୃହତ ରାଜ୍ୟ ଉତ୍ତର ପ୍ରଦେଶରେ ୬.୯୨ ନିୟୁତ ଗ୍ରାହକ ଏଲ୍‌ପିଜି ସବସିଡି ଛାଡିଛନ୍ତି। ଏହା ପରେ ରାଜଧାନୀ ଦିଲ୍ଲୀ, ଯେଉଁଠାରେ ପାଞ୍ଚ ବର୍ଷ ମଧ୍ୟରେ ୪.୪୮ ନିୟୁତ ଗ୍ରାହକ ଏଲ୍‌ପିଜି ସବସିଡି ଛାଡିଛନ୍ତି। ଏଲ୍‌ପିଜି ସବ୍‌ସିଡି ଛାଡିବାରେ ଦିଲ୍ଲୀ ପଛକୁ କର୍ଣ୍ଣାଟକ (୩.୮ ନିୟୁତ), ରାଜସ୍ଥାନ (୩.୬୭ ନିୟୁତ), ତାମିଲନାଡୁ (୩.୪୧ ନିୟୁତ), ଗୁଜରାଟ (୨.୬୨ ନିୟୁତ), ମଧ୍ୟପ୍ରଦେଶ (୨.୩୨ ନିୟୁତ), ପଞ୍ଜାବ (୨.୨୩ ନିୟୁତ) ଏବଂ



ଏଲ୍‌ପିଜି ସବ୍‌ସିଡି ଛାଡୁଛନ୍ତି ବହୁ ସଂଖ୍ୟାରେ ଲୋକ

ବିହାର (୨.୧୬ ନିୟୁତ) ରହିଛି। ନୂଆଦିଲ୍ଲୀରେ ଘରେ ବ୍ୟବହୃତ ୧୪.୨ କିଲୋଗ୍ରାମ ଏଲ୍‌ପିଜି ସିଲିଣ୍ଡରର ମୂଲ୍ୟ ବର୍ତ୍ତମାନ ୮୫୩ ଟଙ୍କା। ଏଥିରେ ଶେଷ ଥର ପାଇଁ ପରିବର୍ତ୍ତନ ଏପ୍ରିଲ ୮ତାରିଖରେ ହୋଇଥିଲା। ଏହି ସମୟରେ, ଉଜ୍ଜ୍ୱଳା ଯୋଜନାର ହିତାଧିକାରୀମାନେ ୯ଟି ସିଲିଣ୍ଡର ପର୍ଯ୍ୟନ୍ତ ପ୍ରତି ସିଲିଣ୍ଡର ପାଇଁ ୩୦୦ ଟଙ୍କା ସବସିଡି ପାଉଛନ୍ତି। ସମ୍ପ୍ରତି, ସରକାରୀ ତେଲ କମ୍ପାନୀଗୁଡ଼ିକ ୧୯ କିଲୋଗ୍ରାମ ବାଣିଜ୍ୟିକ ଏଲ୍‌ପିଜି ସିଲିଣ୍ଡରର ମୂଲ୍ୟ ବୃଦ୍ଧି କରିଛନ୍ତି। ତେଲ ମାର୍କେଟିଂ କମ୍ପାନୀଗୁଡ଼ିକ ପ୍ରତି ମାସର ପ୍ରଥମ ସପ୍ତାହରେ ଇନ୍ଧନ ମୂଲ୍ୟ ସମୀକ୍ଷା କରୁଛନ୍ତି।

# ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଖୁବ୍ ଶୀଘ୍ର !

## ତୈଳ ବିଶୋଧନକାରୀଙ୍କୁ ଋଷ ଓ ଆମେରିକାରୁ ସାପ୍ତାହିକ ତୈଳ କ୍ରୟ ତଥ୍ୟ ମାଗିଲେ ସରକାର

ନୂଆଦିଲ୍ଲୀ,୨।୧(ଏଜେନ୍ସି): ଭାରତ ଆମେରିକା ସହିତ ଏକ ବାଣିଜ୍ୟ ଚୁକ୍ତି କରିବାକୁ ଚାହୁଁଛି। ହେଲେ ଏହି ସମୟରେ ଭାରତ ସରକାର ଋଷ ଏବଂ ଆମେରିକାରୁ ଅଶୋଧିତ ତୈଳ କ୍ରୟର ସାପ୍ତାହିକ ତଥ୍ୟ ଉପରେ ନଜର ରଖିଛନ୍ତି। ସରକାର ରୁଷ ଏବଂ ଆମେରିକାରୁ ଅଶୋଧିତ ତୈଳ ଆମଦାନିର ସାପ୍ତାହିକ ରିପୋର୍ଟ ପ୍ରଦାନ କରିବାକୁ ବିଶୋଧନକାରୀ କମ୍ପାନୀଗୁଡିକୁ ନିର୍ଦ୍ଦେଶ ଦେଇଛନ୍ତି। ଭାରତ ସହିତ ବାଣିଜ୍ୟ ଅସନ୍ତୁଳନ ହ୍ରାସ କରିବାକୁ ଚାହୁଁଥିବା ଟ୍ରମ୍ପ ପ୍ରଶାସନ ଗତ ବର୍ଷ ଭାରତ ଦ୍ୱାରା ଋଷୀୟ ତୈଳ କ୍ରୟକୁ ଉଲ୍ଲେଖ କରି ଭାରତୀୟ ସାମଗ୍ରୀ ଉପରେ ୫୦% ଶୁଳ୍କ ଲଗାଇଥିଲେ। ଏକ ସମ୍ଭାବ୍ୟ ବାଣିଜ୍ୟ ଚୁକ୍ତି ଉପରେ ନୂଆଦିଲ୍ଲୀ ଏବଂ ୱାଶିଂଟନ ଆଲୋଚନା କରୁଥିବାବେଳେ, ତାହା ଏବେ ସମୟାନୁସାରେ ବିଭିନ୍ନ ପ୍ରତିବନ୍ଧକର ସମ୍ମୁଖୀନ ହେଉଛି। ଅଧିକାରୀମାନେ କହିଛନ୍ତି ଯେ ଭାରତ ସରକାର ଆମେରିକା ସହିତ ସ୍ୱଚ୍ଛ ଏବଂ ନିର୍ଭରଯୋଗ୍ୟ ତଥ୍ୟ ଅଂଶୀଦାର କରିବାକୁ ଚାହୁଁଛି। ତୈଳ ମନ୍ତ୍ରଣାଳୟ ଅଧୀନସ୍ଥ ପେଟ୍ରୋଲିୟମ୍ ପ୍ଲାନିଂ ଏବଂ ବିଶ୍ଳେଷଣ ସେଲ୍ ପକ୍ଷରୁ ବିଶୋଧନକାରୀଙ୍କୁ ଏହି ନିର୍ଦ୍ଦେଶ ଦିଆଯାଇଛି। ଆମେ ଦ୍ୱିତୀୟ ଉତ୍ସ ଉପରେ ନିର୍ଭର କରିବା ପରିବର୍ତ୍ତେ ଯାଞ୍ଚ କରାଯାଇଥିବା ସଂଖ୍ୟା ପ୍ରଦାନ କରିପାରିବା ବୋଲି କହିଛନ୍ତି।

ସାଧାରଣତଃ, ଭାରତର ଅଶୋଧିତ ତୈଳ ଆମଦାନିର ଉତ୍ସ ମାସିକ ସୀମା ଶୁଳ୍କ ପ୍ରକାଶନ ଏବଂ ଘରୋଇ ତଥ୍ୟ ଦ୍ୱାରା ଧରାପଡ଼ିଥାଏ। ଭାରତ ଏବଂ ଆମେରିକା ମଧ୍ୟରେ ଜଟିଳ ବାଣିଜ୍ୟ ଆଲୋଚନାରେ ରୁଷୀୟ ଅଶୋଧିତ ତୈଳ ଏକ ପ୍ରମୁଖ ପ୍ରସଙ୍ଗ ଭାବରେ ଉଭା ହୋଇଛି। ଭାରତ ଆମେରିକାର ଉତ୍ପାଦ ପାଇଁ ଏହାର କୃଷି ବଜାର ଖୋଲିବାକୁ ବିରୋଧ କରିବା ପରେ ଜୁଲାଇ ଶେଷ ଭାଗରେ ଆଲୋଚନା ଭାଙ୍ଗି ଯାଇଥିଲା। ୫୦% ଶୁଳ୍କ ହ୍ରାସ ସତ୍ତ୍ୱେ, ଏବେ ଆଲୋଚନା ପୁଣି ଆରମ୍ଭ ହୋଇଛି। ତଥାପି, ଭାରତ ଦ୍ୱାରା ରୁଷୀୟ ତୈଳ କ୍ରୟ ଜାରି ରଖିବା ଏକ ପ୍ରମୁଖ ପ୍ରତିବନ୍ଧକ ହୋଇ ରହିଛି। ଟ୍ରମ୍ପ ଅକ୍ଟୋବରରେ କହିଥିଲେ ଯେ ମୋଦି ରୁଷୀୟ ଅଶୋଧିତ ତୈଳ ଆମଦାନୀ ବନ୍ଦ କରିବାକୁ ପ୍ରତିଶ୍ରୁତିବଦ୍ଧ। , ଏକ ଦାବି ଯାହା ନୂଆଦିଲ୍ଲୀ ସାର୍ବଜନୀନ ଭାବରେ ବିବାଦ କରିଛି, ଏହା ବଜାୟ ରଖିଛି ଯେ ରୁଷରୁ ଯୋଗାଣ ଭାରତର ଶକ୍ତି ଆବଶ୍ୟକତା ପାଇଁ ଗୁରୁତ୍ୱପୂର୍ଣ୍ଣ। ରଏଟର୍ସ ଦ୍ୱାରା ଉଦ୍ଧୃତ ଦୁଇ ସରକାରୀ ଅଧିକାରୀଙ୍କ ଅନୁଯାୟୀ, ରିଫାଇନରମାନଙ୍କୁ ରୁଷୀୟ ତୈଳ ଗ୍ରହଣ ହ୍ରାସ କରିବାକୁ ସରକାରୀ ଭାବରେ ନିର୍ଦ୍ଦେଶ ଦିଆଯାଇନାହିଁ। ତଥାପି, ସେମାନେ ଏବଂ ଶିଳ୍ପ ସୂତ୍ର ଆଶା କରୁଛନ୍ତି ଯେ ଆଗାମୀ ମାସଗୁଡ଼ିକରେ ହାରାହାରି ଆମଦାନୀ ପ୍ରତିଦିନ ୧୦ ଲକ୍ଷ ବ୍ୟାରେଲ ତଳକୁ ଖସିଯିବ। ଆମେରିକା ଏବଂ ୟୁରୋପୀୟ ସଂଘ ଦ୍ୱାରା ଲାଗୁ କରାଯାଇଥିବା କଠୋର ପ୍ରତିବନ୍ଧକ ପୂର୍ବରୁ ଭାରତକୁ ରୁଷୀୟ ତେଲ ଆମଦାନୀ ହ୍ରାସ କରିଛି। କେପ୍‌ଲର ଏବଂ ଶିଳ୍ପ ସୂତ୍ରରୁ ମିଳିଥିବା ତଥ୍ୟ ଦର୍ଶାଉଛି ଯେ ଡିସେମ୍ବରରେ ରୁଷରୁ ତେଲ ଆମଦାନୀ ଦୈନିକ ପ୍ରାୟ ୧.୨ ନିୟୁତ ବ୍ୟାରେଲକୁ ହ୍ରାସ ପାଇଛି, ଯାହା ତିନି ବର୍ଷ ମଧ୍ୟରେ ସର୍ବନିମ୍ନ। ଏହା ଜୁନ୍‌ରେ ପ୍ରାୟ ଦୁଇ ନିୟୁତ ବ୍ୟାରେଲ ପ୍ରତିଦିନର ଶୀର୍ଷରୁ ପ୍ରାୟ ୪୦ ପ୍ରତିଶତ ହ୍ରାସ।

# ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ୱାକାଥନ୍

ଭୁବନେଶ୍ୱର,୨।୧(ସମିସ): ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ନୈତିକତା ଓ ଅନୁପାଳନ ସପ୍ତାହ ଉପଲକ୍ଷେ ଭୁବନେଶ୍ୱରଠାରେ ଏକ "ୱାକାଥନ୍" ଅନୁଷ୍ଠିତ ହୋଇଯାଇଛି। ଏହି ୱାକାଥନ୍ ରୁପାଲି ଛକରୁ ଆରମ୍ଭ ହୋଇ ରାମ ମନ୍ଦିର ଛକ ପର୍ଯ୍ୟନ୍ତ ଯାଇ ପୁନର୍ବାର ରୁପାଲି ଛକକୁ ପ୍ରତ୍ୟାବର୍ତ୍ତନ କରିଥିଲା। ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ମୁଖ୍ୟ ହରେକୃଷ୍ଣ ଦାସ, ଉପ-ଅଞ୍ଚଳ ମୁଖ୍ୟ ଡି.ଭେଙ୍କଟସ୍ୱରୁଲୁ, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ନିରଞ୍ଜନ ବାରିକ, ଉପ-କ୍ଷେତ୍ରୀୟ ମୁଖ୍ୟ ବିନୟ ଶର୍ମା ଏବଂ ଉପ-କ୍ଷେତ୍ରୀୟ ମୁଖ୍ୟ ଜିତେନ୍ଦ୍ର କୁମାର ସାମଲଙ୍କ ସମେତ ଭୁବନେଶ୍ୱରସ୍ଥିତ ବିଭିନ୍ନ କାର୍ଯ୍ୟାଳୟ ଓ ଶାଖାର କର୍ମଚାରୀମାନେ ଯୋଗ ଦେଇଥିଲେ।




ନୈତିକତା ଓ ଅନୁପାଳନ ସପ୍ତାହ ଉପଲକ୍ଷେ ବ୍ୟାଙ୍କ ଅଧିକାରୀମାନେ ନୈତିକ ମୂଲ୍ୟବୋଧକୁ ଗୁରୁତ୍ୱ ଦେବା ସହ ଉତ୍ତମ ଅଭ୍ୟାସକୁ ଆପଣେଇବା ଏବଂ ଜୀବନର ପ୍ରତ୍ୟେକ ସ୍ତରରେ ସମୟାନୁବର୍ତ୍ତିତାକୁ ଅନୁସରଣ କରିବା ନିମନ୍ତେ ସମସ୍ତଙ୍କୁ ପ୍ରୋତ୍ସାହିତ କରିଥିଲେ।

# ଏନଜିଓର ୫ ବାଳିକାଙ୍କୁ ଏସ୍‌ବିଆଇ ଲାଇଫ୍ ଦେଲା 'ମିଟ୍ ଆଣ୍ଡ ଗ୍ରିଟ୍' ସୁଯୋଗ

ଭୁବନେଶ୍ୱର,୨।୧(ସମିସ): ଏସବିଆଇ ଲାଇଫ ଇନସ୍ୟୁରାନ୍ସ ପକ୍ଷରୁ ବୋର୍ଡ ଅଫ୍ କ୍ରିକେଟ କଣ୍ଟ୍ରୋଲ ଅଫ୍ ଇଣ୍ଡିଆ (ବିସିସିଆଇ) ସହଯୋଗରେ କୋଲକାତାର ଉଦୟନ ଏନଜିଓର ୫ ଜଣ ବାଳିକାଙ୍କ ପାଇଁ ଏକ ସ୍ୱତନ୍ତ୍ର ମିଟ୍ ଆଣ୍ଡ ଗ୍ରିଟ୍ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଏହି ବାଳିକାମାନେ ବିଶାଖାପାଟଣାର ଏସିଏ-ଭିଡିସିଏ କ୍ରିକେଟ ଷ୍ଟାଡିୟମରେ ଜାତୀୟ ମହିଳା କ୍ରିକେଟ ଦଳର ସଦସ୍ୟଙ୍କୁ ସାମ୍ନା ସାମ୍ନି ସାକ୍ଷାତ କରିବାର ସୁଯୋଗ ପାଇଥିଲେ। ଉଦୟନ ଏନଜିଓର ସେହି ୫ ଜଣ ବାଳିକା ସୁବର୍ଣ୍ଣା ମହାତୋ (୯), ଆଞ୍ଜେଲ ବାଉରି (୧୦), ରୋଶନି କର୍ମାକର (୧୦), ମିନତି ବାସ୍କେ (୧୦) ଓ ଅନୁରାଧା ମାଣ୍ଡି (୧୧) ଭାରତୀୟ କ୍ରିକେଟ ଦଳର ଚର୍ଚ୍ଚିତ ଖେଳାଳୀ ହରମନପ୍ରିତ କୌର, ସ୍ନେହ ରାଣା, ସେଫାଳି ବର୍ମା ଓ ହର୍ଲିନ ଦେଓଲଙ୍କ ସହ ଅଭୁଲା ମୂହୁର୍ତ୍ତ ବିତାଇଥିଲେ। ଏ ସମ୍ପର୍କରେ ଏସବିଆଇ ଲାଇଫର ବ୍ରାଣ୍ଡ, କର୍ପୋରେଟ ଯୋଗାଯୋଗ ଓ ସିଏସଆର ମୁଖ୍ୟ ରବିନ୍ଦ୍ର ଶର୍ମା କହିଛନ୍ତି ଯେ, ଏସବିଆଇ ଲାଇଫରେ ଆମେ ବିଶ୍ୱାସ କରୁଯେ ବାସ୍ତବ ସଶକ୍ତୀକରଣ ଆର୍ଥିକ ସୁରକ୍ଷାଠାରୁ ଅଧିକ। ଏହା ହେଉଛି ସ୍ୱପ୍ନକୁ ସମୃଦ୍ଧ କରିବା, ବିଶ୍ୱାସ ଗଢ଼ିବା ଏବଂ ସାହସକୁ ଅନୁପ୍ରାଣିତ କରିବା।

# ୮ରୁ ଓଡ଼ିଶା ଖଣି ଏବଂ ଭିତ୍ତିଭୂମି ଅନ୍ତର୍ଜାତୀୟ ଏକ୍ସପୋ

ଭୁବନେଶ୍ୱର, ୨।୧(ସମିସ): ଓଡ଼ିଶା ଖଣି ଏବଂ ଭିତ୍ତିଭୂମି ଆନ୍ତର୍ଜାତୀୟ ଏକ୍ସ'ପୋ' ୨୦୨୬ ର ୪ର୍ଥ ସଂସ୍କରଣ ଚଳିତମାସ ୮ରୁ ଅନୁଷ୍ଠିତ ହେବାକୁ ଯାଉଛି। ଭୁବନେଶ୍ୱରର ବରମୁଣ୍ଡା ଗ୍ରାଉଣ୍ଡଠାରେ ଏହି ଏକ୍ସପୋ ଜାନୁଆରୀ ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏକ୍ସପୋ ସମ୍ପର୍କରେ ଏକ ସାମ୍ବାଦିକ ସମ୍ମିଳନୀରେ ଫ୍ୟୁଚରେକ୍ସ ଟ୍ରେଡ୍ ଫେୟାର ଆଣ୍ଡ ଇଭେଣ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍‌ର ଅଧକ୍ଷ ସ୍ୱାମୀ ପ୍ରେମ ଅନୱେଶୀ କହିଛନ୍ତି, ଏକ୍ସପୋ'ରେ ସ୍ଥାୟୀ ଖଣି ପ୍ରଯୁକ୍ତିବିଦ୍ୟା ଏବଂ ଉପକରଣ ପ୍ରଦର୍ଶିତ ହେବ ଏବଂ ନୀତି, ନବସୃଜନ, ସ୍ଥାୟୀତ୍ୱ ଏବଂ ଭବିଷ୍ୟତ ଅଭ୍ୟାସ ଉପରେ ଆଲୋଚନା ଆରମ୍ଭ କରିବ। ନାଲକୋର ପୂର୍ବତନ ଅଧକ୍ଷ ଏବଂ




ଏମ୍ ଡି ତଥା ଏକ୍ସପୋ ଆୟୋଜନ କମିଟିର ଅଧକ୍ଷ ତପନ କୁମାର ଚାନ୍ଦ କହିଛନ୍ତି, ୪ର୍ଥ ଓଡ଼ିଶା ଖଣି ଏବଂ ଭିତ୍ତିଭୂମି ଅନ୍ତର୍ଜାତୀୟ ଏକ୍ସପୋ ୨୦୨୬ର ମୁଖ୍ୟ ଲକ୍ଷ୍ୟ ହେଉଛି ସ୍ଥାୟୀ ଖଣି, ଶୂନ୍ୟ ନେଟ୍ ଖଣିକୁ ପ୍ରୋତ୍ସାହିତ କରିବା, ବିଶ୍ୱ ଖଣି କ୍ଷେତ୍ରର ଭବିଷ୍ୟତ ଗଠନ ପାଇଁ କନକ୍ଲେଭ ଏବଂ ସମ୍ମିଳନୀଗୁଡ଼ିକରେ ନୀତି ଆଲୋଚନା ପାଇଁ ଓଡ଼ିଶାକୁ ବିଶ୍ୱ ଖଣି କେନ୍ଦ୍ର ସ୍ତରକୁ ନେଇଯିବ। ଏହି ଏକ୍ସପୋକୁ ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି ଉଦଘାଟନ କରିବେ। ଏଥିରେ ସମ୍ମାନିତ ଅତିଥି ଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା ଉପସ୍ଥିତ ରହିବେ। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ଏକ୍ସପୋ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଫ୍ୟୁଚରେକ୍ସ ବାଣିଜ୍ୟ ମେଳା ଏବଂ ଇଭେଣ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ ନମିତ ଗୁପ୍ତା ଉପସ୍ଥିତ ଥିଲେ।

# ତୃତୀୟ ପର୍ଯ୍ୟାୟ ଇସିଏମ୍‌ଏସ୍ ଯୋଜନାରେ ୨୨ଟି ପ୍ରସ୍ତାବକୁ ମଞ୍ଜୁରି

## ହେବ ୪୧,୮୬୩ କୋଟି ନିବେଶ, ସୃଷ୍ଟି ହେବ ୩୩,୭୯୧ ପ୍ରତ୍ୟକ୍ଷ ନିଯୁକ୍ତି

ନୂଆଦିଲ୍ଲୀ, ୨।୧(ଏଜେନ୍ସି): କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଇଲେକ୍ଟ୍ରୋନିକ୍ସ ଉପକରଣ ଉତ୍ପାଦନ ଯୋଜନା (ଇସିଏମଏସ) ଅଧୀନରେ ଆହୁରି ୨୨ଟି ପ୍ରସ୍ତାବକୁ ଅନୁମୋଦନ କରିଛି। ଏହାଦ୍ୱାରା ୪୧,୮୬୩ କୋଟି ଟଙ୍କା ନିବେଶ ସହିତ ୨,୫୮,୧୫୨ କୋଟି ଟଙ୍କା ଉତ୍ପାଦନ ହେବ ବୋଲି ଆକଳନ କରାଯାଇଛି। ଏହି ଅନୁମୋଦନ ଆନୁମାନିକ ୩୩,୭୯୧ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଏଥିପୂର୍ବରୁ ମନ୍ତ୍ରଣାଳୟ ୧୨,୭୦୪ କୋଟି ଟଙ୍କାର ୨୪ଟି ପ୍ରକଳ୍ପକୁ ମଞ୍ଜୁର କରିଥିଲା। ଏସବୁ ସାମଗ୍ରୀ ମୋବାଇଲ୍ ଉତ୍ପାଦନ, ଦୂରସଞ୍ଚାର, ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ, ରଣନୀତିକ ଇଲେକ୍ଟ୍ରୋନିକ୍ସ, ଅଟୋମୋଟିଭ୍ ଏବଂ ଆଇଟି ହାର୍ଡୱେର୍ ଉତ୍ପାଦ ବିଭିନ୍ନ କ୍ଷେତ୍ରରେ ପ୍ରୟାସ କରାଯିବ। ଏଥିରେ ପିସିବି, କାପାସିଟର, କନେକ୍ଟର, ଏନକ୍ଲୋଜର୍ ଏବଂ ଲି-ଆୟନ ସେଲ ଭଳି ୫ଟି ଉପାଦାନ ଉତ୍ପାଦନ କରାଯିବ। ଆହୁରିମଧ୍ୟ ଏଥିରେ କ୍ୟାମେରା ମଡ୍ୟୁଲ, ଡିସପ୍ଲେ ମଡ୍ୟୁଲ ଏବଂ ଅପ୍ଟିକାଲ ଟ୍ରାନ୍ସିଭର ଭଳି ୩ଟି ସବ୍ ଆସେମ୍ବ୍ଲି, ଆଲୁମିନିୟମ ଏକ୍ସଟର୍ସନ, ଆନୋଡ୍ ମ୍ୟାଟେରିଆଲ ଏବଂ ଲାମିନେଟ୍ (କପର୍ କ୍ଲାଡ୍) ଭଳି ୩ଟି ସପ୍ଲାଇ ଚେନ୍ ସାମିଲ।

ଇଲେକ୍ଟ୍ରୋନିକ୍ସ ଉପକରଣ ଉତ୍ପାଦନ ଯୋଜନାରେ ପ୍ରତିଷ୍ଠା ହେବାକୁ ଥିବା ଏହି ୟୁନିଟଗୁଡ଼ିକ ଆନ୍ଧ୍ରପ୍ରଦେଶ, ହରିୟାଣା, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ତାମିଲନାଡୁ, ଉତ୍ତରପ୍ରଦେଶ ଏବଂ ରାଜସ୍ଥାନରେ ପ୍ରତିଷ୍ଠା କରାଯିବ। ବର୍ତ୍ତମାନ ସୁଦ୍ଧା ୧୧ଟି ରାଜ୍ୟରେ ଇସିଏମଏସ ଯୋଜନା ଅଧୀନରେ ୪୬ଟି ଆବେଦନକୁ ମଞ୍ଜୁରି ମିଳିସାରିଛି। ଏହାଦ୍ୱାରା ୫୪,୫୬୭ କୋଟି ଟଙ୍କା ନିବେଶ ସହିତ ୫୧,୦୦୦ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଏହି କାର୍ଯ୍ୟକ୍ରମ ଭାରତର ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ଇକୋସିଷ୍ଟମକୁ ମଜବୁତ କରିଛି । ଫଳରେ ଘରୋଇ ଚାହିଦାର ଏକ ବଡ଼ ଅଂଶ ସ୍ୱଦେଶୀ ଭାବରେ ପୂରଣ ହୋଇପାରିବ।

## ଆଜିର ରାଶିଫଳ

**ମେଷ:** ସମସ୍ତ କାର୍ଯ୍ୟରୁ ଲାଭ ମିଳିବ। ଦିନଟି ହସଖୁସିରେ ଅତିବାହିତ ହେବ। କୌଣସି ନୂଆ ଜିନିଷ କିଣିବେ। ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**ବୃଷ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ପୈତୃକ ବ୍ୟବସାୟରେ ପରିବର୍ତ୍ତନ ଆଣିବେ। ଅବିବାହିତଙ୍କ ବିବାହ ସ୍ଥିର ହେବ। କର୍ମକ୍ଷେତ୍ରରେ କାର୍ଯ୍ୟଭାର ବଢ଼ିବ। ସମୟ ପୂର୍ବରୁ କାର୍ଯ୍ୟ ସମ୍ପାଦନ କରିବେ।

**ମିଥୁନ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ପ୍ରେମ ଜୀବନ ସୁଖମୟ ହେବ। ସାଙ୍ଗ ଦ୍ୱାରା ଲାଭବାନ ହେବେ। ବ୍ୟବସାୟରେ ସଫଳତା ମିଳିବ। ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ।

**କର୍କଟ:** ପଡ଼ୋଶୀଙ୍କ ସହ ବିବାଦ ହୋଇପାରେ। ବରିଷ୍ଠ ଅଧିକାରୀ ଆପଣଙ୍କ କାର୍ଯ୍ୟରେ ଖୁସି ହେବେ। ନୂଆ ଚାକିରିର ସୁଯୋଗ ଜୁଟିବ। ନୂଆ ବ୍ୟବସାୟର ଯୋଜନା କରିବେ। ଗୁରୁଜନଙ୍କ ସହଯୋଗ ମିଳିବ।

**ସିଂହ:** ଚାକିରିରେ ପରିବର୍ତ୍ତନ ଆସିବ। କୌଣସି ନୂଆ ଦାୟିତ୍ୱ ତୁଲାଇବେ। ବ୍ୟବସାୟ ସମ୍ବନ୍ଧିତ ଦୂର ସ୍ଥାନକୁ ଯାତ୍ରା କରିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ କଠିନ ପରିଶ୍ରମ କରିବେ।

**କନ୍ୟା:** ଘରକୁ ଅତିଥି ଆଗମନ କରିବେ। ସ୍ୱାମୀ-ସ୍ତ୍ରୀ ସୁଖଦ ମୁହୂର୍ତ୍ତ ଅତିବାହିତ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଟକି ରହିଥିବା ଧନ ଆଗମନ ହେବ।

**ତୁଳା:** କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ବନ୍ଧୁଙ୍କ ସହ କୌଣସି ନୂଆ କାର୍ଯ୍ୟର ଯୋଜନା କରିବେ। ବାପାମାଆଙ୍କ ସହଯୋଗରେ କିଛି ନୂଆ ଦାୟିତ୍ୱ ଗ୍ରହଣ କରିବେ। ଅଟକିଥିବା କାର୍ଯ୍ୟକୁ ପୂରା କରିବେ।

**ବିଛା:** ନୂଆ ଚାକିରି ପାଇଁ ଉତ୍ସାହିତ ରହିବେ। ଗୁରୁଜନଙ୍କ ପରାମର୍ଶ ନେବେ। କ୍ରୀଡ଼ାବିତ୍‌ଙ୍କୁ ସଫଳତା ପ୍ରାପ୍ତି ହେବ। ଛାତ୍ରଛାତ୍ରୀଙ୍କର ନୂଆ ବିଷୟ ପ୍ରତି ରୁଚି ବଢ଼ିବ। ବ୍ୟବସାୟରେ ଅର୍ଥ ନିବେଶ କରନ୍ତୁ ନାହିଁ।

**ଧନୁ:** ବ୍ୟାଙ୍କ ଓ ଆଇଟିରେ ସଫଳତା ମିଳିବ। ବ୍ୟବସାୟକୁ ବିସ୍ତାର କରିବେ ଏବଂ ଏହାକୁ ନେଇ କୌଣସି ନୂଆ ସମସ୍ୟା ସୃଷ୍ଟି ହେବ। ଧାର୍ମିକ ସ୍ଥାନକୁ ଯାତ୍ରା କରିପାରନ୍ତି। ପଡୋଶୀଙ୍କ ସହ ସୁସମ୍ପର୍କ ବଢ଼ିବ।


**ମକର:** ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରଣ କରିବେ। ପୁରୁଣା ବନ୍ଧୁଙ୍କ ସହ ସମୟ ଅତିବାହିତ କରିବେ। ପୂଜାପାଠରେ ସାମିଲ ହେବେ। ବାଦ ବିବାଦଠାରୁ ଦୂରେଇ ରହିବା ଭଲ। ଦୀର୍ଘ ଦିନର ସ୍ୱପ୍ନ ପୂରା ହେବ।

**କୁମ୍ଭ:** ବ୍ୟବସାୟିକ ଚିନ୍ତାଧାରାରେ ପରିବର୍ତ୍ତନ ଆଣିବେ। ଉଚ୍ଚଶିକ୍ଷା ପାଇଁ ଉତ୍ତମ ସମୟ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ନୂଆ ପ୍ରୋଜେକ୍ଟରେ କାମ କରିବାର ସୁଯୋଗ ମିଳିବ। ଜାଗାବାଡ଼ି କିଣିବେ।

**ମୀନ:** ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଡାକ୍ତରଙ୍କ ସହ ପରାମର୍ଶ କରିବେ। ରାଜନୀତିରେ ସଫଳତା ମିଳିବ। ସାଙ୍ଗସାଥୀଙ୍କ ସହ ସମୟ ଅତିବାହିତ କରିବେ। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ।

## ଆଜିର ଇତିହାସ

- ୧୯୦୧-ଶାନ୍ତି ନିକେତନରେ ବ୍ରହ୍ମଚର୍ଯ୍ୟ ଆଶ୍ରମ ଖୋଲିଲା।
- ୧୯୨୯ - ମହାତ୍ମା ଗାନ୍ଧୀ ଲର୍ଡ ଇରଓ୍ୱିନ୍‌ଙ୍କୁ ଭେଟିଲେ।
- ୧୯୪୩- ଟେଲିଭିଜନରେ ପ୍ରଥମ ଥର ନିଖୋଜ ବ୍ୟକ୍ତିଙ୍କ ସମ୍ପର୍କରେ ସୂଚନା ପ୍ରସାରଣ ଆରମ୍ଭ ହେଲା।
- ୧୯୫୪- ଆଲ୍‌ଜେରିଆରେ ଆସିଥିବା ଭୂମିକମ୍ପରେ ୧୪୦୦ ଲୋକଙ୍କ ମୃତ୍ୟୁ।
- ୧୯୫୯-ଆଲାସ୍କା ଆମେରିକାର ୪୯ତମ ରାଜ୍ୟ ଘୋଷିତ।
- ୨୦୦୯ - ରାଜସ୍ଥାନର ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ବିଧାନସଭାରେ ବିଶ୍ୱାସ ମତ ହାସଲ କଲେ।



## 'ଡନ୍ ୩' ରଣବୀରଙ୍କ ସ୍ଥାନ ନେବେ ହ୍ରିତିକ୍

ବଲିଉଡ୍ ଅଭିନେତା ରଣବୀର ସିଂହ 'ଡନ୍ ୩'ରୁ ଓହରିଯିବା କଥା ଏବେ ସାମାଜିକ ଗଣମାଧ୍ୟମରେ ଜୋରସୋରରେ ଚର୍ଚ୍ଚା ହେଉଛି। ଫିଲ୍ମର ପ୍ରୋମୋ ଭିଡିଓ ସୁଟ୍ ହେବା ପରେ ମୁଖ୍ୟ କଳାକାର ସେଥିରୁ ଓହରିଯିବା କଥା କ୍ୱଚିତ୍ ଦେଖାଯାଏ। ଠିକ୍ ଏଭଳି ରଣବୀର କରିଛନ୍ତି। 'ଧୁରନ୍ଧର'ର ସଫଳତାକୁ ଦେଖି ରଣବୀର 'ଡନ୍ ୩'ରୁ ମୁହଁ ଫେରାଇ ନେଇଛନ୍ତି। ଇତିମଧ୍ୟରେ ନିର୍ଦ୍ଦେଶକ ଫରହାନ୍ ଅଖତର୍ ରଣବୀରଙ୍କ ବିକଳ୍ପ ଖୋଜି ନେଇଥିବା ଚର୍ଚ୍ଚା ହେଉଛି। ଏଥିରେ ରଣବୀରଙ୍କ ବଦଳରେ ହ୍ରିତିକ୍ ରୋଶନ ଏବେ ନଜର ଆସିବେ ବୋଲି ଜଣାପଡ଼ିଛି। ଯଦି ଏହା ସତ ହୁଏ ତେବେ ଦର୍ଶକଙ୍କ ପାଇଁ ଏହା ଏକ ବଡ଼ ସରପ୍ରାଇଜ୍ ହେବ। କେବଳ ରଣବୀର ନୁହେଁ ଏହାପୂର୍ବରୁ କିଆରା ଆଡଭାନୀ ମଧ୍ୟ ଗର୍ଭବତୀ ଥିବାରୁ ଏହି ଫିଲ୍ମରୁ ଓହରି ଯାଇଥିଲେ। ଏଠାରେ ପ୍ରକାଶ ଥାଉ କି, ଫରହାନ୍‌ଙ୍କ 'ଡନ୍' ଫ୍ରାଞ୍ଚାଇଜ୍‌ର ପୂର୍ବ ଦୁଇଟି ଫିଲ୍ମରେ ଶାହାରୁଖ୍ ଖାନ୍ ଲିଡ୍ ରୋଲରେ ନଜର ଆସିଥିଲେ।

## ସ୍ମାର୍ଟଫୋନ୍ ଯୋଗୁ ପିଲା ଘଣ୍ଟା ଚିହ୍ନିପାରୁ ନାହାନ୍ତି

ନ୍ୟୁୟର୍କ ସହରର ଅନେକ ସ୍କୁଲରୁ ଏବେ ଏକ ଆଶ୍ଚର୍ଯ୍ୟ କଲା ଭଳି ଘଟଣା ସାମ୍ନାକୁ ଆସିଛି। ଏଠାକାର ଛାତ୍ରଛାତ୍ରୀ ଏବେ ପାରମ୍ପରିକ ତଥା ଆନାଲଗ୍ ଘଣ୍ଟା ଚିହ୍ନି ପାରୁ ନାହାନ୍ତି। ତେବେ ଏକ ସ୍କୁଲରେ ସ୍ମାର୍ଟଫୋନ୍ ବ୍ୟବହାର ଉପରେ କଟକଣା ଲାଗିବାରୁ ଏହିକଥା ସାମ୍ନାକୁ ଆସିଛି। କ୍ୱିନ୍ସ ସ୍ଥିତ କାର୍ଡୋଜୋ ହାଇସ୍କୁଲର ଆସିଷ୍ଟାଣ୍ଟ ପ୍ରିନ୍ସିପାଲ ଟିଆନା ମିଲେନ୍ କହିଛନ୍ତି, 'ମୋବାଇଲ ଉପରେ କଟକଣା ଲାଗିବା ପରେ ଅନେକ କିଶୋର କାନ୍ଥ ଘଣ୍ଟା ଦେଖି ସମୟ ଜାଣି ପାରି ନ ଥିଲେ। ତେବେ କାନ୍ଥଘଣ୍ଟା ଦେଖି ସମୟ ଚିହ୍ନିବା ଏକ ମୌଳିକ ଦକ୍ଷତା ଯାହା ଏବେ ପିଲାମାନେ କରିପାରୁ ନାହାନ୍ତି।' ମିଲେନ୍ ସ୍କୁଲରେ ମୋବାଇଲ ବ୍ୟବହାର ଉପରେ କଟକଣା ଲାଗିବା ପଦକ୍ଷେପକୁ ଖୁବ୍ ପ୍ରଶଂସା କରିଛନ୍ତି। ସେହିପରି ମୋବାଇଲ ନ ରହିବା ଯୋଗୁଁ ଛାତ୍ରଛାତ୍ରୀ ପାଠପଢ଼ା ଉପରେ ଅଧିକ ଧ୍ୟାନ ଦେବା ସହ ମଧ୍ୟାହ୍ନ ଭୋଜନରେ ପରସ୍ପର ସହିତ କଥାବାର୍ତ୍ତା କରୁଥିବା ସେ କହିଛନ୍ତି। ସ୍କୁଲ ପରିସରରେ ବି ପିଲାମାନେ ଆଗ ଅପେକ୍ଷା ଅଧିକ ଚଳପ୍ରଚଳ କରୁଛନ୍ତି। ସବୁଠୁ ବଡ଼ କଥା ହେଉଛି, ପିଲାମାନେ ଏବେ ଠିକ୍ ସମୟରେ ଶ୍ରେଣୀଗୃହରେ ପହଞ୍ଚୁଛନ୍ତି। ତେବେ ସେମାନେ ଏକଥା ଜାଣିପାରୁ ନାହାନ୍ତି ଯେ, ସେମାନେ ଠିକ୍ ସମୟରେ ସ୍କୁଲକୁ ଆସୁଛନ୍ତି କି ନାହିଁ। କାରଣ ସେମାନେ ଘଣ୍ଟା ଚିହ୍ନିବା ଜାଣନ୍ତି ନାହିଁ। ଅନ୍ୟପଟେ ଡିଜିଟାଲ ଯୁଗରେ ବଡ଼ ହେଉଥିବା ପିଲାଙ୍କ ଲାଗି ଆନାଲଗ୍ ଘଣ୍ଟା ଏକ ଅଜବ ଜିନିଷ ପାଲଟିଛି। ସେହିପରି ନ୍ୟୁୟର୍କ ଶିକ୍ଷା ବିଭାଗ ଏବେ ପ୍ରଥମ ଏବଂ ଦ୍ୱିତୀୟ ଶ୍ରେଣୀରେ ପଢୁଥିବା ପିଲାଙ୍କୁ ଘଣ୍ଟା ଚିହ୍ନିବା ଶିକ୍ଷା ପ୍ରଦାନ କରୁଛନ୍ତି। ଏହାସତ୍ତ୍ୱେ ମଧ୍ୟ ବ୍ରୁକଲିନ୍‌ର ମିଡ୍‌ଉଡ୍ ହାଇସ୍କୁଲର ଛାତ୍ରଛାତ୍ରୀଙ୍କ କହିବା କଥା, ଅନେକ ପିଲା ଏଥିରେ ଦୁର୍ବଳ ଅଛନ୍ତି। କାରଣ ଫୋନ୍‌ରେ ସମୟ ଦେଖୁଥିବାରୁ ସେମାନେ କାନ୍ଥଘଣ୍ଟାରେ ସମୟ ଜାଣିପାରୁ ନାହାନ୍ତି। ସେହିପରି ବର୍ତ୍ତମାନ ଏହି ସମସ୍ୟା ନୂଆ ନୁହେଁ। ୨୦୧୭ ମସିହାରେ ଓକ୍ଲାହୋମାରେ ହୋଇଥିବା ଏକ ଗବେଷଣା ଅନୁସାରେ, ୬-୧୨ ବର୍ଷ ବୟସର ପିଲାଙ୍କ ମଧ୍ୟରୁ କେବଳ ପାଞ୍ଚ ଜଣକରୁ ଜଣେ ପିଲା ଘଣ୍ଟା ଚିହ୍ନିବା ଜାଣନ୍ତି। ଏହି ସମସ୍ୟା ଅନେକ ବର୍ଷ ଧରି ଧୀରେ ଧୀରେ ବଢ଼ି ଚାଲିଛି। ଅବଶ୍ୟ ସ୍ମାର୍ଟଫୋନ୍ ଉପରେ ରୋକ ଲାଗିବାରୁ ଏହା ସାମ୍ନାକୁ ଆସିଲା। ଅନ୍ୟପଟେ ପିଲା ଆନାଲଗ ଘଣ୍ଟା ଚିହ୍ନିବା ଜାଣି ନ ଥିବା ବେଳେ ସେମାନଙ୍କ ଡିଜିଟାଲ ଜ୍ଞାନ କୌଶଳ ଖୁବ୍ ଆଗରେ। ଏପରିକି ଅନେକ ସମୟରେ ପିଲାମାନେ ଶିକ୍ଷକମାନଙ୍କର ଟେକ୍ନୋଲୋଜି ସହ ଜଡ଼ିତ ସମସ୍ୟା ଦୂର କରୁଛନ୍ତି। ଏଥିରୁ ଏହା ସ୍ପଷ୍ଟ ହେଉଛି ଯେ, ନୂଆପିଢ଼ିଙ୍କ ଦକ୍ଷତା କମିନାହିଁ, ବରଂ ସେମାନେ ଡିଜିଟାଲ୍‌ରେ ଅଧିକ ସକ୍ରିୟ ହୋଇ ଯାଉଛନ୍ତି।



## ଆଜି ଆସିଥିଲେ

### ଅଦ୍ୱିତୀୟ ରାଜନେତା
# ଜାନକୀ ବଲ୍ଲଭ ପଟ୍ଟନାୟକ



ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କର ଆଜି ଜନ୍ମ ଜୟନ୍ତୀ। ଓଡ଼ିଶାର ଜନସାଧାରଣଙ୍କ ନେତୃତ୍ୱ ନେଇ ସେ ତିନି ତିନିଥର ରାଜ୍ୟର ମୁଖ୍ୟମନ୍ତ୍ରୀ ଆସନରେ ବସିଥିଲେ। ଦୀର୍ଘ ୧୪ ବର୍ଷ ଧରି ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେବା ସହ ନିଜକୁ ଜଣେ ଜନପ୍ରିୟ ନେତା ଭାବେ ପ୍ରତିଷ୍ଠିତ କରିପାରିଥିଲେ। ସେ କେବଳ ଜଣେ ରାଜନେତା ନ ଥିଲେ, ଏକାଧାରରେ ଥିଲେ ସାହିତ୍ୟିକ, ବାଗ୍ମୀ, ସାମ୍ବାଦିକ, ଦୂରଦ୍ରଷ୍ଟା ଓ ଚିନ୍ତକ। ସେ ତାଙ୍କ ଜୀବନକାଳରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ, ଆସାମର ରାଜ୍ୟପାଳ, ତିରୁପତି ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳାଧିପତି ଆଦି ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀ ସମ୍ଭାଳିଛନ୍ତି। ଅବିଭକ୍ତ ପୁରୀଜିଲ୍ଲା ତଥା ବର୍ତ୍ତମାନର ଖୋର୍ଦ୍ଧା ଜିଲ୍ଲାର ରାମେଶ୍ୱର ଗଡ଼ରେ ୧୯୨୭ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ ଜାନକୀବଲ୍ଲଭ। ତାଙ୍କ ପିତା ଗୋକୁଳାନନ୍ଦ ପଟ୍ଟନାୟକ ଥିଲେ ଜଣେ ଲେଖକ ତଥା ଶିକ୍ଷକ। ଗାଁରେ ମାଇନର ସ୍କୁଲ୍ ପର୍ଯ୍ୟନ୍ତ ପଢ଼ିବା ପରେ ଖୋର୍ଦ୍ଧା ହାଇସ୍କୁଲରେ ସେ ପଢ଼ିଲେ। ଛାତ୍ରାବସ୍ଥାରେ ସେ ଥିଲେ ସରଳ, ସ୍ୱାଧୀନତା ପ୍ରେମୀ, ସାହିତ୍ୟ ପ୍ରେମୀ ଓ ବନ୍ଧୁ ବତ୍ସଳ। ୧୯୪୭ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ସଂସ୍କୃତରେ ସ୍ନାତକ ଡିଗ୍ରୀ କରିବା ପରେ ୧୯୪୯ ମସିହାରେ ଆହ୍ଲାବାଦ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର କରିଥିଲେ। ସେ ଛାତ୍ରାବସ୍ଥାରୁ ରାଜନୀତି ସହିତ ଜଡ଼ିତ ଥିଲେ। ୧୯୫୦ ମସିହାରେ ସେ ରାଜ୍ୟ ଯୁବ କଂଗ୍ରେସ ସଭାପତି ହୋଇଥିଲେ। ୧୯୭୧ରେ ପ୍ରଥମ ଥର ପାଇଁ ସେ ବିଜୟୀ ହୋଇ ଲୋକସଭାକୁ ଯାଇଥିଲେ। ୧୯୮୦ରେ ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ। ଦ୍ୱିତୀୟ ଥର ପାଇଁ ୧୯୮୫ ନିର୍ବାଚନରେ ସେ ଉଭୟ ଖୋର୍ଦ୍ଧା ଓ ଆଠଗଡ଼ ଆସନରୁ ବିଧାନସଭାକୁ ନିର୍ବାଚିତ ହୋଇ ମୁଖ୍ୟମନ୍ତ୍ରୀ ହୋଇଥିଲେ। ୧୯୯୫ ମସିହାରେ ସେ ତୃତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ହୋଇଥିଲେ। ୨୦୦୯ ମସିହାରେ ତତ୍କାଳୀନ କଂଗ୍ରେସ ନେତୃତ୍ୱାଧୀନ କେନ୍ଦ୍ର ସରକାର ଜାନକୀବଲ୍ଲଭଙ୍କୁ ଆସାମର ରାଜ୍ୟପାଳ ଭାବେ ନିଯୁକ୍ତ କରିଥିଲେ। ଆସାମ ରାଜ୍ୟପାଳ ଭାବେ ସେ ଓଡ଼ିଶା ଓ ଆସାମ ମଧ୍ୟରେ ନିବିଡ଼ ସାଂସ୍କୃତିକ-ସାମାଜିକ ସମ୍ପର୍କର ପୁନଃଆବିଷ୍କାର କରିଥିଲେ। ଜଣେ ଦୂରଦୃଷ୍ଟି ସଂପନ୍ନ ଓ ବିଚକ୍ଷଣ ରାଜନେତା, ଜଣେ ସମାଜ ସଂସ୍କାରକ ଭାବେ ଜାନକୀ ବଲ୍ଲଭ ଯେତିକି ଜଣାଶୁଣା ଥିଲେ, ଜଣେ ସୁସାହିତ୍ୟିକ ଓ ସଂସ୍କୃତ ବିଶାରଦ ଭାବେ ଥିଲା ତାଙ୍କର ସେତିକି ଖ୍ୟାତି। ଓଡ଼ିଆ ଭାଷାରେ ମହାକାବ୍ୟ 'ରାମାୟଣ', 'ମହାଭାରତ' ଓ 'ଶ୍ରୀମଦ୍ ଭାଗବତ'ର ଅନୁବାଦ କରିଛନ୍ତି ଜାନକୀ ବଲ୍ଲଭ ପଟ୍ଟନାୟକ। ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାରରେ ମଧ୍ୟ ସମ୍ମାନିତ ହୋଇଥିଲେ। ଏଥିସହିତ 'ଗୌତମ ବୁଦ୍ଧ', 'ସିନ୍ଧୁ ଉପତ୍ୟକା', 'ମାଲୁଣୀର ଫୁଲ ଓ ଅନ୍ୟାନ୍ୟ ଗଳ୍ପ', 'ସ୍ୱପ୍ନ ଓ ସଂକଳ୍ପ' ଭଳି ସାହିତ୍ୟ ରଚନା ଆଜି ବି ତାଙ୍କୁ ଅମର କରି ରଖିଛି। ୨୦୧୫ ମସିହା ଏପ୍ରିଲ ୨୧ ତାରିଖରେ ଆନ୍ଧ୍ରପ୍ରଦେଶର ତିରୁପତିରେ ତାଙ୍କର ଦେହାବସାନ ଘଟିଥିଲା।

## ଛବିଶି ଆସିଛି ମିତ



ରାମଚନ୍ଦ୍ର ବେହେରା

ବାଣ ରୋଷଣୀରେ ନାଚ ଗୀତ ସୁରେ
ଛବିଶି ଆସିଛି ମିତ
ପୁରୁଣା ବର୍ଷର ଦୁଃଖ ଭୁଲି ଆସ
ହରଷେ ଗାଇବା ଗୀତ।
ନୂଆ ବରଷରେ ନୂଆ ଆଶା ନେଇ
ପାଠରେ ରଖିବା ଧ୍ୟାନ
ଅଳସ ପଣକୁ ଦୂର କରି ଆମେ
କରିଯିବା ନିଜ କାମ।
ରାଗ ରୋଷ ହିଂସା କପଟ ସ୍ୱଭାବ
ପରାଣୁ ଦୂରେଇ ଦେବା
ସ୍ନେହ ମମତାରେ ବାନ୍ଧିହୋଇ ସର୍ବେ
ଦେଶକୁ ଆଗେଇ ନେବା।
ପିତା ମାତାଙ୍କର କଥାକୁହା ମାନି
ସତ୍ୟ ପଥରେ ଚାଲିବା
ବିଦ୍ୟାଲାଭ ପାଇଁ ଗୁରୁ ଉପଦେଶ
ମୁଣ୍ଡ ନୁଆଁଇ ପାଳିବା।
ଭେଦଭାବ ଭୁଲି ଆଶାବାଡ଼ି ସାଜି
ସେବା କରିବା ସବୁରି
ସୁନ୍ଦର ସମାଜ ଗଢ଼ିବା ହରଷେ
ଏକତା ମନ୍ତ୍ର ଆଦରି।
ଦେଶ ହିତ ପାଇଁ କାମ କରିଯିବା
ଭୁଲିଯିବା ଦେହ ବ୍ୟଥା
ଆମ ଶ୍ରମ ଦେଖି ସଭିଏଁ ଗାଇବେ
ଆମରି ଗୌରବ ଗାଥା।
ଶାନ୍ତିର ବାରତା ପରଶିବା ଆମେ
ନ ଦେବା କାହାକୁ ଦୁଃଖ
ସତ୍ୟ, ନ୍ୟାୟ, ଧର୍ମ ନୀତି ଆଦରିବା
ମିଳିବ ପରମ ସୁଖ।



ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୭୩୪୩୪୬

## ସ୍ୱାଗତ କରୁଛି ହେ ନୂଆବରଷ



ନଳିନୀ ଦାଶ

ଥିରି ଥିରି ପାଦେ ଶୀତୁଆ ରାତିରେ
ଆସିଛି ନୂଆ ବରଷ
ତୁମ ଆଗମନେ ଭରୁ ଧରଣୀରେ
ସ୍ନେହ ମମତା ପରଶ।
ହେଇଯାଉ ଦୂର ଅଜ୍ଞାନ ଅନ୍ଧାର
ଜ୍ଞାନର ବିକାଶ ହେଉ
ଈର୍ଷା ହିଂସା ରାଗ କପଟ ଛଳନା
ସବୁ ଅପସରି ଯାଉ।
ତୁମର ପରଶ ହେଉ ହେ ସରସ
ଜୀବଜଗତଟି ପାଇଁ
ସବୁରି ମୁଖରେ ହସ ଖୁସି ଭରି
ଦିଅନ୍ତୁ ଜଗତ ସାଇଁ।
ସ୍ୱାଗତ କରୁଛି ହେ ନୂଆବରଷ
ସୁଖର ଝରଣା ବହୁ
ନୂଆ ବରଷର ନୂଆ ସକାଳରେ
ଦୁଃଖ ଦୂର ହେଇ ଯାଉ।
ମନ ପ୍ରାଣ ଢାଳି କରିଯିବୁ କାମ
ଦେଶ ପାଇଁ କି ଲଢ଼ିବୁ
ନୂଆ ବରଷରେ ପଣ କରି ଆମେ
ସ୍ୱଚ୍ଛ ଭାରତ ଗଢ଼ିବୁ।
ସବୁରି ମୁଖରେ ହସଫୁଲ ଫୁଟି
ହସୁ ଏଦେଶ ଆମର
ସବୁ ଜାତି ଧର୍ମ ଏକ ମନ ହୋଇ
ଚଳୁଥାନ୍ତୁ ନିରନ୍ତର।



ଭିକାରିପଡ଼ା, ନୟାଗଡ଼
ମୋ- ୯୨୩୮୯୯୬୬୪୯

## ଶିଶୁ ଚିତ୍ରକଳା





**ସୌରଭ ରଞ୍ଜନ କର**
ସପ୍ତମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
କଲେଜ ଛକ, କଟକ





**ପ୍ରିତିରାଜ୍ ଦାସ**
ପଞ୍ଚମ ଶ୍ରେଣୀ
ସେଣ୍ଟ ଜାଭିୟର ହାଇସ୍କୁଲ
ନୂଆବଜାର, କଟକ





**ରୁଦ୍ରାଣ୍ୟ ଦଳାଇ**
ଚତୁର୍ଥ ଶ୍ରେଣୀ
ସେଣ୍ଟ ଜାଭିୟର ହାଇସ୍କୁଲ
ଜୋବ୍ରା, କଟକ

## ସୁମନ



## ମିଠା ମିଛ



ଶିବ ପ୍ରସାଦ ରାଉତ

ରାଜାଙ୍କ ଦରବାରରେ ସେଦିନ ଶିକାରୀଟିଏ ପହଞ୍ଚି ରାଜାଙ୍କୁ ପଞ୍ଜୁରୀରେ ଥିବା ଶୁଆଶାରୀଙ୍କୁ ଦେଖାଇ କହିଲା -"ମଣିମା ! ଏଇ ଦେଖନ୍ତୁ କଥା କହିପାରୁଥିବା ଶୁଆଶାରୀ। ଏମାନେ ଭାରି ଚାଲାକ୍, ସବୁ ପ୍ରଶ୍ନର ଉତ୍ତର ଦେଇ ପାରୁଛନ୍ତି, ସୁନ୍ଦର ଗୀତ ଗାଉଛନ୍ତି ଓ ସର୍ବଦା ସତ୍ୟ କହନ୍ତି। ଏମାନେ ସୁପରାମର୍ଶ ମଧ୍ୟ ଦିଅନ୍ତି।" ରାଜା ଭାରି ଖୁସି ହୋଇ ଶିକାରୀକୁ ପଚାଶ ସ୍ୱର୍ଣ୍ଣମୁଦ୍ରା ଦେଇ ଶୁଆଶାରୀ ଯୋଡ଼ିକୁ ରଖିଲେ। ସେହିଦିନ ଠାରୁ ଦରବାରକୁ, ରାଜବାଟୀକୁ ଯେଉଁମାନେ ଆସନ୍ତି, ଶୁଆଶାରୀ ମଣିଷ ଭଳି କଥା କହିବା ଓ ଗୀତ ବୋଲିବା ଦେଖି ଖୁସିରେ ପ୍ରଶଂସା କରନ୍ତି। ସେଦିନ ନିରୋଳାରେ ରାଜାରାଣୀ ଶୟନ କକ୍ଷରେ ଥାଆନ୍ତି। ରାଜା କହୁଥାନ୍ତି, "ବୁଝିଲ ରାଣୀ, ଆଜି ରାଜସଭାରେ ଗୋଟିଏ ଅତ୍ୟନ୍ତ କଠିନ ସମସ୍ୟା ଉପୁଜିଥିଲା, ଏହାର ସମାଧାନ ମୁଁ ନିମିଷକ ମଧ୍ୟରେ କାହାରି ସାହାଯ୍ୟ ବିନା କରିଦେଲି।" ଶୁଆ ରାଜାଙ୍କର ଏକଥା ଶୁଣି ଦୂରରୁ ଥାଇ କହିଲା, "ମଣିମା, ମିଛ କହିଲେ। ଆଜି ପରା ମନ୍ତ୍ରୀ ଓ ରାଜଗୁରୁ ସେହି ସମସ୍ୟାର ସମାଧାନ କଲେ।" ଶୁଆର ଏକଥା ଶୁଣି ରାଣୀ ରାଜାଙ୍କୁ ଚାହିଁ ଗମ୍ଭୀର ହୋଇଗଲେ। ରାଜା ଅପମାନିତ ବୋଧ କଲେ। ଅନ୍ୟଦିନେ ରାଜାଙ୍କର କେତେଜଣ ବନ୍ଧୁ ରାଜବାଟୀକୁ ଆସି ରାଜାଙ୍କ ସହିତ ଆଳାପ କରୁଥିଲେ। କଥା ପ୍ରସଙ୍ଗରେ ରାଜା ସେମାନଙ୍କୁ କହିଦେଲେ, "ଆପଣମାନେ ଆସିବା ପୂର୍ବରୁ ମୁଁ ମୃଗମାଂସ ଆହାର କରିଛି, ତୁମେ... ।" ଶୁଆ କହିଲା, "ନା, ମଣିମା ଆପଣ ମିଛ କହିଲେ। ଆଜି ପ୍ରାତଃ ଭୋଜନରେ ପରା ଆପଣ ରାଜଭୋଗ ଖାଇଛନ୍ତି, ମୃଗ ମାଂସ କେତେବେଳେ ଖାଇଲେ।" ସେ ବନ୍ଧୁମାନେ ଏକଥା ଶୁଣି ପରସ୍ପରକୁ ନିରବରେ ଚାହିଁ ରାଜାଙ୍କୁ ବିଦ୍ରୂପ କଲେ। ବାସ୍ କିଛିସମୟ ପରେ ରାଜାଙ୍କ ବନ୍ଧୁମାନେ ତ ଚାଲିଗଲେ। ରାଜା ତୁରନ୍ତ ମନ୍ତ୍ରୀଙ୍କୁ ଡାକି କହିଲେ, " ଶୀଘ୍ର ଏ ସତୁଆ ପକ୍ଷୀ ଯୋଡିଙ୍କୁ ବଣରେ ଛାଡ଼ିଦେଇ ଆସ। ଏମାନେ ସେଠାରେ କଷା, କଟୁ, ତିକ୍ତ, ରୁକ୍ଷ ଫଳ ଖାଆନ୍ତୁ, ଶିକାରୀ ହାତରେ ଶିକାର ହୋଇଯାଆନ୍ତୁ। ଏମାନଙ୍କର ସତ କହିବା ଛାଡ଼ିଯିବ।" ଜଙ୍ଗଲରେ ଶୁଆଶାରୀ ସ୍ୱାଧୀନରେ ବୁଲିଲେ ସିନା ରାଜଉଆସର ସୁମିଷ୍ଟ ଫଳ କି ଲୋକଙ୍କ ପ୍ରଶଂସା ପାଇଲେ ନାହିଁ। କିଛିଦିନ ବିତିଗଲା। ବିଭିନ୍ନ ପଶୁପକ୍ଷୀ ଓ ଅନ୍ୟ ଜୀବମାନଙ୍କର ଗତିବିଧି ଇତ୍ୟାଦି ଶୁଆଶାରୀ ଦେଖୁଥାନ୍ତି। ସେଦିନ ଶୁଆ ସାରୀକୁ କହିଲା, "ଜାଣିଲୁ ଶାରୀ, ଏ ଯେଉଁ ଶିକାରୀଟି ଆସୁଛି, ସେ ଭାରି ନିଷ୍ଠୁର, ତା'ର ଲକ୍ଷ୍ୟ ଅବ୍ୟର୍ଥ। ପ୍ରତିଦିନ ସେ କେତେ ପଶୁପକ୍ଷୀଙ୍କୁ ନିଷ୍ଠୁର ଭାବରେ ମାରି ତା' ଗଣ୍ଠିଲିରେ ନେଇଯାଉଛି, ତା'ର ହିସାବ ନାହିଁ। ଆଜି କିଛି କରିବାକୁ ହେବ।" ଶୁଆ କହିଲା, "ଶାରୀ, ଆସ ସେହି ପୁଷ୍କରିଣୀ ପାଖକୁ ଯିବା। ଏ ଶିକାରୀ ସେହି ପୁଷ୍କରିଣୀରୁ ପାଣି ପିଇ ତା'ର ସବୁଦିନ ପରି ଶିକାର ଆରମ୍ଭ କରିବ। ତୁମେ ମୋ କଥାରେ ସହଯୋଗ କରିବ।" ପ୍ରଥମେ ଶାରୀ ଶୁଆର ଉଦ୍ଦେଶ୍ୟ ବୁଝିପାରି ନଥିଲା। ଶିକାରୀ ପୁଷ୍କରିଣୀ ପାଖାପାଖି ହେଲାଣି, ତାକୁ ଦେଖି ନ ଦେଖିଲା ପରି ଶୁଆ ମଣିଷ ସ୍ୱରରେ ବଡ଼ପାଟିରେ କହୁଥାଏ, "ମୁଁ ତୁମକୁ କେତେ ବୁଝାଇବି ଶାରୀ, ମୁଁ ତ ଜ୍ୟୋତିଷ ବିଦ୍ୟା, କାକଚରିତ ଓ ଭବିଷ୍ୟତବାଣୀ ମୋ ଗୁରୁଙ୍କ ଠାରୁ ଶିଖିଛି। ତୁମେ ଆଶ୍ଚର୍ଯ୍ୟ ହେଉଛ କାହିଁକି ଯେ, ମୁଁ ସବୁବେଳେ ସତ କହୁଛି ଓ ଭବିଷ୍ୟତ କଥା ଜାଣିପାରୁଛି ବୋଲି... ।" ନିରବ ନିଃସ୍ତବ୍ଧ ଜଙ୍ଗଲରେ ପୁଣି ମଣିଷର ସ୍ୱର, ଏ କ'ଣ ସତ ଶୁଆଶାରୀ ! ଶିକାରୀଟି ଶୁଆଶାରୀଙ୍କ କଥା ଶୁଣିବା ପାଇଁ ଗଛ ଉହାଡ଼ରେ ଲୁଚି ରହିଲା। ଶାରୀ, ଶୁଆକୁ କହିଲା, "ହଁ, ହଁ ମୁଁ ଜାଣିଛି ତୁମେ ସବୁ ଭବିଷ୍ୟତ ସତକଥା କହିପାର, ଆଜି ଏ ଜଙ୍ଗଲରେ କ'ଣ ଘଟିବ କହିଲ?" ଶୁଆ କହିଲା, "କ'ଣ କହିବି, ହଉ ଶୁଣ। ସେହି ପଶ୍ଚିମ ଦିଗରୁ ଯେଉଁ ଶିକାରୀ ଜଣକ ଆସୁଛି, ପଶୁପକ୍ଷୀ ଶିକାର କରି ନେଉଛି। ତା'ର ଆଜି ମରଣର ଦିନ।" ଶାରୀ କହିଲା, " ସତେ, କିପରି ?" ଶୁଆ କହିଲା, "ଦେଖିବୁ ରହ, ଏକ ବିରାଟ ସିଂହ ସେ ଶିକାରୀକୁ ଗୋଡ଼େଇ ଗୋଡ଼େଇ କଲବଲ କରି ମାରିବ। ତା'ର ପାପର ଭାର ପୁରି ସାରିଛି।" ଶାରୀ କହିଲା, "ଆହା! ବିଚରା। ଆଚ୍ଛା ଶୁଆ, କୁହ ତା'ର ଜୀବନ କ'ଣ ରକ୍ଷା ହେଇ ପାରିବନି? " ଶୁଆ କହିଲା, "ତୁ କାହିଁକି ବ୍ୟସ୍ତ ହେଉଛୁ, ଆରେ ସବୁ କଥାରେ ତ ପ୍ରତିକାର ଅଛି। ହେଲେ ତୋତେ କହି ଲାଭ କ'ଣ। ଯଦି ସେ ଶିକାରୀ ମୋତେ ପଚାରେ ମୁଁ ପ୍ରତିକାର କହିବି ନା...। ଆଉ ତୁମେ ତ ଜାଣ ମୁଁ କେବେ ମିଛ କହେନା।" ଶୁଆର କଥା ଶୁଣି ଛାନିଆରେ ବରଡ଼ାପତ୍ର ପରି ଥରୁଥିବା ଶିକାରୀ କାରୁଣ୍ୟ ସ୍ୱରରେ କହିଲା, "ହେ, ସତ୍ୟପକ୍ଷୀ, ମୋତେ ଦୟାକର। ମୋ ଜୀବନ ରକ୍ଷା ପାଇଁ ପ୍ରତିକାର କର। ମୁଁ ତୁମ ଶରଣ ପଶୁଛି।" ଶୁଆ କହିଲା, "ତୁମେ ତା'ହେଲେ ଚାଲିଆସିଲାଣି। ମୋ କଥା ଶୁଣିନେଲ? ଶୁଣ ଶିକାରୀ, ତୁମେ ବି ବିଜ୍ଞ, ଚତୁର। କାରଣ ତୁମ ଶିକାର କୌଶଳ ଅତି ନିଖୁଣ ହେଲେ ଆଜି ତୁମର ଜୀବନ କେହି ରକ୍ଷା କରିପାରିବେନି। ଆରେ ଜୀବହତ୍ୟା ଓ ପାପର ଗୋଟେ ସୀମା ଥାଏ। ଯିଏ ଅନ୍ୟକୁ ମାରେ ତାକୁ ବି ଶିକାର ହେବାକୁ ପଡ଼େ, ଏଣୁ... ।" ଶିକାରୀ କମ୍ପିତ କଣ୍ଠରେ କହିଲା, "ମୁଁ ରକ୍ଷା ଚାହେଁ, କିଛି ବାଟ କର।" ଶୁଆ କହିଲା, "ବାଟ ଗୋଟିଏ, ତୁମକୁ ଏ ଶିକାରୀ ଜୀବନ ଛାଡ଼ିବାକୁ ହେବ, ଅନ୍ୟ କିଛି ଉପାୟରେ ସଂସାର ଚଳାଅ। ତୁମ ଜୀବନର ମୋଡ଼ ବଦଳିଯିବ, ତୁମେ ରକ୍ଷା ପାଇଯିବ।" ଶିକାରୀ ଶପଥ କଲା ଆଜିଠାରୁ ଏ ଧନୁ, ତୀର, ବାଟୁଳୀ, ଫାଶ ସବୁ ଏ ଜଳକୁ ଫିଙ୍ଗିଲି। ଆଉ ଜୀବହତ୍ୟା କରିବିନି କି ଏ ଜଙ୍ଗଲକୁ ଆସିବିନି। ଏହା କହି ଜଙ୍ଗଲରୁ ଏକମୁହାଁ ହୋଇ ବାହାରିଗଲା। ଶାରୀ କହିଲା, "ଆଚ୍ଛା ଶୁଆ, କେବେ ତ ଜୀବନରେ ମିଛ କହି ନ ଥିଲ, ଏହି ସତକଥା କାରଣରୁ ରାଜା ଘରୁ ତଡ଼ା ଖାଇଲ। ଆଜି ଏ ମିଛ କହିଲ, କ'ଣ କିଛି ପାପ ହେବନି?" ଶୁଆ କହିଲା, "ଯେଉଁ ମିଛ କହିଲେ ଜୀବର ମଙ୍ଗଳ ସାଧିତ ହୁଏ, ଧର୍ମର ରକ୍ଷା ହୁଏ, ଈଶ୍ୱର ପରା ତାକୁ ଆଶୀର୍ବାଦ ଦିଅନ୍ତି। ମୁଁ ଏମିତି କ'ଣ କଲି କି, ଯାହା କଲି ଶିକାର ହେଉଥିବା ଜୀବମାନଙ୍କର ଜୀବନ ରକ୍ଷା ହେଲା, ଆଉ ଶିକାରୀ ମଧ୍ୟ ପାପପଥରୁ ନିବୃତ୍ତ ହେଲା, ଏ ତ ମିଛ ନୁହେଁ। ଏ ପରା ମିଠାମିଛ।"



ଶିବ ପ୍ରସାଦ ରାଉତ

ବଚ୍ଛଦା, ଜଗନ୍ନାଥପୁର, ବାସୁଦେବପୁର, ଭଦ୍ରକ
ମୋ-୮୧୪୪୨୨୮୧୧୫

## ଆଜିଠୁ ପୁରୁଷ ହକି ଇଣ୍ଡିଆ ଲିଗ୍

# ଆଠ ବର୍ଷ ପରେ ଟାଇଟଲ୍ ଲକ୍ଷ୍ୟରେ କଳିଙ୍ଗ ଲାନ୍ସର୍ସ

ଚେନ୍ନଇ, ୨।୧ (ଏଜେନ୍ସି)



ପୁରୁଷ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ୭ମ ସଂସ୍କରଣ ଶନିବାରଠାରୁ ଚେନ୍ନଇରେ ଆରମ୍ଭ ହେବାକୁଯାଉଛି। ଘରୋଇ ତାମିଲନାଡୁ ଡ୍ରାଗନ୍ସ ଓ ହାଇଦରାବାଦ୍ ତୁଫାନ୍ସ ମଧ୍ୟରେ ଉଦ୍‌ଘାଟନୀ ମୁକାବିଲା ମେୟର ରାଧାକ୍ରିଷ୍ଣ ହକି ଷ୍ଟାଡିୟମରେ ଖେଳାଯିବ। ଆଠଟି ଦଳକୁ ନେଇ ଖେଳାଯିବାକୁ ଥିବା ଚଳିତ ସଂସ୍କରଣ ୩ଟି ଭେନ୍ୟୁରେ ଖେଳାଯିବ। ଜାନୁଆରୀ ୩ରୁ ୯ ତାରିଖ ପର୍ଯ୍ୟନ୍ତ ଚେନ୍ନଇରେ ପ୍ରଥମ ପର୍ଯ୍ୟାୟ ମୁକାବିଲା ଅନୁଷ୍ଠିତ ହେବ। ଏହାପରେ ରାଞ୍ଚିର ଜୟପାଲ୍ ସିଂହ ଷ୍ଟାଡିୟମରେ ଜାନୁଆରୀ ୧୧ରୁ ୧୬ ତାରିଖ ପର୍ଯ୍ୟାୟ ଆଉ ଏକ ପର୍ଯ୍ୟାୟ ଖେଳାଯିବ। ଅନ୍ତିମ ତଥା ୩ୟ ଭେନ୍ୟୁ ଭାବେ ଭୁବନେଶ୍ୱରର ଆଇକନିକ କଳିଙ୍ଗ ଷ୍ଟାଡିୟମ ରହିଛି। ଏଠାରେ ଜାନୁଆରୀ ୧୭ରୁ ୨୬ ତାରିଖ ପର୍ଯ୍ୟନ୍ତ କିଛି ରାଉଣ୍ଡ-ରବିନ ମୁକାବିଲା ସହ ନକ୍‌ଆଉଟ୍ ଓ ଫାଇନାଲ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି।

ମୋଟ୍ ୮ଟି ଦଳ ରାଉଣ୍ଡ-ରବିନ ପର୍ଯ୍ୟାୟରେ ପରସ୍ପର ବିପକ୍ଷରେ ଥରେ ଲେଖାଏ ଖେଳିବେ। ଏହାପରେ ପଏଣ୍ଟ ଆଧାରରେ ଶ୍ରେଷ୍ଠ-୪ଟି ଦଳ ପ୍ଲେ-ଅଫ୍‌ରେ ପ୍ରବେଶ କରିବେ। ପଏଣ୍ଟ ଟେବଲ୍‌ର ପ୍ରଥମ ଦୁଇଟି ସ୍ଥାନରେ ରହିଥିବା ଦଳ ମଧ୍ୟରେ ଜାନୁଆରୀ ୨୩ରେ ପ୍ରଥମ କ୍ୱାଲିଫାୟର ଅନୁଷ୍ଠିତ ହେବ। ଏଥିରେ ବିଜୟୀ ଦଳ ସିଧାସଳଖ ଫାଇନାଲକୁ ପ୍ରବେଶ କରିବ। ସେହିଦିନ ୩ୟ ଓ ୪ର୍ଥ ସ୍ଥାନରେ ରହିଥିବା ଦଳ ମଧ୍ୟରେ ଏଲିମିନେଟର୍ ଖେଳାଯିବ। କ୍ୱାଲିଫାୟର-୧ର ପରାଜିତ ଦଳ ଓ ଏଲିମିନେଟର୍ ବିଜୟୀ ଦଳ ଜାନୁଆରୀ ୨୫ରେ ଦ୍ୱିତୀୟ କ୍ୱାଲିଫାୟରରେ ପରସ୍ପରକୁ ଭେଟିବେ। ଏଥିରେ ଯେଉଁ ଦଳ ବିଜୟୀ ହେବ ଫାଇନାଲ ଟିକଟ୍ ହାସଲ କରିବ। ଡିଫେଣ୍ଡିଂ ଚାମ୍ପିଅନ ରାର୍ହ ବେଙ୍ଗଲ ଟାଇଗର୍ସ ରବିବାର ସୁରମା ହକି କ୍ଲବ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ସେହିଭଳି ଓଡ଼ିଶା ଭିତ୍ତିକ ଦଳ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ମଧ୍ୟ ଏଥର ପ୍ରଭାବୀ ପ୍ରଦର୍ଶନ କରି ୮ ବର୍ଷ ପରେ ଟାଇଟଲ୍ ଜିତିବା ଲକ୍ଷ୍ୟରେ ରହିଛି। ଚଳିତ ବର୍ଷ ହକି ବିଶ୍ୱକପ୍ ଖେଳାଯିବାକୁ ଥିବାରୁ ଏଚ୍‌ଆଇଏଲ୍ ସବୁଦେଶର ଖେଳାଳିଙ୍କ ପ୍ରସ୍ତୁତି ଲାଗି ଏକ ଭଲ ସୁଯୋଗ ଆଣିଦେଇଛି।

### ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଦଳ

**ଭାରତୀୟ ଖେଳାଳି** : କ୍ରିଷନ ବାହାଦୁର ପାଠକ, ସୁନିଲ, ପ୍ରତାପ ଲାକ୍ରା, ରୋହିତ କୁଲ୍ଲୁ, ସଞ୍ଜୟ, ରବିଚନ୍ଦ୍ର ସିଂହ ମୋଇରଙ୍ଗଥେମ, ଅମିତ କୁମାର ଟପ୍ପୋ, ରୋଶନ କୁଜୁର, ଗୁରସାହିବଜିତ୍ ସିଂହ, ଅଙ୍ଗଦ ବୀର ସିଂହ, ଦୀପକ ପ୍ରଧାନ, ଦିଲପ୍ରୀତ୍ ସିଂହ ଓ ବବି ସିଂହ ଧାମି। **ବିଦେଶୀ ଖେଳାଳି** : ଜେଡ ସ୍ନୋଡେନ, କ୍ରେଗ୍ ମାରଇସ, ଲିଆମ ହେଣ୍ଡରସନ ଓ କୁପର ବର୍ନ୍ସ (ସମସ୍ତେ ଅଷ୍ଟ୍ରେଲିଆ), ଆଣ୍ଟୋଇନ କିନା, ଆର୍ଥର ଭାନ୍ ଡୋରେନ (ଅଧିନାୟକ), ଆଲେକ୍ସଜାଣ୍ଡର ହେଣ୍ଡ୍ରିକ୍ସ (ସମସ୍ତେ ବେଲ୍‌ଜିୟମ)।

### କଳିଙ୍ଗ ଲାନ୍ସର୍ସର କାର୍ଯ୍ୟସୂଚୀ

| ତାରିଖ | ପ୍ରତିପକ୍ଷ | ସମୟ | ଭେନ୍ୟୁ |
|---|---|---|---|
| ୪।୧ | ରାଞ୍ଚି ରୟାଲ୍ସ | ରାତି ୭ଟା ୩୦ | ଚେନ୍ନଇ |
| ୮।୧ | ବେଙ୍ଗଲ ଟାଇଗର୍ସ | ରାତି ୭ଟା ୩୦ | ଚେନ୍ନଇ |
| ୧୧।୧ | ଏଚ୍‌ଆଇଏଲ୍ ଜିସି | ସନ୍ଧ୍ୟା ୫ଟା | ରାଞ୍ଚି |
| ୧୪।୧ | ହାଇଦରାବାଦ୍ ତୁଫାନ୍ସ | ସନ୍ଧ୍ୟା ୫ଟା | ରାଞ୍ଚି |
| ୧୭।୧ | ଦିଲ୍ଲୀ ଏସ୍‌ଜି ପାଇପର୍ସ | ରାତି ୭ଟା ୩୦ | ଭୁବନେଶ୍ୱର |
| ୧୮।୧ | ତାମିଲନାଡୁ ଡ୍ରାଗନ୍ସ | ରାତି ୭ଟା ୩୦ | ଭୁବନେଶ୍ୱର |
| ୨୦।୧ | ସୁରମା ହକି କ୍ଲବ | ରାତି ୭ଟା ୩୦ | ଭୁବନେଶ୍ୱର |

## ଅବସର ନେବେ ଖ୍ୱାଜା



ସିଡନୀ,୨।୧(ଏଜେନ୍ସି): ଅଷ୍ଟ୍ରେଲିଆର ଟପ୍ ଅର୍ଡର ବ୍ୟାଟର ଉସ୍‌ମାନ ଖ୍ୱାଜା ସମସ୍ତ ପ୍ରକାର ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବାକୁ ଘୋଷଣା କରିଛି। ଏବେ ଅଷ୍ଟ୍ରେଲିଆ ପକ୍ଷରୁ ଟେଷ୍ଟ କ୍ରିକେଟ ଖେଳୁଥିବା ବାମହାତୀ ବ୍ୟାଟର ଖ୍ୱାଜା ସିଡ୍‌ନୀରେ ଇଂଲଣ୍ଡ ସହ ଖେଳାଯିବାକୁ ଥିବା ଶେଷ ଆସେସ ଟେଷ୍ଟ ପରେ ଅବସର ନେବେ। ଏହା ପୂର୍ବରୁ ସେ ୮୭ଟି ଟେଷ୍ଟ ଖେଳାଳି ୪୩.୩୯ ହାରରେ ୬,୨୦୬ ରନ୍ କରିଛନ୍ତି। ଏହା ମଧ୍ୟରେ ୧୬ଟି ଶତକ ଓ ୨୮ଟି ଅର୍ଦ୍ଧଶତକ ରହିଛି। ଏହା ଛଡ଼ା ସେ ୪୦ଟି ଦିନିକିଆ ମ୍ୟାଚ୍‌ରୁ ୪୨ ହାରରେ ୨ ଶତକ ସହ ୧୫୫୪ ଓ ୯ଟି ଟି-୨୦ରୁ ଗୋଟିଏ ଅର୍ଦ୍ଧଶତକ ସହ ୨୪୧ ରନ୍ କରିଛନ୍ତି। ପ୍ରଥମଶ୍ରେଣୀ କ୍ରିକେଟରେ ସେ ୨୨୫ଟି ମ୍ୟାଚ୍‌ରୁ ୧୫,୪୭୭ ରନ୍ ସଂଗ୍ରହ କରିଛନ୍ତି। ଅବସର ଗ୍ରହଣ ସତ୍ତ୍ୱେ ସେ ବିବିଏଲ୍‌ରେ ବ୍ରିସ୍‌ବେନ୍ ହିଟ୍ ଓ ଶେଫିଲ୍ଡ ଶିଲ୍ଡରେ କ୍ୱିନ୍ସଲାଣ୍ଡ ପକ୍ଷରୁ ଖେଳ ଜାରି ରଖିବେ।

## ଦ.ଆଫ୍ରିକା ଦଳରେ ୭ ନୂଆ ଖେଳାଳି

ଜୋହାନ୍ସବର୍ଗ,୨।୧(ଏଜେନ୍ସି): ଗତ ଥରର ରନର୍ସ ଅପ୍ ଦକ୍ଷିଣ ଆଫ୍ରିକା ଫେବୃଆରୀ-ମାର୍ଚ୍ଚରେ ହେବାକୁ ଥିବା ଟି-୨୦ ବିଶ୍ୱକପ୍ ଲାଗି ଖେଳାଳି ଦଳ ଘୋଷଣା କରିଛି। ଆଇଡେନ୍ ମାର୍କରାମ ପୂର୍ବପରି ଦଳର ଅଧିନାୟକ ରହିଥିଲାବେଳେ ଭାରତ ନିକଟରୁ ହାରି ରନର୍ସ ଅପ୍ ହୋଇଥିବା ଦଳର ମାତ୍ର ୭ଜଣ ଖେଳାଳି ଏଥର ରହିଛନ୍ତି। ବିଶ୍ୱକପ୍ ଖେଳି ନ ଥିବା ୭ଜଣ ନୂଆ ଖେଳାଳିଙ୍କୁ ଏହି ଦଳରେ ସାମିଲ କରାଯାଇଛି।

**ଟି-୨୦ ବିଶ୍ୱକପ୍**

**ଦକ୍ଷିଣ ଆଫ୍ରିକା ଦଳ**

କ୍ୱିଣ୍ଟନ ଡି କକ୍, ଆଇଡେନ୍ ମାର୍କରାମ (ଅଧିନାୟକ), ଟୋନି ଡି ଜୋର୍ଜି, ଡିୱାଲ୍ଡ ବ୍ରେଭିସ୍, ଡେଭିଡ୍ ମିଲର, ଡୋନୋଭାନ ଫେରେରା, ଜେସନ ସ୍ମିଥ୍, ମାର୍କୋ ଜାନସେନ୍, କୋର୍ବିନ ବୋସ୍ଚ, ଜର୍ଜ ଲିଣ୍ଡେ, କାଗିସୋ ରାବାଡା, କେଶବ ମହାରାଜ, ଲୁଙ୍ଗି ଏନ୍‌ଗିଡି, ଆନରିଚ୍ ନୋର୍ଜେ, କ୍ୱେନା ମାଫକା।

**୧୫ବର୍ଷରୁ କମ୍ ମହିଳା ଏକଦିବସୀୟ କ୍ରିକେଟ୍**

## ଓଡ଼ିଶାର ବିଜୟ ଅଭିଯାନ



କଟକ,୨।୧(ସମିସ): ନାଗପୁରର ଲେଡି ଅମ୍ରିତବାଇ ଦାଗା କଲେଜ ଗ୍ରାଉଣ୍ଡରେ ଶୁକ୍ରବାର ଖେଳାଯାଇଥିବା ୧୫ବର୍ଷରୁ କମ୍ ଜାତୀୟ ମହିଳା ଏକଦିବସୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ୧୧୩ ରନରେ ସୌରାଷ୍ଟ୍ରକୁ ହରାଇ ଅଭିଯାନ ଆରମ୍ଭ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୫ ୱିକେଟ ହରାଇ ୨୩୪ ରନ ସଂଗ୍ରହ କରିଥିଲା। ୱିକେଟ କିପର ଅନନ୍ୟା ପ୍ରିୟଦର୍ଶିନୀ ଦାସ ୯୩ ରନ ଏବଂ ଅଧିନାୟିକା ଚିରଶ୍ରୀ ରାଉତ ୫୮ ରନ କରିଥିଲେ। ସୌରାଷ୍ଟ୍ରର ଆରାଧ୍ୟା ଓଜା ୨ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ସୌରାଷ୍ଟ୍ର ୧୨୧ ରନରେ ଅଲଆଉଟ ହୋଇଥିଲା। ଓଡ଼ିଶା ପକ୍ଷରୁ ଅନ୍ୱେଷା ସ୍ୱାଇଁ ସର୍ବାଧିକ ୩ଟି ୱିକେଟ ଅକ୍ତିଆର କରିଥିଲେ।

## ମୁକ୍ତେଶ୍ୱର କପ୍ ଫାଇନାଲରେ ମୁକ୍ତେଶ୍ୱର

ଭୁବନେଶ୍ୱର, ୨।୧ (ସମିସ): ଆୟୋଜକ ମୁକ୍ତେଶ୍ୱର କ୍ଲବ ଦ୍ୱିତୀୟ ଦଳ ଭାବେ ଏଠାରେ ଚାଲିଥିବା ୧୬ ବର୍ଷରୁ କମ୍ ମୁକ୍ତେଶ୍ୱର କପ୍‌ର ଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ମୁକ୍ତେଶ୍ୱର ଦଳ ୪ ୱିକେଟ୍‌ରେ କ୍ଲବ ଦି ରେଡ ଷ୍ଟାର୍‌କୁ ପରାସ୍ତ କରିଥିଲା। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ରେଡ୍ ଷ୍ଟାର୍ ୩୦ ଓଭରରେ ୮ ୱିକେଟ୍ ହରାଇ ୧୪୯ ରନ କରିଥିଲା। ଅରବିନ୍ଦ ମୁଦୁଲି ସର୍ବାଧିକ ୪୦ ରନ କରିଥିଲେ। ପ୍ରତିପକ୍ଷ ମୁକ୍ତେଶ୍ୱରର ଅଭିଲାଷ ଓ ଆଲୋକ ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ମୁକ୍ତେଶ୍ୱର ଦଳ ୨୫.୫ ଓଭରରେ ୬ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଆର୍ଯ୍ୟନ ନାୟକ ଓ ଅଂଶୁମାନ ଦାସ ୩୩ ରନ ଲେଖାଏ ଏବଂ ଭୁବନେଶ ସାମଲ ୪୦ ରନ କରିଥିଲେ। ଆୟୋଜକ କ୍ଲବର ଉପସଭାପତି ଅଜିତ ବିଶ୍ୱାଳ ଅତିଥିଭାବେ ଉପସ୍ଥିତ ରହି ଆର୍ଯ୍ୟନଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ। ରବିବାର ରାମେଶ୍ୱର ସ୍ପୋର୍ଟିଂ ଓ ମୁକ୍ତେଶ୍ୱର କ୍ଲବ ମଧ୍ୟରେ ଫାଇନାଲ ଖେଳାଯିବ।




**ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍**


## ଆଜି ହୋଇପାରେ ଭାରତୀୟ ଦଳ ଚୟନ

ମୁମ୍ବଇ,୨।୧(ଏଜେନ୍ସି): ବିଜୟ ହଜାରେ ଟ୍ରଫିର ଆସନ୍ତାକାଲି ଏକ ଗୁରୁତ୍ୱପୂର୍ଣ୍ଣ ରାଉଣ୍ଡ ଖେଳାଯିବ। ଏହି ରାଉଣ୍ଡରେ ଭାରତୀୟ ଦଳର ଅନେକ ଖେଳାଳି ଖେଳିବେ। ଯାହା ଫଳରେ ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍ ପୂର୍ବରୁ ଏହି ଖେଳାଳିଙ୍କ ପ୍ରଦର୍ଶନ ଶେଷଥର ଦେଖିବା ପୂର୍ବରୁ ଦଳ ଚୟନ କରାଯିବ ବୋଲି ଆଶା କରାଯାଉଛି। ଏହାର ଅର୍ଥ ଆସନ୍ତାକାଲି ଅପରାହ୍ନରେ ଭାରତୀୟ ଦିନିକିଆ ଦଳ ଘୋଷଣା ହେବାର ସମ୍ଭାବନା ରହିଛି। ବରୋଦାରେ ପ୍ରଥମ ଦିନିକିଆ ମ୍ୟାଚ୍ ଜାନୁଆରୀ ୧୧ରେ ହେବ। ଏହା ପୂର୍ବରୁ ଜାନୁଆରୀ ୭ ସୁଦ୍ଧା ସମସ୍ତ ଖେଳାଳି ବରୋଦାରେ ପହଞ୍ଚିବେ। ଏଣୁ ଦଳ ଚୟନ ଲାଗି ଆସନ୍ତାକାଲି ଉପଯୁକ୍ତ ସମୟ ବୋଲି କୁହାଯାଉଛି। ବେକରେ ଆଘାତ ପାଇ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ୍‌ରୁ ବାଦ୍ ପଡ଼ିଥିବା ଶୁବମନ ଗିଲ୍ ଦଳର ନେତୃତ୍ୱ ନେବାକୁ ଫେରିବେ। ତାଙ୍କ ସହ ଉପଅଧିନାୟକ ଶ୍ରେୟସ ଆୟରଙ୍କର ମଧ୍ୟ ଫେରିବା ସମ୍ଭାବନାକୁ ଏଡ଼ାଇଦେଇ ହେବନାହିଁ। କିନ୍ତୁ ଆୟର ଖେଳିବା ଲାଗି ଫିଟ୍ କି ନୁହେଁ ତାହା ସେଣ୍ଟର ଅଫ୍ ଏକ୍ସିଲେନ୍ସିରେ ମେଡିକାଲ ଟିମ୍ ଜାନୁଆରୀ ୫ରେ ପରୀକ୍ଷା କରିବ। ଯଦି ସେ ପାସ କରନ୍ତି ତେବେ ତାଙ୍କୁ ଦଳରେ ସାମିଲ କରାଯିବାର ସମ୍ଭାବନା ରହିଛି। ଦୁଇ ବରିଷ୍ଠ ଖେଳାଳି ଯଶପ୍ରୀତ୍ ବୁମ୍‌ରା ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ବିଶ୍ରାମ ଦିଆଗଲେ କିଛି ନୂଆ ଖେଳାଳି, ୩୫ ବର୍ଷୀୟ ମହମ୍ମଦ୍ ସାମିଙ୍କୁ ମଧ୍ୟ ଦଳରେ ସାମିଲ କରାଯିବାର ସମ୍ଭାବନାକୁ ଏଡାଇଦେଇହେବ ନାହିଁ। ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍‌ର ମ୍ୟାଚ୍ ଗୁଡ଼ିକ ଜାନୁଆରୀ ୧୧, ୧୪ ଓ ୧୮ରେ ଖେଳାଯିବ।

### ସେପ୍ଟେମ୍ବରରେ ବାଂଲା ସହ ସିରିଜ୍

ବାଂଲାଦେଶ କ୍ରିକେଟ ବୋର୍ଡ ପକ୍ଷରୁ ଭାରତ ସହ ସ୍ଥଗିତ ଥିବା ସିରିଜ୍‌କୁ ପୁଣିଥରେ ଆସନ୍ତା ସେପ୍ଟେମ୍ବର ମାସରେ ଆୟୋଜନ କରାଯିବାକୁ ସ୍ଥିର କରିଛି। ଏହି ସିରିଜ୍‌ରେ ୩ଟି ଦିନିକିଆ ମ୍ୟାଚ୍ ଯଥାକ୍ରମେ ସେପ୍ଟେମ୍ବର ୧, ୩ ଓ ୬ରେ ଖେଳାଯିବ। ସେହିପରି ଟି-୨୦ ସିରିଜ୍‌ର ମ୍ୟାଚ୍ ଗୁଡ଼ିକ ସେପ୍ଟେମ୍ବର ୯, ୧୨ ଓ ୧୩ରେ ଅନୁଷ୍ଠିତ ହେବ। ଏ ସମ୍ପର୍କରେ ବାଂଲାଦେଶ କ୍ରିକେଟ ବୋର୍ଡର କ୍ରିକେଟ ଅପରେସନ ମ୍ୟାନେଜର ବାଂଲାର ଅନ୍ତର୍ଜାତୀୟ କାର୍ଯ୍ୟସୂଚୀ ଘୋଷଣା କରିବା ସହ ଭାରତର ସ୍ଥଗିତ ଥିବା ଗସ୍ତକୁ ପୁଣିଥରେ ଆୟୋଜନ କରିବାର ସମୟ ଧାର୍ଯ୍ୟ କରିଛନ୍ତି। ବାଂଲାଦେଶରେ ଏବେ ଯେପରି ଭାରତ ବିରୋଧୀ ହିଂସା ଚାଲିଛି, ତାହା ବନ୍ଦ ନ ହେଲେ ଭାରତ ଗସ୍ତ ପୁଣିଥରେ ବାତିଲ ହେବାର ଯଥେଷ୍ଟ ସମ୍ଭାବନା ରହିଛି।

## ତୃତୀୟଥର ଲାଗି ଭାରତୀୟ ମହିଳା ହକିର କୋଚ୍ ହେଲେ ଜୋଏର୍ଡ ମାରିନ୍



ନୂଆଦିଲ୍ଲୀ, ୨।୧ (ଏଜେନ୍ସି): ନେଦରଲାଣ୍ଡସର ଜୋଏର୍ଡ ମାରିନ୍ ପୁଣିଥରେ ଭାରତୀୟ ମହିଳା ହକି ଦଳର ମୁଖ୍ୟ ପ୍ରଶିକ୍ଷକ ପଦକୁ ଫେରିଛନ୍ତି। ୨୦୨୦ ଟୋକିଓ ଅଲିମ୍ପିକ୍ସରେ ମାରିନ୍‌ଙ୍କ ତତ୍ତ୍ୱାବଧାନରେ ଭାରତୀୟ ସିନିଅର ମହିଳା ଦଳ ଦମ୍‌ଦାର ପ୍ରଦର୍ଶନ କରି ୪ର୍ଥ ସ୍ଥାନରେ ରହି ଅଳ୍ପକେ ପଦକରୁ ବଞ୍ଚିତ ହୋଇଥିଲା। ଏବେ ପାଖାପାଖି ୫ ବର୍ଷର ବ୍ୟବଧାନ ପରେ ୫୧ ବର୍ଷୀୟ ମାରିନ୍ ପୁଣିଥରେ ଏହି ଗୁରୁଦାୟିତ୍ୱ ଗ୍ରହଣ କରିବେ। ହରେନ୍ଦ୍ର ସିଂହଙ୍କ ସ୍ଥାନରେ ହକି ଇଣ୍ଡିଆ ପକ୍ଷରୁ ତାଙ୍କୁ ନୂଆ କୋଚ୍ ଭାବେ ନିଯୁକ୍ତ କରାଯାଇଛି। ମାରିନ୍ ୩ୟଥର ଲାଗି ଭାରତୀୟ ମହିଳା ଦଳର ପ୍ରଶିକ୍ଷକ ପଦ ତୁଲାଇବେ। ଏଥିପୂର୍ବରୁ ୨୦୧୭ରୁ ୨୦୨୧ ପର୍ଯ୍ୟନ୍ତ ସେ ଏହି ପଦ ସମ୍ଭାଳିଥିଲେ। ତାଙ୍କ ପ୍ରଶିକ୍ଷଣ ସମୟରେ ଭାରତୀୟ ମହିଳା ହକି ଦଳ ବିଶ୍ୱ ମାନ୍ୟତାର ଟପ୍-୧୦ରେ ପ୍ରବେଶ କରିଥିଲା। ମାରିନ୍ ଜାନୁଆରୀ ୧୪ରେ ଭାରତରେ ପହଞ୍ଚି ବେଙ୍ଗାଲୁରୁରେ ଜାତୀୟ ପ୍ରଶିକ୍ଷଣ ଶିବିରରେ ଯୋଗଦେବେ। ଏହାପରେ ମାର୍ଚ୍ଚ ୮ରୁ ୧୪ ତାରିଖ ପର୍ଯ୍ୟନ୍ତ ହାଇଦରାବାଦ୍‌ରେ ଅନୁଷ୍ଠିତ ହେବାକୁ ଥିବା ମହିଳା ହକି ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତା ମାରିନ୍‌ଙ୍କ ପ୍ରଥମ ବଡ଼ ଚ୍ୟାଲେଞ୍ଜ ହେବ।

## ସାଇ ସୁଦର୍ଶନଙ୍କ ପିଞ୍ଜରା ଭାଙ୍ଗିଲା



ବେଙ୍ଗାଲୁରୁ,୨।୧(ଏଜେନ୍ସି): ଭାରତୀୟ ଟେଷ୍ଟ ଖେଳାଳି ସାଇ ସୁଦର୍ଶନ ଆହତ ହୋଇ ସେଣ୍ଟର ଅଫ୍ ଏକ୍ସିଲେନ୍ସିରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ଆଘାତ ସମସ୍ୟାକୁ ନେଇ ସ୍ପଷ୍ଟ କିଛି ଜଣାପଡ଼ିନାହିଁ। ବିଜୟ ହଜାରେ ଟ୍ରଫିରେ ମଧ୍ୟପ୍ରଦେଶ ବିପକ୍ଷରେ ଖେଳୁଥିବାବେଳେ ଏକ ରନ୍ ନେବାକୁ ଯାଇ ଡାଇଭ୍ କଲାବେଳେ ଆହତ ହୋଇଥିଲେ। ତାଙ୍କ ରିବ୍ ବା ପିଞ୍ଜରାହାଡ଼ ଭାଙ୍ଗିଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି। ଏହି ଘଟଣା ଡିସେମ୍ବର ୨୬ରେ ଘଟିଥିଲା। ଏହା ପରେ ସିଟି ସ୍କାନ୍‌ରୁ ସାମାନ୍ୟ ହାଡ ଭାଙ୍ଗିଥିବା ଜଣାପଡ଼ିଥିଲା। ଏହା ପରେ ତାଙ୍କୁ ସେଣ୍ଟର ଅଫ୍ ଏକ୍ସିଲେନ୍ସିରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଥିଲା। ଅନ୍ୟତମ ଯୁବ ଖେଳାଳି ତଥା ଆସାମ ଅଧିନାୟକ ରିୟାନ ପରାଗ ମଧ୍ୟ କାନ୍ଧରେ ଆଘାତ ଲାଗିଥିବାରୁ ଏଠାରେ ଚିକିତ୍ସିତ ହେଉଛନ୍ତି। ମାର୍ଚ୍ଚ ୨୬ରେ ଆଇପିଏଲ୍ ଆରମ୍ଭ ହେବା ପୂର୍ବରୁ ଉଭୟ ଫିଟ୍ ହେବାକୁ ଲକ୍ଷ୍ୟ ରଖିଛନ୍ତି।

## ୪୫ ବର୍ଷୀୟା ଭେନସଙ୍କୁ ୱାଇଲ୍ଡ କାର୍ଡ

ମେଲବୋର୍ଣ୍ଣ,୨।୧(ଏଜେନ୍ସି): ଆମେରିକାର କିଂବଦନ୍ତୀ ମହିଳା ଟେନିସ ଖେଳାଳି ୪୫ ବର୍ଷୀୟା ଭେନସ ୱିଲିୟମ୍ସଙ୍କୁ ଅଷ୍ଟ୍ରେଲିଆ ଓପନ ଖେଳିବାକୁ ଆୟୋଜକଙ୍କ ପକ୍ଷରୁ ୱାଇଲ୍ଡ କାର୍ଡ ଦିଆଯାଇଛି। ଜାନୁଆରୀ ୧୮ ରୁ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ୨୮ ବର୍ଷ ପୂର୍ବେ ଭେନସ ଏଠାରେ ପଦାର୍ପଣ କରିଥିଲେ ଓ ୨୦୦୩ ଓ ୨୦୧୭ରେ ରନର୍ସ ଅପ୍ ହୋଇଛନ୍ତି।

## ୫ରୁ ଜୁନିଅର ଜାତୀୟ ଅସିଚାଳନା




କଟକ,୨।୧(ସମିସ): ସ୍ଥାନୀୟ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ୩୩ତମ ଜୁନିୟର ଜାତୀୟ ଅସିଚାଳନା ଚାମ୍ପିଅନସିପ ଆସନ୍ତା ୫ରୁ ଆରମ୍ଭ ହେବ। ରାଜ୍ୟ କ୍ରୀଡ଼ା ବିଭାଗ, ଭାରତୀୟ ଅସିଚାଳନା ମହାସଂଘ ଏବଂ ଓଡ଼ିଶା ଅସିଚାଳନା ସଂଘର ମିଳିତ ଆନୁକୂଲ୍ୟରେ ହେବାକୁ ଥିବା ପ୍ରତିଯୋଗିତାରେ ୨୪ଟି ରାଜ୍ୟ ଦଳ ଭାଗ ନେବେ। ଉଭୟ ବାଳକ ଏବଂ ବାଳିକା ବର୍ଗରେ ପ୍ରତିଯୋଗିତା ହେବ। ୧୦ ତାରିଖରେ ଚାମ୍ପିଅନସିପ୍ ଉଦ୍‌ଯାପିତ ହେବ। ଆଜି ଓସିଏ ସମ୍ମିଳନୀ କକ୍ଷରେ ଏ ନେଇ ସାମ୍ବାଦିକ ସମ୍ମିଳନୀ ଆୟୋଜନ ହେବା ସହ ପ୍ରତିଯୋଗିତା ପରିଚାଳନା ବାବଦରେ ବିସ୍ତୃତ ସୂଚନା ଦିଆଯାଇଥିଲା। ସଂଘ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଚାମ୍ପିଅନସିପ ନିମନ୍ତେ ୫୨ଲକ୍ଷ ଟଙ୍କାର ବଜେଟ ରଖାଯାଇଛି। ଖେଳାଳିଙ୍କ ରହଣି ଏବଂ ଖାଦ୍ୟପେୟ ନିମନ୍ତେ ବ୍ୟବସ୍ଥା ହୋଇଥିବା ବେଳେ ପ୍ରତିଯୋଗିତା ସଫଳପୂର୍ଣ୍ଣ ଭାବେ ଆୟୋଜନ ହେବ ବୋଲି ସମ୍ମିଳନୀରେ କୁହାଯାଇଥିଲା। ଉପସଭାପତି ରମେଶ ଚନ୍ଦ୍ର ମଲ୍ଲିକ, କାର୍ଯ୍ୟନିର୍ବାହୀ ସମ୍ପାଦକ ସହଦେବ ରାଉତ ପ୍ରମୁଖ ସମ୍ମିଳନୀରେ ଉପସ୍ଥିତ ଥିଲେ।

**ସର୍ବଭାରତୀୟ ଅଶୋକ ଦାସ ମେମୋରିଆଲ କ୍ରିକେଟ୍**

## ସେମିଫାଇନାଲରେ ଇଷ୍ଟକୋଷ୍ଟ ରେଲୱେ



ଯାଜପୁର,୨।୧(ସମିସ): ଯାଜପୁର କୁସୁମା ନିକଟସ୍ଥ ଷ୍ଟାଡିୟମରେ ଚାଲିଥିବା ଅଶୋକ ଦାସ ମେମୋରିଆଲ୍ ସର୍ବଭାରତୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଇଷ୍ଟକୋଷ୍ଟ ରେଲୱେ (ବିଶାଖାପାଟଣା) ସେମିଫାଇନାଲରେ ପହଞ୍ଚିଛି। ଶୁକ୍ରବାର ଇଷ୍ଟକୋଷ୍ଟ ରେଲୱେ, ୧୯ ରନରେ ୟୁନିକ୍ ଇଲେଭେନ (ଭଦ୍ରକ)କୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ଇଷ୍ଟକୋଷ୍ଟ ରେଲୱେ ୨୨.୩ ଓଭରରେ ସମସ୍ତ ୱିକେଟ୍ ହରାଇ ୧୩୩ ରନ୍ କରିଥିଲା। ଦଳ ପକ୍ଷରୁ ସାଇ ରାହୁଲ ୪୫ ରନ୍ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ବୋଲର ଅବଦୁଲ ଖାନ୍ ୧୭ ରନ୍ ବ୍ୟୟରେ ୪ ୱିକେଟ୍ ନେଇଥିଲେ।

ଜବାବରେ ୟୁନିକ୍ ଇଲେଭେନ ୨୪ ଓଭର ଖେଳି ସମସ୍ତ ୱିକେଟ୍ ହରାଇ ୧୧୪ ରନ୍ ସଂଗ୍ରହ କରି ପରାସ୍ତ ହୋଇଥିଲା। ସାଇ ରାହୁଲ ୩ଟି ୱିକେଟ୍ ଅକ୍ତିଆର କରି ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ପୂର୍ବତନ କ୍ରିକେଟର ତଥା ବୈଷ୍ଣବୀ ଟ୍ରାଭେଲ୍ସର ପ୍ରୋପାଇଟର ଶ୍ରୀଜୟ ମହାପାତ୍ର ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ ଓ ମେଲବର୍ଣ୍ଣ କ୍ରିକେଟ୍ କ୍ଲବ ଯାଜପୁରର ମିଳିତ ଉଦ୍ୟମରେ ଆୟୋଜିତ ଏହି ପ୍ରତିଯୋଗିତାକୁ ଅଭୟ ବଲ୍ଲଭ ପଣ୍ଡା, ମନୋଜ ସାହୁ, ଦିବାକର କର, ପ୍ରଶାନ୍ତ କୁମାର ସାହୁ, ଉମାକାନ୍ତ ସିଂ, ଭୂପତି ମିଶ୍ର, ସୁବାଶିଷ ରାଉତ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

**ବିଜୟ ହଜାରେ ଟ୍ରଫି**

## ଆଜି ହରିୟାଣାକୁ ଭେଟିବ ଓଡ଼ିଶା

କଟକ,୨।୧(ସମିସ)

ଚଳିତ ବିଜୟ ହଜାରେ ଟ୍ରଫିରେ ଦମଦାର ପ୍ରଦର୍ଶନ ଜାରି ରଖି ଏଲିଟ ଗ୍ରୁପ-ଡି'ର ଶୀର୍ଷରେ ଥିବା ଓଡ଼ିଶା ଦଳ ଶନିବାର ୫ମ ଲିଗ୍‌ରେ ହରିୟାଣାକୁ ଭେଟିବ। ବେଙ୍ଗାଲୁରୁର ଅଲୁର କ୍ରିକେଟ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ। ୨୦୨୩-୨୪ ସଂସ୍କରଣର ଚାମ୍ପିଅନ ହରିୟାଣା ମଧ୍ୟ ଚଳିତ ସିଜନରେ ୩ଟି ମ୍ୟାଚ୍ ଜିତି ୧୨ ପଏଣ୍ଟ ହାସଲ କରିଛି। ରନରେଟ ଆଧାରରେ ଦଳ ଟେବଲର ୩ୟ ସ୍ଥାନରେ ରହିଛି। ଅନ୍ୟପଟେ ପ୍ରଥମ ମୁକାବିଲାରେ ସୌରାଷ୍ଟ୍ରଠାରୁ ହାରିବା ପରେ ସର୍ଭିସେସ, ଆନ୍ଧ୍ରପ୍ରଦେଶ ଏବଂ ଦିଲ୍ଲୀକୁ ହରାଇ ଆଗକୁ ବଢ଼ିଥିବା ଓଡ଼ିଶା ଶିବିରରେ ଉତ୍ସାହ ଏବଂ ଆତ୍ମବିଶ୍ୱାସ ଭରି ହୋଇରହିଛି। ଶନିବାର ଖେଳାଯିବାକୁ ଥିବା ମ୍ୟାଚ୍ ରୋମାଞ୍ଚକ ହେବା ନିଶ୍ଚିତ।

ଗତ ୮ ବର୍ଷ ଭିତରେ ହରିୟାଣା ଏବଂ ଓଡ଼ିଶା ୪ଥର ବିଜୟ ହଜାରେ ଟ୍ରଫିରେ ମୁହାଁମୁହିଁ ହୋଇଛନ୍ତି। ଏଥିରୁ ହରିୟାଣାକୁ ୩ଟି ବିଜୟ ମିଳିଥିବା ବେଳେ ଓଡ଼ିଶା ହାତରେ ଗୋଟିଏ ରହିଛି। ଏତଦବ୍ୟତୀତ ନିକଟ ଅତୀତରେ ଶେଷ ହୋଇଥିବା ସୟଦ ମୁସ୍ତାକ ଅଲ୍ଲୀ ଟି-୨୦ରେ ହରିୟାଣା ରନର୍ସଅପ୍ ହୋଇଥିଲା। ଯଶବର୍ଦ୍ଧନ ଦଲାଲ, ଅଙ୍କିତ କୁମାର, ହିମାଂଶୁ ରାଣା, ପାର୍ଥ ଭାଟସ, ମୟଙ୍କ ଶାଣ୍ଡିଲ୍ୟ ଏହି ଦଳର ପ୍ରମୁଖ ବ୍ୟାଟର। ଅଂଶୁଲ କାମ୍ବୋଜ, ଅନୁଜ ଠାକରାଲ, ସାମନ୍ତ ଜାଖର ଦଳର ବୋଲିଂ ଲାଇନଅପ ସମ୍ଭାଳିଛନ୍ତି। ଦଳର ସନ୍ତୁଳନ ରକ୍ଷା କରି ମୁକାବିଲା କରୁଥିବା ହରିୟାଣାକୁ ଟକ୍କର ଦେବା ଓଡ଼ିଶା ନିମନ୍ତେ ଚ୍ୟାଲେଞ୍ଜିଂ ରହିବ। ପ୍ରଥମ ମ୍ୟାଚ୍‌ରେ ଦ୍ୱିଶତକ ହାସଲ କରିଥିବା ସ୍ୱସ୍ତିକ ସାମଲ ପରବର୍ତ୍ତୀ ୩ଟି ମ୍ୟାଚ୍‌ରେ ଆଖିଦୃଶିଆ ପ୍ରଦର୍ଶନ କରି ପାରିନାହାନ୍ତି। ହରିୟାଣା ବିପକ୍ଷରେ ତାଙ୍କ ବ୍ୟାଟରୁ ଓଡ଼ିଶା ଶିବିର ରନ ଆଶା କରିବ। ଅଧିନାୟକ ବିପ୍ଳବ ସାମନ୍ତରାୟ, ଗୋବିନ୍ଦ ପୋଦ୍ଦାର, ଆଶୀର୍ବାଦ ସ୍ୱାଇଁ ଏବଂ ଓମ ଟି ମୁଣ୍ଡେ ବିଗତ ମ୍ୟାଚ୍‌ଗୁଡ଼ିକରେ ଦଳ ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇଛନ୍ତି। ହରିୟାଣା ବିପକ୍ଷ ମୁକାବିଲାରେ ମଧ୍ୟକ୍ରମ ବ୍ୟାଟିଂ ଲାଇନଅପରେ ପରିବର୍ତ୍ତନ ଅଣାଯାଇପାରେ। ସେହିପରି ଘାତକ ସାବ୍ୟସ୍ତ ହେଉଥିବା ସ୍ପିନର ରାଜେଶ ମହାନ୍ତିଙ୍କ ଠାରୁ ଓଡ଼ିଶା ପ୍ରାରମ୍ଭିକ ସଫଳତା ଆଶା ବାନ୍ଧିଛି। ତାଙ୍କ ସହ ପେସ୍ ବୋଲର ସମ୍ବିତ ବରାଳ ଏବଂ ଦେବବ୍ରତ ପ୍ରଧାନ ପୂର୍ବଭଳି ସହଯୋଗ ଜାରି ରଖିଲେ ହରିୟାଣାକୁ ହରାଇବା ଓଡ଼ିଶା ନିମନ୍ତେ ସହଜ ହୋଇପାରେ।

## ଅବସର ନେଲେ ଅଭିଷେକ



ଅଲ୍‌ରାଉଣ୍ଡର ଅଭିଷେକ ରାଉତ ସମସ୍ତ ଫର୍ମାଟ କ୍ରିକେଟରୁ ଅବସର ନେଇଛନ୍ତି। ଘଟଗାଁ ନିବାସୀ ୩୮ ବର୍ଷୀୟ ଅଭିଷେକ ଗତ ସିଜନରେ ଓଡ଼ିଶା ନିମନ୍ତେ ୨ଟି ମ୍ୟାଚ୍ ଖେଳିଥିଲେ। ଚଳିତ ସିଜନରେ ତାଙ୍କୁ ସୁଯୋଗ ମିଳିନଥିଲା। ଅଭିଷେକ ୨୦୦୫ ମସିହାରେ ମହାରାଷ୍ଟ୍ର ବରିଷ୍ଠ ଦଳରୁ ଖେଳି ତାଙ୍କ କ୍ରିକେଟ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ମୁମ୍ବଇ, ଗୋଆ ପକ୍ଷରୁ ପ୍ରତିନିଧିତ୍ୱ କରିବା ପରେ ଓଡ଼ିଶା ଦଳ ସହ ଯୋଡ଼ି ହୋଇଥିଲେ। ଆଇପିଏଲର ୨୦୦୯ ସଂସ୍କରଣରେ ସେନ ୱର୍ଣ୍ଣଙ୍କ ନେତୃତ୍ୱାଧୀନ ରାଜସ୍ଥାନ ରୟାଲ୍ସ ଦଳରେ ସେ ସାମିଲ ହୋଇଥିଲେ। କ୍ରମାଗତ ତିନୋଟି ସିଜନରେ ଅଭିଷେକଙ୍କୁ ଏହି ଫ୍ରାଞ୍ଚାଇଜରେ ଦେଖିବାକୁ ମିଳିଥିଲା। ଆଇପିଏଲରେ ୨୨ଟି ମ୍ୟାଚରୁ ସେ ୧୯୪ରନ ସଂଗ୍ରହ କରିଥିଲେ। ରଣଜୀ ଟ୍ରଫିରେ ମୋଟ ୨୬ଟି ମ୍ୟାଚ୍‌ରୁ ୧୧୩୧ରନ ସଂଗ୍ରହ କରିଥିବା ଅଭିଷେକଙ୍କ ନାମରେ ଗୋଟିଏ ଶତକ ଏବଂ ୬ଟି ଅର୍ଦ୍ଧଶତକ ରହିଛି। ଲେଗ୍ ସ୍ପିନ ବୋଲିଂ କରୁଥିବା ଅଭିଷେକ ରଣଜୀ ଟ୍ରଫିରେ ୨୪ଟି ୱିକେଟ ଦଖଲ କରିଛନ୍ତି। ଲିଷ୍ଟ-ଏ ଫର୍ମାଟରେ ୫୫ଟି ମ୍ୟାଚ୍‌ରୁ ୧୦୬୬ ରନ ଓ ୪୨ଟି ୱିକେଟ ଏବଂ ଟି-୨୦ ଫର୍ମାଟରେ ୬୬ ମ୍ୟାଚ୍‌ରୁ ୭୨୧ ରନ ଏବଂ ୨୬ଟି ୱିକେଟ ନେଇଛନ୍ତି। ଓସିଏ ସଭାପତି ପଙ୍କଜଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS